ମେନ୍‌ଲୋ ପାର୍କ
ର
ଯାଦୁକର

ଦେବବ୍ରତ ଧଳ

Digitized by PPRACHIN, SOA

ମେନ୍‌ଲୋ ପାର୍କ ର ଯାଦୁକର

(ଥୋମାସ୍ ଆଲ୍‌ଭା ଏଡ଼ିସନ୍‌ଙ୍କର ଜୀବନଚିତ୍ର)

ଦେବବ୍ରତ ଧଳ

ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ବିନୋଦ ବିହାରୀ, କଟକ-୭୫୩୦୦୨

Digitized by PPRACHIN, SOA

- ଉତ୍ସର୍ଗ -

ମୋର ପୂଜ୍ୟାସ୍ପଦ ପିତା

ଶ୍ରୀଯୁକ୍ତ ଦୁର୍ଗାଚରଣ ଧଳ ଙ୍କ

ଚରଣ କମଳରେ ଏ ବହିଟି ସମର୍ପିତ ।

ଦେବବ୍ରତ

Digitized by PPRACHIN, SOA

ଅଭିମତ

ଜଣେ ବୈଜ୍ଞାନିକ ଉଦ୍ଭାବକ ନହୋଇ ପାରନ୍ତି, କିନ୍ତୁ ଜଣେ ଉଦ୍ଭାବକ ନିଶ୍ଚିତଭାବେ ସଫଳ ବୈଜ୍ଞାନିକ ଅଟନ୍ତି । ଏହା ପ୍ରମାଣ କରିଯାଇଛନ୍ତି, କୌଣସି ପ୍ରକାର ଆନୁଷ୍ଠାନିକ ବିଦ୍ୟା ଶିକ୍ଷା କରି ନଥିବା ଆମେରିକାର ପ୍ରସିଦ୍ଧ ତଥା ଶ୍ରେଷ୍ଠ ଉଦ୍ଭାବକ ଥୋମାସ୍ ଆଲଭା ଏଡ଼ିସନ ତାଙ୍କ ଉଦ୍ଭାବନର ସୃଷ୍ଟିସମ୍ଭାର ମଧ୍ୟରେ । ତାଙ୍କ ଜୀବନୀ ଭାରତବର୍ଷର ଅନ୍ୟ କୌଣସି ପ୍ରାନ୍ତୀୟ ଭାଷାରେ ଅନୁଦିତ ହୋଇଛି କି ନାହିଁ ସନ୍ଦେହ, କିନ୍ତୁ ଆମ ଓଡ଼ିଆ ଭାଷାରେ ଏଡ଼ିସନଙ୍କ ଜୀବନୀ ଶ୍ରୀମାନ୍ ଦେବବ୍ରତ ଧଳଙ୍କ କଲମ ସ୍ପର୍ଶରେ ଏମିତି ଜୀବନ୍ତ ହୋଇଉଠିଛି, ପାଣ୍ଡୁଲିପିଟି ପଢ଼ି ସାରିବାପରେ ପାଠକମାନେ ତାହା ଅବଶ୍ୟ ହୃଦୟଙ୍ଗମ କରିବେ ।

ମାନବ ଇତିହାସରେ କେତେ ମହାମାନବ, ବୈଜ୍ଞାନିକ ଏବଂ ତତ୍ତ୍ୱଦର୍ଶୀଙ୍କର ଆବିର୍ଭାବ ଘଟିଛି ଏବଂ ସେମାନଙ୍କର ନୂତନ ତଥ୍ୟ, ତଥା ଉଦ୍ଭାବନରେ ଏ ମାନବ ସଭ୍ୟତା ପୃଷ୍ଟ ହୋଇଛି । କିନ୍ତୁ କୌଣସି ବିଶେଷ ଶିକ୍ଷାଗତ ଯୋଗ୍ୟତା ନଥାଇ କେବଳ ନିଜର ମାଆଙ୍କ ତତ୍ତ୍ୱାବଧାନରେ ସ୍ୱଳ୍ପ ପ୍ରାଥମିକ ଶିକ୍ଷା ହାସଲ କରି ଏଭଳି ଏକ ବିଶାଳ ପ୍ରତିଭାସଂପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହେବା ବାସ୍ତବିକ୍ ଖୁବ୍ ରହସ୍ୟମୟ ମନେହୁଏ । କି ଜୀବନଶୈଳୀ ତାଙ୍କର ? ନିଜର ଚିନ୍ତାଧାରାକୁ ବାସ୍ତବ ରୂପାୟନ କରିବାରେ କି କଳା ଜଣାଥିଲା ତାଙ୍କୁ ? ପୁଣି ପ୍ରତି ଉଦ୍ଭାବନରେ କି ଚରମ ସଫଳତା !!

ଏହା ଅନସ୍ୱୀକାର୍ଯ୍ୟ ଯେ ତାଙ୍କ ଦ୍ୱାରା ଉଦ୍ଭାବିତ ମୁଖ୍ୟତ ବିଦ୍ୟୁତବତୀ, ଚଳମାନ ଛବି ତଥା ଫୋନୋଗ୍ରାଫ୍ ଯୋଗୁ ମାନବସଭ୍ୟତା ଆଜି ଚରମ ସୋପାନରେ ଉପନୀତ ହୋଇପାରିଛି । ପୃଥିବୀପୃଷ୍ଠରୁ ଶତାବ୍ଦୀ ଶତାବ୍ଦୀ ବ୍ୟାପି ତମସା ଭେଦ କରି ଏଡ଼ିସନଙ୍କ ନୂତନ ଉଦ୍ଭାବନମାନ ସ୍ୱୀୟ ଆଲୋକରେ ପୃଥିବୀପୃଷ୍ଠକୁ ଆଲୋକିତ କରିପାରିଛି । ବିଜ୍ଞାନଯୁଗର ମାନବ ଆଜି ସେଇଥିପାଇଁ ଗର୍ବର ସହ କହିପାରୁଛି-''ମୁଁ ଏ ଧରିତ୍ରୀ ବକ୍ଷରେ ଶ୍ରେଷ୍ଠ ଜୀବ । କାରଣ, ମୁଁ ସୃଷ୍ଟି କରିପାରୁଛି, ସର୍ଜନା କରି ପାରୁଛି ।'' ଏହି ମହାନ୍ ଉଦ୍ଭାବକ ଏଡ଼ିସନଙ୍କ ନିକଟରେ ସମଗ୍ର ପୃଥିବୀବାସୀ ଚିରକାଳ ଋଣୀ ହୋଇ ରହିବେ । ଏଭଳି ରୋମାଞ୍ଚକର ଜୀବନୀକୁ ଆମ ମାତୃଭାଷାରେ ଶ୍ରୀଯୁକ୍ତ ଧଳ ତାଙ୍କ

Digitized by PPRACHIN, SOA

ମେନ୍‌ଲୋ ପାର୍କ ର ଯାଦୁକର

(ଥୋମାସ୍ ଆଲ୍‌ଭା ଏଡ଼ିସନ୍‌ଙ୍କର ଜୀବନଚିତ୍ର)

ଲେଖକ :
ଦେବବ୍ରତ ଧଳ
ସା/ପୋ : ମଧୁସୂଦନପୁର
ଭାୟା-ବିଞ୍ଝାରପୁର
ଜି-ଯାଜପୁର (ଓଡ଼ିଶା)
ପିନ୍ : ୭୫୮୦୦୪

ସତ୍ତ୍ୱାଧିକାରୀ :
ଶ୍ରୀମତୀ ଜ୍ୟୋତିର୍ମୟୀ ଧଳ

ପ୍ରକାଶକ :
ଗଙ୍ଗାଧର ତ୍ରିପାଠୀ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ବିନୋଦ ବିହାରୀ, କଟକ-୭୫୩୦୦୨

ଅକ୍ଷର ସଜ୍ଜା :
ଉତ୍କଳ ଡି.ଟି.ପି. ସେଣ୍ଟର
ଡଗରପଡ଼ା, କଟକ-୨

ପ୍ରଚ୍ଛଦ :
ବିଜୟ ପ୍ରଧାନ

ପ୍ରଥମ ପ୍ରକାଶ : ୨୦୦୨

ମୁଦ୍ରଣ :
ସଂଗୀତା ପ୍ରିଣ୍ଟର୍ସ, କଟକ

ମୂଲ୍ୟ – ୫୦.୦୦

THE WIZARD OF MENLO PARK

(A biographical Sketch of
Thomas Alva Edison)

Authored by :
Debabrata Dhal
At/Po. Madhusudan Pur
Via- Binjharpur-755004
Dist Jajpur (Orissa)

Published by :
Sri Gangadhar Tripathy
Prachi Sahitya Pratisthan
Binod Behari
Cuttack-753002

D.T.P Composed by :
Utkal D.T.P. Centre
Dagarpada, Cuttack-2

Cover Designed by :
Bijoy Pradhan

First Print : 2002

Printed at :
Sangita Printers
Cuttack

Price : Rs. 50.00

Digitized by PPRACHIN, SOA

ସ୍ୱତନ୍ତ୍ର ପ୍ରକାଶଭଙ୍ଗୀରେ ତଥା ଏକ ନାଟକୀୟ ଶୈଳୀରେ ଉପସ୍ଥାପନା କରି ନିଜ ପ୍ରତିଭାର ପରିଚୟ ଦେବା ସଙ୍ଗେ ସଙ୍ଗେ ଓଡ଼ିଆ ଜୀବନୀ ସାହିତ୍ୟ ଭଣ୍ଡାରକୁ ଏକ ବିଶେଷ ରଚନାରେ ପରିପୁଷ୍ଟ କରିଛନ୍ତି ।

ଏହି ପୁସ୍ତକଟି ସମଗ୍ରପାଠକମହଲ ଦ୍ୱାରା ଆଦୃତ ହେବା ସଙ୍ଗେ ସଙ୍ଗେ ଏକ ଉପାଦେୟ ପୁସ୍ତକ ଭାବରେ ଛାତ୍ରସମାଜକୁ ଅନୁପ୍ରାଣିତ କରୁ ଏବଂ ସର୍ବୋପରି ଶ୍ରୀମାନ ଧଳ ଏହିଭଳି ଆହୁରି ଅନେକ ଉପାଦେୟ ତଥା ସୁଖପାଠ୍ୟ ରଚନାରେ ସଫଳ ହୁଅନ୍ତୁ- ଏହାହିଁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

। ଜୟ ଜଗନ୍ନାଥ ।

ଲକ୍ଷ୍ମୀନାରାୟଣ ମଲ୍ଲିକ୍
ବରିଷ୍ଠ ପ୍ରବନ୍ଧକ, କ୍ରୟ ଓ ଭଣ୍ଡାର ବିଭାଗ
ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍
ବଲାଣି ଓର୍ସ ମାଇନସ୍, ବଲାଣି,
କେନ୍ଦୁଝର (୭୫୮୦୩୭), ଓଡ଼ିଶା

ବଲାଣି,
ତା ୦୧.୦୧.୨୦୦୨

Digitized by PPRACHIN, SOA

ନିଜକଥା ......

ଏକଦା କଟକର ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବୁଲୁ ବୁଲୁ ଅବସାଦ ଦୂର କରିବା ଉଦ୍ଦେଶ୍ୟ ନେଇ ଚାଲିଗଲି ନିକଟରେ ଚିନାବାଦାମ ବିକୁଥିବା ଏକ ଟ୍ରଲି ପାଖକୁ ଏବଂ ପାଖରେ ଥିବା ଟଙ୍କାକିଆ ମୁଦ୍ରାଟେ ବଢ଼ାଇଦେଲି ଦୋକାନୀକୁ-ଚିନାବାଦାମ ପୁଡ଼ିଆଟେ ଦେବାପାଇଁ ।

ଦୋକାନଟି ଅବିଳମ୍ବେ ତା' ଟ୍ରଲି ଉପରେ ରଖା ହୋଇଥିବା ଛୋଟ ବହିଟିରୁ ପୃଷ୍ଠାଟେ ଫାଡ଼ିଦେଲା ଏବଂ ସେହି ପୃଷ୍ଠାରେ ମୋତେ ଟଙ୍କାକିଆ ଚିନାବାଦାମ ପୁଡ଼ିଆ ତିଆରି କରି ଧରାଇଦେଲା । ହଠାତ୍ ବହିଟି ଉପରେ ମୋର ନଜର ପଡ଼ିଗଲା । କେଉଁ କାଳର ପୁରୁଣା କୋତରା ଛୋଟ ବହିଖଣ୍ଡେ । ପୃଷ୍ଠାଗୁଡ଼ିକ ସଂପୂର୍ଣ୍ଣ ଧୂସରବର୍ଣ୍ଣ ଧାରଣା କରିସାରିଥିଲା । ଧରି ପକାଇଲେ ଚିରିଯିବା ଭଳି ଅବସ୍ଥା । ସେହି ଛୋଟ ବହିଟି ଥିଲା-ଆମେରିକାର ଶ୍ରେଷ୍ଠ ଉଦ୍ଭାବକ-ଥୋମାସ୍ ଆଲ୍‌ଭା ଏଡ଼ିସନଙ୍କ ଜୀବନୀ ବୃତ୍ତାନ୍ତ । ଏହାକୁ ଲେଖିଥିଲେ ନିୟୁଅର୍କର ଜି.ଗେଇନ୍‌ଉଡ୍ କ୍ଲାର୍କ-୧୯୫୦ ମସିହାରେ । ମୋର ବହୁ ଅନୁରୋଧ ପରେ ଦୋକାନଟି ମାତ୍ର ଦଶଟଙ୍କା ବିନିମୟରେ ମୋତେ ହସ୍ତାନ୍ତର କରିଥିଲା ସେ ବହିଟିର ଅବଶିଷ୍ଟାଂଶକୁ ଏବଂ ସେହିଅବଶିଷ୍ଟାଂଶରୁ ଏ ପୁସ୍ତକ ଜନ୍ମ ।

ଏଡ଼ିସନଙ୍କ ଜୀବନୀ ଲେଖିବା ପଛରେ ଯଦିଓ ସେମିତି କିଛି ମହତ୍ ଉଦ୍ଦେଶ୍ୟ ମୋର ନଥିଲା, କିନ୍ତୁ ଚିନାବାଦାମ ଦୋକାନଟି ଦେଇଥିବା ବହିଟିର ଅବଶିଷ୍ଟାଂଶ ପଢ଼ି ମୁଁ ଅନୁଭବ କରିଥିଲି ଯେ ଏଡ଼ିସନଙ୍କ ଜୀବନୀ ଆମ ଓଡ଼ିଆ ଭାଷାରେ ପ୍ରକାଶ ପାଇବା ଏକାନ୍ତ ଜରୁରୀ ।

ବହିଟିର ପାଣ୍ଡୁଲିପି ପ୍ରସ୍ତୁତି ଦିଗରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିଃ (ସେଲ୍), ବଲାଣି ଓର୍ସ ମାଇନ୍‌ସ୍‌ର ମ୍ୟାଟେରିଆଲସ୍ ମାନେଜମେଣ୍ଟ ଡିପାର୍ଟମେଣ୍ଟ ମୁଖ୍ୟ ତଥା ମୋର ଅଗ୍ରଜତୁଲ୍ୟ **ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମଲ୍ଲିକ** ଙ୍କ ପ୍ରେରଣା ତଥା ଉତ୍ସାହକୁ କଦାପି ଭୁଲିବାର ନୁହେଁ ।

ଏତଦ୍ ବ୍ୟତୀତ ପ୍ଲସ୍ ଟୁ ଦ୍ୱିତୀୟବର୍ଷ ବିଜ୍ଞାନର ଛାତ୍ରୀ ତଥା ମୋର ଜ୍ୟେଷ୍ଠା କନ୍ୟା 'ସିଲି' ପାଣ୍ଡୁଲିପିରେ କେତେକ ତଥ୍ୟଗତ ତ୍ରୁଟି ସୁଧାରିବାରୁ ସେ ମଧ୍ୟ ମୋର ଶୁଭେଚ୍ଛାର ପାତ୍ରୀ ଅଟେ ଏବଂ ପାଣ୍ଡୁଲିପିଟି ପ୍ରକାଶକଙ୍କ ନିକଟରେ ପହଞ୍ଚିବା ଠାରୁ ପୁସ୍ତକରୂପେ ଆତ୍ମପ୍ରକାଶ କରିବା ପର୍ଯ୍ୟନ୍ତ ସଂପ୍ରତି କଲେଜ ଅଫ୍ ଇଞ୍ଜିନିୟରିଂ,

Digitized by PPRACHIN, SOA

ଭୁବନେଶ୍ୱର ଠାରେ କାର୍ଯ୍ୟରତ ମୋର ସାନ ଭାଇ **'ସତ୍ୟବ୍ରତ'** ନିଜର ଶ୍ରମଦାନ ଓ ସହଯୋଗ ପାଇଁ ଯଥେଷ୍ଟ ପ୍ରଂଶସାର ପାତ୍ର ଅଟେ ।

ବହିଟିର ପ୍ରକାଶନ ପାଇଁ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରକାଶନ ସଂସ୍ଥାର ପରିଚାଳକ **ଶ୍ରୀଯୁକ୍ତ ଗଙ୍ଗାଧର ତ୍ରିପାଠୀଙ୍କ** ଉଦ୍ୟମକୁ ମୁଁ ଚିରଦିନ ମନେ ରଖିବି । ବିଶେଷକରି **ଶକ୍ତି** ବାବୁ, ଯାହାଙ୍କ ଆନ୍ତରିକ ଉଦ୍ୟମ ଯୋଗୁ ବହିଟି ଶୀଘ୍ର ଆତ୍ମପ୍ରକାଶ କରିପାରିଲା- ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା । ପରିଶେଷରେ ଲିପିସଜ୍ଜା ଓ ଅଳଙ୍କରଣରେ ବହିଟିକୁ ସର୍ବାଙ୍ଗସୁନ୍ଦର କରି ଗଢି ତୋଳିବାରେ **ଉତ୍କଳ ଡି.ଟି.ପି.** ସେଣ୍ଟର, ଡଗରପଡ଼ା, କଟକର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ କଳ୍ପନା ଦାଶ ଯେତିକି ସାହାଯ୍ୟ ତଥା ସହାନୁଭୂତି ଦେଖାଇଛନ୍ତି ତାହା କଦାପି ଭୂଲିବାର ନୁହେଁ । ତାଙ୍କୁ ମୋର ସଶ୍ରଦ୍ଧ କୃତଜ୍ଞତା ।

ଅଳମତି ବିସ୍ତରେଣ ।

ବିନୀତ

ଦେବବ୍ରତ

Digitized by PPRACHIN, SOA

ସୂଚୀପତ୍ର

	ବିଷୟ	ପୃଷ୍ଠା
୧ ।	ଏଡ଼ିସନଙ୍କ ଜନ୍ମର ପୂର୍ବାନୁକୃତି	୧
୨ ।	ଏଡ଼ିସନଙ୍କ ପିଲାଦିନ	୧୧
୩ ।	ବୁଲାବିକାଳୀ ରୂପେ ଏଡ଼ିସନ	୨୫
୪ ।	ଏଡ଼ିସନଙ୍କ ଦ୍ୱାରା ରୋଚ୍ ଏକସଟର୍ମିନେଟର ସୃଷ୍ଟି	୪୫
୫ ।	ଏଡ଼ିସନଙ୍କ ଭୋଟ-ରେକର୍ଡ଼ର ଏବଂ ଡୁପ୍ଲେକ୍ସ ସିଷ୍ଟମ	୪୯
୬ ।	ଏଡ଼ିସନଙ୍କ ଷ୍ଟକ-ଟିକର	୫୬
୭ ।	ଏଡ଼ିସନଙ୍କ ବିବାହ ଏବଂ ମହମକାଗଜର ଉଦ୍ଭାବନ ସହ ଟାଇପ୍ ମେସିନର ପୁନଃନିର୍ମାଣ	୬୦
୮ ।	ଫୋନୋଗ୍ରାଫ୍ ବା ଗ୍ରାମ୍‌ଫୋନ୍‌ର ଉଦ୍ଭାବନ	୬୪
୯ ।	ବିଜୁଳିବତୀର ଜନ୍ମକଥା	୭୧
୧୦ ।	ଚଳମାନ ଛବିର ଜନ୍ମଜାତକ	୮୨
୧୧ ।	ଏଡ଼ିସନଙ୍କ ଜୀବନର ଶେଷ ଅଧ୍ୟାୟ	୯୨

ଭଭଭ

Digitized by PPRACHIN, SOA

ଏଡ଼ିସନଙ୍କ ଜନ୍ମର ପୂର୍ବାନୁକୃତି

୧୮୩୭ ମସିହାର ଡିସେମ୍ବର ମାସ । ରାତି ଦଶଟା । କାନାଡ଼ାର ଭିଏନା ଅନ୍ତର୍ଗତ ବରଫ ଆଚ୍ଛାଦିତ ଏକ ଛୋଟ ଗାଁ ବହଳ ଅନ୍ଧାର ମଧ୍ୟରେ ନୀରବି ଯାଇଥାଏ । ଆକାଶରେ ହୀରକ ସଦୃଶ୍ୟ ଚିକ୍ ମିକ୍ କରୁଥାନ୍ତି ଅଗଣିତ ତାରା । ପଛରେ ଅନେକ ଅନ୍ଧକାରମୟ ଗୃହ । ସେହି ଗାଁ ର ଏକ ଜନଶୂନ୍ୟ ରାସ୍ତାରେ ବ୍ୟସ୍ତତାର ସହ ପଦଚାରଣା କରୁଥିଲେ ଜଣେ ଭଦ୍ରଲୋକ ଏବଂ କିଛି ସମୟପରେ ନିକଟସ୍ଥ ଏକ ହୋଟେଲ୍ ର ପାହାଚ ଉପରକୁ ଉଠି ଜୋତାରୁ ବରଫ ଝାଡ଼ିବା ଉଦ୍ଦେଶ୍ୟରେ ପାଦ କଚାଡ଼ିଲେ ।

ଯୋତା ଶବ୍ଦଶୁଣି ସାମ୍ନା କୋଠରୀର ଦ୍ୱାର ଖୋଲିଗଲା ଏବଂ ଜଣେ ମହିଳା ସେହି ଆଲୋକିତ ଦ୍ୱାର ନିକଟକୁ ଆସି କହିଲେ -''ଶୀଘ୍ର ଭିତରକୁ ଆସ, ସାମ୍ । ବରଫ ଓ ଶୀତରେ ତମେ ଗୋଟାପଣେ ଥରିଲଣି ।'' ସେହି ଭଦ୍ରବ୍ୟକ୍ତି ଜଣକ ଆଉ କେହି ନଥିଲେ । ସେ ଥିଲେ ସାମୁଏଲ ଏଡ଼ିସନ (ଜୁନିୟର) ଏବଂ ଯେଉଁ ଭଦ୍ରମହିଳା ତାଙ୍କୁ ଭିତରକୁ ଡାକିଲେ - ସେ ଥିଲେ ସାମୁଏଲଙ୍କ ପତ୍ନୀ ନାନ୍‌ସି ଏଡ଼ିସନ ।

ସାମ୍ ଏଡ଼ିସନ ଚୁଲା ନିକଟସ୍ଥ ଏକ ଚେୟାର ଉପରେ ବସିପଡ଼ିଲେ ଏବଂ ଦୀର୍ଘଶ୍ୱାସ ଛାଡ଼ି ନିଜକୁ ଉଷୁମ କରିବାକୁ ଲାଗିଲେ । ନାନ୍‌ସି ପଚାରିଲେ -'ତମର ଏତେ ଡ଼େରି କାହିଁକି ହେଲା ?'

''କ୍ୟାପେଟନ୍ ମାକେନ୍‌ଜିଙ୍କୁ ଆଜି ଟରଣ୍ଟୋରେ ଭେଟ କରିବାକୁ ପଡ଼ିବ । ଭିଏନା ସ୍ୱେଚ୍ଛାସେବୀମାନେ ଆଜି ମଧ୍ୟରାତ୍ର ସୁଦ୍ଧା ଭିଏନା ଛାଡ଼ିବେ ।'' ସାମୁଏଲ ଉତ୍ତର ଦେଲେ ।

Digitized by PPRACHIN, SOA

ନାନ୍‌ସି ଚୁପ୍ ରହିଲେ । ସେ ଜାଣିଥିଲେ-‘‘କାନାଡ଼ାରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠାପାଇଁ ଯେଉଁ ବିଦ୍ରୋହ ମୁଣ୍ଡଟେକି ଉଠିଛି, ସେହି ବିଦ୍ରୋହରେ ସାମିଲ ହୋଇଛନ୍ତି ସାମୁଏଲ । ପ୍ରତି ରାତ୍ରିର ବିଳମ୍ବିତ ପ୍ରହରଯାଏ ବିଦ୍ରୋହୀମାନଙ୍କ ସହ ଗୁପ୍ତମନ୍ତ୍ରଣାରେ ଲିପ୍ତ ରହିବାସହ ଚୋରାରେ ଆମେରିକାରୁ ଅସ୍ତ୍ରଶସ୍ତ୍ର ଆଣିବା କାର୍ଯ୍ୟରେ ମଧ୍ୟ ସାମୁଏଲ ନିଜକୁ ଜଡ଼ିତ କରିସାରିଛନ୍ତି ।’’

ନାନ୍‌ସିଙ୍କ ନୀରବତା ଭଙ୍ଗ କରି ସାମୁଏଲ ପୁଣି କହିଲେ - ‘ଆଜି ରାତାରାତି ଭିଏନା ଛାଡ଼ି ଆମକୁ ଜଙ୍ଗଲ ମଧ୍ୟଦେଇ ଟରଣ୍ଟୋରେ ପହଞ୍ଚିବାକୁ ହେବ ଦୁଇଦିନ ମଧ୍ୟରେ । ଟରଣ୍ଟୋରେ କ୍ୟାପଟେନ୍‌ଙ୍କ ନିର୍ଦ୍ଦେଶ ପାଇବାମାତ୍ରେ ଆମେ ସେଠାକାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କୁ ଗୃହବନ୍ଦୀକରି ଟରଣ୍ଟୋ ଜବରଦଖଲ କରିବୁ ଏବଂ ଆମ ନ୍ୟାଯ୍ୟଦାବୀକୁ ଆମେ ଯେମିତି ହେଲେ ହାସଲ କରି ରହିବୁ ।’

ନାନ୍‌ସି ଭୟରେ ଥରିବାକୁ ଲାଗିଲେ । ସେ ଆଖି ଛଳଛଳ କରି କହିଲେ- ‘କାନାଡ଼ାର ଦୃଢ଼ ସରକାର ନିକଟରେ ତମ କ୍ୟାପଟେନ ମାକେନ୍‌ଜିଙ୍କ ଲୋକମାନେ ନିଶ୍ଚିତଭାବେ ଦୁର୍ବଳ ଏବଂ ନ୍ୟୁନ ମଧ୍ୟ ।’

‘ନାନ୍‌ସି, ତମେ ଭୁଲିଯାଉଛ ଯେ ତମର ଜେଜେବାପା ଜଣେ ସଚ୍ଚା ଆମେରିକୀୟ ଥିଲେ ଏବଂ ଆମେରିକା ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ସେ ବ୍ରିଟିଶ ବିରୁଦ୍ଧରେ ଲଢ଼ିଥିଲେ । ଆମେ ମଧ୍ୟ ମାକେନ୍‌ଜିଙ୍କ ଅଧୀନରେ ରହି ବ୍ରିଟିଶ ସ୍ୱେଚ୍ଛାଚାରିତା ବିରୁଦ୍ଧରେ ଲଢ଼ିବୁ ଏବଂ ଏକ ସ୍ୱାଧୀନ ମଣିଷର ଯାହା ପ୍ରାପ୍ୟ, ସେହି ପ୍ରାପ୍ୟ ଅଧିକାରକୁ ଆମେ ସାବ୍ୟସ୍ତ କରିରିହବୁ ।’-ସାମୁଏଲ ଏଡ଼ିସନ କହିଉଠିଲେ ।

ନାନ୍‌ସି ନିଜର ଆଶଙ୍କାସତ୍ତ୍ୱେ ହସିଥିଲେ ଏବଂ ସାମୁଏଲଙ୍କୁ ଯିବାକୁ ଅନୁମତି ଦେଇଥିଲେ । ଶେଷରେ ସାମୁଏଲ୍ ନିଜର ହୋଟେଲ ଚଳାଇବା ଦାୟିତ୍ୱ ନାନ୍‌ସିଙ୍କ ଉପରେ ନ୍ୟସ୍ତ କରିଥିଲେ ଏବଂ ନିଜ ଦୁଇ ଶିଶୁପୁତ୍ର ଉଇଲିୟମ ଏବଂ ଟାନିକୁ ବୋକ ଦେଇ ସେହି ବରଫାଚ୍ଛନ୍ନ ଅନ୍ଧକାର ରାତ୍ରିରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ । ସାମୁଏଲ ଯିବାପୂର୍ବରୁ ନାନ୍‌ସି ସାମୁଏଲ୍‌ଙ୍କ ହାତକୁ ବଢ଼ାଇ ଦେଇଥିଲେ ଗୋଟାଏ ବନ୍ଧୁକ, ଯାହାକୁ ସାମୁଏଲ ଆମେରିକାରୁ ଚୋରାରେ ଆଣି ନିଜପାଖରେ ଲୁଚାଇ ରଖିଥିଲେ ।

କିନ୍ତୁ ସାମୁଏଲଙ୍କ ଦୁର୍ଭାଗ୍ୟ ଯେ ସେ ଟରଣ୍ଟୋରେ ପହଞ୍ଚିବାପୂର୍ବରୁ ମାକେନ୍‌ଜିଙ୍କ ନେତୃତ୍ୱ ହାର ମାନିଯାଇଥିଲା । ବିଦ୍ରୋହୀମାନେ ମଧ୍ୟ ଛତ୍ରଭଙ୍ଗ ଦେଇ ପଳାୟନପନ୍ଥୀ

Digitized by PPRACHIN, SOA

ସାଜିଥିଲେ । ନିଜେ ମାକେନଞ୍ଜି ନାଏଗ୍ରା ନଦୀର କୌଣସି ଏକ ଦ୍ୱୀପରେ ଆତ୍ମଗୋପନ କରିଛନ୍ତି ବୋଲି ଅକ୍ଷତ ଅବସ୍ଥାରେ ଫେରିଆସିଥିବା ବିଦ୍ରୋହୀମାନଙ୍କଠାରୁ ସାମୁଏଲ ଜଙ୍ଗଲ ମଧ୍ୟରେ ଶୁଣିବାକୁ ପାଇଲେ । ସେତେବେଳକୁ କାନାଡ଼ା ସୈନ୍ୟବାହିନୀରେ ଅଧିକ ଚାରିଶହ ବ୍ରିଟିଶ ସୈନ୍ୟଙ୍କ ସମେତ ଶହେଜଣ କାନାଡ଼ା ସ୍ୱେଚ୍ଛାସେବୀ ଓ ଶହେ ଜଣ ତାଲିମପ୍ରାପ୍ତ ଭାରତୀୟ ସ୍କାଉଟ୍ ଯୋଗ ଦେଇସାରିଥିଲେ ଏବଂ କର୍ଣ୍ଣେଲ ମାକେନଞ୍ଜିଙ୍କ ନେତୃତ୍ୱରେ ଏହି ବାହିନୀ ବିଦ୍ରୋହୀକୁ ସମ୍ପୂର୍ଣ୍ଣ ଦମନ କରିବା ନିମନ୍ତେ ଭିଏନା ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଥିଲେ ।

ସାମୁଏଲ ଫେରିଆସିଲେ ନାନ୍‌ସିଙ୍କ ନିକଟକୁ ଏବଂ ନାନ୍‌ସିଙ୍କୁ କହିଲେ - 'ଦେଖ, ଏଠି ବେଶି ସମୟ ରହିବା ମୋ ପକ୍ଷେ ନିରାପଦ ନୁହେଁ । କାରଣ, ଆମ ହୋଟେଲ ନିଶ୍ଚିତଭାବେ ଖାନତଲାସ ହେବ । ଏଣୁ ମୁଁ ତାଡ଼ିଙ୍କ ଫାର୍ମକୁ ଚାଲିଯାଉଛି ।'

ହୋଟେଲଠାରୁ ମାତ୍ର ମାଇଲିଏ ଦୂରରେ ଅବସ୍ଥିତ ପିତା କ୍ୟାପଟେନ୍ ସାମୁଏଲ ଏଡ଼ିସନଙ୍କ ଫାର୍ମକୁ ଚାଲିଗଲେ ସାମୁଏଲ ଜୁନିୟର । ସାମୁଏଲ ଜୁନିୟର ହୋଟେଲ ଛାଡ଼ିବାର କିଛି ସମୟପରେ ମାକନବ୍‌ଙ୍କ ନେତୃତ୍ୱାଧୀନ ସୈନ୍ୟମାନେ ହୋଟେଲ ଘେରାଉ କରି ବିଲ୍‌ଡ଼ିଂର କୋଣ ଅନୁକୋଣ ଖୋଜିଚାଲିଲେ ସାମୁଏଲ ଜୁନିୟରଙ୍କୁ । ଏହି ସମୟରେ ହୋଟେଲର ଜଗୁଆଳ କୌଣସିପ୍ରକାରେ ଖସିଯାଇଥିଲା ଏବଂ ତୁରନ୍ତ ଫାର୍ମକୁ ଦୌଡ଼ିଯାଇ ସାମୁଏଲ ଜୁନିୟରଙ୍କୁ ଖବର ଦେଲା ଯେ ସୈନ୍ୟମାନେ ଖୁବ୍‌ଶୀଘ୍ର ଫାର୍ମରେ ଆସି ପହଞ୍ଚୁଛନ୍ତି ।

ସାମୁଏଲ ଜୁନିୟର ପିତା କ୍ୟାପଟେନ୍ ଏଡ଼ିସନଙ୍କୁ କହିଲେ-"ଡ଼ାଡ୍‌, ମୁଁ ଜଙ୍ଗଲମଧ୍ୟକୁ ଚାଲିଯାଉଛି ଏବଂ ଜଙ୍ଗଲ ପାର ହୋଇ ଆମେରିକା ଚାଲିଯିବାପାଇଁ ଚେଷ୍ଟା କରିବି । ଏଣୁ ଆପଣ ଯଥାସମ୍ଭବ ମାକନବ୍ ସହ ତାଙ୍କ ସୈନ୍ୟବାହିନୀକୁ ଏଇଠାରେ ଅଟକାଇବାକୁ ଚେଷ୍ଟା କରିବେ । ସମ୍ଭବତଃ ସେମାନେ ଗ୍ରାଣ୍ଡଡାଡ୍‌ଙ୍କ ଘର ମଧ୍ୟ ଖାନତଲାସ କରିପାରନ୍ତି ।"

ଆଉ କାଳବିଳମ୍ବ ନ କରି ହାତରେ ସେହି ବନ୍ଧୁକ ଧରି ଏବଂ ତାଙ୍କ ପିତା ଦେଇଥିବା ଖାଦ୍ୟପୁଡ଼ିଆକୁ ପକେଟରେ ରଖି ଜଙ୍ଗଲ ମଧ୍ୟକୁ ଚାଳିଗଲେ ସାମୁଏଲ ଜୁନିୟର । କ୍ୟାପଟେନ୍ ଏଡ଼ିସନ ମଧ୍ୟ ଫାର୍ମଛାଡ଼ି ତୁରନ୍ତ ଚାଲିଗଲେ ପୁରୁଣା ଟୋରିଜୋନ୍‌ରେ ଅବସ୍ଥିତ ତାଙ୍କ ପିତାଙ୍କ ବାସଗୃହକୁ - ଏ ବିଷୟ ତାଙ୍କ ପିତାଙ୍କୁ ଅବଗତ କରାଇବାପାଇଁ ଏବଂ ସଜାଗ ରହିବାପାଇଁ ।

Digitized by PPRACHIN, SOA

ଏଣେ ଫାର୍ମରେ ରହିଗଲେ କେବଳ ସାମ୍ (ସାମୁଏଲ ଜୁନିୟର)ଙ୍କ ବିମାତା ମିସେସ୍ ଏଡ଼ିସନ। ଫାର୍ମରେ ପୂର୍ବପରି ନୀରବତା ବିରାଜୁଥିଲା। ଜଣାପଡୁଥିଲା ସତେଯେମିତି କେଉଁଠି କିଛି ଘଟିନାହିଁ। ଠିକ୍ କିଛିକ୍ଷଣପରେ ମିସେସ୍ ଏଡ଼ିସନ ଶୁଣିପାରିଲେ ସୈନ୍ୟମାନଙ୍କ ମାର୍ଚ୍ଚିଂ। ସେ ବାହାରକୁ ଉଠିଆସିଲେ ଏବଂ ସାମ୍ନାରେ ଦେଖିଲେ ହିଂସ୍ରରୂପ ଧାରଣ କରିଥିବା କ୍ରୁଦ୍ଧ କର୍ଣ୍ଣେଲ ମାକନବ୍‌ଙ୍କୁ।

"ଏ ଫାର୍ମ ଖାନତଲାସ ହେବ - ଏହା ମୋର ଆଦେଶ।" ଗମ୍ଭୀର ସ୍ୱରରେ କର୍ଣ୍ଣେଲ୍ ମାକନବ୍ ଘୋଷଣା କଲେ। ମିସେସ୍ ଏଡ଼ିସନ ଅତି ନରମଗଳାରେ କହିଲେ-"ଦେଖନ୍ତୁ, ମୋ ସ୍ୱାମୀ ଏବେ ଫାର୍ମରେ ନାହାନ୍ତି। ମୁଁ ମୋ ପିଲା ଏବଂ ଫାର୍ମ ଚାକର ମାନଙ୍କ ସହ ଏଠି ଅଛି। ମୁଁ ଜାଣେ ନାହିଁ - ସାମ୍ ଏଡ଼ିସନ ଏବେ କେଉଁଠି ଅଛନ୍ତି।"

"ତଥାପି ଫାର୍ମ ଖାନତଲାସ ହେବ"- ଦୃପ୍ତକଣ୍ଠରେ ଘୋଷଣା କଲେ ମାକନବ୍।

ମିସେସ୍ ଏଡିସନ୍ ହଠାତ୍ ରାଗିଉଠି କହିଲେ-"ଯଦି ମୋ କଥାରେ ଆପଣଙ୍କର ସନ୍ଦେହଜାତ ହେଉଛି, ତେବେ ଖାନତଲାସ କରିପାରନ୍ତି।"

ମୂହୁର୍ତ୍ତକମଧ୍ୟରେ ସୈନ୍ୟମାନେ ଛାଇଗଲେ ଫାର୍ମସାରା ଏବଂ ସାମୁଏଲ ଏଡ଼ିସନ ଜୁନିୟରଙ୍କୁ ଖୋଜିଚାଲିଲେ। ଏପରିକି କୁକୁଡ଼ା ଫାର୍ମ ଏବଂ ପରିବାକ୍ଷେତ ମଧ୍ୟ ବାଦ୍ ପଡ଼ିଲା ନାହିଁ। କିନ୍ତୁ କେଉଁଠି ହେଲେ ସାମ୍ ଏଡ଼ିସନଙ୍କ ପତ୍ତା ମିଳିଲା ନାହିଁ। ବାଧ୍ୟ ହୋଇ ସୈନ୍ୟମାନେ ପଶ୍ଚାଦ୍‌ଗମନ କଲେ ଏବଂ ଚାଲିଆସିଲେ ଫାର୍ମ ସଂଲଗ୍ନ ରାସ୍ତାଉପରକୁ।

ଏଇଠି ମିସେସ୍ ଏଡ଼ିସନ ତାଙ୍କ ବୁଦ୍ଧି ଖଟାଇଲେ ସୈନ୍ୟମାନଙ୍କୁ ଆଉ କିଛି ସମୟ ଅଟକାଇରଖିବା ଉଦ୍ଦେଶ୍ୟରେ। ସେ ହଠାତ୍ ସୈନ୍ୟମାନଙ୍କ ଦେଖାଦେଇ ଲୁଚିଗଲେ। ମିସେସ୍ ଏଡ଼ିସନ ସେହି ସମୟରେ ଚାହୁଁଥିଲେ ଯେ ତାଙ୍କୁ ସୈନ୍ୟମାନେ ଦେଖନ୍ତୁ ଏବଂ ସନ୍ଦେହରେ ପଡ଼ନ୍ତୁ ଏଇଆ ଭାବି -ସେ ସାମ୍ ଏଇଠି କେଉଁଠି ତଥାପି ଲୁଚିରହିଛି। ମିସେସ୍ ଏଡ଼ିସନ ସେହି ଲୁଚି ଥିବା ଅବସ୍ଥାରେ ପରିବାକ୍ଷେତ ଆଡ଼କୁ ଦୌଡ଼ିଯାଇ ସୈନ୍ୟମାନଙ୍କୁ ପୁଣି ଦେଖାଦେଲେ ଏବଂ ପୁଣି ଲୁଚିଯାଇ ଦୌଡ଼ିଗଲେ ଅଦୂରସ୍ଥ ଏକ ପରିତ୍ୟକ୍ତ ଅନ୍ଧାରୁଆ କୋଠା ଆଡ଼େ। ସତକୁ ସତ ସୈନ୍ୟବାହିନୀ ସନ୍ଦେହରେ ପଡ଼ି ଦୌଡ଼ିଗଲେ ସେହି ପରିତ୍ୟକ୍ତ କୋଠା ଆଡ଼େ ଏବଂ ମିସେସ୍

Digitized by PPRACHIN, SOA

ଏଡ଼ିସନଙ୍କ ଭୟଭୀତ ଚାହାଣୀ ଦେଖି ଅନୁମାନ କରିନେଲେ ଯେ ସାମ୍ ଏଡ଼ିସନ ନିଶ୍ଚିତଭାବେ ଏଇଠି କେଉଁଠି ଲୁଚିରହିଛି । ଏହି ସମୟରେ ସୈନ୍ୟମାନଙ୍କ ମଧ୍ୟରୁ ସର୍ଜେଣ୍ଟ ଜଣେ କହିଉଠିଲା-'ଆଇ ଆମ୍ ସରି ମାଡ଼ାମ୍ । ଆମ୍ଭେ ଏହି ଘର ଏବଂ ପରିବାକ୍ଷେତକୁ ଆଉଥରେ ସର୍ଚ୍ଚ କରିବୁ । ଆପଣ ପାଖେଇ ଯା'ନ୍ତୁ ।

ମିସେସ୍ ଏଡ଼ିସନ ବାଟ ଓଗାଳିଲାଭଳି ଦୁଇଦ୍ୱାର ବନ୍ଧରେ ହାତ ରଖି କହିଲେ -'ତମେମାନେ ଥରେ ସର୍ଚ୍ଚ କରିସାରିଲଣି । ଏଥର ମୁଁ ଛାଡ଼ିବିନାହିଁ । ତମେମାନେ ଗୋଟାଏ ସ୍ତ୍ରୀଲୋକ ଉପରେ କଦାପି ବଳପ୍ରୟୋଗ କରିପାରିବନାହିଁ ।' ମିସେସ୍ ଏଡ଼ିସନ ପୂର୍ବବତ୍ ଦ୍ୱାରଦେଶରେ ବାଟ ଓଗାଳି ଛିଡ଼ାହୋଇରହିଲେ ।

ସର୍ଜେଣ୍ଟ ଜଣକ ସାମାନ୍ୟ ଦ୍ୱିଧାବୋଧ କଲେ । ଅନ୍ୟନ୍ୟୋପାୟ ହୋଇ ସେ ଅଦୂରରେ ଦଣ୍ଡାୟମାନ ହୋଇଥିବା କ୍ୟାପଟେନ୍ ମାକନବ୍‌ଙ୍କ ନିକଟକୁ ଏକ ସୈନ୍ୟପ୍ରେରଣ କଲେ ।

ଏଥର କର୍ଣ୍ଣେଲ୍ ମାକନବ୍ ନିଜେ ମାଡ଼ି ଆସିଲେ ଏବଂ ବାରମ୍ବାର କହିବାସତ୍ତ୍ୱେ ମଧ୍ୟ ନିଜ ଜିଦରେ ଅଟଳ ମିସେସ୍ ଏଡ଼ିସନଙ୍କୁ ଜବରଦସ୍ତ ଟେକି ବାହାରକୁ ନେଇଯିବାପାଇଁ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ ମାକନବ୍ । ଦୁଇଜଣ ସୈନ୍ୟ ମିସେସ ଏଡ଼ିସନଙ୍କୁ ଛୁଇଁବାର ଠିକ୍ ଅବ୍ୟବ୍ୟହିତ ପୂର୍ବରୁହିଁ ମିସେସ୍ ଏଡ଼ିସନ ନିଜସ୍ଥାନରୁ ଘୁଞ୍ଚିଗଲେ । ସୈନ୍ୟମାନେ ଦୀର୍ଘସମୟ ଧରି ପୁଣି ତନ୍ନତନ୍ନ କରି ଖୋଜିଚାଲିଲେ । କିନ୍ତୁ ସାମ୍ ଏଡ଼ିସନ ଥିଲେ ସିନା ଧରା ପଡ଼ିଥାନ୍ତେ ? ଅଗତ୍ୟା ସୈନ୍ୟମାନେ ନିରାଶମନା ହୋଇ ପଛଘୁଞ୍ଚା ଦେଲେ । ଏହିସମୟରେ ସୈନ୍ୟମାନଙ୍କୁ ଆଉ କିଛି ସମୟ ଅଟକାଇ ରଖିବାପାଇଁ ମିସେସ୍ ଏଡ଼ିସନ ଆଉ ଏକ ଟ୍ରିକ ଖେଳିଲେ ।

ସେ ସେହି ସୈନ୍ୟମାନଙ୍କୁ ଚାହିଁ ଟିକେ ମୁରୁକିହସା ମାରିଦେଲେ । ମିସେସ୍ ଏଡ଼ିସନଙ୍କ ଏ ବିଦ୍ରୂପଭରା ହସ ଦେଖି ସୈନ୍ୟ ମାନେ ଭାବିଲେ-'ବୋଧେ ସାମୁଏଲ ଏଡ଼ିସନ ଲୁଚିରହିଥିବା ପ୍ରକୃତସ୍ଥାନଟିକୁ ଆମ୍ଭେମାନେ ଖୋଜିପାଉନାହୁଁ ।' ସର୍ଜେଣ୍ଟ ଜଣକ କିଛିକ୍ଷଣ ଚିନ୍ତାକରି ସୈନ୍ୟମାନଙ୍କୁ ପୁଣି ଆଦେଶ ଦେଲେ ଫାର୍ମର ପରିବାକ୍ଷେତ ଏବଂ କୁକୁଡ଼ାଫାର୍ମର ଆଉଥରେ ତଲାସି ନେବାପାଇଁ । ଏହି ତଲାସି ଜାରି ରହିଲା ଯେ ପର୍ଯ୍ୟନ୍ତ ସେମାନେ ନିଶ୍ଚିତ ହେଲେ ଯେ ପ୍ରକୃତରେ ସାମୁଏଲ ଏଡ଼ିସନ ଏଠି କେଉଁଠି ଲୁଚି ରହିନାହାନ୍ତି । କେବଳ ଅଯଥା ସମୟ ଗୁଡ଼ାଏ ଯାହା ବରବାଦ୍ ହେଲା ।

Digitized by PPRACHIN, SOA

କର୍ଣ୍ଣେଲ ମାକନଦ୍ ଫେରିଆସିଲେ ତାଙ୍କ ସୈନ୍ୟ ବାହିନୀ ଧରି ଏବଂ ସେମାନେ ଫେରିଯିବାପରେ ମିସେସ୍ ଏଡ଼ିସନ ସତକୁ ସତ ଏକ ମନ ଖୋଲା ହସ ହସି ଉଠିଲେ । କାରଣ ସେତେବେଳକୁ ସେ ଅତିକମ୍‌ରେ ତାଙ୍କ ମୂଲ୍ୟବାନ ଏକ ଘଣ୍ଟାର ସମୟ ଲାଭବାନ ହୋଇପାରିଥିଲେ, ଯାହା ସାମ୍‌ଙ୍କୁ ଖସି ପଳାଇବାଦିଗରେ ଯଥେଷ୍ଟ ସହାୟକ ହୋଇପାରିଥିବ ।

ଏହାପରେ କର୍ଣ୍ଣେଲ୍ ମାକନବଙ୍କ ନେତୃତ୍ୱରେ ସୈନ୍ୟମାନଙ୍କ ମାର୍ଚ୍ଚିଂ ଚାଲିଲା ପୁରୁଣା ଟୋରିଜନ୍‌ରେ ରହୁଥିବା ସତାଅଣୀ ବର୍ଷ ବର୍ଷୀୟ ସାମ୍‌ଙ୍କ ଜେଜେବାପାଙ୍କ ବାସଗୃହ ଆଡ଼କୁ । ସେଠି ମଧ୍ୟ ମାକନବ୍ ସମେତ ସୈନ୍ୟମାନଙ୍କୁ ଅଧିକ କିଛିସମୟ ଅଟକାଇବାରେ ସାମ୍‌ଙ୍କ ଜେଜେବାପା ସଫଳ ହୋଇପାରିଥିଲେ । ସେଦିନ ସନ୍ଧ୍ୟାର ଅବବ୍ୟହିତ ପୂର୍ବରୁହିଁ କର୍ଣ୍ଣେଲ ମାକନବ୍ ଅନୁମାନ କରିନେଲେଯେ ସାମୁଏଲ ଏଡ଼ିସନ



Digitized by PPRACHIN, SOA

ପ୍ରକୃତରେ ଫାର୍ମରେ ଲୁଚିରହିନାହାନ୍ତି । ସେ ଭିଏନାରୁ ଖସି ଚାଲିଯାଇଛନ୍ତି । ଏହି ସମୟସୁଦ୍ଧା ସମ୍ଭବତଃ ସେ ଭିଏନାର ନିକଟବର୍ତ୍ତୀ ହୋଇସାରିବେଣି । ଏହା ଅନୁମାନ କଲାପରେ ମାକନବ୍ ତାଙ୍କ ଅଧିନରେ ଥିବା ଭାରତୀୟ ସ୍କାଉଟମାନଙ୍କୁ ନିର୍ଦ୍ଦେଶ ଦେଲେ ଖସି ଚାଲିଯାଇଥିବା ବିଦ୍ରୋହୀମାନଙ୍କୁ ଧରିବାପାଇଁ ଏବଂ ନିଜେ ମଧ୍ୟ ଜଙ୍ଗଲ ମଧ୍ୟସ୍ଥ ବରଫ ଆଚ୍ଛାଦିତ ରାସ୍ତା ଅତିକ୍ରମ କରିବାକୁ ଲାଗିଲେ ।

ଏହି ଦୁଃସାହସ ଯାତ୍ରାକୁ ସାମ୍ ଏଡ଼ିସନ ତାଙ୍କ ଜୀବନକାଳ ମଧ୍ୟରେ କଦାପି ଭୁଲିପାରିନଥିଲେ । ବହୁବର୍ଷପରେ ସେହି ବରଫ ଆଚ୍ଛାଦିତ ପାହାଡ଼ ଏବଂ ଜଙ୍ଗଲ ମଧ୍ୟଦେଇ ଦୀର୍ଘ ଶହେଅଶୀ ମାଇଲ୍ ଯାତ୍ରାର ଅନୁଭୂତି ପରବର୍ତ୍ତିକାଳରେ ତାଙ୍କ ପିଲାମାନଙ୍କ ଆଗରେ ବର୍ଣ୍ଣନା କଲାବେଳେ ସେ ନିଜେ ମଧ୍ୟ ଶିହରି ଉଠୁଥିଲେ । ଏପରିକି ବିନା ଖାଦ୍ୟରେ ସେ ଏହି ଲମ୍ବା ଦୁର୍ଗମପଥ ଅତିକ୍ରମ କରିଥିଲେ ଏବଂ କାଛେ

Digitized by PPRACHIN, SOA

ତୀକ୍ଷ୍ଣଦୃଷ୍ଟିସମ୍ପନ୍ନ ଭାରତୀୟ ସ୍କାଉଟ୍ ମାନଙ୍କ ଦୃଷ୍ଟିରେ ଧରାପଡ଼ିଯିବେ, ସେଥିପାଇଁ ସେ ପାଖରେ ରଖିଥିବା ସିଗାରେଟ୍‌ରେ ଅଗ୍ନିସଂଯୋଗ ମଧ୍ୟ କରିପାରିନଥିଲେ ।

ଦିନପରେ ଦିନ ଏବଂ ରାତ୍ରିପରେ ରାତ୍ରି ବିତିଗଲା । ଭାରତୀୟ ସ୍କାଉଟ୍ ମାନଙ୍କୁ ଯଥେଷ୍ଟ ପଛରେ ରଖି, ଏପରିକି ଅନେକ ସମୟରେ ସେମାନଙ୍କ ବଳୟ ମଧ୍ୟରେ ଥାଇ ସାମ୍ ଏଡ଼ିସନ୍ କୌଣସି ପ୍ରକାରେ ଭିଏନାର ସୀମା ପାରହୋଇଗଲେ ଏବଂ ପ୍ରଥମେ ମିଚିଗାନ୍‌ରେ ପହଞ୍ଚି ନିଜକୁ ନିରାପଦ ମଣିଲେ ।

ସେତେବେଳକୁ ମାକେନ୍‌ଜିଙ୍କଦ୍ୱାରା ପରିଚାଳିତ ବିଦ୍ରୋହୀ ଗୋଷ୍ଠୀ ସମ୍ପୂର୍ଣ୍ଣ ଛିନ୍ନଛତ୍ର ହୋଇସାରିଥିଲା । ସାମ୍ ଏଡ଼ିସନ ମାକେନ୍‌ଜିଙ୍କ ନେତୃତ୍ୱଉପରେ ସଂପୂର୍ଣ୍ଣ ଆସ୍ଥା ହରାଇସାରିଥିଲେ ସତ, କିନ୍ତୁ ତାଙ୍କ ମନୋବଳ ତଥାପି ସୁଦୃଢ଼ ଥିଲା । ସାମ୍ ଆମେରିକାରେ ଥାଇ କାନାଡ଼ା ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଦେଲେ । ଶେଷରେ ସାମ୍ ଆମେରିକା ତରଫରୁ କୌଣସି ସାହାଯ୍ୟ ନପାଇ ପରବର୍ତ୍ତିକାଳରେ ବାଧ୍ୟହୋଇ ନୀରବହୋଇ ରହିଲେ । ସେ ପୁନର୍ବାର ଭିଏନାକୁ ଫେରିଆସି ପାରିଲେନାହିଁ । କାରଣ କାନାଡ଼ା ସରକାର ସେତେବେଳକୁ ଘୋଷଣା କରିସାରିଥିଲେ ଯେ ମାକେନ୍‌ଜିଙ୍କ ନେତୃତ୍ୱାଧୀନ ସମସ୍ତ ବିଦ୍ରୋହୀ ମାନଙ୍କୁ ଟାସ୍‌ମାନିଆକୁ ନିର୍ବାସିତ କରାଯିବ । ଏଣେ ଭିଏନାରେ ମଧ୍ୟ ସାମ୍‌ଙ୍କ ଫାର୍ମ ଏବଂ ହୋଟେଲକୁ କାନାଡ଼ା ସରକାର ବ୍ୟାଜାପ୍ତ କରିନେଲେ । ଏଣୁ ଯୁକ୍ତରାଷ୍ଟ୍ର ଆମେରିକାରେ ସାମ୍ ଏଡ଼ିସନଙ୍କୁ ବାଧ୍ୟହୋଇ ଏକ ନୂଆ ବାସସ୍ଥାନ ଖୋଜିବାକୁ ପଡ଼ିଲା ଏବଂ ଏହି ବାସସ୍ଥାନ ତାଙ୍କୁ ଶେଷରେ ମିଳିଲା ଓହିଓ'ର ମିଲାନ ସହରରେ ।

ମିଲାନ୍ ସହରଟି ହ୍ୟୁରନ୍ ନଦୀର କୂଳରେ ତଥା ଏରି ହ୍ରଦଠାରୁ ମାତ୍ର କିଛି ମାଇଲ୍ ଦୂରରେ ଅବସ୍ଥିତ । ହ୍ୟୁରନ୍ ନଦୀରୁ ବାହାରିଥିବା କେନାଲଟିଏ ଲମ୍ବିଯାଇଥିଲା ମିଲାନ୍ ସହର ଉପକଣ୍ଠସ୍ଥ ଛୋଟ ଛୋଟ ଗାଁ ଗୁଡ଼ିକସହ ଜଳପଥର ସଂଯୋଗ ସ୍ଥାପନ କରି ଏବଂ ଏହି କେନାଲ ଦେଇ ଅନେକସମୟରେ ଗହମ, ପନିପରିବା ଏବଂ ଜଙ୍ଗଲଜାତ ଦ୍ରବ୍ୟ ଇତ୍ୟାଦି ବୋଝେଇ ହୋଇ ଛୋଟ ଛୋଟ ଜାହାଜମାନ ବାଣିଜ୍ୟ ଉଦ୍ଦେଶ୍ୟରେ ଯାତାୟାତ କରୁଥିଲା ଏରି ହ୍ରଦର ଏକ ବନ୍ଦରକୁ, ଯେଉଁ ବନ୍ଦର ଦେଇ ଆମେରିକା ଓ କାନାଡ଼ା ମଧ୍ୟରେ ବାଣିଜ୍ୟ କାରବାର ଚାଲୁରହିଥିଲା ।

ଏହିପରି ବାଣିଜ୍ୟ କାରବରରେ ଲିପ୍ତଥିବା ଗୋଟିଏ ଜାହାଜର କ୍ୟାପଟେନ୍ ଥିଲେ ମିଲାନ୍ ସହର ଅଧିବାସୀ ଜଣେ ପଚିଶ ବର୍ଷୀୟ ଯୁବକ-କ୍ୟାପଟେନ୍ ଆଲଭା

Digitized by PPRACHIN, SOA

ବ୍ରାଡ଼ଲି । ଆଲଭା ବ୍ରାଡ଼ିଲଙ୍କ ଜାହାଜହିଁ କାନାଡ଼ା ଏବଂ ଆମେରିକା ବନ୍ଦର ମଧ୍ୟରେ ସବୁଠୁଁ ବେଶୀ ଯାତାୟତ କରୁଥିଲା । ସୌଭାଗ୍ୟବଶତଃ ଆଲଭା ବ୍ରାଡ଼ଲିଙ୍କ ସହ ସାମ୍ ଏଡ଼ିସନଙ୍କ ବନ୍ଧୁତାସ୍ଥାପନ ହେଲା । ଅନେକ ସମୟରେ ଆଲଭା ବ୍ରାଡ଼ଲି ସାମ୍‌ଙ୍କଠାରୁ ଚିଠିପତ୍ର କିମ୍ବା ଖବର ନେଇ ପହଞ୍ଚାଉଥିଲେ ଭିଏନାରେ ଥିବା ସାମ୍‌ଙ୍କ ପତ୍ନୀଙ୍କ ନିକଟରେ ଏବଂ ସାମ୍‌ଙ୍କ ପତ୍ନୀଙ୍କଠାରୁ ଖବର କିମ୍ବା ଚିଠିପତ୍ର ଆଣି କାନାଡ଼ାରେ ଥିବା ସାମ୍‌ଙ୍କ ନିକଟରେ ପହଞ୍ଚାଉଥିଲେ । ଶେଷରେ ୧୮୩୯ ମସିହାରେ ଆଇଭା ବ୍ରାଡ଼ଲି ଦିନେ ତାଙ୍କ ଜାହାଜରେ ନାନ୍‌ସି ଏଡ଼ିସନଙ୍କ ସହ ତାଙ୍କ ଦୁଇପୁତ୍ରଙ୍କୁ ମିଲାନ୍ ନେଇଆସିଲେ ।

ସେତେବେଳକୁ ସାମ୍ ନିଜ ଭରଣପୋଷଣ ପାଇଁ ମିଲାନରେ ଏକ କରତକଳ ପ୍ରତିଷ୍ଠା କରିସାରିଥିଲେ ଏବଂ କାଠଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରି ବଜାରକୁ ବିକ୍ରିପାଇଁ ଛାଡୁଥିଲେ । ଏହି ବ୍ୟବସାୟରେ ସାମ୍ ଏଡ଼ିସନ ଖୁବ୍ ଲାଭବାନ ହୋଇଥିଲେ ଏବଂ ସେହି ଲାଭାର୍ଥରେ ସେ ମିଲାନ୍ ସହରରେ ସୁନ୍ଦର ଘରଟିଏ କିଣିବାକୁ ସକ୍ଷମ ହୋଇପାରିଥିଲେ ।

୧୮୪୭ ମସିହା ଫେବୃୟାରୀ ମାସ । ମିଲାନ୍ ସହରରେ ପଡ଼ିଥାଏ ପ୍ରବଳ ଥଣ୍ଡା । ସାମ୍ ଏଡ଼ିସନ ଏକ ଜଳନ୍ତା କୋଇଲା ଚୁଲା ନିକଟରେ ଅସ୍ତବ୍ୟସ୍ତ ହୋଇ ଏପାଖ ସେପାଖ ପଦଚାରଣ କରୁଥିଲେ । ମଝିରେ ମଝିରେ ଝର୍କାଦେଇ ଚାହୁଁଥିଲେ ଘନ ବରଫ ଆଚ୍ଛାଦିତ ନିକଟସ୍ଥ କେନାଲ ଆଡ଼କୁ ।

ଏହି ସମୟରେ ଦ୍ୱାର ଖୋଲିବାର ଶବ୍ଦ ଶୁଣି ପଛକୁ ଫେରି ଚାହିଁଲେ ସାମ୍ ଏଡ଼ିସନ । ସାମ୍ନାରେ ଡାକ୍ତର ଛିଡ଼ାହୋଇ ସହାସ୍ୟ ବଦନରେ କହୁଥିଲେ-'କଂଗ୍ରାଚୁଲେସନ ସାର୍, ଆପଣ ଏକ ପୁତ୍ରସନ୍ତାନର ଜନକ ହେବାର ସୌଭାଗ୍ୟ ଲାଭ କରିଛନ୍ତି ।'

''ଧନ୍ୟବାଦ ଡାକ୍ତର । ମୋର ଏହି ନୂଆଘରେ ଆମର ଏହି ନବଜାତ ଶିଶୁଟି ଜନ୍ମ ନେଇଛି । ମୁଁ ଏବେ ତାକୁ ଦେଖିବାକୁ ଯିବି ।''-ସାମ୍ ଏଡ଼ିସନ କହିଲେ ।

ବେଡ଼ରୁମ୍‌ରେ ନାନ୍‌ସି ସାମ୍‌ଙ୍କୁ ଦେଖି ମୁରୁକି ମୁରୁକି ହସିଲେ ଏବଂ କହିଲେ- 'ଆସ, ଦେଖ ତମ ପୁଅକୁ ।' ନାନ୍‌ସି ପୁଅ ଉପରେ ଘୋଡ଼ାଇ ପକାଇଥିବା ଏକ କମ୍ବଳକୁ ଆଡ଼େଇଦେଲେ ।

ଈଷଦ୍ ଲାଲ୍ ବର୍ଣ୍ଣର ଟିକି ଚାହାଣୀଟିଏ ଢୁଲୁଢୁଲୁ କରି ଚାହିଁରହିଥିଲା କେବଳ । ନାନ୍‌ସି ପ୍ରଶ୍ନ କଲେ-'ପୁଅର ନାଁ କ'ଣ ଦେବା ?'

Digitized by PPRACHIN, SOA

'ତମେ ଗୋଟାଏ ନାଁ ଭାବ । ମୁଁ ଗୋଟାଏ ଭାବୁଛି । ଦୁଇଜଣଙ୍କ ନାଁ କୁ ମିଶାଇ ଗୋଟିଏ ନାଁ ଦେବା ।' - ସାମ୍ ଏଡ଼ିସନ କହିଲେ ।

ନାନ୍‌ସି କିଛିସମୟ ଚିନ୍ତାକରି କହିଲେ-''କ୍ୟାପେଟେନ୍ ଆଲଭା ବ୍ରାଡ଼ଲି ଆମର ଜଣେ ଉତ୍ତମ ତଥା ଶ୍ରେଷ୍ଠ ବନ୍ଧୁ । ବହୁ ବିପଦ ସମୟରେ ଆମକୁ ସେ ସାହାଯ୍ୟ କରିଛନ୍ତି । ଏପରିକି ଆମେ ଦୁଇଜଣ ଭିନ୍ନ ଭିନ୍ନ ଜାଗାରେ ଥିବା ସମୟରେ ଆଲଭା ବ୍ରାଡ଼ଲି ସହାନୁଭୂତି ପୂର୍ବକ ଆମ ଦୁହିଁଙ୍କ ମଧ୍ୟରେ ସମ୍ପର୍କର ସେତୁ ସାଜିଥିଲେ । ଆମ ଦୁହିଁଙ୍କୁ ସେ ହିଁ ଏକାଠି କରିବାରେ ସହାୟକ ହୋଇଛନ୍ତି । ତେଣୁ ତାଙ୍କ ନାମାନୁସାରେ ପୁଅର ନାଁ ମୁଁ ଆଲଭା ରଖିବାକୁ ଚାହୁଁଛି ।''

''ଠିକ୍ ଅଛି । ମୋ ତରଫରୁ ମୁଁ ପୁଅର ନାଁ ଦେବି ଥୋମାସ୍ । କାରଣ ଆମ ପରିବାରରେ ଜନ୍ କିମ୍ବା ସାମୁଏଲ ଭଳି ନାଁ ମାନ ଶୁଣି ଶୁଣି ମୋତେ ବିରକ୍ତ ଲାଗିଲାଣି ।'' - ସାମ୍ ଏଡ଼ିସନ ନାନ୍‌ସିଙ୍କୁ କହିଲେ ।

''ହଉ ହେଲା । ତେବେ ତା ନାଁ ହେବ-ଆଲଭା ଥୋମାସ୍ ଏଡ଼ିସନ'' - ନାନ୍‌ସି କହିଲେ ।

ସାମୁଏଲ କହିଲେ-''ଆଲଭା ଥୋମାସ୍ ଏଡ଼ିସନ ଅର୍ଥାତ୍ 'ATE' । ଧେତ୍, ସଂଘଟିଟା ଠିକ୍ ହେଉନି ।''

''ଓହୋ, ଏଥିରେ ଚିନ୍ତାକରିବାର କ'ଣ ଅଛି ? ଟିକିଏ ଏପଟ ସେପଟ କରିଦିଅ । 'ଥୋମାସ୍ ଆଲଭା ଏଡ଼ିସନ' ରଖିଲେ କ୍ଷତି କ'ଣ ? କ'ଣ ଏଥର ଭଲ ଶୁଭୁଛି ତ ?'' -ନାନ୍‌ସି ପଚାରିଲେ ।

ସାମ୍ ଖୁସି ହୋଇଗଲେ । ନାନ୍‌ସି ମଧ୍ୟ ଓଠ କୋଣରେ ଟେନାଏ ହସ ଖେଳାଇଦେଇ କହିଲେ-''ତେବେ ଆମେ ତାକୁ 'ଆଲଭା' ନାଁରେ ଡାକିବା । ତାର ନାଁ ଏବଂ ଜନ୍ମତାରିଖକୁ, ବାଇବେଲ ପୃଷ୍ଠାରେ ଲିପିବଦ୍ଧ କରିଦିଅ ।''

ସାମ୍ ଏଡ଼ିସନ ଥାକରୁ ବାଇବେଲଟି ଟାଣିଆଣି ଶେଷ ଆଡ଼କୁ ଥିବା ଅଲେଖା ଫର୍ଦ୍ଦ ଲେଉଟାଇଲେ ଏବଂ ଲିପିବଦ୍ଧ କଲେ- ଥୋମାସ୍ ଆଲଭା ଏଡ଼ିସନ । ଜନ୍ମ-ଫେବୃୟାରୀ ୧୧ ତାରିଖ, ୧୮୪୭ ମସିହା ।

●

Digitized by PPRACHIN, SOA

ଏଡ଼ିସନଙ୍କ ପିଲାଦିନ

ଏଡ଼ିସନ ପିଲାଦିନରୁହିଁ ଭାରି ଅନୁସନ୍ଧିତ୍ସୁ ଥିଲେ । ସେ ଯେତେବେଳେ ଇଂରାଜୀ ଶବ୍ଦମାନ ଲେଖି ଶିଖିଲେ ଏବଂ ସେଗୁଡ଼ିକୁ ବାକ୍ୟରେ ପରିଣତ କରି ଶିଖିଲେ, ସେତେବେଳେ ସେ ପ୍ରତିବାକ୍ୟରେ ଶେଷରେ 'କାହିଁକି', 'କ'ଣ' ଓ 'କିପରି' ଇତ୍ୟାଦି ପ୍ରଶ୍ନବାଚକ ଶବ୍ଦମାନ ଲେଖୁଥିଲେ । ଆଲଭାଙ୍କ ବଡ଼ଭଉଣୀ ଟାନି ସେତେବେଳକୁ ବଡ଼ ହୋଇଯାଇଥିଲେ ଏବଂ ନିଜ ଯୁବ ପ୍ରେମିକଙ୍କ ସହ ଅନେକ ସମୟ ବାହାରେ ଘୁରିବୁଲୁଥିଲେ । ମାଆ ନାନ୍‌ସି ଗୃହକାର୍ଯ୍ୟରେ ପ୍ରାୟ ବ୍ୟସ୍ତ ରହୁଥିଲେ । ଯୋଗକୁ ନାନ୍ ନାମ୍ନୀ ନାନ୍‌ସୀଙ୍କ ଜଣେ ସଂପର୍କୀୟ ଝିଅାରୀ ସେହି ମିଲାନରେ ରହୁଥିଲେ । ନାନ୍‌ସିଙ୍କ ଅନୁରୋଧକ୍ରମେ ଚପଳମତି ତଥା କୌତୁହଳୀ ଆଲଭାଙ୍କ ଦାୟିତ୍ୱ ନାନ୍ ତୁଲାଇଲେ ।

ନାନ୍‌ଙ୍କ ତତ୍ତ୍ୱାବଧାନରେ ଥାଇ ଆଲଭା ବେଳେବେଳେ ଏତେ ଦୁଷ୍ଟାମି କରୁଥିଲେ ଯେ ଅନେକ ସମୟରେ ଚିଡ଼ି ଉଠୁଥିଲେ ନାନ୍ । ନାନ୍‌ଙ୍କୁ ପ୍ରତିଦିନ ଆଲଭାଙ୍କ ଅସଂଖ୍ୟ ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା । ନାନ୍‌ଙ୍କ ଅଜାଣତରେ ବେଳେବେଳେ ଆଲଭା ବତକ ମାନଙ୍କୁ ଧରି ଆଣୁଥିଲେ ଏବଂ ସେମାନଙ୍କ ପରଲଗା ଗୋଡ଼କୁ ଧରି ବିଭିନ୍ନ ପରୀକ୍ଷା ନିରୀକ୍ଷାରେ ବସି ପଡୁଥିଲେ । ଅନେକ ସମୟରେ ନାନ୍ ସେହି ଭୟଭୀତ ବତକମାନଙ୍କୁ ଆଲଭାଙ୍କ ହାତକୁ ଛଡ଼ାଇ ନେଇ ଦୂରରେ ଛାଡ଼ି ଦେଉଥିଲେ ।

ଚାରିବର୍ଷର ବାଳକ ଆଲଭା ଏକଦା ତାଙ୍କ ଘର ନିକଟବର୍ତ୍ତୀ ଏକ ପଡ଼ିଆରେ ବୁଲୁଥିବା ସମୟରେ ତିନୋଟି ଓ୍ୱାଗନ ଆସି ମିଲାନ୍‌ରେ ପହଞ୍ଚିଲା ଏବଂ ତାହା ଠିକ୍ ତାଙ୍କ ଘର ନିକଟବର୍ତ୍ତୀ ଷ୍ଟେସନରେ ଲାଗିଲା । ସେଥିରେ ବସିଥିବା କେତୋଟି

Digitized by PPRACHIN, SOA

ପରିବାର ଯାଉଥିଲେ କାଲିଫର୍ଣ୍ଣିଆର 'ଗୋଲଡ୍ ରସ୍' ମେଳା ଦେଖିବାପାଇଁ । ଆଲଭା 'ଗୋଲଡ଼' କିମ୍ବା 'ଗୋଲ୍‌ଡ଼ ରସ୍'ର ଅର୍ଥ ବୁଝିବାକୁ ଯଦିଓ ବହୁତ ସାନ ଥିଲେ, କିନ୍ତୁ ଡବା ମଧ୍ୟରେ ଥାଇ ସେହି ପରିବାର କଥାବାର୍ତ୍ତା ହେଉଥିବା କେତୋଟି ଯାଦୁକରୀ ଶବ୍ଦ ସେ ଶୁଣିବାକୁ ପାଇଲେ । ଯଥା :- 'ରକି ମାଉଣ୍ଟେନସ', 'ବଫାଲୋଇ', 'ଇଣ୍ଡିଆନସ୍' ଇତ୍ୟାଦି । ଆଲଭା ଏହି ଶବ୍ଦଗୁଡ଼ିକୁ ବାଟସାରା ଘୋଷି ହୋଇ ଦୌଡ଼ି ଦୌଡ଼ି ଘରକୁ ଫେରିଆସିଲେ ଏବଂ ପିତା ସାମ୍ ଏଡ଼ିସନଙ୍କୁ ଏ ଶବ୍ଦ ଗୁଡ଼ିକର ଅର୍ଥ ପଚାରି ପଚାରି ଅସ୍ତବ୍ୟସ୍ତ କରି ପକାଇଲେ ।

ସାମ୍ ଏଡ଼ିସନ ଆଲଭାଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ଅନେକଥର ଏଡ଼ିସନ ପରିବାରର ଗୌରବମୟ ଅତୀତକୁ ମଧ୍ୟ ବଖାଣି ବସୁଥିଲେ । ପ୍ରଥମେ ଏଡ଼ିସନ ପରିବାର ୧୭୩୦ ମସିହାରେ କିପରି ହଲାଣ୍ଡରୁ ଆମେରିକା ଚାଲିଆସିଲେ ଏବଂ ଆମେରିକାର ଅରେଞ୍ଜ ମାଉଣ୍ଟେନ୍‌ସ୍ ମଧ୍ୟବର୍ତ୍ତି ପାସାଇକ୍ ନଦୀ ଉପକୂଳରେ ଅବସ୍ଥିତ ନିଉଜେର୍ସିଠାରେ ବସବାସ କରିବାକୁ ଲାଗିଲେ, ତାହା ଅତି ପ୍ରାଞ୍ଜଳଭାବରେ ବର୍ଣ୍ଣନା କରି କହୁଥିଲେ ସାମ୍ ଏଡ଼ିସନ ନିଜର ଜିଜ୍ଞାସୁ ତଥା ଚକିତ ଦୃଷ୍ଟିସଂପନ୍ନ ପୁତ୍ର ଆଲଭାଙ୍କୁ ।

ଆଲଭା ମନଧ୍ୟାନ ଦେଇ ପିତା ସାମ୍‌ଙ୍କ କଥାକୁ ଶୁଣୁଥିଲେ । 'ରିଭର' ଶବ୍ଦର ଅର୍ଥ ସେ ପୂର୍ବରୁ ଜାଣିଥିଲେ, କିନ୍ତୁ 'ମାଉଣ୍ଟେନ୍' ଶବ୍ଦର ଅର୍ଥଟି ପିତାଙ୍କୁ ପଚାରିଲେ ଆଲଭା । ଅଗତ୍ୟା ସାମ୍ ଏଡ଼ିସନ ମାଉଣ୍ଟେନ କ'ଣ ବୋଲି ଆଲଭାଙ୍କୁ ବୁଝାଇଦେଲେ । କଥା ଛଳରେ ସାମ୍ ନିଜ ପରିବାରର ଐତିହ୍ୟ ଶୁଣାଉ ଶୁଣାଉ ଆଲଭାଙ୍କୁ କହିଲେ -'ଦେଖ୍, ତୋ ଜେଜେବାପାଙ୍କ ବାପା ଆମେରିକୀୟ ଯୁଦ୍ଧ ସମୟରେ ଇଂଲଣ୍ଡର ତତ୍କାଳୀନ ରାଜା ତୃତୀୟ ଜର୍ଜଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଥିବାରୁ ରାଷ୍ଟ୍ରପତି ଜର୍ଜ ୱାଶିଂଟନଙ୍କ ଅଧିନସ୍ଥ ସୈନ୍ୟମାନେ ତାଙ୍କୁ ନିଉହେର୍ସି ସ୍ଥିତ ଏକ 'ପ୍ରିଜନ୍'ରେ ବନ୍ଦୀକରି ରଖି ଥିଲେ ।' ଆଲଭା ପୁଣି ପଚାରିଲେ -''ଡାଡ୍,'କିଙ୍ଗ୍' କାହାକୁ କହନ୍ତି ? 'ପ୍ରିଜନ' କ'ଣ ? 'ୱାର' କେମିତି ହୁଏ ?'' -ଆଲଭାଙ୍କୁ ଏହିଭଳି ପ୍ରଶ୍ନବାଣରେ ପୋତି ହୋଇପଡୁଥିଲେ ପିତା ସାମ୍ ଏଡ଼ିସନ ଏବଂ ସେଗୁଡ଼ିକର ଯଥାସଂଭବ ଉତ୍ତର ମଧ୍ୟ ଦେବାକୁ ଚେଷ୍ଟା କରୁଥିଲେ ।

''ଡାଡ଼ି, ଆପଣ କେବେ ଭାରତୀୟ ମାନଙ୍କ ସହ ଯୁଦ୍ଧ କରିଛନ୍ତି ?'' ଆଲ୍ ଉତ୍ସୁକତାବଶତଃ ସାମ୍ ଏଡ଼ିସନଙ୍କୁ ପଚାରିଦେଲା ।

Digitized by PPRACHIN, SOA

''ନାଁ ଆଲ୍, ମୁଁ ଭାରତୀୟମାନଙ୍କ ସହ କେବେ ମୁହାଁମୁହିଁ ଯୁଦ୍ଧର ସମ୍ମୁଖୀନ ହୋଇନାହିଁ। କିନ୍ତୁ ଥରେ ମୋତେ ପ୍ରାୟ ଦୁଇଶହ ମାଇଲି ପର୍ଯ୍ୟନ୍ତ ଅତ୍ୟନ୍ତ ଦୁର୍ଗମ ପଥଦେଇ ସେମାନେ ମୋତେ ଅନ୍ୱେଷଣ କରିଥିଲେ।'' ସାମ୍ ଏଡ଼ିସନ କହିଲେ।

''ଆଚ୍ଛା !'' ବିସ୍ମୟ ପ୍ରକାଶକରି ଆଲ୍ ପଚାରିଲା।''-ତେବେ କୁହନ୍ତୁ ତାଡ଼ି ଭାରତୀୟ ମାନେ କେବେ ଆପଣଙ୍କର ପିଛା କରିଥିଲେ ?

ତାପରେ ସାମ୍ ଏଡ଼ିସନ ଅଙ୍ଗେ ନିଭାଇଥିବା ୧୮୩୭ ମସିହାର ସେହି ପ୍ରସିଦ୍ଧ ମାକେନଞ୍ଜି ବିଦ୍ରୋହର ରୋମାଞ୍ଚକର ଅନୁଭୂତିକୁ ଆଲଭାଙ୍କ ଆଗରେ ବର୍ଣ୍ଣନା କରିଥିଲେ ଓ କିପରି ସେ ଭାରତୀୟ ସ୍କାଉଟ୍‌ମାନଙ୍କ ତୀକ୍ଷ୍ଣ ଦୃଷ୍ଟିରୁ ବର୍ତ୍ତି ଆମେରିକାରେ ପହଞ୍ଚିବାରେ ସକ୍ଷମ ହୋଇପାରିଥିଲେ, ତାହା ଅତି ସରଳ ଭାବରେ ବୁଝାଇଥିଲେ ଆଲଭାଙ୍କୁ। ''ସେଇଥିପାଇଁ ଆମେ ଏବେ ଓହିଓରେ ବାସ କରୁଛୁ। ତୋର ଅଣଜେଜେବାପା ଏବେ ବି କାନାଡ଼ାରେ ଅଛନ୍ତି। କେବେ ସମୟ ପାଇଲେ ତୋତେ ନେଇ ତାଙ୍କୁ ଦେଖାଇ ଆଣିବି।''

ମିଲାନ୍‌ରେ ଆଲଭାଙ୍କ ଜୀବନ ଯେତିକି କୌତୁହଳପୂର୍ଣ୍ଣ ଥିଲା, ସେତିକି ଥିଲା ଉଦ୍ଦୀପନାମୟ। ପ୍ରତି ଅପରାହ୍ନରେ ଆଲଭା ଦୌଡ଼ି ଆସୁଥିଲେ କେନାଲ କୂଳକୁ ଯେଉଁଠି ନାଉରିଆର ସୁମଧୁର ସଙ୍ଗୀତଲହରୀ ପବନରେ ଭାସି ବୁଲୁଥିଲା ଦୂରରୁ ଦୂରକୁ। ପୁଣି କେବେ କେବେ ସେ ପିତାଙ୍କ କରତକଳକୁ ଦୌଡ଼ିଯାଉଥିଲେ ଯେଉଁଠି ପାହାଡ଼ି ଝରଣାର କୁଳୁକୁଳୁ ଧ୍ୱନିପରି କରତକଳର କର୍ମଚାରୀମାନଙ୍କ କଣ୍ଠରୁ ସର୍ବଦା ଝରି ଆସୁଥିଲା ବହୁପୁରୁଣା ଆମେରିକୀୟ ଲୋକଗୀତର ସୁର। ସେହି ଉଦ୍ଦାମ ତଥା କୌତୁହଳପୂର୍ଣ୍ଣ ଗୀତଗୁଡ଼ିକ ଆଲଭାଙ୍କ ସ୍ମୃତିରେ ଏମିତି ଛାପ ପକାଇଥିଲା ଯେ ସେ ଜୀବନକାଳସାରା ସେହି ଗୀତଗୁଡ଼ିକୁ କଦାପି ଭୁଲିପାରିନଥିଲେ, ଏକଲା ମୁହୂର୍ତ୍ତରେ ସେହି ଗୀତଗୁଡ଼ିକର ପ୍ରାଣଚାଞ୍ଚଲ୍ୟ ସୁର ବଣର ମଲ୍ଲି ଭଳି ତାଙ୍କ କଣ୍ଠରୁ ଚୁପ୍‌ଚାପ୍ ଖସିପଡ଼ି କେବେକେବେ ନିଥର ପ୍ରହରକୁ ଉଦ୍‌ବେଳିତ କରୁଥିଲା।

ବେଳେବେଳେ ଆଲଭାଙ୍କ ଅନୁରୋଧରେ ସାମ୍ ଏଡ଼ିସନ ଆଲଭାଙ୍କ ଖେଳିବା ପାଇଁ କରତକଳରୁ ଭଙ୍ଗାରୁଜା ତଥା ରଦ୍ଦାମରା ଛୋଟ ଛୋଟ କାଠଖଣ୍ଡମାନ ନେଇଆସୁଥିଲେ। ଆଲଭା ସେସବୁ ନେଇ ତିଆରି କରୁଥିଲେ ଛୋଟ ଛୋଟ ଗୃହ, ପୋଲ, ରାସ୍ତା ଓ ଡଙ୍ଗା ଇତ୍ୟାଦି।

Digitized by PPRACHIN, SOA

ଏବେ ପ୍ରତି ଅପରାହ୍ଣରେ କ୍ରମବର୍ଦ୍ଧିଷ୍ଣୁ ଆଲ୍ ଗେଟ୍ ପାଖରେ ଛିଡ଼ା ହୋଇରହୁଥିଲେ ପିତା ସାମ ଏଡ଼ିସନ ନିଜ ସ'ମିଲରୁ ଗୃହକୁ ଫେରିବା ପର୍ଯ୍ୟନ୍ତ । ସାମ୍ ଏଡ଼ିଶନ ଗେଟ୍ ପାଖରେ ପହଞ୍ଚିଗଲେ ଆଲ୍ ପଚାରି ବସନ୍ତି- ''ଡାଡ୍, ଗ୍ରେଟ୍ ଗ୍ରାଣ୍ଡଡାଡ୍‌ଙ୍କୁ ଦେଖିବାପାଇଁ ଆମ୍ଭେ କେବେ ଯିବା ?''

ଏହି ସମୟରେ ଓହିଓ ସହରରେ ପ୍ରଥମ କରି ରେଳଗାଡ଼ି ଚାଲିଲା । କିନ୍ତୁ ମିଲାନ ପର୍ଯ୍ୟନ୍ତ ରେଳଲାଇନ୍ ତିଆରି ହୋଇ ପାରିଲା ନାହିଁ । ଏଣୁ ମିଲାନରେ ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଘଟିଲା । ବିଭିନ୍ନ ବାଣିଜ୍ୟ ବ୍ୟବସାୟରେ ଲିପ୍ତ ଥିବା ଯେଉଁ ଜାହାଜ ଗୁଡ଼ିକ ଏରି ହ୍ରଦରୁ ହ୍ୟୁରନ ନଦୀ ମଧ୍ୟଦେଇ ମିଲାନ୍‌ରେ ପହଞ୍ଚୁଥିଲା, ସେଗୁଡ଼ିକ ଆଉ ମିଲାନ ନଆସି ଓହିଓ ବନ୍ଦରରେ ଅଟକି ରହିଲା । ଫଳରେ ଜାହାଜରେ ଆସୁଥିବା ବିଭିନ୍ନ ଖାଦ୍ୟପଦାର୍ଥ ସହ ଅନ୍ୟାନ ବାଣିଜ୍ୟ ସାମଗ୍ରୀମାନ ଆଉ ମିଲାନ୍ ସହରରେ ପହଞ୍ଚିପାରିଲା ନାହିଁ । ଏଣୁ ମିଲାନ୍ ସହର ପୂର୍ବାପେକ୍ଷା ଆହୁରି ସଙ୍କୁଚିତ ଓ ସମୃଦ୍ଧିହୀନ ହୋଇପଡ଼ିଲା । ସାମ୍ ଏଡ଼ିସନଙ୍କ କର କେଳଟି ମାନ୍ଦାରେ ଚାଲି ଶେଷରେ ସଂପୂର୍ଣ୍ଣ ବନ୍ଦ ହେବାକୁ ବସିଲା । କାରଣ ଯେଉଁ କାଠଗଣ୍ଡିମାନ ଜାହାଜ ଏବଂ ଡଙ୍ଗାଦ୍ୱାରା ମିଲାନ୍‌ରେ ଆସି ପହଞ୍ଚୁଥିଲା, ତାହା ଆଉ ପହଞ୍ଚିପାରିଲା ନାହିଁ । ଶେଷରେ ୧୮୫୪ ମସିହାବେଳକୁ ଏଡ଼ିସନ ପରିବାର ମିଲାନ୍ ସହର ଛାଡ଼ି ନିଜର ଆସବାବପତ୍ର ସହ ଚାଲିଆସିଲେ ମିଚିଗାନ ଅନ୍ତର୍ଗତ ଏକ ଛୋଟ ସହର-ପୋର୍ଟ ହୁରନ୍‌କୁ ।

ଶେଷରେ ୧୮୫୨ ମସିହାରେ ସାମ୍ ଏଡ଼ିସନ ପାଞ୍ଚବର୍ଷର ପୁତ୍ର ଆଲ୍‌ଙ୍କୁ ଦେଇଥିବା କଥା ରକ୍ଷାକଲେ । ନିଜର ଗଣ୍ଠିଲିପତ୍ର ଧରି ଏଡ଼ିସନ ପରିବାର ଯଥା- ବାପା, ମାଆ, ଆଲ୍‌ଙ୍କ ଭାଇ ଉଇଲିୟମ ଏବଂ ଭଉଣୀ ଟ୍ୟାନି ଏବଂ ଶେଷରେ ଆଲ୍, ପ୍ରଥମେ କେନାଲ୍‌ରେ ଯାତ୍ରା ଆରମ୍ଭ କରି ହ୍ୟୁରନ ନଦୀ ମଧଦେଇ ଏରି ହ୍ରଦରେ ପ୍ରବେଶ କଲେ । ଏରି ହ୍ରଦରେ ବାଣିଜ୍ୟରେ ଲିପ୍ତ ଥିବା କ୍ୟାପ୍‌ଟେନ୍ ଆଲ୍‌ଭା ବ୍ରାଡ଼ଲିଙ୍କ ଜାହାଜରେ ବସି ସେମାନେ କାନାଡ଼ା ଉପକୂଳରେ ପହଞ୍ଚିଲେ । କାନାଡ଼ାର ବର୍‌ୱେଲ ବନ୍ଦରରେ ଅବତରଣ କରି ଏଡ଼ିସନ ପରିବାର ଏକ ଚାରିଚକିଆ ଘୋଡ଼ାଗାଡ଼ି ଦ୍ୱାରା ଭିଏନା ଅଭିମୁଖେ ଯାତ୍ରା କଲେ ।

ଭିଏନାରେ ଆଲ୍ ପ୍ରଥମେ ତାଙ୍କ ଜେଜେବାପା କ୍ୟାପଟେନ୍ ସାମୁଏଲ ଏଡ଼ିସନଙ୍କୁ ଦେଖିଲେ ଏବଂ ପରେ ତାଙ୍କ ଅଣଜେଜେବାପା ଶତବର୍ଷ ବୟସ୍କ ବୃଦ୍ଧ ଟୋରା ଜନ୍‌ଙ୍କୁ ଭେଟିବାକୁ ଗଲେ । ବୃଦ୍ଧ ଟୋରାଜନ୍ ଅଣନାତି ଆଲ୍‌ଙ୍କୁ ନିଜ

Digitized by PPRACHIN, SOA

ଶିରାଳହାତରେ ପାଖକୁ ଆଉଜାଇନେଲେ ଏବଂ କୋଳରେ ବସାଇ ଗେଲ କରୁକରୁ କହିଲେ-''ମାଇଁ ଗ୍ରେଟ୍ ଗ୍ରାଣ୍ଡସନ-ଏଇଡ଼ିସନ !''

ଆଲ୍ ତୁରନ୍ତ ମୁଖ ଭ୍ରୂକୁଞ୍ଚନ କରି ଗ୍ରେଟ୍ ଗ୍ରାଣ୍ଡ ଡାଡ୍‌ଙ୍କ ମୁହଁକୁ ଚାହିଁଲେ ଏବଂ ଗ୍ରେଟ୍ ଗ୍ରାଣ୍ଡଡାଡ୍‌ଙ୍କ ଉଚ୍ଚାରଣକୁ ସଂଶୋଧନ କରି କହିଲେ- 'ନାଁ, ମୁଁ ଥୋମାସ୍ ଆଲଭା ଏଡ଼ିସନ୍। ଏଇଡ଼ିସନ ନୁହେଁ।'

ଗ୍ରେଟ୍ ଗ୍ରାଣ୍ଡଡାଡ୍‌ଙ୍କ ପାକୁଆ ପାଟିର ଦୁଇ ଓଷ୍ଠ ଧାରରୁ ଆଲ୍‌ଙ୍କ ସଂଶୋଧନକୁ ସ୍ୱୀକୃତି ଜଣାଇ ଅର୍ଥପୂର୍ଣ୍ଣ ହସଟିଏ ଖସିପଡ଼ିଲା । ଆଲ୍‌ଙ୍କୁ ସାମ୍ ଏଡ଼ିସନ ବୁଝାଇଦେଲେ- ''ଡାଡ୍ ଏବଂ ଗ୍ରାଣ୍ଡଡାଡ୍ ଏବେବି ସେହି ହଲାଣ୍ଡ ଉଚ୍ଚାରଣକୁ ଭୂଲିପାରି ନାହାନ୍ତି। 'ଏଡ଼ିସନ' ଶବ୍ଦକୁ ହଲାଣ୍ଡ ଅଧିକାରୀ ଯେମିତି ଉଚ୍ଚାରଣ କରିବେ, ସେମିତି ଆମେରିକୀୟମାନେ କରିବେ ନାହିଁ। ତୁ ଏବଂ ମୁଁ ଆମେରିକୀୟ ଅଟୁ। ଏବେ ବୁଝିଲୁ।''

ପରେ ବୃଦ୍ଧ ଟୋରିଜନ ଏକଶହ ପଚିଶ୍ ବର୍ଷତଳୁ ହଲାଣ୍ଡରୁ କାନାଡ଼ାକୁ ସ୍ଥାନାନ୍ତରିତ ହୋଇଥିବା ସମୟରେ ହଲାଣ୍ଡରୁ ଆଣି ଏପର୍ଯ୍ୟନ୍ତ ସାଇତିରଖି ଥିବା ଏଡ଼ିସନ ପରିବାରରେ କେତୋଟି ଅମୂଲ୍ୟ ଜିନିଷ ଦେଖାଇବା ପାଇଁ ଆଲ୍‌ଙ୍କୁ ସାଥୀରେ ନେଇଗଲେ। ଇମ୍ପାନଳୀ ବିଶିଷ୍ଟ ମୃତ୍ତିକା ନିର୍ମିତ ପାଇପ୍, ଗୁଡ଼ପାତ୍ର ସହ ବହୁ ପୁରୁଣା ଟ୍ରଙ୍କବାକ୍ସ ଏବଂ ଅନ୍ୟାନ୍ୟ ଜିନିଷଗୁଡ଼ିକ ଦେଖି ଆଲ୍ ଖୁସି ହୋଇପଡ଼ିଥିଲେ ଏବଂ ସାତ ସମୁଦ୍ର ପାରିହୋଇ ତାଙ୍କ ପୂର୍ବଜମାନେ କିପରି ଆସି କାନାଡ଼ାରେ ବସବାସ କରିବାକୁ ଲାଗିଲେ ,ଏହା ଜାଣି ମନେମନେ ଆଲ୍ ଭାରି ବିସ୍ମିତ ହୋଇପଡ଼ିଥିଲେ।

ଏହି କାନାଡ଼ାଯାତ୍ରା ଆଲ୍‌ଙ୍କ ଜୀବନରେ ସ୍ମୃତି ହୋଇ ରହିଯାଇଥିଲା। ନିଜ ଅଣ- ଜେଜେବାପା ଏବଂ ଜେଜେବାପାଙ୍କ ଭଳି ଆଲ୍ ମଧ୍ୟ ଏକ ଦୀର୍ଘ ତଥା ନିରାମୟ ଜୀବନ ବିତାଇବାକୁ ଥିଲେ।

ଆଲ୍‌ଙ୍କ ମିଲାନ୍ ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ଉତ୍ସୁକତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା। ସେ ଏତେ ପରିମାଣରେ ଉତ୍ସୁକ ପ୍ରବଣ ହୋଇପଡ଼ିଲେ ଯେ ତାଙ୍କର କୌଣସି ପ୍ରଶ୍ନର ଉତ୍ତର କୌଣସି ଗୁରୁଜନମାନଙ୍କଠାରୁ ଯଦି ପାଉଥିଲେ, ସବୁ ଉତ୍ତରକୁ ସେ ଆଦୌ ସହଜରେ ଗ୍ରହଣ କରିପାରୁନଥିଲେ। ତାଙ୍କ ମତରେ ପ୍ରତ୍ୟେକ ଜିନିଷ ଯୁକ୍ତିସଙ୍ଗତ ତଥା ପ୍ରମାଣ ସିଦ୍ଧ ହେବା ଉଚିତ। ଗୁରୁଜନମାନଙ୍କ ଦ୍ୱାରା ପ୍ରଦତ୍ତ ଯେଉଁ ଉତ୍ତରକୁ ସେ ଗ୍ରହଣ କରିପାରୁନଥିଲେ, ଏତେ କମ୍ ବୟସରେ

Digitized by PPRACHIN, SOA

ମଧ ସେହିଭଳି ଉତ୍ତରମାନଙ୍କୁ ନିଜେ ପ୍ରମାଣସିଦ୍ଧ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ ।

ଦିନେ କେତୋଟି କୁକୁଡ଼ା ଛୁଆ ତାଙ୍କ ଦୃଷ୍ଟି ଆକର୍ଷଣ କଲା । ସେ ଜାଣିବାକୁ ଚାହିଁଲେ- ଏ ଛୁଆଗୁଡ଼ିକ ବାହାରୁଛନ୍ତି କେଉଁଠୁ ? ମନରେ ଜିଜ୍ଞାସା ସୃଷ୍ଟି ନହେଲେ କୌଣସି ରହସ୍ୟ କ'ଣ ଭେଦ କରିହୁଏ ? "ଏ କୁକୁଡ଼ା ଛୁଆ ଗୁଡ଼ିକ ଏତେ ସଂଖ୍ୟାରେ ଆସୁଛନ୍ତି କୁଆଡୁ ?" -ଏହି ରହସ୍ୟ ପାଞ୍ଚବର୍ଷର ବାଳକ ଆଲ୍‌ର ମନଭିତରେ ଆନ୍ଦୋଳିତ ହେବାକୁ ଲାଗିଲା । ଆଲ୍ ଦେଖିଲେ ଅଦୂରରେ ତାଙ୍କ ପରିଚାରିକା ନାନ୍ ତାଙ୍କୁ ଜଗି ଛିଡ଼ା ହୋଇଛନ୍ତି । ଆଲ୍ ତତ୍‌କ୍ଷଣାତ ନାନ୍‌ଙ୍କ ନିକଟକୁ ଦୌଡ଼ିଗଲେ ଏବଂ କୁକୁଡ଼ା ଛୁଆମାନେ ଏତେସଂଖ୍ୟାରେ କିପରି ଜନ୍ମ ହେଉଛନ୍ତି ବୋଲି ପ୍ରଶ୍ନ କଲେ । ନାନ୍ ବୁଝାଇଦେଲେ ଯେ ମାଆ କୁକୁଡ଼ା ଅଣ୍ଡା ଦିଏ ଏବଂ ଅଣ୍ଡାଗୁଡ଼ିକ ଆବରଣ ଭାଙ୍ଗି କୁକୁଡ଼ା ଛୁଆମାନେ ଯେପର୍ଯ୍ୟନ୍ତ ପଦାକୁ ବାହାରି ନଆସନ୍ତି, ସେ ପର୍ଯ୍ୟନ୍ତ ମାଆ କୁକୁଡ଼ା ସେହି ଅଣ୍ଡା ଗୁଡ଼ିକୁ ନିଜ ପେଟତଳେ ଢାକି ବସିଥାଏ ।

ଆଲ୍ ବୁଝିଗଲେ ବୋଧେ । କହିଲେ -"ଓ, ଏଇକଥା" । ଦିନେ ଏକାକୀ ଆଲ୍‌ଙ୍କୁ ସୁଯୋଗଟିଏ ମିଳିଗଲା । ନାନ୍ କହିଥିବା 'କୁକୁଡ଼ାଛୁଆ କିପରି ଜନ୍ମ ହୁଅନ୍ତି'ର ଉତ୍ତର ଯଦିଓ ଆଲ୍ ମନେରଖିଥିଲେ, କିନ୍ତୁ ସେ ଉତ୍ତର ସତ କି ମିଛ-ତାହା ପରୀକ୍ଷା କରିବାପାଇଁ ଆଲ୍‌ଙ୍କ ଚପଳମନରେ ଏକ ସୁନ୍ଦର ଉପାୟ ଉଙ୍କିମାରିଲା । ସେ ସେହିଦିନ ସମସ୍ତଙ୍କ ଦୃଷ୍ଟିରେ ଅଗୋଚରରେ ସେ ଏକା ଆସି ଚାଲିଗଲେ କୁକୁଡ଼ା ଫାର୍ମକୁ । ସେଠି ଅଣ୍ଡାଉପରେ ବସିଥିବା ମାଆ କୁକୁଡ଼ାକୁ ଆଲ୍ ପ୍ରଥମେ ଘଉଡ଼ାଇଦେଲେ- ମାଆ କୁକୁଡ଼ାର ପ୍ରବଳ ପ୍ରତିରୋଧସତ୍ତ୍ୱେ ବି ଏବଂ ପରେ ସେହି ଅଣ୍ଡାଗୁଡ଼ିକୁ ସ୍ଥାନାନ୍ତରିତ କରି ଗୋଲାକୃତି ପୂର୍ବକ ସଜାଇ ରଖିଲେ ଏବଂ ଅତି ସନ୍ତର୍ପଣରେ ସେହି ଅଣ୍ଡାଗୁଡ଼ିକ ଉପରେ ବସିପଡ଼ିଲେ । କାରଣ ସେ ପ୍ରମାଣିତ କରିବାକୁ ଚାହୁଁଥିଲେ ପ୍ରକୃତରେ ଅଣ୍ଡାର ଖୋଳପା ଫଟାଇ ଟିକି ଟିକି ଛୁଆମାନେ ପଦାକୁ ବାହାରି ଆସୁଛନ୍ତି ନା ନାହିଁ ?

ସେତେବେଳକୁ ନାନ୍ ଛଅବର୍ଷର ବାଳକ ଆଲ୍‌ଙ୍କୁ ଖୋଜି ଖୋଜି ନୟାନ୍ତ ହୋଇପଡ଼ିଲେଣି । 'ଆଲ୍' 'ଆଲ' ଚିତ୍କାର ଅଣ୍ଡାଗୁଡ଼ିକ ଉପରେ ଚୁପ୍‌ଚାପ୍ ବସିଥିବା ଆଲ୍ କିନ୍ତୁ ପରିଷ୍କାର ଶୁଣିପାରୁଥିଲେ । କିନ୍ତୁ କୌଣସି ପ୍ରତ୍ୟୁତ୍ତର ଦେଉ ନଥିଲେ । ନିରୁପାୟା ନାନ୍ ସେତେବେଳକୁ ଫାର୍ମ ହାଉସ୍, ବିଲଡ଼ିଂ, ଖେଳପଡ଼ିଆ, କେନାଲକୂଳ-

Digitized by PPRACHIN, SOA

ସବୁ ସମ୍ଭାବ୍ୟ ସ୍ଥାନର ତଲାସି ନେଇ ସାରିଥିଲେ । କିନ୍ତୁ କେଉଁଠି ଆଲ୍‌ର ପତ୍ତା ପାଇଲେ ନାହିଁ । ଶେଷରେ କୁକୁଡ଼ା ଫାର୍ମକୁ ଯିବାବେଳେ- କୁକୁଡ଼ା ଅଣ୍ଡା ଉପରେ ଧୀରସ୍ଥିର ହୋଇ ତଥାପି ବସି ରହିଥିବା ଆଲ୍‌ଙ୍କ ଉପରେ ନାନ୍‌ଙ୍କ ନଜର ପଡ଼ିଗଲା ।

"ମୁଁ ଏତେ ଜୋର୍‌ରେ ଚିଲାଇ କରି ଡାକୁଛି, ତମକୁ ଶୁଭୁନି ଆଲ୍ ?"- ନାନ୍ କ୍ରୁଦ୍ଧହୋଇ ଉଠିଲେ । "କଣ ଏଠି କରୁଛ ?"

ଅତି ଧୀର ଅଥଚ ଦମ୍ଭିଲା ଗଳାରେ ଆଲ୍ କହିଲେ-"ମୁଁ କୁକୁଡ଼ା ଅଣ୍ଡାଗୁଡ଼ିକୁ ଛୁଆରେ ପରିଣତ କରୁଛି ।"

ଛୋଟ ଚିତ୍କାରଟିଏ ବାହାରି ଆସିଲା ନାନ୍‌ଙ୍କ ମୁହଁରୁ । ଆଲ୍‌ଙ୍କ ଉପରେ ସେ ରାଗିବେ କି ତାଙ୍କ ସରଳତା ପାଇଁ କ୍ଷମା ଦେବେ- ନାନ୍ ହଠାତ୍ ଚିନ୍ତା କରିପାରିଲେ ନାହିଁ । ନାନ୍ ନିଜ କ୍ରୋଧ ସମ୍ବରଣ କରି କହିଲେ- "ମଣିଷ ମାନେ ଅଣ୍ଡା ଉଷୁମାନ୍ତି ନାହିଁ । ତୁମେ ନିଜର ପୋଷାକ ଖରାପ କରିବାଛଡ଼ା ଆଉ କିଛି କରିପାରି ନାହିଁ ?" ନାନ୍ ଆଲ୍‌କୁ ନେବା ଉଦ୍ଦେଶ୍ୟରେ ଗାଳି ଓ ଧମକ ଦେବା ଅବସ୍ଥାରେ ତାଙ୍କ ହାତଧରି ଟାଣି ନେଲେ ତାଙ୍କ ମାଆ ନିକଟକୁ । ଆଲ୍ ଛିଡ଼ାହେବା ପରେ ଦେଖିଲେ- ପ୍ରକୃତରେ କୁକୁଡ଼ା ଛୁଆମାନେ ନାହାନ୍ତି, କେବଳ ଅଣ୍ଡାର ଅଠାଳିଆ କେଶର ସହ ରସ ଗୁଡ଼ିକ ଯାହା ଚାରିଆଡ଼କୁ ପିଚିକି ପଡ଼ିଛି । ଆଲ୍ କାନ୍ଦିବାକୁ ଲାଗିଲେ ।

"ରୁହ କାନ୍ଦୁଛ କାହିଁକି ?" ଏବେ ତୁମ ମାଆଙ୍କ ନିକଟକୁ ତୁମକୁ ନେଇଯିବି ?" ନାନ୍ ରାଗିଉଠି କହିଲେ ।

କିନ୍ତୁ ନାନ୍ ତାଙ୍କ ପ୍ୟାଣ୍ଟ ଖରାପ ହୋଇଥିବାରୁ ମାଆଙ୍କଠାରୁ ଗାଳି ଶୁଣିବେ ବୋଲି ଭୟରେ କାନ୍ଦୁନଥିଲେ । ସେ କାନ୍ଦୁଥିଲେ ତାଙ୍କ ପ୍ରମାଣସିଦ୍ଧ ସମ୍ବନ୍ଧୀୟ ପରୀକ୍ଷାଟା ବରବାଦ୍ ହୋଇଗଲା ବୋଲି ।

ମାଆ ନାନ୍‌ସି ଯେତେବେଳେ ପୁଅର ଏକସପେରିମେଣ୍ଟ କଥା ଶୁଣିଲେ, ସେ ଆଲ୍‌ଙ୍କୁ ବୁଝାଇ ଦେଇ କହିଲେ-"ଅଣ୍ଡା ଗୁଡ଼ିକର ଖୋଳପା ମଧ୍ୟରୁ ଛୁଆମାନେ ବାହାରି ଆସିବାକୁ ଅତିକମ୍‌ରେ ତିନି ସପ୍ତାହ ସମୟ ଲାଗିଥାଏ ଏବଂ ସେ ଅଣ୍ଡାଗୁଡ଼ିକ ନଫଟାଇ କେବଳ ମାଆ କୁକୁଡ଼ାହିଁ ଉଷୁମାଇଥାଏ । କିଛି ଦିନପରେ ନାନ୍‌ସି ଆଲ୍‌ଙ୍କୁ ନେଇଗଲେ ସେହି କୁକୁଡ଼ା ଫାର୍ମକୁ ଏବଂ ଉଷୁମ ବସି ସାରିଥିବା କେତୋଟି କୁକୁଡ଼ା ଅଣ୍ଡାକୁ ଦେଖାଇ ଦେଲେ । ଆଲ୍ ଦେଖିଲେ ନରମ ଏବଂ ହଳଦୀ ରଙ୍ଗର ଟିକି ଟିଆଁଟାଏ ଜୁଳୁଜୁଳୁ କରି ଚାହିଁଥିବା ଅବସ୍ଥାରେ ଅଣ୍ଡାର ଖୋଳପା ଭିତରୁ ବାହାରକୁ

Digitized by PPRACHIN, SOA

ବାହାରି ଆସିଲା । ପରୀକ୍ଷା କୌଣସି ବସ୍ତୁ ବା ତଥ୍ୟକୁ ପ୍ରମାଣ ସିଦ୍ଧି କରାଇଥାଏ, ଯଦି ସେହି ପରୀକ୍ଷା ଠିକ୍ ରୂପେ ପାଳନ କରାଯାଇଥାଏ ।

ଆଲ୍‌ଙ୍କ ବୟସ ବୃଦ୍ଧି ଯେଉଁ ଅବସ୍ଥାରେ ଘଟୁଥିଲା, ସେହି ଅନୁପାତରେ ମିଲାନ୍ ସହରର ସମୃଦ୍ଧି କ୍ରମଶଃ ହ୍ରାସପାଇ ଆସୁଥିଲା ।

ପୋର୍ଟ ହୁରନ୍ ସହରଟି ଆକାରରେ ଛୋଟ ହେଲେ କ'ଣ ହେବ, ଏହା ଥିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ପୋର୍ଟ ହୁରନର ପରିବେଶ ଥିଲା ଖୁବ୍ ପରିଷ୍କାର, ପରିଚ୍ଛନ୍ନ ଏବଂ ଏହାର ଗଳିଗୁଡ଼ିକ ପରସ୍ପରକୁ ସମକୋଣରେ ଛେଦ କରୁଥିଲା । ରାସ୍ତାର ଦୁଇପାର୍ଶ୍ୱରେ ଧାଡ଼ି ଧାଡ଼ି ଗଛ ସହିତ ସହରର ଉତ୍ତର ଭାଗରେ ବିସ୍ତୃତ ଥିଲା ହ୍ୟୁରନ ହ୍ରଦର ନୀଳ ଜଳରାଶି ଏବଂ ପୂର୍ବଦିଗରେ ବହିଯାଉଥିବା ସେଣ୍ଟକ୍ଲେୟାର ନଦୀଟି ପୋର୍ଟ ହୁରନ୍‌କୁ ଘନଜଙ୍ଗଲଠାରୁ ଅଲଗା କରି ରଖିଥିଲା । ପୋର୍ଟ ହୁରନର ଉପକଣ୍ଠରେ ଫୋର୍ଟ ଗ୍ରାଟିୟଟ୍ ନାମରେ ଏକ ପୁରୁଣା ଦୁର୍ଗ ଥିଲା । ଏହି ଦୁର୍ଗର ପ୍ରବେଶଦ୍ୱାର ନିକଟରେ ଥିବା ଦୁଇମହଲା କୋଠାଟିକୁ ସାମୁଏଲ ଏଡ଼ିସନ ନିଜ ବାସଗୃହପାଇଁ କିଣିଲେ । ସେତେବେଳକୁ ଆଲଭାଙ୍କୁ ହେଲାଣି ସାତବର୍ଷ । ସାମୁଏଲ ଏଡ଼ିସନ ଦିନେ ଚିନ୍ତା କଲେ-ଆଲ୍‌ର ସ୍କୁଲରେ ନାମ ଲେଖାଇବାର ସମୟ ପାର ହୋଇଗଲାଣି । ଏଣୁ ନିକଟସ୍ଥ ଏକ ସ୍କୁଲରେ ଆଲ୍‌ର ନାମ ଲେଖାଇଦେଲେ ।

ସ୍କୁଲଟି ଥିଲା ଅଦ୍ଭୁତ ପ୍ରକାରର । ଏହା ଏକ କୋଠରୀ ବିଶିଷ୍ଟ ଥିଲା ଏବଂ ସାତବର୍ଷରୁ କୋଡ଼ିଏ ବର୍ଷ ବୟସ୍କ ପାଖାପାଖି ଚାଳିଶ ଜଣ ପିଲା ସେ ସ୍କୁଲରେ ପାଠ ପଢୁଥିଲେ । ସ୍କୁଲରେ କେବଳ ଜଣେ ଶିକ୍ଷକ ପାଠ ପଢ଼ାଉଥିଲେ । ସେ ପ୍ରକୃତିରେ ଯେମିତି ଖୁବ୍ ବଦରାଗୀ ଥିଲେ ସେମିତି ଧୈର୍ଯ୍ୟହୀନ ମଧ୍ୟ ଥିଲେ । ନିହାତି ବୋକା ତଥା କମ ବୟସର ପିଲାମାନେ ତଳେ ବସୁଥିଲେ ଏବଂ ଭଲ ପିଲାମାନେ ବସୁଥିଲେ ବେଞ୍ଚଉପରେ । ଛାତ୍ରଛାତ୍ରୀମାନେ ମୋଟ ଆଠଟି ବିଭାଗରେ ବିଭକ୍ତ ହୋଇ ବସୁଥିଲେ ଏବଂ ଗୋଟିଏ ବିଭାଗ ଉଚ୍ଚସ୍ୱର କରି ପଢ଼ିଲେ ଅନ୍ୟ ଛାତ୍ରଛାତ୍ରୀମାନେ ତାହାର ପାଳି ଧରୁଥିଲେ । ସ୍କୁଲର ଏପରି ପରିବେଶ କିମ୍ବା ପଢ଼ାଇବା ଶୈଳୀ-କେଉଁଟା ଆଲ୍‌ଙ୍କୁ ଆକର୍ଷିତ କଲାନାହିଁ । ତାଙ୍କ ପାଖରେ ମାତ୍ର ଦୁଇଟି ବହି ଥିଲା । ପ୍ରଥମଟି ଥିଲା ପ୍ରାଇମର-କେବଳ ବନାନ୍ ଶିଖିବା ପାଇଁ ଏବଂ ଦ୍ୱିତୀୟ ବହିଟି ଥିଲା କେବଳ ଛୋଟ ଛୋଟ ଗପ ସମ୍ୱଳିତ । ପ୍ରତିଦିନ ସେହି ଏକା ଶବ୍ଦର ବନାନ୍ ଶିଖି ଏବଂ ଉଚ୍ଚାରଣ କରି କରି ସେ ବିରକ୍ତ ହୋଇ ଉଠୁଥିଲେ ଏବଂ ଅନ୍ୟବହିଟିର ଗପଗୁଡ଼ିକ ସେ ପ୍ରାୟତଃ ମୁଖସ୍ଥ କରିଦେଇଥିଲେ । କିନ୍ତୁ ତାଙ୍କ ମସ୍ତିଷ୍କରେ ଅହରହ ଖେଳିବୁଲୁଥିବା ଅସଂଖ୍ୟ

Digitized by PPRACHIN, SOA

ପ୍ରଶ୍ନର ଉତ୍ତର ଆଲ୍ ସେ ବହି ଦୁଇଟିରୁ ପାଇ ପାରୁନଥିଲେ । ଉଦାହରଣ ସ୍ୱରୂପ- ତାଙ୍କ ବନାନ୍ ଶିଖିବା ବହିରେ ଥିଲା - 'ଏ ଷ୍ଟାଣ୍ଡସ୍ ଫର ଆପେଲ' । ଆଲ୍ ଶିଖିଗଲେ । କିନ୍ତୁ ଆପେଲକୁ ନେଇ ଆଲ୍‌ଙ୍କ ମୁଣ୍ଡରେ ଯେଉଁ ପ୍ରଶ୍ନଗୁଡ଼ିକ ଉଙ୍କିମାରୁଥିଲା ଯଥା-ଆପେଲ୍‌ର ରଙ୍ଗ ପ୍ରଥମେ କାହିଁକି ସବୁଜ ଥାଏ ଏବଂ ପରବର୍ତ୍ତିକାଳରେ ଲାଲ୍ କାହିଁକି ପଡ଼ିଯାଏ ଏବଂ ଆପେଲ୍ ମଧ୍ୟରେ ଥିବା ମଞ୍ଜି କିପରି ସୃଷ୍ଟି ହୁଏ ତଥା ଏହି ମଞ୍ଜି ଗୁଡ଼ିକୁ ଆପେଲ୍ ତା' ଗର୍ଭରେ କାହିଁକି ଧରି ରଖିଥାଏ - ଏହିପରି ଅନେକ ପ୍ରଶ୍ନ... । ଦ୍ୱିତୀୟତଃ, ଆଲ୍ ଯେହେତୁ ବାହାରେ ବୁଲିବାକୁ ଭଲ ପାଉଥିଲେ, ଘଣ୍ଟା ଘଣ୍ଟାଧରି ସେହି ସ୍କୁଲଗୃହରେ ବସିବାକୁ ସେ ଆଦୌ ପସନ୍ଦ କରୁନଥିଲେ ଏବଂ ପ୍ରକାରାନ୍ତରେ ମନକୁ ମନ ବିରକ୍ତି ହେଉଥିଲେ । ଏମିତି ତ ତାଙ୍କର ଯେବେଠାରୁ ହେତୁ ହେଲା ଅର୍ଥାତ୍ ସେ ଯେବେଠାରୁ ଚାଲିବୁଲି ଏବଂ କଥାବାର୍ତ୍ତା କରି ଶିଖିଲେ, ସେବେଠାରୁ ସେ ନିଜେ ଗୋଟିଏ 'ପ୍ରଶ୍ନବାକ୍ସ' ପାଲଟି ଯାଇଥିଲେ । ସେ ଯାହା ପଢ଼ିଲେ ବା ଶୁଣିଲେ, ସବୁଠି ସେ କିପରି' ବା 'କାହିଁକି' ପ୍ରଶ୍ନଟି ଉଠାଇବେହିଁ । ଫଳରେ ଯେଉଁମାନଙ୍କୁ ସେ ଏଭଳି ପ୍ରଶ୍ନ ମାନ କରୁଥିଲେ, ସେମାନେ ତାଙ୍କୁ ଏକ ନୂଆ ଡାକ ନାଁ 'ହ୍ୱାଏ ' (Why) ଦ୍ୱାରା ରେ ନାମିତ କଲେ ।

ଦୁଃଖର କଥା, ସ୍କୁଲର ସେହି ଶିକ୍ଷକ ଜଣକ ଆଲ୍‌ଙ୍କ କୌଣସି ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ବରଂ ଆଲ୍‌ଙ୍କୁ ତିରସ୍କାର କରୁଥିଲେ ଏବଂ ଅନେକ ସମୟରେ କହୁଥିଲେ-''ନିଜକୁ ନିଜେ ବେଶୀ ଚାଲାକ୍ ଭାବୁଛୁ, ନୁହେଁ ? ଯଦି ତୁ ଭାବୁଛୁ ଯେ ମୋ ଠାରୁ ତୁ ବେଶୀ ଜାଣିଛୁ, ତେବେ ମୋ ସିଟ୍‌ରେ ଆସି ବସ୍ ଏବଂ ପିଲାମାନଙ୍କୁ ପାଠ ପଢ଼ା-ମିଃ ୱାଇଜ୍ ବୟ ।'' ସାରଙ୍କ ଏଭଳି କଥାରେ ଶ୍ରେଣୀର ସବୁପିଲା ଠୋ ଠୋ ହୋଇ ହସି ଉଠୁଥିଲେ । ଅପମାନରେ ଲାଲ୍ ପଡ଼ିଯାଉଥିଲା ଆଲ୍‌ଙ୍କ ମୁହଁ ।

କହୁଁ କହୁଁ ସେହି ସ୍କୁଲରେ ଆଲ୍‌ଙ୍କ ତିନିମାସ ବିତିଗଲା । ଦିନେ ଆଲ୍ ମୁଖ ଭୃକୁଞ୍ଚିତ କରି ସ୍କୁଲରୁ ଘରକୁ ଫେରିଲେ ଏବଂ ସ୍ଲେଟ୍ ଓ ବହି ଡାଇନିଂ ଟେବୁଲ୍ ଉପରେ ଫିଙ୍ଗିଦେଇ ମାଆ ନାନ୍‌ସିଙ୍କୁ ପ୍ରଶ୍ନ କଲେ -''ମାଆ, 'ଏଡ଼ଲ୍‌ଡ଼' (Addled) ମାନେ କ'ଣ ?''

ନାନ୍‌ସି ଉତ୍ତର ଦେଲେ-''ପାଗଳ ବା ଅକାଳ କୁଷ୍ମାଣ୍ଡ ।''

''ମାଆ, ମୁଁ ପାଗଳ ନୁହେଁ କି ଅକାଳ କୁଷ୍ମାଣ୍ଡ ନୁହେଁ'' -ଖୁବ୍ ଜୋରରେ ଆଲ୍ ଚିତ୍କାର କରି କହିଲେ । ଆଲ୍‌ଙ୍କ ପାଟିଶୁଣି ପିତା ସାମୁଏଲ ଏଡ଼ିସନ ଦୌଡ଼ିଆସିଲେ । ''ଆରେ ନାଁ ତ । ତୁ ପାଗଳ ନୁହେଁ କିମ୍ବା ମୂର୍ଖ କି ଗଧ ନୁହେଁ । କି'ଏ ତୋତେ

Digitized by PPRACHIN, SOA

ଏକଥା କହିଲା ?'' - ସାମୁଏଲ ଏଡ଼ିସନ ଜିଜ୍ଞାସା କଲେ କ୍ରୋଧାନ୍ୱିତ ହୋଇପଡ଼ିଥିବା ଆଲ୍‌ଙ୍କୁ ।

'ସାର୍‌' କହି ଆଲ୍ କ୍ରୋଧରେ ତାଙ୍କ କପାଳ ଉପରକୁ ଖସିପଡ଼ିଥିବା କୁଞ୍ଚୁକୁଞ୍ଚିଆ ବାଳ କେରାକ ପଛକୁ ଛାଟିଦେଲେ, ଆଲ୍‌ଙ୍କ କପାଳ ଉପରେ ସଦାସର୍ବଦା ଯେଉଁ କୁଞ୍ଚକୁଞ୍ଚିଆ ବାଳକେରାକ ଝୁଲି ରହି ତାଙ୍କ ଚେହେରାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା । ଆଲ୍ ପୁଣି କାନ୍ଦ କାନ୍ଦ କହିଲେ-'ଆଜି ସ୍କୁଲକୁ ସୁପରିନେଟେଣ୍ଡେଣ୍ଟ ଆସିଥିଲେ । ତାଙ୍କ ସାମ୍ନାରେ ମୋତେ ସାର୍ ପୁଣି ତିରସ୍କାର କରି କହିଲେ- 'କ୍ରେନିୟମ୍ । ଏ କ୍ରେନିୟମ୍ କ'ଣ ମାଆ ?'

ମିସେସ୍ ଏଡ଼ିସନ ଆଉ କିଛି ଉତ୍ତର ଦେଲେନାହିଁ । ଆଲ୍‌ଙ୍କୁ କୋଳକୁ ଟାଣିନେଲେ ଏବଂ ବହୁସମୟ ଧରି ବୁଝାଇ ବୁଝାଇ ତାଙ୍କ କ୍ରୋଧକୁ ଶାନ୍ତ କରାଇଲେ ।

ପରଦିନ ସକାଳେ ଜଳଖିଆ ଖାଇବା ସମୟରେ ମିସେସ୍ ଏଡ଼ିସନ ଆଲ୍‌ଙ୍କୁ କହିଲେ -''ଆଲ୍, କାଲି ରାତିରେ ତୋ ବାପାଙ୍କ ସହିତ ମୋର ତୋ' ପଢ଼ାପଢ଼ି ସମ୍ବନ୍ଧରେ ଦୀର୍ଘସମୟ ଧରି କଥାବାର୍ତ୍ତା ହୋଇଛି । ତତେ ଆଉ ସ୍କୁଲକୁ ଯିବାକୁ ପଡ଼ିବନାହିଁ । ଏଇଠି ଘରେ ରହି ପଢ଼ିବୁ ଏବଂ ମୁଁ ହେବି ତୋର ଶିକ୍ଷୟିତ୍ରୀ ।''

ଆଲ୍‌ଙ୍କ ଆଖିରେ ଖୁସିର ଝଲକ ଖେଳିଗଲା । ''ତୁମେ ମୋ ଶିକ୍ଷୟିତ୍ରୀ ହେଲେ ମୁଁ ବହୁତ ଖୁସି ହେବି ମାଆ-'' କହି ଆଲ୍ କୁଣ୍ଢାଇ ପକାଇଲେ ମିସେସ୍ ଏଡ଼ିସନଙ୍କୁ ।

ସତକୁ ସତ ସେହିଦିନଠାରୁ ଆଲ୍ ଆଉ ଜୀବନରେ କେବେ ସ୍କୁଲଗୃହ ଦେଖି ନଥିଲେ । ସେବେଠାରୁ ପ୍ରାୟ ଛଅବର୍ଷଯାଏ ଆଲ୍ ପଢ଼ିଲେ ନିଜ ମାଆଙ୍କ ପାଖରେ- କିଚେନ୍‌ରେ । କେବେଯଦି ଆଲ୍ ପଢ଼ାସମୟରେ ବାହାରେ ଖେଳିବାରେ ବ୍ୟସ୍ତ ରହୁଥିଲେ, ମିସେସ୍ ଏଡ଼ିସନ ପାଟିକରି ଡାକୁଥିଲେ-'ଆଲ୍ ଆଲ୍ । ଶୀଘ୍ର ଆସ୍ । ଏବେ ତୋର ପଢ଼ିବାର ବେଳ ।' ଆଲ୍ ଯେଉଁଠି ଥିଲେ ବି ଦୌଡ଼ି ଦୌଡ଼ି ଆସନ୍ତି ଏବଂ ମାଆଙ୍କ ପାଖରେ ପଢ଼ାରେ ବସିଯା'ନ୍ତି ।

ସମୟେ ସମୟେ ସାମୁଏଲ୍ ଏଡ଼ିସନ ମଧ୍ୟ ଆଲ୍‌ଙ୍କୁ ପଢ଼ାଇବାକୁ ବସିଯାନ୍ତି । ଏହି ପଢ଼ାଇବାକାଳରେ ସାମୁଏଲ୍ ଆଲ୍‌ଙ୍କ ପଢ଼ାପଢ଼ିକୁ ଆଉ ଟିକେ ଉନ୍ନତ କରିବା ସକାଶେ ଆଲ୍‌ଙ୍କ ସହିତ ଏକ ସର୍ତ୍ତ ରଖିଲେ । ସର୍ତ୍ତଟି ଥିଲା - ସାମୁଏଲ୍ ଏଡ଼ିସନ ଆଲ୍‌ଙ୍କୁ ଯେତେ ନୂଆ ନୂଆ ବହି ଦେବେ, ସେ ସବୁ ବହିକୁ ସଠିକ୍ ଭାବେ ପଢ଼ି ଶୁଣାଇ ପାରିଲେ କିମ୍ବା ମୌଖିକ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଲେ ସାମୁଏଲ

Digitized by PPRACHIN, SOA

ଏଡ଼ିସନ ଆଲ୍‌ଙ୍କୁ ଥରକେ ପଚିଶ ସେଣ୍ଟ (ମାର୍କିନ ମୁଦ୍ରାରେ ୧ ସେଣ୍ଟ = ୧/୧୦୦ ଡଲାର) ଦେବେ ।

ପିତାଙ୍କ ଏ ଘୋଷଣା ପରେ ଆଲ୍ ଦିନରାତି ପଢ଼ାପଢ଼ିରେ ଲାଗିପଡ଼ିଲେ । ପୂର୍ବରୁ ଧାର୍ଯ୍ୟ ହୋଇଥିବା ସମୟରେ ପ୍ରତି ନୂଆବହିରୁ ସାମୁଏଲ ଯେତେଯେତେ ମୌଖିକ ପ୍ରଶ୍ନ ପଚାରିଲେ, ଆଲ୍ ସବୁ ଉତ୍ତରଗୁଡ଼ିକ ସଠିକ୍ ଦେବାରେ ସକ୍ଷମ ହେଉଥିଲେ ଏବଂ ପିତାଙ୍କ ଠାରୁ ପ୍ରତିଥର ୨୫ ସେଣ୍ଟ ଲେଖାଁଏ ଆଦାୟ କରିବାକୁ ଭୁଲୁନଥିଲେ । ଏହି ପିତାମାତାଙ୍କ ତତ୍ତ୍ୱାବଧାନରେ ତାଙ୍କର ସମସ୍ତ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ ଓ ପୂର୍ବର ସେହି ତିନିମାସ ଛଡ଼ା ତାଙ୍କ ଜୀବନକାଳ ମଧ୍ୟରେ ଆଉ କୌଣସି ସ୍କୁଲ ସେ ଦେଖିନଥିଲେ ।

ଆଲ୍‌ଙ୍କ ବଡ଼ଭାଇ ଉଇଲିୟମ ସେତେବେଳକୁ କୋଡ଼ିଏ ବର୍ଷର ଯୁବକ ହୋଇସାରିଥିଲେ ଏବଂ ପୋର୍ଟ ହ୍ୟୁରନରେ ଏକ ଘୋଡ଼ାଖାଦ୍ୟ ଦୋକାନ ଚଳାଇ ନିଜ ଗୁଜୁରାଣ ମେଣ୍ଟାଉଥିଲେ । ଆଉ ଆଲ୍‌ଙ୍କ ଭଉଣୀ ଟ୍ୟାନି ସେତେବେଳକୁ ବିଭା ହୋଇ ଅନ୍ୟତ୍ର ରହୁଥିଲେ । ଏଣୁ ଆଲ୍ ଯଦିଓ ଘରେ ସଂପୂର୍ଣ୍ଣ ଏକା ହୋଇ ପଡ଼ିଥିଲେ; କିନ୍ତୁ କେବେ ବି ନିଜକୁ 'ଏକଲା' ବୋଲି ଭାବି ନଥିଲେ । 'ଏକାକିତ୍ୱ'ରୁ ଆଲ୍‌ଙ୍କୁ ଦୂରେଇ ରଖିଥିଲା ତାଙ୍କ ପରିବାର ଭଡ଼ାରେ ବାସ କରୁଥିବା ସେହି ଗାଟ୍ରିଅଟ୍ ଦୁର୍ଗ, ଯେଉଁ ଦୁର୍ଗରେ ସୈନ୍ୟମାନେ ମଧ ରହୁଥିଲେ । ଆଲ୍ ଅଧିକାଂଶ ସମୟରେ ସେମାନଙ୍କ ମାର୍ଚ୍ଚିଙ୍ଗ ଦେଖୁଥିଲେ, ସକାଳେ ସନ୍ଧ୍ୟାରେ ସେମାନଙ୍କ ନିୟମିତ ଡ୍ରିଲ୍‌କୁ ଉପଭୋଗ କରୁଥିଲେ । ବେଳେବେଳେ ଆଲ୍ ନିଜର ବାଲ୍ୟଚପଳତାକୁ ରୂପାନ୍ତରିତ କରିଦିଅନ୍ତି ଦୁଷ୍ଟାମିରେ । ଘନ ଅନ୍ଧାକାରରେ ଛିଡ଼ା ହୋଇ ଓଠରେ ସିଟି ମାରି ସେ ଚୁପ୍‌ଚାପ୍ ଲୁଚି ଯାନ୍ତି । ତତ୍‌କ୍ଷଣାତ୍ ରାତ୍ରି ଜଗୁଆଳିର 'ହୁଇସିଲ୍' କ୍ରମାଗତ ଭାବେ ବାଜିଉଠେ । ସେହି ଅନ୍ଧକାର ମଧରେ ଦୌଡ଼ିଯାଆନ୍ତି ସୈନ୍ୟମାନଙ୍କ ଶାନ୍ତିରକ୍ଷକ କର୍ମଚାରୀମାନେ । ଆଲ୍‌ଙ୍କ ଏପ୍ରକାରା ଦୁଷ୍ଟାମି ଦିନେ ତାଙ୍କ ମାଆଙ୍କ ଗୋଚରକୁ ଆସିଗଲା । ସେବେଠାରୁ ସେ ସଞ୍ଜପରେ ତାଙ୍କ ଘର କାନ୍ଥଘଣ୍ଟା ପଛରେ ଥିବା ବାହାର ଆଲୁଅକୁ ସୁଇଚ୍‌କୁ ବନ୍ଦ କରି ଦେଉଥିଲେ ମିସେସ୍ ଏଡ଼ିସନ, ଯଦ୍ଦ୍ୱାରା ଆଲ୍ ଆଉ ଅନ୍ଧାରରେ ପଦାକୁ ବାହାରି ପାରିବେ ନାହିଁ ।

ଆଲ୍ ଯେତେବଡ଼ ହେଉଥିଲେ, ନାନ୍‌ସିଙ୍କ ଉପରେ ଗୃହକର୍ମର ଚାପ ସେତେ ଅଧିକ ପଡୁଥିଲା । କାରଣ, ଅଧିକାଂଶ ସମୟ ସେ ଆଲ୍‌ଙ୍କ ପଢ଼ା ଉପରେ ଗୁରୁତ୍ୱ ଦେବାରେ ବଳକାସମୟକୁ ସେ ଗୃହକର୍ମରେ ବିନିଯୋଗ କରୁଥିଲେ ସତ, କିନ୍ତୁ ସମୟ

Digitized by PPRACHIN, SOA

ଅଣ୍ଟୁ ନଥିଲା । ଏଣୁ ସାମୁଏଲ ଏଡ଼ିସନ ଆଲ୍‌ଠାରୁ ମାତ୍ର ଛଅ ସାତ ବର୍ଷ ବଡ଼ ମାଇକେଲ ନାମରେ (ଡାକନାମ ମାଇକ୍) ଏକ ବାଳକକୁ ଗୃହଚାକର ରୂପେ ନିଯୁକ୍ତି ଦେଲେ । ଏବେଠାରୁ ଆଲ୍ ମାଇକ୍ କୁ ଏକ ଘନିଷ୍ଠ ସାଙ୍ଗ ରୂପେ ପାଇଲେ । ଦୁହେଁ ସାଙ୍ଗ ହୋଇ ଚାଲିଯାନ୍ତି ଘନ ଜଙ୍ଗଲ ମଧ୍ୟକୁ- ଜାଳେଣୀ କାଠ ସଂଗ୍ରହ ପାଇଁ । କେବେ କେବେ ପୁଣି ସାଙ୍ଗ ହୋଇ ଚାଲିଯାନ୍ତି ହ୍ୟୁରନ ନଦୀରେ ପହଁରିବାକୁ ତ କେବେ ଜଙ୍ଗଲରୁ ବିଭିନ୍ନ ଚଢ଼େଇର ଅଣ୍ଡା ସଂଗ୍ରହ କରନ୍ତି ସାମୁଏଲ୍ । ଏସବୁ ସତ୍ତ୍ୱେ ଆଲ୍ କେବେ ବି ତାଙ୍କ ପଢ଼ାରେ ଅବହେଳା ପ୍ରଦର୍ଶନ କରିନଥିଲେ । ନିୟମାନୁସାରେ ସେ ସପ୍ତାହରେ ଦୁଇଥର କିମ୍ବା ତିନିଥର ତାଙ୍କ ପିତାଙ୍କ ସମସ୍ତ ମୌଖିକ ପ୍ରଶ୍ନର ଉତ୍ତର ଦେଉଥିଲେ ଏବଂ ପ୍ରତିଥର ସେ ପିତାଙ୍କ ଠାରୁ ଆଣୁଥିଲେ ପଚିଶ ସେଣ୍ଟ ।

୧୮୫୭ ମସିହାରେ ଆଲ୍‌ଙ୍କ ଦଶମ ଜନ୍ମତିଥି ପାଳିତ ହେଉଥିବା ଅବସରରେ ତାଙ୍କୁ ବହିଟିଏ ଉପହାର ମିଳିଥିଲା । ବହିଟି ଥିଲା - ଗ୍ରୀନ୍ ପାର୍କରଙ୍କ ଲିଖିତ " ସ୍କୁଲ କମ୍ପେଡ଼ିୟମ୍ ଅଫ୍ ନେଚୁରାଲ ଏଣ୍ଡ ଏକ୍ସପେରିମେଣ୍ଟାଲ ଫିଲୋସଫି ।" ସତ କହିବାକୁ ଗଲେ ଏହି ବହିଟିହିଁ ଆଲ୍‌ଙ୍କ ବୈଜ୍ଞାନିକ ଜୀବନର ମୂଳଦୂଆ ପକାଇଥିଲା ଓ ଏହି ବହିଟିହିଁ ଟାଣିନେଇଥିଲା ଆଲ୍‌ଙ୍କୁ-ବିଜ୍ଞାନର ରହସ୍ୟମୟ ତଥା ଅନ୍ଧକାରମୟ ଗନ୍ତାଘର ଭିତରକୁ । ପାର୍କରଙ୍କ କମ୍ପେଡ଼ିୟମରେ ଥିଲା ବାଷ୍ପଚାଳିତ ଇଞ୍ଜିନ ସମ୍ବନ୍ଧରେ ବିସ୍ତୃତ ଧାରଣା, ମଟରଗାଡ଼ି ଇତ୍ୟାଦିର ସଚିତ୍ର ଅବତାରଣା ସହ ବିଦ୍ୟୁତ ଚୁମ୍ବକୀୟ ଟେଲିଗ୍ରାଫ ସମ୍ବନ୍ଧରେ ବିସ୍ତୃତ ବିବରଣୀ । ଧାତବ ପ୍ଲେଟକୁ ଗନ୍ଧକାମ୍ଳରେ ବୁଡ଼ାଇ ରଖିଲେ କିପରି ବିଦ୍ୟୁତ ବ୍ୟାଟେରୀ ସୃଷ୍ଟିହୁଏ-ଏହାର ବିବରଣୀ ତଥା କାର୍ଯ୍ୟକାରିତା ମଧ୍ୟ ଖୁବ୍ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଥିଲା ବହିଟିରେ । ଆହୁରି ମଧ୍ୟ ବାୟୁଚାପ କିପରି ଜଳକୁ ତଳକୁ ଖସାଇ ଦିଏନା, ତାହାର ମଧ୍ୟ ସଚିତ୍ର ବିବରଣୀ ଖୁବ୍ ସୁନ୍ଦରଭାବେ ବର୍ଣ୍ଣିତ ହୋଇଥିଲା ପାର୍କରଙ୍କ ବହିରେ । ଏହି ବିସ୍ମୟକର ଛୋଟ ବହିଟି ଆଲ୍‌ଙ୍କ ମସ୍ତିଷ୍କ ଭିତରେ ଖେଳୁଥିବା ସମସ୍ତ 'କାହିଁକି' ଏବଂ 'କ'ଣ ଘଟିବ ଯଦି'ର ଉତ୍ତର ଆଲ୍‌ଙ୍କୁ ଦେଇପାରିଥିଲା ।

ବହିଟି ପଢ଼ି ଆଲ୍ ଏମିତି ଉଚ୍ଚକିତ ହୋଇ ଉଠିଲେ ଯେ ମନେମନେ ଭାବିଲେ ସେ ନିଶ୍ଚୟ ନିଜେ ଗୋଟିଏ ରାସାୟନିକ ପରୀକ୍ଷାଗାର ଖୋଲିବେ । ଏଥିପାଇଁ ସେ ପ୍ରଥମେ ମାଆଙ୍କ ଅନୁମତି ଲୋଡ଼ିଲେ । ମିସେସ୍ ଏଡ଼ିସନ ବହୁକଷ୍ଟରେ ରାଜି ହେଲେ ସତ, କିନ୍ତୁ ଗୋଟିଏ ସର୍ତ୍ତରେ । ଆଲ୍ କୌଣସି ରସାୟନିକ ପରୀକ୍ଷା ନିରୀକ୍ଷା ସମୟରେ ଖୁବ୍ ସତର୍କତା ଅବଲମ୍ବନ କରିବେ ଯେପରି ଘରର କୌଣସି ଜିନିଷ ନଷ୍ଟ ନ ହୁଏ କିମ୍ବା ଭାଙ୍ଗିନଯାଏ ।

Digitized by PPRACHIN, SOA

ଆଲ୍ ତୁରନ୍ତ ଏ ସଂବାଦଟି ଜଣାଇଲେ ମାଇକ୍‌କୁ ଏବଂ କହିଲେ -‘‘ମାଇକ୍, ମୁଁ ରସାୟନ ବିଜ୍ଞାନର ଏକ ପରୀକ୍ଷାଗାର ସ୍ଥାପନା କରିବାକୁ ଯାଉଛି । ମୋର ସହକାରୀରୂପେ ତୁମକୁହିଁ କାର୍ଯ୍ୟ କରିବାକୁ ପଡ଼ିବ । କୁହ-ତୁମେ ସାହାଯ୍ୟ କରିବ ନା ନାହିଁ ?’’

ମାଇକ୍ ମୁଣ୍ଡ ଟୁଙ୍ଗାରିଲେ ନିଜର ସମ୍ମତି ପ୍ରକାଶ କରି । ଏଥର ଆଲ୍ ଓ ମାଇକ୍ ଦୁହେଁ ଲାଗିପଡ଼ିଲେ ପରୀକ୍ଷାଗାର ନିର୍ମାଣ ପାଇଁ ଆବଶ୍ୟକୀୟ ଉପକରଣ ଯୋଗାଡ଼ରେ । ପ୍ରଥମେ ପାଇଗଲେ ଛୋଟ ଟେବୁଲଟିଏ । ପୂର୍ବର ସାମୁଏଲ୍ ଏଡ଼ିସନ ଆଲ୍‌ଙ୍କ ଖେଳନା ପାଇଁ କରତକଳରୁ ଆଣି ଦେଇଥିବା କଣ୍ଟା ଏବଂ ଛୋଟ ଛୋଟ କାଠପଟାମାନ ସାହାଯ୍ୟରେ ଗୋଟିଏ ଛୋଟ ଥାକ ତିଆରି କରି ପାରିଲେ ଦୁଇଜଣଯାକ । ଏହାପରେ ଦରକାର ପଡ଼ିଲା ବୋତଲ । କାରଣ, ରସାୟନ ବିଜ୍ଞାନର ପରୀକ୍ଷାଗାର ପାଇଁ ପ୍ରଥମେ ତ ବୋତଲର ଆବଶ୍ୟକ ପଡ଼େ । ଏଣୁ ଉଭୟଙ୍କର ଚାଲିଲା ବୋତଲ ଖୋଜା । ମାଇକ୍ କହିଲା-‘‘ବ୍ୟସ୍ତ ହୁଅନା ଆଲ୍, ଆମେ କିଛି ମଦବୋତଲ୍ ଏହି ଦୁର୍ଗରୁ ମଧ୍ୟ ପାଇଯିବା ।’’

‘‘ନାଁ, ମୋର ପ୍ରତ୍ୟେକ ବୋତଲର ଆକାର ଏକାପରି ହୋଇଥିବା ଆବଶ୍ୟକ ।’’- ଆଲ୍ କହିଲେ ।

ଉଭୟେ ବହାରିଗଲେ ବୋତଲ ସନ୍ଧାନରେ । ଏପରିକି ସାରା ପୋର୍ଟ ହ୍ୟୁରନ ସହରର ଗଳିକନ୍ଦିରେ ଖୋଜିବୁଲିଲେ ଖାଲି ବୋତଲ । ସଂଗୃହୀତ ହେଲା ଖାଲି ବୋତଲ ଅନେକ ସଂଖ୍ୟାରେ । ଏହାପରେ ଆଲ୍ ନିଜେ ସଂଗ୍ରହ କଲେ- ତମ୍ବା ଓ ସୀସା ଖଣ୍ଡମାନ, ଛିଣ୍ଡିଯାଇଥିବା ବ୍ୟବହାରହୀନ ତାରଖଣ୍ଡ ସହ ଅସଂଖ୍ୟ ଅନ୍ୟାନ ଦରକାରୀ ଜିନିଷ । ନିକଟସ୍ଥ ଟେଲିଗ୍ରାଫ ଅଫିସରୁ ନଷ୍ଟ ହୋଇଯାଇଥିବା ବ୍ୟାଟେରୀପାତ ସହ ଗୋଟାଏ ଫଟା ବ୍ୟାଟେରୀ ଜାର୍ ମଧ୍ୟ ବହୁକଷ୍ଟରେ ଯୋଗାଡ଼ କରି ନେଇଆସିଲେ ଆଲ୍ ।

ମାତ୍ର କେଇସପ୍ତାହ ମଧ୍ୟରେ ସମାନାକୃତି ବୋତଲ ସଂଗୃହୀତ ହୋଇଗଲା ପ୍ରାୟ ଦୁଇଶହ । ଦୁଇଜଣଯାକ ପ୍ରାୟ ଏକ ସପ୍ତାହ କାଳ ସେଗୁଡ଼ିକୁ ଧୋଇ ପରିଷ୍କାର କରିବାରେ ଲାଗିପଡ଼ିଲେ । ଏବେ ସମୟ ଆସିଲା କିପରି ସେଗୁଡ଼ିକୁ ରସାୟନ ପଦାର୍ଥରେ ଭର୍ତ୍ତି କରାଯାଇ ଥାକରେ ସଜାଇ ରଖାଯିବ ।

ଆଲ୍ ସେ ପର୍ଯ୍ୟନ୍ତ ମଧ୍ୟ ସବୁ ନୂଆ ବହିରୁ ମୌଖିକ ପ୍ରଶ୍ନର ଉତ୍ତରମାନ ଦେଇ ପ୍ରତିଥର ପଚିଶ ସେଣ୍ଟ ଲେଖାଁଏ ନିଜ ପିତାଙ୍କ ଠାରୁ ଆଦାୟ କରୁଥିଲେ ଏବଂ

Digitized by PPRACHIN, SOA

ସେଗୁଡ଼ିକୁ ଅଦ୍ୟାପି ଗଚ୍ଛିତ କରି ରଖିଥିଲେ । ନିଜଗୃହର ତଳମହଲାରେ ସେ ରସାୟନ ବିଜ୍ଞାନର ଲାବୋରେଟୋରୀଟି ଖୋଲି ସାରିବାପରେ ଏବେସେହି ଅର୍ଥରେ ସେ ନୂଆ ନୂଆ ବିଜ୍ଞାନବହି ମାନ କିଣି ପଢ଼ିବାକୁ ଲାଗିଲେ । କେଇଟା ଦିନରେ ପିତୃପ୍ରଦତ୍ତ ସମସ୍ତ ଅର୍ଥ ତାଙ୍କ ପାଖରୁ ସରିଗଲା । ତାଙ୍କୁ ଆଉ ଏକ ବୁଦ୍ଧି ଦିଶିଲା । ଲାବୋରେଟୋରୀରେ ଆବଶ୍ୟକୀୟ ପରିମାଣର ବୋତଲ ରଖି ଅବଶିଷ୍ଟ ବୋତଲ ଗୁଡ଼ିକୁ ଆଲ୍ ବିକ୍ରି କରି ଦେଲେ ଏବଂ କିଛି ବିକ୍ରିଲବ୍ଧ ଅର୍ଥ ସଂଗ୍ରହ କଲେ । ଏହି ଅର୍ଥ ସାହାଯ୍ୟରେ ସେ ଗନ୍ଧକାମ୍ଳ (ସଲଫୁରିକ୍ ଏସିଡ୍), ହାଇଡ୍ରୋକ୍ଲୋରିକ୍ ଏସିଡ୍, ପୋଟାସିୟମ ନାଇଟ୍ରେଟ୍, ସିଲଭର୍ ନାଇଟ୍ରେଟ୍ ଏବଂ ସୋଡ଼ିୟମ ନାଇଟ୍ରେଟ୍ ଆଦି ଅନେକ ରସାୟନିକ ପଦାର୍ଥମାନ କିଣିସେ ଗୁଡ଼ିକୁ ସେ ବୋତଲରେ ସଂଗ୍ରହ କଲେ ଏବଂ ବୋତଲ ଗୁଡ଼ିକ ଧାଡ଼ି କରି ସଜାଇ ରଖିଲେ । ଖାଲି ସେତିକି ନୁହେଁ, ବୋତଲ ଗୁଡ଼ିକସହ କେହି ମାଙ୍କଡ଼ାମି କରିବା ଭୟରେ ସେ ପ୍ରତିବୋତଲ ଉପରେ 'ପଏଜନ' ବୋଲି ବଡ଼ବଡ଼ ନାଲି ଅକ୍ଷରରେ ଲେବୁଲ୍ ମାରିଦେଲେ । ''ବାସ, ଏବେ ଆଉ କେହି ହାତ ଲଗାଇବେ ନାହିଁ ।'' - ଆଲ୍ ମାଇକକୁ କହି ନିଜକୁ ନିରାପଦ ମଣିଲେ ।

ଆଲ୍ ପ୍ରଥମେ ପାର୍କରଙ୍କ କମ୍ପେଡ଼ିୟମ ବହିରୁ ଗୋଟିଏ ପରେ ଗୋଟିଏ ପରୀକ୍ଷା କରି ଚାଲିଲେ । ଚୁମ୍ବକ ଏବଂ ଚୁମ୍ବକତ୍ୱ ଉପରେ ମଧ୍ୟ ପରୀକ୍ଷାନିରୀକ୍ଷା ଚଳାଇ ସେ କିଛିଟା ଜ୍ଞାନ ଆହରଣ କଲେ । କିଛିଦିନପରେ ବିଦ୍ୟୁତ ବ୍ୟାଟେରୀ ତିଆରି କରିବାସହ ବିଜ୍ଞାନସମ୍ମତ ଛୋଟ ଛୋଟ କଣ୍ଢେଇମାନ ମଧ୍ୟ ତିଆରି କରିବାକୁ ସକ୍ଷମ ହେଲେ । ରସାୟନବିଜ୍ଞାନକୁ ନେଇ ଆଲ୍ ସେହି ଦୁଇବର୍ଷ ମଧ୍ୟରେ ପ୍ରାୟ ଶହ ଶହ ପରୀକ୍ଷା ସଂପାଦନ କରିସାରିଥିଲେ ତାଙ୍କର ସେହି ଛୋଟ ଲାବୋରେଟୋରୀଟିରେ । ଆଲ୍‌ଙ୍କୁ ମାତ୍ର ବାରବର୍ଷବେଳକୁ ସେ ହୋଇ ସାରିଥିଲେ ଗୋଟାଏ ପୋଖତ ରସାୟନବିତ୍ ।

ଏକ ପୋଖତ ରସାୟନବିତ୍ ହିସାବରେ ସେ ଏବେ ଚିନ୍ତାକଲେ ଯେ ତାଙ୍କର ଅନ୍ୟାନ୍ୟ କଷ୍ଟକର ପରୀକ୍ଷାଗୁଡ଼ିକ ପାଇଁ ଅଧିକ ଦାମୀ ଉପକରଣ ସହ ଦାମୀ ରାସାୟନିକ ପଦାର୍ଥମଧ୍ୟ ଆବଶ୍ୟକ । ପିତାଙ୍କ ଠାରୁ ମିଳୁଥିବା ପଚିଶ ସେଣ୍ଟ ବଦଳରେ ସେସବୁ କିଣିବା ସଂଭବପର ନଥିଲା । ଏହି ସମୟରେ ଆଲ୍ ଚିନ୍ତା କଲେ- କେଉଁଠି ଗୋଟିଏ ଚାକିରୀ ମିଳିଯାଆନ୍ତି କି ? ଦରମା ଅର୍ଥରେ ପ୍ରଥମେ ବିଜ୍ଞାନାଗାର ପାଇଁ ଆବଶ୍ୟକୀୟ ଦାମୀ ପଦାର୍ଥମାନ କିଣିପକାନ୍ତି ।''

●

Digitized by PPRACHIN, SOA

ବୁଲାବିକାଳୀ ରୂପେ ଏଡ଼ିସନ

ଆମେରିକାର ଗ୍ରାଣ୍ଡଟ୍ରଙ୍କ ରେଇଲ୍‌ୱେ ତରଫରୁ ୧୮୫୯ ମସିହା ବେଳକୁ ପୋର୍ଟ ହ୍ୟୁରନଠାରେ ଏକ ମାଲଗୋଦାମ ପ୍ରତିଷ୍ଠା କରାଗଲା । ଏହି ଗ୍ରାଣ୍ଡଟ୍ରଙ୍କ ରେଇଲ୍‌ୱେ ପୋର୍ଟ ହ୍ୟୁରନକୁ ସଂଯୁକ୍ତ କରୁଥିଲା ଆମେରିକାର ତିନୋଟି ମୁଖ୍ୟ ସହର, ଯଥା - ସିକାଗୋ, ଡେଟ୍ରଟ ଏବଂ କାନାଡ଼ା ସହିତ । ମାଲଗୋଦାମଟି ଆଲ୍‌ଙ୍କ ଘରର ଖୁବ୍ ନିକଟବର୍ତ୍ତୀ ଥିବାରୁ ପ୍ରାୟ ସବୁଦିନେ ଆଲ୍ ବୁଲିଯାଉଥିଲେ ଗ୍ରାଣ୍ଡଟ୍ରଙ୍କ ରେଇଲ୍‌ୱେର ନିକଟସ୍ଥ ଡିପୋକୁ । ଆଲ୍ ସେଠି ସବୁଦିନେ ଦେଖୁଥିଲେ- କିପରି ବିଲଡ଼ିଂ ତିଆରି ହେଉଛି । କିପରି ରେଳ ଧାରଣା ଉପରେ ବିଛା ଯିବାପାଇଁ ନୂଆ ନୂଆ ମେସିନ୍ ମାନ ସ୍ଥାପନା କରାଯାଉଛି ଓ ସେଗୁଡ଼ିକ କିପରି କାର୍ଯ୍ୟ କରୁଛି । ଏହିସବୁ ଯନ୍ତ୍ରପାତି ବିଷୟରେ ସେଠି କାର୍ଯ୍ୟରତଥିବା ବିଭିନ୍ନ କର୍ମଚାରୀମାନଙ୍କୁ ପଚାରି ପଚାରି ବ୍ୟତିବ୍ୟସ୍ତ କରି ପକାଉଥିଲେ ଆଲ୍ । ଆଲ୍‌ଙ୍କ ଏଭଳି ଅନୁସନ୍ଧିତ୍ସୁ ମନ ଦେଖି ଖୁବ୍ ଆମୋଦିତ ହେଉଥିଲେ ସେହି କର୍ମଚାରୀଗଣ । ଦିନେ ଦିନେ ଆଲ୍ ସେଠିକୁ ଆସୁଥିବା ଇଞ୍ଜିନ ଡ୍ରାଇଭରକୁ ମଧ୍ୟ କମ୍ ପ୍ରଶ୍ନ ପଚାରୁନଥିଲେ । 'କଣ୍ଟ୍ରୋଲ ଲିଭର' କ'ଣ, 'ଭଲଭ' କଣ 'ପିଷ୍ଟନ'ର କାର୍ଯ୍ୟ କଣ ଏବଂ ଏହା କିପରି ଓ କାହିଁକି ଏପାଖ ସେପାଖ ହୁଏ ଇତ୍ୟାଦି ପ୍ରଶ୍ନମାନ ପଚାରି ପଚାରି ଆଲ୍ ଡ୍ରାଇଭରଙ୍କୁ ବିରକ୍ତ କରି ଦେଉଥିଲେ । ସେହି ଇଞ୍ଜିନ୍‌ର ଡ୍ରାଇଭରଙ୍କ ସହ ଦିନେ ସତକୁ ସତ ଆଲ୍‌ଙ୍କ ବନ୍ଧୁତା ହୋଇଗଲା । ବନ୍ଧୁ ଡ୍ରାଇଭର ଜଣକ କେବେ କେବେ ଆଲ୍‌କୁ ଇଞ୍ଜିନର 'ଡ୍ରାଇଭର୍ସ କେବିନ'କୁ ଡାକି ନେଉଥିଲେ । କିଛିଦିନପରେ ଆଲ୍‌ଙ୍କ ଅନୁରୋଧ କ୍ରମେ କେବେ କେବେ ଇଞ୍ଜିନ ଚଳାଇବାକୁ ମଧ୍ୟ ଦେଉଥିଲେ । ଆଲ୍‌ଙ୍କ ଡ୍ରାଇଭିଂରେ ଇଞ୍ଜିନ ଯେତେବେଳେ ରେଳଧାରଣା ଉପରେ ଗଡ଼ିଚାଲେ, ସେତେବେଳେ ଖୁସିରେ ଫାଟିପଡ଼ନ୍ତି ଆଲ୍ ।

Digitized by PPRACHIN, SOA

ଠିକ୍ ସାତଟା ବାଜିବାର ଅବବ୍ୟହିତ ପୂର୍ବରୁ ଟ୍ରେନର ବାଷ୍ପଚାଳିତ କଳା ମଚ୍‌ମଚ୍ ଇଞ୍ଜିନ୍‌ଟା ସୁ ସୁ କରି ଗର୍ଜି ଉଠେ ପୋର୍ଟ ହ୍ୟୁରନ୍ ଷ୍ଟେସନରେ ଏବଂ କିଛିସମୟ ପରେ ଟାଣିନିଏ ପଛରେ ଯୋଡ଼ା ହୋଇଥିବା ହଳଦିଆ ରଙ୍ଗର ପାସେଞ୍ଜର କାରକୁ । ପାସେଞ୍ଜର କାରର ଝରକା ଗୁଡ଼ିକର ଠିକ୍ ନିମ୍ନ ଭାଗରେ ନାଲି, ନୀଳ ଓ ସବୁଜ ରଙ୍ଗରେ ଅଙ୍କା ହୋଇଥାଏ ନାଏଗ୍ରା ଜଳପ୍ରପାତର ଦୃଶ୍ୟ, ଗ୍ରେଟ୍ ଲେକ୍‌ସ ର ଦୃଶ୍ୟ କିମ୍ବା ସୁନ୍ଦର ସୁନ୍ଦର ଲ୍ୟାଣ୍ଡସ୍କେପ୍ ମାନ ।

ଦିନେ କଥାଛଳରେ ନିଜର ପରୀକ୍ଷାଗାର ପାଇଁ ଆବଶ୍ୟକୀୟ ଉପକରଣ କିଣିବା ସକାଶେ ପଡ଼ିଥିବା ଅର୍ଥାଭାବ ସଂପର୍କରେ ସୂଚନା ଦେଲେ ଆଲ୍-ସେହି ଡ୍ରାଇଭର ବନ୍ଧୁ ଜଣକୁ । ଆଲ୍‌ଙ୍କ ଅନ୍ତର୍ନିହିତ ଗୁଣକୁ ମନେମନେ ଭୂୟସୀ ପ୍ରଶଂସା କରି ଡ୍ରାଇଭର ବନ୍ଧୁ ଜଣକ ଅର୍ଥାଗମ ପାଇଁ ଭଲ ପ୍ରସ୍ତାବଟିଏ ଦେଲେ । ସେତେବେଳକୁ ପୋର୍ଟ ହ୍ୟୁରନରୁ ପ୍ରତିଦିନ ସକାଳ ୭ଟା ରେ ଟ୍ରେନ ଛାଡୁଥିଲା ଡେ଼ଟ୍ରଟ ପର୍ଯ୍ୟନ୍ତ ଏବଂ ଡେଟ୍ରଟ୍‌ରୁ ସନ୍ଧ୍ୟାରେ ବାହାରି ରାତି ନଅଟା ସୁଦ୍ଧା ପୋର୍ଟ ହ୍ୟୁରନ ଠାରେ ପହଞ୍ଚୁଥିଲା । ସେ ସମୟରେ ଆଜିକାଲିଭଳି ଟ୍ରେନ୍‌ରେ କୌଣସି ପ୍ରକାର ଖାଦ୍ୟଜିନିଷ ବିକ୍ରି ହେଉନଥିଲା । ଏପରିକି ଖବରକାଗଜ ଖଣ୍ଡେ ବି ନୁହେଁ । ଏଣୁ ସେହି ଟ୍ରେନ୍‌ରେ ଆଲ୍‌ଙ୍କୁ ପ୍ରତିଦିନ ସକାଳୁ ସଂଜ ଯାଏ ଫଳ କିମ୍ବା ଖବର କାଗଜ ବିକିବାକୁ ପରାମର୍ଶ ଦେଲେ ଡ୍ରାଇଭର ବନ୍ଧୁ ଜଣକ । ଏଥିସହ ଚକୋଲେଟ୍, ସ୍ୟାଣ୍ଡଉଇଚ୍ ସହ ଅନ୍ୟାନ ହାଲୁକା ଖାଦ୍ୟପଦାର୍ଥମାନ ବିକିପାରିଲେ ଭଲ । ପୋର୍ଟ ହ୍ୟୁରନ୍ ଓ ଡେଟ୍ରଟ୍ ମଧ୍ୟରେ ଦୂରତା ଥିଲା ପ୍ରାୟ ତେଷଠି ମାଇଲ । ଏଣୁ ମୋଟା ଅଂଶର ଲାଭ ମିଳିବାଟା ଏକରକମ ନିଶ୍ଚିତ ଥିଲା ।

ଆଲ୍ ଘରକୁ ଦୌଡ଼ିଆସି ଗ୍ରାଣ୍ଡ ଟ୍ରଙ୍କ ରେଲୱେ'ରେ ସେ ଖବରକାଗଜ ବିକାଳୀ ହେବେବୋଲି ନିଜ ବାପ ମା'ଙ୍କୁ ଅନୁନୟ କଲେ । କିନ୍ତୁ ବାପମା' ଉଭୟେ ଅମଙ୍ଗ ହେଲେ । କାରଣ, ଟ୍ରେନ୍‌ରେ ଖବରକାଗଜ ବିକିବା ପାଇଁ ଆଲ୍‌ଙ୍କର ସେ ପର୍ଯ୍ୟନ୍ତ ବୟସ ହୋଇ ନଥିଲା । ଦ୍ୱିତୀୟତଃ ପ୍ରତିଦିନ ସକାଳୁ ରାତି ନଅଟା ଯାଏ ବାହାରେ ରହିଲେ ଆଲ୍‌ଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ସେମାନଙ୍କର ଆଶଙ୍କାଜାତ ହୋଇଥିଲା । ଆଲ୍ କିନ୍ତୁ ଛାଡ଼ିବା ମଣିଷ ନଥିଲେ । ପ୍ରଥମେ ମା'ଙ୍କୁ ବୁଝାଇ କହିଲେ -''ଦେଖ ମାଆ, ଡେଟ୍ରଟ୍‌ରେ ପହଞ୍ଚିବାପରେ ମୁଁ ଛଅଘଣ୍ଟାରୁ ଅଧିକ ସମୟ ପାଇ ପାରିବି ପଢ଼ାପଢ଼ି କରିବାପାଇଁ । ବରଂ ଏଠି ଯେଉଁ ବହିସବୁ ମିଳୁନାହିଁ, ମୁଁ ଡେଟ୍ରଟ'ର ପବ୍ଲିକ ଲାଇବ୍ରେରୀରୁ ସେସବୁ ବହି ପାଇଯିବି ଏବଂ ପଢ଼ାପଢ଼ି କରି

Digitized by PPRACHIN, SOA

ପାରିବି । ରାତିରେ ଫେରି ଆସିବାପରେ ମାତ୍ର ଘଣ୍ଟାଟିଏ ମୋ ପରୀକ୍ଷାଗାରରେ ରହିଲେ ଯଥେଷ୍ଟ । ତା'ପରେ ମୁଁ ତମସହ ରହିବି । ତମପାଖରେ ଶୋଇବି ।'' ଆଲ୍‌ଙ୍କ ଦୃଢ଼ୋକ୍ତି ଶୁଣି ବାପମା' ଉଭୟେ ଆଉ ଯୁକ୍ତି କଲେ ନାହିଁ । ଆରମ୍ଭ ହୋଇଗଲା ଆଲ୍‌ଙ୍କ ବ୍ୟବସାୟ ।

ପ୍ରଥମଦିନ ସେ ପୋର୍ଟ ହ୍ୟୁରନ୍‌ରୁ ନେଲେ କିଛି ଜଳଖିଆ, ଚକୋଲେଟ୍, 'ୟୁଥ୍ କମ୍ପାନିୟନ' ପତ୍ରିକା ସହ ହାର୍ପରଙ୍କ 'ନିଉ ମନଥ୍‌ଲି ମାଗାଜିନ୍' ଭଳି କେତେଖଣ୍ଡି ଅନ୍ୟାନ୍ୟ ମାସିକ ପତ୍ରିକା ଏବଂ କିଛି ଫଳ ଏବଂ ଟ୍ରେନ୍ ନିକଟକୁ ଯାଇ କଣ୍ଡକ୍ଟରକୁ କହିଲେ- ''ମୁଁ ଏଠାକାର ଖବରକାଗଜ ବିକାଳୀ ଅଟେ । ମୁଁ ମୋ ଜିନିଷ ଗୁଡ଼ିକୁ କେଉଁଠି- ରଖିବି ଦୟାକରି କହିବେକି ?

କଣ୍ଡକ୍ଟର ପୂର୍ବବତ୍ ମୁହଁ ତଳକୁ କରି କହିଲେ- ''ମାଲବୁହା ବଗିକୁ ଚାଲିଯାଅ ।''

ସତକୁ ସତ ପ୍ରଥମଦିନ ଟ୍ରେନ୍‌ରେ ଥିବା ଭୋକିଲା ଯାତ୍ରୀମାନଙ୍କ ପାଖରେ ଆଲ୍‌ଙ୍କ ବିକ୍ରି ଦ୍ରବ୍ୟମାନ ନିଅଣ୍ଟ ପଡ଼ିଲା ।

ଆଲ ସମୟ ବଞ୍ଚାଇବା ସକାଶେ ଟ୍ରେନ୍‌ରେ ବିକ୍ରି କରିବାର ଏକ ନୂଆ ପନ୍ଥା ବାହାର କଲେ ଅର୍ଥାତ୍ ପୂର୍ବଭଳି ସେ ସବୁସମୟରେ ଡବା ଭିତରେ ସେ ବିକ୍ରିନକରି ପ୍ରତି ଅଧଘଣ୍ଟାରେ ଥରେ ପ୍ରତି ଡବାରେ ବୁଲି ଆସିବେ । ଆଲ୍‌ଙ୍କ ହିସାବ୍ ଅନୁସାରେ ସେ ଅନୁମାନ କରିନେଲେ ଯେ ପ୍ରତି ଟ୍ରିପ୍ ଶେଷରେ ମୋଟରେ ତିରିଶି ମିନିଟ୍ ସମୟ ବିକ୍ରି କରିବାରେ ବ୍ୟୟ କରିବେ ଏବଂ ଅବଶିଷ୍ଟ ସମୟକୁ ସେ ନିଜ ପଢ଼ାପଢ଼ି ପାଇଁ ବ୍ୟୟ ବ୍ୟୟ ହୋଇ ପାରିବ ।

ସେ ସମୟରେ ଆମେରିକାରେ ଟ୍ରେନ୍ ବ୍ୟବସ୍ଥାରେ ପ୍ରତି ଟ୍ରେନ୍‌ରେ ଲଗେଜ ଭ୍ୟାନ ବା ମାଲବୁହା ଗାଡ଼ି ସଂଯୁକ୍ତ ହୋଇ ରହୁଥିଲା । ଏହି ମାଲବୁହା ଗାଡ଼ିଗୁଡ଼ିକ ତିନିଭାଗରେ ବିଭକ୍ତ ଥିଲା । ପ୍ରଥମ ଭାଗରେ ଟ୍ରେନଯାତ୍ରୀଙ୍କ ଗଣ୍ଠିଲି ଓ ଜିନିଷମାନ ରହୁଥିଲା । ଦ୍ୱିତୀୟ ଭାଗଟି ଥିଲା ଆମେରିକାର ଡାକବ୍ୟବସ୍ଥା ପାଇଁ ସଂରକ୍ଷିତ ଓ ତୃତୀୟ ଡବାଟି ସଂରକ୍ଷିତ ଥିଲା ଟ୍ରେନଯାତ୍ରୀମାନଙ୍କ ଧୂମପାନ ସକାଶେ । ଏହି ତୃତୀୟ ଡବାରେ ବାୟୁ ସଂଚାଳନ ବ୍ୟବସ୍ଥା ନଥିଲା ଏବଂ ପ୍ରାୟତଃ ସବୁସମୟ ବନ୍ଦ ରହୁଥିଲା । ସମ୍ଭବତଃ ସେଇଥିପାଇଁ ଏହି ଡବାଟିରେ କୌଣସି ଯାତ୍ରୀ ବସୁନଥିଲେ । ଏଣୁ ଏହି ଡବାଟିକୁ ଆଲ୍ ନିଜ ଜିନିଷପତ୍ର ରଖିବାରେ ଏବଂ ପଢ଼ାପଢ଼ି କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଲାଗିଲେ ।

Digitized by PPRACHIN, SOA



Digitized by PPRACHIN, SOA

ତେବେ ଯାହାହେଉ, ପ୍ରଥମଦିନର ବିକ୍ରିପରେ ଆଲ୍ ପାଇଥିବା ଲାଭାଂଶରୁ ଅନୁମାନ କରିନେଲେ ଯେ ପ୍ରତି ଟ୍ରିପ୍ ଶେଷରେ ସେ ଅତିକମ୍‌ରେ ପାଞ୍ଚଡ଼ଲାରରୁ କମ୍ ମୁଦ୍ରା ପାଇବେ ନାହିଁ ଏବଂ ଏକ ବାରବର୍ଷର ବାଳକ ପାଇଁ ଏହି ରୋଜଗାର ପରିମାଣ ନିଶ୍ଚିତ ଭାବେ ଯଥେଷ୍ଟ ଥିଲା ।

ଆଲ୍ ପ୍ରଥମଦିନ ରାତିରେ ସେ ଦିନଟିର ଅନୁଭୂତି ବର୍ଣ୍ଣନା କରିବାସହ ଏକ ଡଲାର ମୁଦ୍ରା ମା'ଙ୍କୁ ଦେଇ ଅତି ଗର୍ବର ସହ କହିଲେ -''ମାଆ, ଆଜିଠାରୁ ପ୍ରତି ରାତ୍ରିରେ ମୁଁ ତମକୁ ଏକ ଡଲାର ଲେଖାଁଏ ମୁଦ୍ରା ଦେବି ।'' ସେବେଠାରୁ ପ୍ରତିଦିନ ରାତିରେ ଆଲ୍ ତାଙ୍କ ମାଆଙ୍କୁ ଆଣି ଦେଇଥିଲେ ଏକ ଡଲାର ମୁଦ୍ରା ବା ୧୦୦ ସେଣ୍ଟ ଏବଂ ଆଲ୍ ନିଜ କଥା ରକ୍ଷା କରିଥିଲେ ତାଙ୍କ ମାଆ ବଞ୍ଚି ଥିବାଯାଏ ।

ଆଲ୍ ସବୁଦିନେ ଡେଟ୍ରଟ ଷ୍ଟେସନରେ ପହଞ୍ଚିବା ପରେ ଡେଟ୍ରଟ୍ ର ପବ୍ଲିକ୍ ଲାଇବ୍ରେରୀକୁ ଯାଉଥିଲେ । ପ୍ରଥମଦିନ ହିଁ ଲାଇବ୍ରେରୀର ବହିଗୁଡ଼ିକ ଦେଖି ତାଙ୍କ ମୁଣ୍ଡ ଘୁରିଗଲା । ସେ ଚିନ୍ତାରେ ପଡ଼ିଗଲେ କେମିତି ଏତେଗୁଡ଼ିଏ ବହି ସେ ପଢ଼ି ସାରିପାରିବେ । ଏଣୁ ଆଲ୍ ପଢ଼ିବାର ଏକ ନୂଆ ଶୈଳୀ ବାହାର କଲେ । ସେ ଇଂରାଜୀ ବର୍ଣ୍ଣମାଳାର କ୍ରମିକାନୁସାରେ ବହିର ନାଁ ବାଛି ପଢ଼ିବାକୁ ଲାଗିଲେ । ଅର୍ଥାତ୍ ଯେଉଁ ବହିର ମୂଳ ଅକ୍ଷର 'ଏ' ଥିଲା, ସେ ବହିଗୁଡ଼ିକ ସେ ପ୍ରଥମେ ପଢ଼ିବାକୁ ଲାଗିଲେ । କିଛିଦିନପରେ ଦେଖିଲେ -'ଏ' କ୍ରମିକାନୁସାରେ ବହିଗୁଡ଼ିକ ତ ଅସରନ୍ତି । ସରୁନାହିଁ । 'ବି' ମୂଳ ଅକ୍ଷରର ଥିବା ବହି ବୋଧେ ଏ ଜନ୍ମରେ ଆଉ ପଢ଼ିହେବନାହିଁ । ଏଣୁ ସେହିଦିନ ଠାରୁ ସେ ପୁଣି ତାଙ୍କ ପୂର୍ବ ଶୈଳୀ ପରିବର୍ତ୍ତନ କଲେ ଅର୍ଥାତ୍ ସେ ବିଷୟବସ୍ତୁ ଦେଖି ବହିମାନ ଖୋଜି ପଢ଼ିବାକୁ ଲାଗିଲେ । ପ୍ରତିଦିନ ସେହି ଲାଇବ୍ରେରୀରୁ ମାତ୍ର ପନ୍ଦର କୋଡ଼ିଏ ମିନିଟ୍ ପାଇଁ ବାହାରକୁ ଆସୁଥିଲେ ଏବଂ ଏକ ଶସ୍ତା ହୋଟେଲ ରୁ ତାଙ୍କ ମଧ୍ୟାହ୍ନ ଭୋଜନ ସମାପ୍ତ କରି ଯେତେ ଶୀଘ୍ର ସମ୍ଭବ ପୁଣି ଲାଇବ୍ରେରୀକୁ ଫେରିଯାଉଥିଲେ ।

ଏଣେ ଆଲ୍‌ଙ୍କ ବ୍ୟବସାୟରେ ଖୁବ୍ ଉନ୍ନତି ପରିଲକ୍ଷିତ ହେଲା । କାରଣ, ପୋର୍ଟ ହ୍ୟୁରନ୍ ଠାରୁ ଡେ୍ରଟ୍ ମଧ୍ୟରେ ପ୍ରାୟ ଅନେକ ଗୁଡ଼ିଏ ଷ୍ଟେସନ ଥିଲା ଏବଂ ପ୍ରତି ଷ୍ଟେସନରେ ଗାଡ଼ି ଅଟକୁଥିଲା ବହୁସମୟ ଧରି । ପ୍ରତି ଷ୍ଟେସନରେ ଯାତ୍ରୀ ଓହ୍ଲାଉ ଥିଲେ ଏବଂ ନୂଆ ନୂଆ ଯାତ୍ରୀ ଚଢୁଥିଲେ । ଲଗେଜ୍ କାର୍‌ରୁ ମାଲ ଖଲାସ ହେଉଥିଲା । ପୁଣି ବୋଝେଇ ହେଉଥିଲା । ସର୍ବୋପରି ଟ୍ରେନ୍‌ରେ ଇନ୍ଧନ ମଧ୍ୟ ଦିଆଯାଉଥିଲା । ଏହାଦ୍ୱାରା ଆଲ୍‌ଙ୍କ ଜିନିଷଗୁଡ଼ିକ ପ୍ରତି ଷ୍ଟେସନରେ ବେଶି ପରିମାଣରେ ବିକ୍ରି ହେଲା । ଏଣୁ ଆଲ୍ ଲାଭବାନ ହେବା ନିହାତି ସ୍ୱାଭାବିକ ଥିଲା ।

Digitized by PPRACHIN, SOA

ଆଲ୍ ଇତ୍ୟବସରରେ ଆଉ ଏକ ଚମତ୍କାରିତା ଦେଖାଇଦେଲେ । ଆଲ୍ ଗ୍ରାଣ୍ଡ ଟ୍ରଙ୍କ ରେଲୱେର ଯେଉଁ ଟ୍ରେନ୍‌ରେ ନିଜ ବ୍ୟବସାୟ ଚାଲୁ ରଖିଥିଲେ ଏବଂ ଯେଉଁ ଧୂମପାନ ପାଇଁ ସଂରକ୍ଷିତ ଡବାରେ ବସି ସେ ଅବସର ସମୟ ବିତାଉଥିଲେ ସେହି ଡବାରେ ବସି ଦିନେ ସେ ଚିନ୍ତା କଲେ - ଯଦି ଏହି ଡବାଟିକୁ ସେ ତାଙ୍କ ପରୀକ୍ଷାଗାର ରୂପେ ବ୍ୟବହାର କରିପାରନ୍ତେ ଏବଂ ତାଙ୍କ ବିଭିନ୍ନ ରାସାୟନିକ ପରୀକ୍ଷା ନିରୀକ୍ଷା କରିବାରେ ଏହି ବଳକା ସମୟଗୁଡ଼ିକ ଉପଚୟ କରିପାରନ୍ତେ, ତେବେ ବଳକା ସମୟର ଠିକ୍ ରୂପେ ଉପଯୋଗ ହୋଇପାରନ୍ତା । ଆଲ୍ ମଧ୍ୟ ସେତେବେଳକୁ ଶତାଧିକ ରାସାୟନିକ ପରୀକ୍ଷାମାନ କରି ଏକ ସୌଖୀନ ରସାୟନବିଦ୍ (amateur chemist) ରୂପେ ପରିଚିତ ହୋଇ ସାରିଥିଲେ । ଏଣୁ ଆଲ୍ ପ୍ରଥମେ ଟ୍ରେନ୍‌ରେ ଥିବା 'ଲଗେଜ୍ କାର୍'ର କଣ୍ଡକ୍ଟରଙ୍କୁ ସେହି ଡବାରେ ଏକ ପରୀକ୍ଷାଗାର ଖୋଲିବାପାଇଁ ଅନୁମତି ମାଗିଲେ ।

କଣ୍ଡକ୍ଟର କହିଲେ - 'ମୋର କିଛି ଆପତ୍ତି ନାହିଁ । କିନ୍ତୁ ଦୁଇଟି ସର୍ତ୍ତରେ । ପ୍ରଥମତଃ ଡବାଟିକୁ ସଦାସର୍ବଦା ପରିଷ୍କାର ରଖିବ ଏବଂ ଦ୍ୱିତୀୟତଃ ଡବାରେ କେବେ ବି ନିଆଁ ଲଗାଇବନାହିଁ ।'

''ଠିକ୍ ଅଛି । ସେ ସବୁର ଯତ୍ନ ମୁଁ ନେବି ।'' କହି ଆଲ୍ ସେହି ଡବାଟିକୁ ଭଲଭାବରେ ନିରୀକ୍ଷଣ କଲେ । କେଉଁଠି ଥାକ ରଖିବେ, କେଉଁଠି ରାସାୟନିକ ପଦାର୍ଥ ରଖିବେ, ସେ ନିଜେ କେମିତି ବସିବେ, ଜଳନିର୍ଗତ ପାଇଁ ଚଟାଣରେ କେମିତି ଏକ କଣା କରିବେ- ଏ ସବୁର ଏକ କାଳ୍ପନିକ ସ୍କେଚ୍ ମନ ଭିତରେ ଆଙ୍କିନେଲେ । ପରେ ଡବାର ଏକ ସ୍କେଚ୍ ଆଙ୍କି କେଉଁପଟେ କ'ଣ ରଖିବେ-ପେନ୍‌ସିଲ୍‌ରେ ସେ ସବୁର ଦାଗ ମାରି ଚିହ୍ନଟ କରିଦେଲେ । ଏହି ପରୀକ୍ଷାଗାର ପାଇଁ ପ୍ରଥମେ ଏକ କାଠର ଥାକ ଆବଶ୍ୟକ ପଡ଼ିଲା । ଥାକ ତିଆରି ବିଷୟରେ ଟ୍ରେନ୍ ର ଡ୍ରାଇଭର ବନ୍ଧୁଙ୍କୁ ପଚାରନ୍ତେ ଡ୍ରାଇଭର ବନ୍ଧୁ ଜଣଙ୍କ ଆଲ୍‌ଙ୍କୁ କହିଲେ-''ଦେଖ, ଥାକ ବା କାବିନେଟ୍ ତିଆରି କରିଦେବା ପାଇଁ ଏଠି କେବଳ ଜଣେ ବ୍ୟକ୍ତି ଅଛନ୍ତି । ସେ ହେଉଛନ୍ତି - ଜର୍ଜ ପୁଲମାନ । ପୁଲମାନ ଟ୍ରେନ୍‌ର ବଗି ମଧ୍ୟ ତିଆରି କରନ୍ତି । ଆଲ୍ ପୁଲମାନଙ୍କ ସହ ଯୋଗାଯୋଗ କଲେ ଏବଂ ଏକ କାବିନେଟ ତିଆରି ପାଇଁ ଅଗ୍ରୀମ ମଧ୍ୟ ଦେଇଦେଲେ । ନିର୍ଦ୍ଧାରିତ ଦିନ ମଧ୍ୟରେ ପୁଲମାନ କାବିନେଟ୍ ଟି ତିଆରି କରିଦେଲେ ଏବଂ ଜାଣିବାକୁ ପାଇଲେ ଯେ ଭଦ୍ରବ୍ୟକ୍ତି ଜଣଙ୍କ (ଆଲ୍) ଏହାନେଇ ଟ୍ରେନ୍‌ର କୌଣସି ଏକ ବଗିରେ ଲଗାଇବେ । ଏଣୁ କଥା ପଡୁ ପଡୁ ପୁଲମାନ ଯେତେବେଳେ

Digitized by PPRACHIN, SOA

ଜାଣିଲେ ଯେ ଆଲ୍ ରେଲ୍‌ରୋଡ଼ରେ କାର୍ଯ୍ୟ କରୁଛନ୍ତି, ସେ ଆଲ୍‌ଙ୍କୁ କହିଲେ - 'ଟ୍ରେନଯାତ୍ରା ନିଶ୍ଚିତଭାବେ ଆରାମଦାୟକ ହେବା ଉଚିତ୍ । ଗୋଟିଏ ପାସେଞ୍ଜର ତାହାର ଯାତ୍ରା କାଳରେ କାହିଁକି ଚୁପ୍‌ଚାପ୍ କାଠବେଞ୍ଚ ଉପରେ ହାତଗୋଡ଼ ଯାକି ଘଣ୍ଟା ଘଣ୍ଟା ଧରି ବସିରହି ଅସ୍ୱସ୍ତିବୋଧ କରୁଥିବ ?''

ଆଲ୍ ତାଙ୍କୁ ଉତ୍ତର ଦେଇଥିଲେ-''ଅବଶ୍ୟ । ଆପଣ ଠିକ୍ କଥା କହୁଛନ୍ତି । ଆପଣ କାହିଁକି ଏଥିପାଇଁ କିଛି ବ୍ୟବସ୍ଥା କରୁ ନାହାନ୍ତି ?'' କହିବା ବାହୁଲ୍ୟ, ଏହି ପୁଲମାନ ହେଉଛନ୍ତି ସେହି ବ୍ୟକ୍ତି, ଯିଏ ପ୍ରଥମେ ଟ୍ରେନ୍‌ରେ 'ସ୍ଲିପିଂ କୋଚ୍' ପ୍ରବର୍ତ୍ତନ କରିଥିଲେ ଏବଂ ଟ୍ରେନ୍‌ର ପୁରୁଣା ମଡ଼େଲ୍ ପାସେଞ୍ଜର କାର୍‌କୁ ନୂଆ 'କୋଚ୍'ରେ ରୂପାନ୍ତରିତ କରି ତତ୍‌କାଳୀନ ଟ୍ରେନ୍ ଇତିହାସରେ ଅଭୂତପୂର୍ବ ଅଧ୍ୟାୟ ସୃଷ୍ଟିକରିଥିଲେ । ସେଇଥିପାଇଁ ଆମେରିକାରେ ଆଜିପର୍ଯ୍ୟନ୍ତ କେହି କେହି ସ୍ଲିପିଂ କୋଚ୍‌କୁ 'ପୁଲମାନ୍ କୋଚ୍' ମଧ୍ୟ କହିଥାନ୍ତି ।

ତେବେ, ଯାହାହେଉ, ଆଲ୍ କାବିନେଟ୍‌ଟି ଆଣି ଟ୍ରେନ୍‌ର ସେହି ନିର୍ଦ୍ଦିଷ୍ଟ ଡବାରେ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଟାଙ୍ଗିଦେଲେ । ସେବେଠାରୁ ଚଳନ୍ତା ଟ୍ରେନ୍‌ଗାଡ଼ିରେ ଚାଲିଲା ଆଲ୍‌ଙ୍କର ରାସାୟନିକ ପରୀକ୍ଷାନିରୀକ୍ଷା ।

ଇତିମଧ୍ୟରେ ଆଲ୍‌ଙ୍କ ମୁଣ୍ଡରେ ଆଉ ଏକ ନୂଆ ବୁଦ୍ଧି ଜୁଟିଲା । ସେ ଯେଉଁ ଖବରକାଗଜ ବିକ୍ରି କରୁଥିଲେ, ତାହାର ଗ୍ରାହକ ସଂଖ୍ୟା ବୃଦ୍ଧି ଉଦ୍ଦେଶ୍ୟରେ ଆଲ୍ ଅନ୍ୟ ଏକ ଉପାୟ ଅବଲମ୍ବନ କଲେ । ଡେଟ୍ରଏ୍‌ରୁ ସେ ଏକ ସାନ୍ଧ୍ୟ ସଂସ୍କରଣର ଖବରକାଗଜ କିଣି ସେଗୁଡ଼ିକରେ ସନ୍ନିବେଶିତ ମୁଖ୍ୟ ସଂବାଦ ଗୁଡ଼ିକ ପଢ଼ିନେଉଥିଲେ ଏବଂ ସେଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ଟେଲିଗ୍ରାଫ୍ ଦ୍ୱାରା ଡେଟ୍ରଏ୍ ଓ ପୋର୍ଟ ହ୍ୟୁରନ୍ ମଧ୍ୟରେ ଥିବା ସମସ୍ତ ଷ୍ଟେସନକୁ ଜଣାଇ ଦେଉଥିଲେ । ଅବଶ୍ୟ ପ୍ରତି ଷ୍ଟେସନଗୁଡ଼ିକର ଟେଲିଗ୍ରାଫ୍ ଅପରେଟରମାନେ ଏ ଦିଗରେ ଆଲ୍ ଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲେ ଏବଂ ସେହି ସମ୍ବାଦଗୁଡ଼ିକର ମୁଖ୍ୟାଂଶକୁ ଟେଲିଗ୍ରାଫ୍ ମାଧ୍ୟମରେ ଗ୍ରହଣ କରି ଷ୍ଟେସନର ସମୟ ନିର୍ଘଣ୍ଟ ଲେଖାଯାଉଥିବା ବିଜ୍ଞାପନ ଫଳକ ଉପରେ ଲଗାଇ ଦେଉଥିଲେ । ଏହାକୁ ଷ୍ଟେସନର ଆଖ ପାଖ ଲୋକ ଏବଂ ଅପେକ୍ଷାରତ ଟ୍ରେନ୍‌ଯାତ୍ରୀମାନେ 'ଏଡ଼ିସନ ବୁଲେଟିନ୍' ନାମରେ ଜାଣିଥିଲେ ଏବଂ ଅତି ଆଗ୍ରହ ସହକାରେ ଆଲ୍ ଏଡ଼ିସନଙ୍କ ଠାରୁ ଖବରକାଗଜ କିଣିବା ପାଇଁ ଉତ୍ସୁକତାର ସହ ଅପେକ୍ଷା ମଧ୍ୟ କରୁଥିଲେ । ଏହାଦ୍ୱାରା ଖବରକାଗଜ ବିକ୍ରିରୁ ଆଲ୍‌ଙ୍କ ରୋଜଗାର ଦ୍ୱିଗୁଣିତ ବୃଦ୍ଧି ପାଇଲା ।

Digitized by PPRACHIN, SOA

ଯୋଗକୁ ଠିକ୍ ପରବର୍ତ୍ତିକାଳରେ ଅର୍ଥାତ୍ ୧୮୬୧ ମସିହାରେ ଆମେରିକାରେ ଗୃହଯୁଦ୍ଧ ଲାଗିଗଲା । ଗୃହଯୁଦ୍ଧର ପରିଣତି ସମ୍ବନ୍ଧରେ ଅବଗତ ହେବାପାଇଁ ଏହି 'ଏଡିସନ ବୁଲେଟିନ୍'ର ଚାହିଦା ବହୁପରିମାଣରେ ବଢ଼ିଗଲା ଏବଂ ତତ୍ ସଙ୍ଗେ ସଙ୍ଗେ ଆଲ୍‌ଙ୍କ ପେପର ବିକ୍ରି ମଧ୍ୟ ସେହି ପରିମାଣରେ ବୃଦ୍ଧି ଘଟିଲା । ୧୮୬୨ ମସିହା ଏପ୍ରିଲ ୬ ତାରିଖର ପ୍ରସିଦ୍ଧ ସିଲୋ ଯୁଦ୍ଧ (great battle of Shiloh) ଘଟଣାକୁ ଲିପିବଦ୍ଧ କରି ଆଲ୍ ତାଙ୍କ 'ଏଡ଼ିସନ ବୁଲେଟିନ୍'କୁ ଟେଲିଗ୍ରାଫ୍ ଦ୍ୱାରା ପ୍ରତି ଷ୍ଟେସନରେ ପହଞ୍ଚାଇ ଦେବାପରେ ଏହି ବୁଲେଟିନରୁ ମୁଖ୍ୟାଂଶ ପଢ଼ି ପ୍ରତି ଷ୍ଟେସନରେ ଅପେକ୍ଷାରତ ଶହ ଶହ ଲୋକଙ୍କ ମଧ୍ୟରେ ଡେଟ୍ରଟ୍‌ରୁ କିଣିଥିବା ସେଦିନର ଏକହଜାର ସମ୍ବାଦପତ୍ର କପିକୁ ସେ ଅକ୍ଳେଶରେ ବିକ୍ରି କରି ଦେଇଥିଲେ । ଏପରିକି ପ୍ରତିଖଣ୍ଡ ସମ୍ବାଦପତ୍ରକୁ ପ୍ରଥମ କେତୋଟି ଷ୍ଟେସନରେ ସେ ପାଞ୍ଚସେଣ୍ଟରେ ବିକ୍ରି କରିଥିଲେ । ପରବର୍ତ୍ତି ଷ୍ଟେସନ ଗୁଡ଼ିକରେ ପ୍ରବଳ ଲୋକଭିଡ ଦେଖି ସେ ସଂବାଦପତ୍ରର ଦାମ୍ ଦଶସେଣ୍ଟକୁ ବୃଦ୍ଧି କରିଦେଲେ ଏବଂ ଶେଷ କେତୋଟି ଷ୍ଟେସନରେ ସେ ଦଶରୁ ପଚିଶସେଣ୍ଟକୁ ମଧ୍ୟ ବୃଦ୍ଧି କରିଦେଲେ । ସେହିଦିନ ସେ ଏକହଜାର କପି ସଂବାଦପତ୍ର ବିକ୍ରିକରି ପାଇଥିଲେ ଏକଶତ ଡଲାର କେବଳ ଲାଭ ଆକାରରେ । ଗ୍ରାଣ୍ଡଟ୍ରଙ୍କ ରେଲୱେରେ ଖବରକାଗଜ ବିକାଳୀ ଭାବେ ଏହାଥିଲା ତାଙ୍କର ସବୁଠୁଁ ବେଶି ଦୈନିକ ଲାଭ ।

ଏହି ସମ୍ବାଦପତ୍ର ବ୍ୟବସାୟର ସଫଳତା ଆଲ୍‌ଙ୍କୁ ପରବର୍ତ୍ତିକାଳରେ ନିଜେ ଏକ ସାପ୍ତାହିକ ଖବରକାଗଜ ଛପାଇବାପାଇଁ ପ୍ରେରଣା ଯୋଗାଇଥିଲା । ଆଲ୍‌ଙ୍କ ପାଖରେ ସେତେବେଳେ ଅର୍ଥର ଅଭାବ ମଧ୍ୟ ନଥିଲା । ଯୋଗକୁ ଆଲ୍ ଡେଟ୍ରଟ୍‌ସ୍ଥ କୌଣସି ଏକ ହୋଟେଲ୍‌ରୁ ପାଇଗଲେ ଏକ ପୁରୁଣା ମେସିନ, ଯାହାଦ୍ୱାରା ପୂର୍ବରୁ କେବଳ ସେହି ହୋଟେଲ୍‌ର 'ମେନୁ' ହିଁ ଛପା ଯାଉଥିଲା । ସେହି ପ୍ରିଣ୍ଟିଂ ମେସିନକୁ ସେ କିଣିଆଣି ସ୍ଥାପନା କଲେ ଟ୍ରେନରେ ଥିବା ତାଙ୍କ 'ବିଜ୍ଞାନାଗାର' ବଗିରେ । ପ୍ରତି ସପ୍ତାହରେ ସେ ପ୍ରକାଶ କଲେ ଏକ ସାପ୍ତାହିକ ସଂବାଦପତ୍ର 'ଉଇକ୍ଲି ହେଲାଲ୍ଡ଼' ନାମରେ । ଏହାର ପ୍ରତିଖଣ୍ଡର ମୂଲ୍ୟ ଥିଲା ତିନିସେଣ୍ଟ ଏବଂ ମାସିକ ଗ୍ରାହକ ମୂଲ୍ୟ ଥିଲା ଆଠ ସେଣ୍ଟ । ଏହି ସାପ୍ତାହିକ ସମ୍ବାଦପତ୍ର ପାଇଁ ସେ ପ୍ରାୟ ଚାରିଶହ ନିୟମିତ ଗ୍ରାହକ ସୃଷ୍ଟି କରିପାରିଥିଲେ । ସବୁଠୁଁ ମଜା ଏବଂ ଆଶ୍ଚର୍ଯ୍ୟର କଥା - ଏହି ସାପ୍ତାହିକୀର ସେ ଥିଲେ ଏକାଧାରରେ ସମ୍ବାଦଦାତା, ସଂପାଦକ, କମ୍ପୋଜର ଏବଂ ସର୍ବୋପରି ବଣ୍ଟନ ଅଧିକାରୀ । ଆଲ୍‌ଙ୍କ ଏକକ ଉଦ୍ୟମରେ ପ୍ରକାଶିତ ଏହି ସାପ୍ତାହିକୀଟି ପ୍ରକାଶ ପାଉଥିଲା ପୁଣି ଏକ ଚଳନ୍ତା ଟ୍ରେନରେ । 'ଉଇକ୍ଲି ହେରାଲ୍ଡ଼' ସାପ୍ତାହିକୀର

Digitized by PPRACHIN, SOA

ଏହି ଥିଲା ଏକ ଶ୍ରେଷ୍ଠ ବିଶେଷତ୍ୱ । ସେହି ସମୟରେ ଜଣେ ଇଂରେଜ ପର୍ଯ୍ୟଟକ ଆମେରିକା ଭ୍ରମଣରେ ଆସିଥିଲେ । ସେ ଆଲ୍‌ଙ୍କ ଏକକ ଉଦ୍ୟମରେ ପ୍ରକାଶିତ ସେହି ସାପ୍ତାହିକୀ ଖବରକାଗଜ ପଢ଼ିସାରି ଦେଖି ଏମିତି ପ୍ରଭାବିତ ହୋଇଯାଇଥିଲେ ଯେ ଯୁବକ ଆଲ୍‌ଙ୍କୁ ଭୂୟସୀ ପ୍ରଶଂସା କରି ନିଜେ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ଉଇକ୍ଲି ହେଲାଲ୍‌ଡ଼ ର ଏକ କପି ସହ ନିଜ ରିପୋର୍ଟକୁ ଇଂଲାଣ୍ଡର ପ୍ରସିଦ୍ଧ ସମ୍ବାଦପତ୍ର 'ଲଣ୍ଡନ ଟାଇମସ୍'କୁ ସେ ପଠାଇ ଦେଇଥିଲେ । ଥୋମାସ୍ ଆଲଭା ଏଡ଼ିସନଙ୍କୁ ଏକାଧାରରେ ମାଲିକ ଏବଂ ପ୍ରିଣ୍ଟର ରୂପେ ପ୍ରଶଂସା କରି 'ଲଣ୍ଡନ ଟାଇମସ୍' ଲେଖିଥିଲା- ଚଳନ୍ତା ଟ୍ରେନରୁ ପ୍ରକାଶିତ ପୃଥିବୀର ସର୍ବପ୍ରଥମ ସମ୍ବାଦପତ୍ର 'ଉଇକ୍ଲି ହେରାଲ୍‌ଡ଼' ।

୧୮୬୨ ମସିହା ଅଗଷ୍ଟ ମାସରେ ଆଉ ଗୋଟେ ଘଟଣା ଘଟିଲା । ଟ୍ରେନଟି ଅଟକିଥାଏ ମାଉଣ୍ଟ କ୍ଲେମେନ୍‌ସ ଷ୍ଟେସନରେ । ସେହି ଷ୍ଟେସନରେ ଅବସ୍ଥାପିତ ଟେଲିଗ୍ରାଫ ଅପରେଟରଙ୍କ ପାଞ୍ଚବର୍ଷର ପୁଅ ବିମି ଖେଳୁଥିଲା କିଛିଦୂରରେ- ରେଳଧାରଣାର ଠିକ୍ ପାର୍ଶ୍ୱରେ । କାହିଁକି କେଜାଣି ଆଲ୍ ଠିକ୍ ସେହି ସମୟରେ ବଗିରୁ ତଳକୁ ଓହ୍ଲାଇ ଆସିଥିଲେ । ଆଲ୍ ଦେଖିଲେ ଯେ ପିଲାଟି ଛୋଟ ଛୋଟ ପଥର ଖଣ୍ଡମାନ ସଂଗ୍ରହ କରି ରେଳଧାରଣା ଉପରେ ଘରଟିଏ ତିଆରି କରୁଛି ଏବଂ ଖେଳଘରଟି ପାଇଁ ରେଳ ଧାରଣାର ମଧ୍ୟବର୍ତ୍ତି ସ୍ଥାନରୁ ଛୋଟ ଛୋଟ ପଥରଖଣ୍ଡ ମାନ ସଂଗ୍ରହ କରିବାରେ ବ୍ୟସ୍ତ ଅଛି । ଏହି ସମୟରେ ସେହି ଲାଇନ୍‌ର ବିପରୀତ ଦିଗରୁ ଟ୍ରେନଟା ମାଡ଼ି ଆସୁଥିବାର ଆଲ୍ ଦେଖି ପାରିଲେ । ଅଥଚ ଜିମି ଅନ୍ୟମନସ୍କ ଭାବରେ ସେହି ରେଳଧାରଣା ମଝିରୁ ପଥର ଖଣ୍ଡମାନ ସଂଗ୍ରହ କରିବାରେ ବ୍ୟସ୍ତ ଅଛି ସେହି ରେଳଧାରଣା ଉପରେ । ଆଲ୍ କାଳବିଳମ୍ବ ନ କରି ପିଲାଟି ଉଦ୍ଦେଶ୍ୟରେ ଉଚ୍ଚସ୍ୱରରେ ଚିତ୍କାର କରି ଡାକିବାକୁ ଲାଗିଲେ । ପିଲାଟି କିନ୍ତୁ ପୂର୍ବବତ୍ ଘର ତିଆରିରେ ମଜ୍ଜି ରହିଥିଲା । ନିରୁପାୟ ଆଲ୍ ଏଥର ଦୌଡ଼ିଗଲେ ସେହି ପିଲାଟି ପାଖକୁ ଏବଂ ପିଲାଟିକୁ ଝିକିନେଇ ଲାଇନ ଆରପଟେ କଚାଡ଼ି ହୋଇ ପଡ଼ିଲେ । ପଲକ ମାତ୍ରେହିଁ ସାଏଁ କିନା ମାଲବୁହା ଗାଡ଼ିଟା ଅତିକ୍ରମ କରିଗଲା । ଉଭୟେ ଅଳ୍ପକେ ବଂଚିଗଲେ । ପିଲାଟିର ଚମ ଛିଣ୍ଡି ଯିବା ସହ ପଥର ଆଘାତ ଲାଗି ମୁଣ୍ଡ ଫୁଲି ଯାଇଥିଲା । ଆଲ୍ ଯଦିଓ ବେଶୀ କ୍ଷତବିକ୍ଷତ ହୋଇନଥିଲେ, କିନ୍ତୁ ତାଙ୍କ କୋଟ୍‌ରୁ ପୁଳାଏ ଚିରି ଯାଇଥିଲା ।

ମୁହୂର୍ତ୍ତକମଧ୍ୟରେ ରୁଣ୍ଡ ହୋଇଗଲେ ଶହଶହ ଲୋକ । ଭିଡ଼ ଠେଲି ପଶିଆସିଲେ ଜଣେ ଭଦ୍ରଲୋକ- ସେହି ଷ୍ଟେସନର ଟେଲିଗ୍ରାଫ୍ ଅପରେଟର । ବାଳକଟି ଆଲ୍‌ଙ୍କ

Digitized by PPRACHIN, SOA

Digitized by PPRACHIN, SOA

ଗୋଡ଼କୁ ଚାପିଧରି ତଥାପି ଯନ୍ତ୍ରଣାରେ ଚିତ୍କାର କରୁଥିଲା । ଟେଲିଗ୍ରାଫ୍ ଅପରେଟର ଜଣକ ପ୍ରଥମେ ନିଜ ପୁଅକୁ ଟେକି ନେବେ କ'ଣ, କୁଣ୍ଡାଇ ପକାଇଲେ ଆଲ୍‌ଙ୍କୁ । ଆଲ୍‌ଙ୍କୁ ଗଭୀର କୃତଜ୍ଞତା ଜଣାଇ ଅପରେଟର କହିଲେ - 'ଆଲ୍, ତୁମେ ମୋର ଏକମାତ୍ର ପୁଅର ଜୀବନରକ୍ଷା କରିଛ । ଏଥିପାଇଁ ମୁଁ ତୁମକୁ କୌଣସି ଆର୍ଥିକ ପୁରସ୍କାର ଦେଇପାରିବିନି । ମୁଁ ଜଣେ ଭଲ ଟେଲିଗ୍ରାଫ୍ ଅପରେଟର । ଯଦି ଚାହଁ, ମୁଁ ତମକୁ ଏପରି ଟେଲିଗ୍ରାଫି ଶିଖାଇଦେବି, ଯେପର୍ଯ୍ୟନ୍ତ ତମେ ଏ ଲାଇନରେ ଟେଲିଗ୍ରାଫିର ଜଣେ ସବୁଠୁଁ ଭଲ ସଂଗ୍ରାହକ ଏବଂ ପ୍ରେରକ ନ ହୋଇଛ ।'

ଆଲ୍ ଖୁସିହୋଇ 'ହଁ' ଭରିଲେ ଏବଂ ଏହି ପାରଦର୍ଶୀ ଅପରେଟରଙ୍କ ଅଧୀନରେ ରହି ସେ ଶିଖିଲେ ଟେଲିଗ୍ରାଫି । ଏଣିକି ଆଲ୍ ଟ୍ରେନ୍‌ରେ ଆଉ ସଂପୂର୍ଣ୍ଣ ଯାତ୍ରା ନ କରି ପୋର୍ଟହ୍ୟୁରନ ଠାରୁ ମାଉଣ୍ଟକ୍ଲେମେଣ୍ଟ ଯାଏ ଯାତ୍ରା କଲେ ଏବଂ ମାଉଣ୍ଟକ୍ଲେମେଣ୍ଟ ରେ ସେ ଓହ୍ଲାଇ ସେହି ଭଦ୍ରବ୍ୟକ୍ତିଙ୍କ ଅଧୀନରେ ଟେଲିଗ୍ରାଫି ଶିକ୍ଷା କଲେ । ତାଙ୍କର ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ ତୁଲାଇବା ପାଇଁ ଆଲ୍‌ଙ୍କର ଜଣେ ସାଙ୍ଗଙ୍କୁ ସହକାରୀ ରୂପେ ନିଯୁକ୍ତି ଦେଲେ । ଏବେ ଆଲ୍ ପୂର୍ବାପେକ୍ଷା ଅଧିକ କାର୍ଯ୍ୟବ୍ୟସ୍ତ ହୋଇଗଲେ । ସେ ପାଲଟିଗଲେ ଏକାଧାରରେ ଜଣେ ଖବରକାଗଜ ବିକାଳୀ, ପ୍ରକାଶକ, ରସାୟନବିତ୍ ଏବଂ ଟେଲିଗ୍ରାଫର ।

ପୋର୍ଟହ୍ୟୁରନ ଠାରୁ ଡ଼େଟ୍ରଟ୍ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରେନଯାତ୍ରାରୁ ଆଲ୍ ଅନେକକିଛି ଶିକ୍ଷା କରିଥିଲେ । ଏହି ଯାତ୍ରାକାଳମଧ୍ୟରେ ସେ ପଢୁଥିବା ଅଜସ୍ର ବହିଗୁଡ଼ିକରୁ ସୃଷ୍ଟି ହେଉଥିବା ଅନେକ 'କଣ' ଓ 'କାହିଁକି' ତାଙ୍କ ମନଭିତରେ ଉଙ୍କିମାରୁଥିଲା ଓ ଯେ ପର୍ଯ୍ୟନ୍ତ ସେ ନିଜପରୀକ୍ଷା ମାଧମରେ ପ୍ରୋକ୍ତ 'କଣ' ଓ 'କାହିଁକି'ର ଉତ୍ତର ପାଇ ପାରୁନଥିଲେ, ସେ ପର୍ଯ୍ୟନ୍ତ ଏପରିକି ଛପା ବହିରେ ଥିବା ସିଦ୍ଧାନ୍ତକୁ ସେ ଆଦୌ ସହଜରେ ବିଶ୍ୱାସ କରିପାରୁ ନଥିଲେ ।

ଥରେ ଫ୍ରେଶର (Frasher) ଷ୍ଟେସନରେ ଆଲ୍ ଅନ୍ୟମନସ୍କ ହୋଇ ପ୍ଲାଟଫର୍ମରେ ନିଜ ଖବରକାଗଜ ବିକ୍ରି କରିବାରେ ବ୍ୟସ୍ତ ଥିଲେ । ଏହି ସମୟରେ ଟ୍ରେନ୍‌ଟି ଛୁକ୍ ଛୁକ୍ କରି ଗଡ଼ିବାକୁ ଆରମ୍ଭ କଲା । ଆଲ୍ ପେପର ବିକ୍ରିଛାଡ଼ି ଟ୍ରେନ ଧରିବାପାଇଁ ଦୌଡ଼ିଦୌଡ଼ି ଆସିଲେ । କିନ୍ତୁ ତାଙ୍କ ଭାଗ୍ୟ ଖରାପ, ଟ୍ରେନ୍‌ଟିର ଗତି ବୃଦ୍ଧି ଘଟିସାରିଥିଲା । ଆଲ୍ କିନ୍ତୁ କୌଣସିମତେ ଲଗେଜ୍‌କାର୍‌ର ଝର୍କା ରେଲିଂ ଧରିନେଲେ ଏବଂ ସେହିଭଳି ଝୁଲନ୍ତ ଅବସ୍ଥାରେ ଟ୍ରେନ୍‌ରେ ଗତି କରିବାକୁ ଲାଗିଲେ । ଭୟରେ ତାଙ୍କ ଛାତି ଧଡ଼ ଧଡ଼ ହେଉଥିଲା । କ'ଣ କରିବେ- ହାତଛାଡ଼ିଲା ମାନେହିଁ

Digitized by PPRACHIN, SOA

ଚକା ତଳେ ପଡ଼ିଯିବେ । ଏଣେ ଅନ୍ୟମାନଙ୍କ ଭଳି 'ଡାଇଭ୍' ମାରି ଟ୍ରେନ ଭିତରକୁ ଯିବା ମଧ୍ୟ ତାଙ୍କଦ୍ୱାରା ସମ୍ଭବ ନଥିଲା ? ଏହି ସମୟରେ ସେ ଏକ ଭୟାତୁର ମୃଦୁ ଚିତ୍କାର କଲେ । ତାଙ୍କ ଚିତ୍କାର ସମ୍ଭବତଃ ବଗି ମଧ୍ୟସ୍ଥ ଜଣେ ରେଳକର୍ମଚାରୀ ଶୁଣିପାରି ଆଲ୍‌ଙ୍କ କାନ ଦୁଇଟିକୁ ଧରିନେଇ ବଗି ଭିତରକୁ ଟେକିନେଲେ । ତାଙ୍କ ଶ୍ରବଣଶକ୍ତିର ସ୍ନାୟୁଟି ଛିଣ୍ଡିଗଲା କି କ'ଣ ମସ୍ତିଷ୍କ ଭିତରେ ସେ ଏକ ଧଡ଼୍ ଧଡ଼୍ ଶବ୍ଦ ସେ ଅନୁଭବ କଲେ । କାରଣ କାନମଧ୍ୟସ୍ଥ ପରଦାଟି ଏମିତି ଆଘାତ ପାଇଥିଲା ଯେ ଆଲ୍ କ୍ରମେ କ୍ରମେ ତାଙ୍କ ଶ୍ରବଣଶକ୍ତି ହରାଇ ଶେଷରେ ସଂପୂର୍ଣ୍ଣ କାଲ ହୋଇ ଯାଇଥିଲେ ।

୧୮୫୯ରୁ ୧୮୬୨ ମସିହା ମଧରେ ଆଲ୍ ଖବରକାଗଜ, ରସାୟନବିଦ୍, ପ୍ରକାଶକ, ଟେଲିଗ୍ରାଫର ଏବଂ ଇଲେକ୍ଟ୍ରିକାଲ୍ ଇଂଞ୍ଜିନିୟର ରୂପେ ନିଜକୁ ପରିଚିତ କରି ସାରିଥିଲେ ।

ଦିନେ ଆଉ ଗୋଟିଏ ଅଘଟଣ ଘଟିଗଲା ଆଲ୍‌ଙ୍କ ଟ୍ରେନ-ପରୀକ୍ଷାଗାରରେ । ଆଲ୍ କୌଣସି ଏକ ରାସାୟନିକ ପରୀକ୍ଷାରେ ନିମଗ୍ନ ଥିଲେ । ହଠାତ୍ ସ୍ଥିର ଟ୍ରେନ୍‌ଟି ଛାଡ଼ିବାପାଇଁ ହୁଇସିଲ ବାଜିଉଠିଲା । ଟ୍ରେନ୍‌ଟି ଧୀରେ ଧୀରେ ଗଡ଼ିବାକୁ ଲାଗିଲା । ଆଲ୍‌ଙ୍କ ପରୀକ୍ଷାଗାରଟି ଥିବା ବଗିଟି ଏକ ଅସମତଳ ଧାରଣା ଉପରେ ପଡ଼ି ଝଟକାଟେ ମାରିଦେଲା । ଆଲ୍ ସେତେବେଳକୁ ହାତରେ ଟେଷ୍ଟଟ୍ୟୁବ୍ ଟିଏ ଧରି ସେଥିରୁ ଉଦ୍‌ଗାରିତ ହେଉଥିବା ଗ୍ୟାସ ବୁନ୍ଦାମାନ ନିରୀକ୍ଷଣ କରିବାରେ ବ୍ୟସ୍ତଥିଲେ । ବଗିଟି ହଠାତ୍ ଝଟକା ଖାଇବାରୁ ଆଲ୍ ନିଜର ଭାରସାମ୍ୟ ରକ୍ଷା କରି ନପାରି ପଡ଼ି ଯାଉ ଯାଉ ଧରିପକାଇଲେ ରାସାୟନିକ ପଦାର୍ଥଭର୍ତ୍ତି ବିଭିନ୍ନ କାଚପାତ୍ର ଥିବା କାବିନେଟ୍‌କୁ । କାବିନେଟ ମଧ୍ୟରୁ ଫସ୍‌ଫରସ୍ ଥିବା କାଚପାତ୍ରଟି ଦୁର୍ଯୋଗକୁ ତଳେ ପଡ଼ି ଭାଙ୍ଗିଗଲା । ମୁହୂର୍ତ୍ତକମଧ୍ୟରେ ଫସ୍‌ଫରସ୍ ର ତରଳ ଆସ୍ତରଣ ଖେଳିଗଲା ବଗିର ଚଟାଣସାରା ଏବଂ ବାୟୁର ସଂସ୍ପର୍ଶରେ ଆସି ଆଖିପିଛୁଳାକେ ଏହା ଜଳିଉଠିଲା । ଚାହୁଁ ଚାହୁଁ ବଗିସାରା ନିଆଁର ଲହଲହ ଜିହ୍ୱା ଘୂରିବୁଲିଲା ।

ଭୟଭୀତ ଆଲ୍ ତତକ୍ଷଣାତ୍ ଆଉ କିଛି ଉପାୟ ନପାଇ ପିନ୍ଧିଥିବା କୋଟଟିକୁ ଉତାରି ଦେଲେ ଏବଂ ସେହି ନିଆଁରେ ବାଡ଼େଇବାକୁ ଲାଗିଲେ । ନିଆଁ କିନ୍ତୁ ଚଳନ୍ତାଗାଡ଼ିର ପବନବାଜି ପୂର୍ବଠାରୁ ଆହୁରି ଜୋର୍‌ରେ ଜଳିବାକୁ ଲାଗିଲା ଏବଂ କିଛିକ୍ଷଣ ମଧ୍ୟରେ ତାଙ୍କ ରାସାୟନିକ ପଦାର୍ଥ ରଖା ହୋଇଥିବା ଥାକଟି ସହ ପୁରୁଣା ପ୍ରିଣ୍ଟିଂ ମେସିନଟି ଜଳିବାକୁ ଲାଗିଲା । ସେତେବେଳକୁ ଗଦା ହୋଇଥିବା ପୁରୁଣା

Digitized by PPRACHIN, SOA

ପେପର ଗୁଡ଼ିକ ମଧ୍ୟ ହୁତୁହୁତୁ ହୋଇ ଜଳୁଥାଏ । ଆଲ୍ ଆଉ କାଳବିଳମ୍ବ ନ କରି ଭୟରେ "ଦୌଡ଼ିଆସ, ଦୌଡ଼ିଆସ । ନିଆଁ ଲାଗିଗଲା" ବୋଲି ପ୍ରାଣ ବଳରେ ଚିତ୍କାର କରିବାକୁ ଲାଗିଲେ ।

ନିକଟସ୍ଥ ବଗିର ଦ୍ୱାର ଖୋଲିଗଲା ଏବଂ ନିଆଁକୁ ଦେଖି କଣ୍ଡକ୍ଟରଙ୍କ ବୁଦ୍ଧି ହଜିଗଲା । ତତ୍‌କ୍ଷଣାତ ସେ ମଧ୍ୟ ନିଜ କୋଟ୍ ଖୋଲି ନିଆଁକୁ ଖୁବ୍ ଜୋର୍‌ରେ ପିଟିବାକୁ ଲାଗିଲେ । ଯାହାହେଉ, ଦୁଇଜଣଙ୍କ ଅକ୍ଲାନ୍ତ ପରିଶ୍ରମପରେ ନିଆଁ ସଂପୂର୍ଣ୍ଣରୂପେ ଲିଭିଗଲା । ସେହି ଧୂଆଁଭରି ବଗିମଧ୍ୟରେ ଥାଇ କଣ୍ଡକ୍ଟର ଜଣକ କ୍ରୋଧରେ ଚିତ୍କାର କରିବାକୁ ଲାଗିଲେ - "ଇଉ ଇଡ଼ିୟଟ୍ । ଏହି ମୂହୂର୍ତ୍ତରେ ଏ ବଗି ଖାଲି କର । ମୁଁ କଦାପି ସମ୍ପୂର୍ଣ୍ଣ ଟ୍ରେନଟା ଜଳିବାକୁ ଦେବି ନାହିଁ ।"

ଭୟଭୀତ ଆଲ୍ ନିଆଁ ଧରିବାର କାରଣଟା ଯେତେଥର ବୁଝାଇବାକୁ ଚେଷ୍ଟାକଲେ ମଧ୍ୟ କଣ୍ଡକ୍ଟର ଜଣକ ଶୁଣିବାକୁ ଆଦୌ ପ୍ରସ୍ତୁତ ନ ଥିଲେ । ତାଙ୍କର ଏକା ଜିଦ୍ ଥିଲା - 'ଏହି ମୂହୂର୍ତ୍ତରେ ତୁ ବଗି ଖାଲି କର ।'

ଠିକ୍ ଆଗରେ ପଡ଼ିଲା ସ୍ମିଥ୍‌କ୍ରିକ୍ ଷ୍ଟେସନ । କ୍ରୁଦ୍ଧ କଣ୍ଡକ୍ଟର ଜଣକ ବିନା ବିଳମ୍ବରେ ଏବଂ ବିନା ବାକ୍ୟ ବ୍ୟୟରେ ଆଲ୍‌ଙ୍କ ବଗି ମଧ୍ୟସ୍ଥ ଅଧାଜଳା ଜିନିଷ ଗୁଡ଼ିକ ବଗି ବାହାରକୁ କାଢ଼ି ଫିଙ୍ଗିବାରେ ଲାଗିଲେ । ନିଜର ଅଧାଜଳା ପ୍ରିଣ୍ଟିଂ ମେସିନ ସହ ପରୀକ୍ଷାଗାରର ସମସ୍ତ ଉପକରଣମାନଙ୍କୁ ଏକାଠି କରି ସେହି ପ୍ଲାଟଫର୍ମରେ ବିମର୍ଷ ମନ ନେଇ ବସିରହିଲେ ଯୁବ ରସାୟନବିତ୍ ଥୋମାସ୍ ଆଲଭା ଏଡ଼ିସନ । ପରେ ଆଲ୍‌ଙ୍କ ପିତା ଏ ଦୁର୍ଘଟଣାର ଖବର ପାଇ ସ୍ମିଥ୍‌କ୍ରିକ୍ ଷ୍ଟେସନରେ ପହଞ୍ଚିଥିଲେ ଏବଂ ଆଲ୍‌ଙ୍କ ସହ ତାଙ୍କର ସମସ୍ତ ଜିନିଷପତ୍ର ନେଇଆସିଥିଲେ ନିଜ ବାସସ୍ଥାନକୁ । ଏସବୁ ଜିନିଷମାନ ଭର୍ତ୍ତି କରାଗଲା ଆଲ୍‌ଙ୍କ ଘରର ତଳମହଲାରେ ଥିବା ତାଙ୍କ ପରୀକ୍ଷାଗାରରେ । ଏବେଠାରୁ ହିଁ ଆଲ୍ ନିଜ ଗୃହ ମଧ୍ୟସ୍ଥ ପରୀକ୍ଷାଗାରରେ ଆରମ୍ଭ କରିଦେଲେ ତାଙ୍କ ନିଜ ଭବିଷ୍ୟତ ଜୀବନର ପରୀକ୍ଷା ନିରୀକ୍ଷା ।

ଲଗେଜ୍‌କାରର ଅଗ୍ନି ଦୁର୍ଘଟଣାପରେ ଆଲ୍ ତାଙ୍କ "ଉଇକ୍ଲି ହେରାଲଡ଼" ପ୍ରକାଶନକୁ ବନ୍ଦ କରି ଦେଇଥିଲେ ଏବଂ ଟେଲିଗ୍ରାଫ୍ ଶିଖିବାରେ ବେଶୀ ସମୟ ମନୋନିବେଶ କଲେ । ସେ ଟେଲିଗ୍ରାଫି ଉପରେ ଏମିତି ଦକ୍ଷ ହୋଇଯାଇଥିଲେ ଯେ କିଛି ଦୂରରେ ଥିବା ତାଙ୍କର ଜଣେ ବନ୍ଧୁଙ୍କ ଗୃହ ଏବଂ ନିଜ ଗୃହ ମଧ୍ୟରେ ଅତି ସାଧାରଣ ବାଡ଼ବୁଜା ତାର ଦ୍ୱାରା ଏକଘରୋଇ ଟେଲିଗ୍ରାଫ୍ ଲାଇନ୍ ସୃଷ୍ଟି କରିପାରିଥିଲେ ।

Digitized by PPRACHIN, SOA

ଏହି ତାର ଗୁଡ଼ିକ ରାସ୍ତାକଡ଼ ଗଛମାନଙ୍କରେ ଥିବା ଶାଖାମଧ ଦେଇ ଟଣାଯାଇଥିଲା ଏବଂ ତଡ଼ିତରୋଧକ (ଇନସୁଲେଟର) ରୂପେ କାଚବୋତଲ ମାନ ବ୍ୟବହାର କରାଯାଇଥିଲା । କହିବା ବାହୁଲ୍ୟ, ଏହି ଲାଇନ୍ ଦ୍ୱାରା ଆଲ୍ ତାଙ୍କ ବନ୍ଧୁଙ୍କ ପାଖକୁ ବହୁ ସମ୍ବାଦପ୍ରେରଣ କରିବା ସହ ତାଙ୍କ ପାଖରୁ ଅନେକ ସମ୍ବାଦ ସଂଗ୍ରହ କରିବାରେ ସକ୍ଷମ ହୋଇ ପାରିଥିଲେ ।

ଆଲ୍ ପ୍ରତିଦିନ ରାତି ନଅଟାରେ ନିଜ ରେଳଲାଇନ୍ ଧନ୍ଦାରୁ ଘରକୁ ଫେରୁଥିଲେ । ଏବଂ ଡ୍ରେଟ୍ରଟ୍, ସିକାଗୋ ଏବଂ ଅନ୍ୟ ବଡ ବଡ ଷ୍ଟେସନମାନଙ୍କରେ କିଣୁଥିବା ପେପର୍‌ଗୁଡ଼ିକ ବିକ୍ରି କରି ସାରିବାପରେ ଯାହା ବଳୁଥିଲା, ତାହା ସେ ନିଜ ପିତାଙ୍କ ପଢ଼ିବା ଉଦ୍ଦେଶ୍ୟରେ ପ୍ରତିଦିନ ଘରକୁ ନେଇ ଆସୁଥିଲେ । ଦିନେ କ'ଣ ହେଲା ନା ଆଲ୍ ନିଜର ପ୍ରତିଜ୍ଞାନୁଯାୟୀ ମାଆଙ୍କୁ ସେଦିନର ଡଲାର୍‌ଟା ଦେଇଦେଲେ; କିନ୍ତୁ ପିତାଙ୍କ ପାଇଁ କୌଣସି ଖବରକାଗଜ ଖଣ୍ଡେ ଆଣିନଥିଲେ । ସଂଭବତଃ ସେଦିନ ସବୁ ଖବରକାଗଜ ବିକ୍ରି ହୋଇଯାଇ ଥିଲା । ସାମ୍ ଏଡ଼ିସନଙ୍କର ଏହି ବଳକା ପେପର ଗୁଡ଼ିକ ବସି ରାତ୍ରିର ବିଳମ୍ବିତ ପ୍ରହର ଯାଏ ବସି ପଢ଼ିବା ସାମ୍ ଏଡ଼ିସନ୍‌ଙ୍କର ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ସେ କିନ୍ତୁ ସେଦିନ ଆଲ୍‌ଙ୍କ ହାତରେ ପେପର ନଦେଖି ଆଶ୍ଚର୍ଯ୍ୟରେ ଆଲ୍‌ଙ୍କୁ ପଚାରିଲେ- "ମୋ ପେପର କାହିଁ ?"

ଆଲ୍ ଡରିମରି କହିଲେ- "ଆଜିର ପେପର ଖଣ୍ଡେ କିଣି ମୋ ସାଙ୍ଗ ନେଇ ଆସିବ ବୋଲି କହି ଆସିଛି ।"

ସାମ୍ ଏଡିସନ ଗର୍ଜିଉଠି କହିଲେ- "ମୁଁ କିଛି ଶୁଣିବାକୁ ଚାହେଁନା । ମୋର ପେପର ଦରକାର ।"

ଅନନ୍ୟୋପାୟ ଆଲ୍ ନିଜ ବନ୍ଧୁଙ୍କୁ ଟେଲିଗ୍ରାଫ୍ ଲାଇନ୍ ଦ୍ୱାରା ନିଜର ସମସ୍ୟାଟା ଜଣାଇ ଦେଲେ ଏବଂ ବନ୍ଧୁଙ୍କୁ ଅନୁରୋଧ କରି କହିଲେ- "ଆଜିର ମୁଖ୍ୟ ସଂବାଦଗୁଡ଼ିକ ଟେଲିଗ୍ରାଫ୍ ଦ୍ୱାରା ମୋତେ ତୁରନ୍ତ ଜଣାଅ ।"

ବନ୍ଧୁଜଣକ କାଳବିଳମ୍ବ ନକରି ମୁଖ୍ୟ ସଂବାଦଗୁଡ଼ିକ ନିଜ ସୃଷ୍ଟ ଘରେଇ ଟେଲିଗ୍ରାଫ୍ ଦ୍ୱାରା ପ୍ରେରଣ କରିଥିଲେ ଏବଂ ଆଲ୍ ସେଗୁଡ଼ିକୁ ଲିପିବଦ୍ଧକରି ନିଜ ପିତାଙ୍କୁ ପଢ଼ିବାକୁ ଦେଇଥିଲେ ।

ସାମ୍ ଏଡ଼ିସନଙ୍କ କ୍ରୋଧ ଦୂର ହେଲା ସତ, କିନ୍ତୁ କେତୋଟି ସଂବାଦର ସଂପୂର୍ଣ୍ଣ ବିବରଣୀ ପଢ଼ିବାକୁ ସାମ୍ ପୁଣି ଉତ୍ସୁକ ହୋଇଉଠିଲେ । ଆଲ୍‌ଙ୍କ ଅନୁରୋଧକ୍ରମେ

Digitized by PPRACHIN, SOA



Digitized by PPRACHIN, SOA

ତାଙ୍କ ବନ୍ଧୁ ସେ ସବୁ ସଂବାଦର ସଂପୂର୍ଣ୍ଣ ବିବରଣୀ ଟେଲିଗ୍ରାଫ୍ ଦ୍ୱାରା ପ୍ରେରଣ କଲେ । ଆଲ୍ ସେଗୁଡ଼ିକୁ ଯଥାଶୀଘ୍ର ସଂଭବ ନୋଟ୍ କରିଚାଲିଲେ ଏବଂ ତାଙ୍କ ପିତା ମଧ୍ୟ ସେଗୁଡ଼ିକୁ ପଢ଼ିଚାଲିଲେ । ସେତେବେଳକୁ ରାତି ହେଲାଣି ଗୋଟାଏ । ଆଲ୍‌ଙ୍କ ହାତ ଅବଶ ହୋଇଗଲା । ପିତାଙ୍କୁ କହିଲେ- 'ଡାଡ୍, ଆଜିପାଇଁ ଏତିକି । ଆଉ ସମ୍ଭବତଃ ସେପରି କୌଣସି ଉଲ୍ଲେଖନୀୟ ସଂବାଦ ନାହିଁ ।'

ଆଲ୍‌ଙ୍କୁ ବାରବର୍ଷ ହେବାବେଳକୁ ସେ ଟେଲିଗ୍ରାଫିରେ ସଂପୂର୍ଣ୍ଣ ଦକ୍ଷତା ହାସଲ କରିସାରିଥିଲେ । ଏବେ ଆଉ ପୂର୍ବଭଳି ପେପର ହକର ରୂପେ କାର୍ଯ୍ୟ କରିବାକୁ ପସନ୍ଦ କଲେ ନାହିଁ । ବରଂ ଏକ ଟେଲିଗ୍ରାଫ୍ ଅପରେଟର ରୂପେ ସ୍ଥାୟୀ ଚାକିରୀ ଖୋଜିଗଲେ ମନୋନିବେଶ କଲେ ।

୧୮୬୨ ମସିହାରେ ସଂଘଟିତ ହୋଇଥିବା ଗୃହଯୁଦ୍ଧରେ ଆମେରିକାର ଅଂସଖ୍ୟ ଟେଲିଗ୍ରାଫ୍ ଅପରେଟରମାନେ ନିଜର ନିଜର ଚାକିରୀ ଛାଡ଼ି ଆମେରିକାନ ସଙ୍ଘୀୟ ଆର୍ମିର (American Federal Army) ସିଗ୍‌ନାଲ କର୍ପସ୍‌ରେ ଯୋଗ ଦେଇଥିଲେ । ଫଳରେ ଆମେରିକାନ୍ ରେଲୱେ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥା ଗୁଡ଼ିକରେ ବହୁ ସଂଖ୍ୟାରେ ଟେଲିଗ୍ରାଫ୍ ଅପରେଟର ପଦବୀ ଖାଲିପଡ଼ିଥିଲା । ଏହି ସଂସ୍ଥାମାନ ନିଜର ଟେଲିଗ୍ରାଫ୍ ଲାଇନ୍ ଚଳାଇବା ପାଇଁ ଟେଲିଗ୍ରାଫ ଅପରେଟର ମାନଙ୍କୁ ଖୋଜି ଖୋଜି ଚାକିରୀ ଦେବାରେ ଲାଗିଲେ । ଏପରିକି ସ୍ୱଳ୍ପ ଅଭିଜ୍ଞତା ଥାଇ ମୋଟା ଅଙ୍କର ଦରମାସହ କେତେକ ଟେଲିଗ୍ରାଫ ଅପରେଟର ଚାକିରୀ ପାଇଗଲେ ।ଏତଦ୍ ବ୍ୟତୀତ ସେମାନଙ୍କ ପାଇଁ ଏ ଚାକିରୀରେ ଆଉ ଏକ ସୁବିଧା ଥିଲା । ସେମାନେ ଏହି କ୍ଷେତ୍ରରେ ବିଭିନ୍ନ ଦେଶ ଭ୍ରମଣ କରିବାର ମଧ୍ୟ ସୁଯୋଗ ପାଇଲେ ।

ଟେଲିଗ୍ରାଫିରେ ସିଦ୍ଧହସ୍ତ ଆଲ୍‌ଙ୍କ ପାଇଁ ଏହା ଥିଲା ଏକ ସୁବର୍ଣ୍ଣ ସୁଯୋଗ । ଏକଦା ଟ୍ରେନ୍ ଦୁର୍ଘଟଣାରୁ ଯେଉଁ ଶିଶୁଟିର ସେ ଜୀବନରକ୍ଷା କରିଥିଲେ, ସେହି ଶିଶୁଟିର ପିତା ଆଲ୍‌ଙ୍କୁ ଟେଲିଗ୍ରାଫ୍ ଅପରେଟିଂରେ ଏମିତି ଦକ୍ଷ କରି ଗଢ଼ିଥିଲେ ଯେ ତାଙ୍କ ଭଳି ଦକ୍ଷ ଅପରେଟରଟିଏ ସେ ସମୟରେ ମିଳିବା ପ୍ରାୟ ଅସଂଭବ ଥିଲା । ଆଲ୍ ୧୮୬୪ ମସିହାରେ କାନାଡ଼ାର ଷ୍ଟାଟଫୋର୍ଡ଼ ଜଙ୍କସନ୍‌ରେ ଟେଲିଗ୍ରାଫ୍ ଅପରେଟର ରୂପେ ଯୋଗଦେଲେ ।

ସେଠି ମଧ୍ୟ ଆଲ୍ ନିଜର ଚମତ୍କାରିତା ଦେଖାଇଥିଲେ । ଆଲ୍‌ଙ୍କ ଡିଉଟି ଟାଇମ୍ ଥିଲା ସନ୍ଧ୍ୟା ସାତ ଘଟିକା ଠାରୁ ସକାଳ ସାତ ଘଟିକା ଯାଏ- ଅର୍ଥାତ୍ ବାର

Digitized by PPRACHIN, SOA

ଘଣ୍ଟା । ସେତେବେଳେ ରାତ୍ରି ଅପରେଟରମାନେ କେବଳ ମଝିରେ ମଝିରେ ଆସୁଥିବା ଜରୁରୀବାର୍ତ୍ତା ମାନ ସଂଗ୍ରହ କରିବା ବ୍ୟତୀତ ଅବଶିଷ୍ଟ ସମୟତକ ବସି ଢୁଳାଇବାରେ ବିତାଉଥିଲେ କିମ୍ବା ସଂପୂର୍ଣ୍ଣ ଶୋଇ ପଡୁଥିଲେ । ଆଲ୍ କିନ୍ତୁ ସେହି ଫାଙ୍କା ସମୟଗୁଡ଼ିକର ସଦୁପଯୋଗ କରୁଥିଲେ ମେସିନ ପାଖରେ ବସି ଚୁପ୍‌ଚାପ୍ ବହି ପଢ଼ିବାରେ କିମ୍ବା କୌଣସି ପରୀକ୍ଷା ନିରୀକ୍ଷାରେ ନିଜକୁ ବ୍ୟସ୍ତ ରଖିବାରେ । ରେଲଓ୍ୱେର ଡିଭିଜନାଲ୍ ସୁପରିନଟେଣ୍ଡେଣ୍ଟ ସେହି ଲାଇନ୍‌ରେ ଥିବା ସମସ୍ତ ଅପରେଟରଙ୍କ ଏପରି ହୁଗୁଳା ନିତିକୁ ଆଉ ସହିପାରିଲେ ନାହିଁ । ଦିନେ ସେ ଅପରେଟର ମାନଙ୍କୁ ରାତିସାରା ଉଜାଗର ରଖିବା ଉଦ୍ଦେଶ୍ୟରେ ଏକ ଯୋଜନା ପ୍ରସ୍ତୁତ କଲେ । ଯୋଜନାଟି ଥିଲା - ପ୍ରତିରାତିର ଠିକ୍ ବାରଟା ବେଳେ ପ୍ରତି ଅପରେଟର ଏକ ପ୍ରତୀକ '୬' ଟେଲିଗ୍ରାଫ୍ ଲାଇନ୍‌ରେ କେନ୍ଦ୍ରିୟ ଅଫିସ୍‌କୁ ପ୍ରେରଣ କରିବେ । ସେଇୟା ହେଲା । ଆଲ୍ କିନ୍ତୁ ବଡ଼ ଅଡୁଆରେ ପଡ଼ିଲେ । ତାଙ୍କ ପାଠପଢ଼ା ଏବଂ ପରୀକ୍ଷାନିରୀକ୍ଷାରେ ଘୋର ବାଧା ଉପୁଜିଲା । ସିଏ ମଧ୍ୟ ଏଥିରୁ ବର୍ତ୍ତିବାପାଇଁ ଏକ ନୂଆ ଉପାୟ ବାହାର କଲେ । ସେ ଭାବିଲେ-ଏହି କାମଟି ନିଜେ ମେସିନ କାହିଁକି କରିପାରିବ ନାହିଁ ? ଏହି ପ୍ରଶ୍ନଟି ଆଲ୍‌ଙ୍କ ଜୀବନରେ ପ୍ରଥମ ଉଦ୍ଭାବନ ମନୋବୃତ୍ତିର ସୂତ୍ରପାତ କରିଥିଲା । ସେ ଏକ ଟେବୁଲ୍ ଘଣ୍ଟା ଆଣିଲେ ଏବଂ ଏଥିସହ ଯୋଗ କଲେ ଦାନ୍ତଥିବା ଛୋଟ ଚକିଟିଏ । ପୂର୍ବରୁ ସେହି ଚକିରେ ସେ କେତୋଟି ଛିଦ୍ର ଥିଲା । ଏବେ ସେ 'ଟେବୁଲ୍ ଘଣ୍ଟା ଓ ଚକି ସେଟ୍'କୁ ଟେଲିଗ୍ରାଫ୍ ମେସିନ ସହ ସଂଯୋଗ କରି ଛାଡ଼ିଦେଲେ । ତାହାର ତିଆରି କୌଶଳ ଏପରି ଥିଲା ଯେ ଯେତେବେଳେ ଚକିଟି ଥରେ ସଂପୂର୍ଣ୍ଣ ଘୁରି ଆସିବ, ତାହା ତଳ ଉପର ହେବ । ଏପରି ହେବାଦ୍ୱାରା ସିଗନାଲ୍‌ଟି ଠିକ୍ ରୂପେ ମେସିନ ଦ୍ୱାରା ପ୍ରେରିତ ହୋଇପାରିବ ।

ଏଥର କେନ୍ଦ୍ରିୟ ଅଫିସ୍‌ରେ ଠିକ୍ ରାତି ବାରଟାରେ ଆଲ୍‌ଙ୍କ ଷ୍ଟେସନରୁ ସିଗନାଲ୍ ପହଞ୍ଚୁଥିଲା । ଆଲ୍ ପୂର୍ବପରି ପୁଣି ମନୋନିବେଶ କଲେ ତାଙ୍କ ବିଭିନ୍ନ ପରୀକ୍ଷାନିରୀକ୍ଷାରେ । ଆଲ୍‌ଙ୍କ ଦ୍ୱାରା ଏପରି ସିଗ୍‌ନାଲ୍ ପ୍ରେରଣ କିନ୍ତୁ କେନ୍ଦ୍ରର ଡିଭିଜନାଲ ସୁପରିନଟେଣ୍ଡେଣ୍ଟଙ୍କୁ ଯେତିକି ବିସ୍ମିତ କଲା ସେତିକି ସନ୍ଦେହ ସୃଷ୍ଟିକଲା । କେବଳ ଆଲ୍‌ଙ୍କ ଷ୍ଟେସନରୁ ଠିକ୍ ସମୟରେ ସିଗ୍‌ନାଲ୍ ଆସୁଛ, ଅଥଚ ଅନ୍ୟ ଷ୍ଟେସନ ଗୁଡ଼ିକରୁ ସିଗ୍‌ନାଲ୍ ଠିକ୍ ସମୟରେ ନ ଆସି ବିଭିନ୍ନ ସମୟରେ ଆସୁଛି କାହିଁକି ? କ'ଣ ଏହାର କାରଣ ହୋଇପାରେ ? ଏହାର ରହସ୍ୟ ଉଦ୍‌ଘାଟନ କରିବା ପାଇଁ ଦିନେ ଡିଭିଜନାଲ୍ ସୁପରିନଟେଣ୍ଡେଣ୍ଟ ଷ୍ଟେସନ ଗୁଡ଼ିକୁ ଏକ ଆକସ୍ମିକ ପରିଦର୍ଶନରେ

Digitized by PPRACHIN, SOA

ବାହାରି ପଡ଼ିଲେ । ସେ ପ୍ରଥମେ ଆଲ୍‌ଙ୍କ ଷ୍ଟେସନରେ ପହଞ୍ଚିଲେ ଏବଂ ଯାହା ଦେଖିଲେ-ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ ତାଙ୍କର । ସେହି ଯୁବ ଟେଲିଗ୍ରାଫରଙ୍କ ଆବିଷ୍କୃତ ନୂଆ ଫର୍ମୁଲାଟି କାମ କରୁଛି, ଅଥଚ ଯୁବ ଟେଲିଗ୍ରାଫର ଜଣଙ୍କ ନିଜ ପରୀକ୍ଷାନିରୀକ୍ଷା ନେଇ ବ୍ୟସ୍ତ ଅଛନ୍ତି । ସୁପରିଟେଣ୍ଡେଣ୍ଟ ଯଦିଓ ଯୁବକଙ୍କ ବୈଜ୍ଞାନିକ ବୁଦ୍ଧିକୁ ଖୁବ୍ ତାରିଫ୍ କରିଥିଲେ, କିନ୍ତୁ ସେହି 'ଟ୍ୟାପି ସିଷ୍ଟମ' କୁ ସେ ତୁରନ୍ତ ଟେଲିଗ୍ରାଫ ମେସିନରୁ ଖୋଲି ଦେବାକୁ ନିର୍ଦ୍ଦେଶ ଦେଇ ଫେରି ଯାଇଥିଲେ ।

ମାସ କେତେଟା ପରେ ଆଲ୍ ସେଠୁ ଚାକିରୀ ଛାଡ଼ିଦେଲେ ଏବଂ ଅନ୍ୟଆଡ଼େ ବେଶି ଦରମାରେ ଚାକିରୀ ଖୋଜିବାକୁ ଲାଗିଲେ । ୧୮୬୪ ମସିହାରୁ ୧୮୬୮ ମସିହା ମଧ୍ୟରେ ଆଲ୍ ଆମେରିକାର ନିଉଓର୍ଲିୟନ, ଇଣ୍ଡିୟାନାପଲିସି, ଲୁଇଭାଇଲ, ସିନିସିନିଟି ଇତ୍ୟାଦି ବଡ଼ ବଡ଼ ସହରମାନଙ୍କରେ ଟେଲିଗ୍ରାଫ୍ ଅପରେଟର ରୂପେ ଚାକିରୀ କରିବାସହ ବିଦ୍ୟୁତ ଏବଂ ରସାୟନବିଜ୍ଞାନ ଉପରେ ପ୍ରଭୂତ ଜ୍ଞାନ ଆହରଣ କରିବାରେ ସକ୍ଷମ ହୋଇପାରିଥିଲେ । ଏହି ସମୟ ମଧ୍ୟରେ ସେ ଟେଲିଗ୍ରାଫ୍ ସମ୍ବାଦ ସଂଗ୍ରହ କରିବାରେ ଆଉ ଏକ ପନ୍ଥା ଅବଲମ୍ବନ କଲେ । ତାହା ଥିଲା - ଟେଲିଗ୍ରାଫ୍‌ରୁ ସଂଗୃହୀତ ସଂବାଦ ଗୁଡ଼ିକ 'ଲଙ୍ଗ୍‌ହ୍ୟାଣ୍ଡ'ରେ ଲେଖିରଖିବା । କାରଣ ସେତେବେଳକୁ ଟାଇପ୍ ମେସିନର ଉଦ୍ଭାବନ ହୋଇନଥିଲା । ଏହି ଲଙ୍ଗହ୍ୟାଣ୍ଡ ଲେଖାଗୁଡ଼ିକୁ ସେ ଏମିତି ଢଙ୍ଗରେ ଲେଖି ରଖୁଥିଲେ ଯେ ଯାହା ପଢ଼ିବାପାଇଁ ତତୋଃଧିକ ସୁବିଧା ଉପଲବ୍ଧ ହେଉଥିଲା । ଏହି ଲଙ୍ଗହ୍ୟାଣ୍ଡ ଲେଖିବାଦିନରୁ 'ଆଲ୍' ତାଙ୍କ ନାଁ ଆଲ୍ ପରିବର୍ତ୍ତେ 'ଥୋମାସ୍'ର ଏକ ନୂଆ ଦସ୍ତଖତ ସୃଷ୍ଟି କଲେ । ଫଳରେ ତାଙ୍କ ନାଁ 'ଆଲ୍' ପରିବର୍ତ୍ତେ ସେହିଦିନଠାରୁ ସେ 'ଥୋମାସ୍' ଏବଂ ସଂକ୍ଷିପ୍ତରେ 'ଟମ୍' ରୂପେ ପରିଚିତ ହେଲେ ।

ଟମ୍ ସିନିସିନିଟ୍‌ରେ ଚାକିରୀ କରିଥିବାବେଳେ ଆଉ ଜଣେ ଯୁବ ଟେଲିଗ୍ରାଫର ମିଲିଟନ୍ ଆଡାମସ୍‌ଙ୍କ ସହ ତାଙ୍କର ବନ୍ଧୁତା ହୋଇଯାଇ ଥିଲା । ସେମାନେ ଏତେ ଘନିଷ୍ଠ ହୋଇଉଠିଥିଲେ ଯେ ବହୁ ସମୟରେ ପରସ୍ପର ଥଟ୍ଟାତାମସା ତଥା ରସିକତା କରିବାରେ ବ୍ୟସ୍ତ ରହୁଥିଲେ । ସେମାନେ ସାଙ୍ଗହୋଇ ଖାଉଥିଲେ । ସାଙ୍ଗ ହୋଇ ଗୋଟାଏ ଶସ୍ତା ଭଡ଼ାଘରେ ବାସ କରୁଥିଲେ । ଏପରିକି ସାଙ୍ଗ ହୋଇ ଗୋଟିଏ ବିଷୟ ଉପରେ ଅଧ୍ୟୟନ କରିବାସହ ସେହି ବିଷୟଉପରେ ପରୀକ୍ଷାନିରୀକ୍ଷା ମଧ ଆରମ୍ଭ କରି ଦେଉଥିଲେ । ଶେଷରେ ମିଲଟନ୍ ନିଉ ଇଂଲଣ୍ଡ ଚାଲିଯିବାପରେ ଟମ୍ ଏକାକୀତ୍ୱ ଅନୁଭବ କଲେ । ସେ ଆଉ ସିନିସିନିଟିରେ ନରହି ଲୁଇଭାଇଲ ଚାଲିଆସିଲେ ଏବଂ

Digitized by PPRACHIN, SOA

ସେଠି କିଛିଦିନ କାର୍ଯ୍ୟକରି ସିଧା ଫେରିଆସିଲେ ମିଚିଗାନ୍‌ସ୍ଥିତ ପୋର୍ଟ ହ୍ୟୁରନକୁ-ତାଙ୍କ ବାପା ମାଆଙ୍କୁ ଦେଖିବା ଉଦ୍ଦେଶ୍ୟରେ ।

ସେତେବେଳକୁ ଟମ୍ ପରିଣତ ହୋଇ ଯାଇଥିଲେ ଏକ ଅନାକର୍ଷିତ ଯୁବକରେ । କୋଟ୍ ଥିଲା ଅପରିଷ୍କାର, ମଳିଆ । ହ୍ୟାଟ୍ ଥିଲା ତ ଟାଏ ନଥିଲା । ସାର୍ଟ ଥିଲା ତ ବୋତାମ ନଥିଲା । ଜୋତା ପିନ୍ଧୁଥିଲେ ତ ମାସ ମାସ ଧରି ସେଗୁଡ଼ିକ ପାଲିଶି ହେଉନଥିଲା । ଏହି ଅନାକର୍ଷିତ ଯୁବକ ଜଣକ ଟେଲିଗ୍ରାଫିରେ ଏବଂ ରସାୟନ ବିଜ୍ଞାନରେ ସିଦ୍ଧହସ୍ତଥିଲେ ସିନା, କିନ୍ତୁ ଅର୍ଥରୋଜଗାରରେ କିମ୍ବା କିପରି ଜୀବନରେ ଉନ୍ନତି କରିବେ, ସେ କଳା ଆଦୌ ଜଣାନଥିଲା ତାଙ୍କୁ । ଏଣୁ ଗୃହରେ ବସି ରହି ସେ ବଳକା ସମୟରେ ବିରକ୍ତିବୋଧ କଲେ । ଏହି ବିରକ୍ତିବୋଧ ଅତ୍ୟନ୍ତ ଅସହ୍ୟ ମନେ ହେବାରୁ ପୋର୍ଟହ୍ୟୁରନସ୍ଥ ନିଜ ବାସଭବନରୁ ସେ ତାଙ୍କର ସେହି ପୁରାତନ ବନ୍ଧୁ ମିଲ୍‌ଟନ୍‌କୁ ଚାକିରୀଟିଏ ଯୋଗାଡ଼ କରିଦେବାପାଇଁ ଅନୁରୋଧ ପୂର୍ବକ ଚିଠିଟିଏ ଲେଖିଲେ ।

କିଛିଦିନ ପରେ ମିଲ୍‌ଟନ୍‌ଙ୍କ ଠାରୁ ଟମ୍ ଉକ୍ତ ଚିଠିର ଉତ୍ତର ପାଇଗଲେ । ଉତ୍ତରଟି ଉତ୍ସାହୋଦ୍ଦୀପକ ଥିଲା ଏକା । ମିଲଟନ୍ ଲେଖିଥିଲେ- "ତୁମ ବିଷୟରେ ମୁଁ ଓ୍ୱେଷ୍ଟର୍ଣ୍ଣ ୟୁନିୟନ ଟେଲିଗ୍ରାଫ୍ ସଂସ୍ଥାର ବୋଷ୍ଟନ ସ୍ଥିତ ବ୍ରାଞ୍ଚ ମ୍ୟାନେଜରଙ୍କ ସହ କଥାବାର୍ତ୍ତା କରିଛି ଏବଂ ଟେଲିଗ୍ରାଫିରେ ତୁମ ପାରଦର୍ଶିତା ସମ୍ବନ୍ଧରେ ମଧ୍ୟ ତାଙ୍କୁ ସମ୍ୟକ୍ ସୂଚନା ଦେଇଛି । ମ୍ୟାନେଜରଂ ତୁମକୁ ଡକାଇବା ପାଇଁ କହିଛନ୍ତି ଏବଂ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଯଦି ତୁମ କଥା ଅନୁସାରେ ସେ ଜଣେ ଦକ୍ଷ ଟେଲିଗ୍ରାଫ୍ ଅପରେଟର, ତେବେ ମୁଁ ତାଙ୍କୁ ପ୍ରଥମେ ପରୀକ୍ଷା କରିବି ଏବଂ ପରୀକ୍ଷା ଆଶାଜନକ ହେଲେ ତାଙ୍କୁ ନିଶ୍ଚୟ ଚାକିରୀ ଦେବି ।"

ଟମ୍ ଠିକ୍ ତା ପରଦିନ ତାଙ୍କ ବାପ ମା'ଙ୍କ ଠାରୁ ବିଦାୟ ଘେନି ବୋଷ୍ଟନ ଅଭିମୁଖେ ଯାତ୍ରା କଲେ । ସେହି ସାଧାରଣ ପୋଷାକ ଏବଂ ସାଧାରଣ ଚେହେରା । ତାଙ୍କ ଟ୍ରେନ୍ ଯେତେବେଳେ କାନାଡ଼ା ମଧ୍ୟସ୍ଥ ଜଙ୍ଗଲ ଦେଇ ଗତି କରୁଥିଲା, ସେତେବେଳେ ପ୍ରବଳ ବରଫପାତରେ ତାଙ୍କ ଦେହ ଶୀତରେ ଗୋଟାପଣେ ଥରିବାକୁ ଲାଗିଲା । ଶେଷରେ ଏମିତିହେଲା, ଟ୍ରେନ ଆଉ ଆଗକୁ ଯାଇ ପାରିଲା ନାହିଁ । କାରଣ ଟ୍ରେନ୍ ଲାଇନ୍ ଗୁଡ଼ିକ ସଂପୂର୍ଣ୍ଣ ବରଫାଚ୍ଛାଦିତ ହୋଇସାରିଥିଲା । ସେହି ଜଙ୍ଗଲମଧ୍ୟରେ ବରଫାଚ୍ଛାଦିତ ଭୂମି ଉପରେ ସମସ୍ତ ଯାତ୍ରୀ ସହ ତାଙ୍କୁ ତିନିରାତି ଅଟକି ରହିବାକୁ

Digitized by PPRACHIN, SOA

ପଡ଼ିଲା । ଏହି ଭୟଙ୍କର ଶୀତକୁ ଟମ୍‌ଙ୍କ ସାଧାରଣ ପତଳା ପୋଷାକ କେତେ ଅବା ପ୍ରତିରୋଧ କରିପାରିଥାଆନ୍ତା ? ଯାହାହେଉ, କୌଣସିମତେ ବରଫଗୁଡ଼ିକ ସଫାହୋଇ ଲାଇନ୍ ପରିଷ୍କାର ହେବାପରେ ଚତୁର୍ଥଦିନ ତାଙ୍କ ଟ୍ରେନ୍ ପୁଣି ଯାତ୍ରା ଆରମ୍ଭ କରିଥିଲା ମଣ୍ଟ୍ରିଲ୍ ଅଭିମୁଖେ ଏବଂ ମଣ୍ଟ୍ରିଲ୍‌ରେ ବହୁକଷ୍ଟରେ ପହଞ୍ଚିଥିଲା । ଟମ୍ ସେହିଠାରୁ ଆମେରିକାକୁ 'ଗୁଡ୍‌ବାଏ' ଜଣାଇ ବୋଷ୍ଟନସହର ଅଭିମୁଖେ ଯାତ୍ରା କଲେ । କାରଣ ବୋଷ୍ଟନ ସହର ହିଁ ଥିଲା ତାଙ୍କ ସମୃଦ୍ଧି ଓ ଭାଗ୍ୟ ରୂପକ ଲମ୍ବା ସିଡ଼ିର ପ୍ରଥମ ପାହାଚ ।

●

Digitized by PPRACHIN, SOA

ଏଡ଼ିସନଙ୍କ ଦ୍ୱାରା ରୋଟ୍ ଏକସଟର୍ମିନେଟର ସୃଷ୍ଟି

ସିନିସିନିଟିରେ ଚାକିରୀ କରିଥିବାବେଳେ ଜଣେ ଭଦ୍ରବ୍ୟକ୍ତିଙ୍କ ସହ ଟମ୍‌ଙ୍କ ବନ୍ଧୁତା ସୃଷ୍ଟି ହୋଇଥିଲା । ତାଙ୍କ ନାଁ ଥିଲା ମିଲ୍‌ଟନ ଆଡ଼ାମ୍ । କିଛିଦିନାନ୍ତେ ଆଡ଼ାମ୍ ସେଠୁ ଚାକିରୀ ଛାଡ଼ି ବୋଷ୍ଟନ ସହରକୁ ଚାଲିଯାଇଥିଲେ । ଟମ୍ ମଧ୍ୟ କୌଣସି କାରଣରୁ ଷ୍ଟାଟଫୋର୍ଡ଼ ଜଙ୍କସନରୁ ଚାକିରୀ ଛାଡ଼ି ନିଜ ବାସସ୍ଥାନ ପୋର୍ଟହ୍ୟୁରନରେ ନିଜ ବେକାରୀ ଜୀବନ ବିତାଉଥିଲେ ।

ଏହି ସମୟରେ ଟମ୍ ଚାକିରୀଟିଏ ଯୋଗାଡ଼ କରିଦେବାପାଇଁ ବଂଧୁ ଆଡ଼ାମ୍‌ଙ୍କ ନିକଟକୁ ଅନୁରୋଧପୂର୍ବକ ଚିଠିଟିଏ ଲେଖିଥିଲେ, ଯାହାର ଉତ୍ତର ଖୁବ୍ କମ୍ ଦିନ ଭିତରେ ଟମ୍‌ଙ୍କ ନିକଟକୁ ଆସିଗଲା । ଆଡ଼ାମଙ୍କୁ ଟମ୍‌ଙ୍କ ଟେଲିଗ୍ରାଫି ଦକ୍ଷତା ଖୁବ୍ ଭଲ ଭାବେ ଜଣାଥିଲା । ଏଣୁ ଆଡ଼ାମ୍ ବୋଷ୍ଟନର ଓ୍ୱେଷର୍ଣ୍ଣ ୟୁନିୟନ ଅଫିସ୍‌ର ମାନେଜର ଜର୍ଜ ମିଲିମାନ ଙ୍କ ସହ କଥାବାର୍ତ୍ତା କରି ସେହି ଅଫିସରେ ଟମ୍‌ଙ୍କ ପାଇଁ ଚାକିରୀଟିଏ ସଂରକ୍ଷିତ କରି ରଖିଥିଲେ ଏବଂ ଟମ୍‌କୁ ଶୀଘ୍ର ବୋଷ୍ଟନରେ ପହଞ୍ଚିବାପାଇଁ ଚିଠି ପଠାଇଥିଲେ ।

ଟମ୍ ପିତାମାତାଙ୍କ ଠାରୁ ବିଦାୟ ଘେନି ପୋର୍ଟ ହ୍ୟୁରନରୁ ମଣ୍ଟ୍ରିଲ ପର୍ଯ୍ୟନ୍ତ ଟ୍ରେନଯାତ୍ରା ପାଇଁ ଟିକେଟ୍ କାଟିଲେ । ଶୀତଦିନ । ସେତେବେଳେ କାନାଡ଼ାର ପ୍ରବଳ ତୁଷାରପାତ ହେଉଥିଲା । ଟମ୍ ପିନ୍ଧିଥିଲେ ସାଧାରଣ ପତଳା ପୋଷାକ । ଯାତ୍ରୀମାନେ ଏହି ବରଫପାତଜନିତ ଥଣ୍ଡା ଏବଂ କ୍ଷୁଧାରୁ ବଂଚିବା ପାଇଁ ଯଥାସଂଭବ ଚେଷ୍ଟା କରୁଥିବାବେଳେ ଟମ୍ ଚୁପ୍‌ଚାପ୍ ଜାକିଜୁକି ହୋଇ ବସିଥିଲେ ସୁଦ୍ଧା ଗୋଟାପଣେ ଥରୁଥିଲେ ଏବଂ ସେ ତିନିଦିନ ତିନିରାତ୍ରିର ବିନିଦ୍ର ଯାତ୍ରା ପରେ ସେ ପହଞ୍ଚି ଯାଇଥିଲେ ବୋଷ୍ଟନ ସହରରେ ।

Digitized by PPRACHIN, SOA

ଆଡ଼ାମ୍ ଟମ୍‌ଙ୍କ କ୍ଷୁଧାଜନିତ ଶୁଖିଲା ମୁଖମଣ୍ଡଳ ଏବଂ ବରଫପାତ ଜନିତ ଥରଥର ଅବସ୍ଥାରେ ଦେଖି ଟମ୍‌ଙ୍କୁ କୁଣ୍ଢାଇ ପକାଇଲେ । ଟମ୍‌ଙ୍କୁ ସେଦିନଟି ବିଶ୍ରାମ ନେବାକୁ କହି ପରଦିନ ଆଡ଼ାମ୍ ଟମ୍‌ଙ୍କୁ ନେଇଗଲେ ୱେଷ୍ଟର୍ଣ୍ଣ ୟୁନିୟନ ଅଫିସକୁ । ମ୍ୟାନେଜର ଟମ୍‌ଙ୍କୁ ଦେଖି କହିଲେ-'ମୁଁ ତମକୁ ଚାକିରୀ ଦେବା ଆଗରୁ ତମର ପ୍ରଥମେ ଟେଲିଗ୍ରାଫି ରିସିଭିଂ ଟେଷ୍ଟ ନେବି ଏବଂ ସ୍ପିଡ୍ ମଧ ଦେଖିବି । ଯଦି ତମେ ଯୋଗ୍ୟ ବିବେଚିତ ହୁଅ, ତେବେ ଚାକିରୀଟି ଅବଶ୍ୟ ତୁମକୁ ମିଳିବ ।'

'ମୁଁ ପ୍ରସ୍ତୁତ ସାର୍ ।'- ଟମ୍ କହିଲେ ।

ମ୍ୟାନେଜର ଏକ ପ୍ୟାଡ୍ ଏବଂ କଲମଟିଏ ଦେଇ କହିଲେ-''ଏଇଟା ହେଲା ନିୟୁଅର୍କ ଲାଇନ୍ । ବୁଲେଟିନ୍ ସଂଗ୍ରହ କର ଏବଂ ମୋତେ ଦେଖାଅ ।'' ମ୍ୟାନେଜର ଟମ୍‌ଙ୍କୁ ଇଙ୍ଗିତ ଦ୍ୱାରା ଦେଖାଇଦେଲେ କୌଣସି ଏକ ନିର୍ଦ୍ଦିଷ୍ଟ ଡ଼େସ୍କକୁ ।

ନିର୍ଦ୍ଦିଷ୍ଟ ବେଗରେ ଆସୁଥିବା ଶବ୍ଦଗୁଡ଼ିକୁ ଲିପିବଦ୍ଧ କରିବାପାଇଁ କୌଣସି ଅସୁବିଧା ହେଲାନାହିଁ ଟମ୍‌ଙ୍କର । କିନ୍ତୁ ଟମ୍ ଲକ୍ଷକଲେ ଯେ ଅପରପକ୍ଷରୁ ଧୀରେ ଧୀରେ ଶବ୍ଦ ଡାକିବାର ବେଗ ବଢୁଛି ଏବଂ ସେହି ଅନୁପାତରେ ଟମ୍‌ଙ୍କ ଲେଖିବାର ବେଗ ମଧ୍ୟ ବଢୁଛି । କ୍ରମଶଃ ଡାକିବାର ବେଗ ଏତେ ବଢ଼ିଗଲା ଯେ ଟମ୍‌ଙ୍କ ଆଙ୍ଗୁଳିମାନ ବିନ୍ଧିବାକୁ ଲାଗିଲା । ଶେଷରେ ମେସେଜ୍ ଏମିତି ଅସଂଭବ ସ୍ପିଡ୍‌ରେ ଆସିବାକୁ ଲାଗିଲା ଯେ ଟମ୍ ବାଧ୍ୟ ହୋଇ ପେନ୍‌ଟି ପ୍ୟାଡ୍ ଉପରେ ଥୋଇ ଚୁପଚାପ୍ ବସି ରହିଲେ ।

ଏହି ସମୟରେ ତାଙ୍କ ପାଖ ଡେସ୍କରେ ବସିଥିବା ଆଉ ଜଣେ ଟେଲିଗ୍ରାଫର ଟମ୍‌ଙ୍କ ଆଡ଼କୁ ଚାହିଁ ପରିହାସପୂର୍ଣ୍ଣ ଏକ ମୁରୁକି ହସ ହସିଦେଲେ । ଟମ୍ ମୁହଁ ବୁଲାଇ ସେହି ଲୋକଟିକୁ ଦେଖିଲେ ଏବଂ ଅନୁମାନ କରିନେଲେ ଯେ ଟେଲିଗ୍ରାଫରଟି ନିଶ୍ଚିତ ଭାବେ ତାଙ୍କୁ ଦେଖି ଥଟ୍ଟା କରୁଛି ।

ଟମ୍ ଏଥର ତାଙ୍କ ତରଫରୁ ମେସେଜ ପଠାଇଲେ ଏବଂ ମିଳିବା ଉତ୍ତରକୁ ସାଥେ ସାଥେ ନୋଟ୍ କରି ନେଲେ । ଏହି ନୋଟ୍‌କୁ ଟମ୍ ନେଇଗଲେ ମ୍ୟାନେଜରଙ୍କ ନିକଟକୁ । ମ୍ୟାନେଜର ଟମ୍‌ଙ୍କ ସୁନ୍ଦର ତଥା ପରିଷ୍କାର ଅକ୍ଷର ଦେଖି ଖୁସି ହେଲେ ସତ, କିନ୍ତୁ ବିସ୍ମିତ ହୋଇ ପଚାରିଲେ-''ଇଏ କ'ଣ ? କି ପ୍ରକାର ମେସେଜ ଇଏ ?'' ମେସେଜଟି ଥିଲା-'ହଠାତ୍ ଅସୁସ୍ଥ । ନୂଆ ବ୍ୟକ୍ତି ଜଣେ ଲାଇନ୍‌ରେ ଅଛନ୍ତି ।'

ଟମ୍ ନିଃସଂକୋଚରେ ଉତ୍ତର ଦେଲେ -''ନିୟୁଅର୍କ ଅପରେଟରଟି ସଂଭବତ ଭାବୁଛି ଯେ ସେହି ହିଁ ପୃଥିବୀର ସବୁଠୁଁ ଦ୍ରୁତତମ ସଂବାଦ ପ୍ରେରକ । ଏଣୁ ମୁଁ ମୋ

Digitized by PPRACHIN, SOA

ତରଫରୁ ମେସେଜ ପଠାଇଦେଲି-'ଟେଲିଗ୍ରାଫ୍ ମେସିନ୍ ଉପରୁ ତୁମ ଛୋଟା ବାମଗୋଡ଼ଟି ଉଠାଇନିଅ ଏବଂ ତୁମ ଡାହାଣ ହାତ ସାହାଯ୍ୟରେ ଏହାଠୁଁ ଅଧିକବେଗରେ ସଂବାଦ ପ୍ରେରଣ କର । ନହେଲେ ତମ ପ୍ରେରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ସମୟ ବ୍ୟବଧାନରେ ମୁଁ ଶୋଇପଡ଼ିବି ।' ଏହି ସଂବାଦଟି ନିଶ୍ଚୟ ନିୟୁଅର୍କ ଅପରେଟରକୁ କଷ୍ଟ ଦେଇଥିବ । ଏଣୁ ଏଭଳି ପ୍ରତ୍ୟୁତ୍ତର ଆସିଲା ।''

ମ୍ୟାନେଜର ହସିଲେ ଏବଂ କହିଲେ-''ତମକୁ ପରୀକ୍ଷା କରିବାପାଇଁ ଏ ଅଫିସରୁ ସବୁଠୁଁ ଦ୍ରୁତତମ ଲାଇନରେ ମୁଁ ତମକୁ ଛାଡ଼ିଥିଲି । ଠିକ୍ ଅଛି । ଇଉ ଆର ସିଲେକ୍‌ଟେଡ୍ । ଆଜି ରାତିଠୁଁ ତମେ କାମରେ ଯୋଗଦିଅ ।''

ସେଦିନ ପ୍ରାୟ ରାତି ଗୋଟାଏ ବେଳକୁ ଜଣେ ବୃଦ୍ଧ ଗୋଟିଏ ହାତରେ ଲ୍ୟାମ୍ପଟିଏ ଏବଂ ଅନ୍ୟହାତରେ କିଛି ଜଳଖିଆ ଧରି ଅଫିସ୍ ମଧ୍ୟକୁ ପ୍ରବେଶ କଲେ । ଟମ୍ ପଚାରି ବୁଝିଲେ ଯେ ନିକଟସ୍ଥ ଏକ ଜଳଖିଆ ଦୋକାନର ମାଲିକ ଏହି ବୃଦ୍ଧ ଜଣକ । ଅପରେଟର ମାନଙ୍କୁ ରାତିରେ ଏହି ବୃଦ୍ଧ ଜଣକହିଁ ଜଳଖିଆ ଯୋଗାନ୍ତି । ଅନ୍ୟଥା ଓପାସରେ ରହିବାହିଁ ସାର ହେଉଥିଲା । ଟମ୍ ବୃଦ୍ଧଙ୍କ ପାଖରୁ କିଛି ଜଳଖିଆ କିଣି ନିଜ ଟେବୁଲ ଉପରେ ରଖିଲେ ଏବଂ ଚାଲିଗଲେ ହାତ ଧୋଇବାପାଇଁ ।

ଟମ୍ ଫେରିଆସି ଦେଖନ୍ତି ତ କେତୋଟି ବଡ଼ ବଡ଼ ଅସରପା ଦ୍ରୁତଗତିରେ ତାଙ୍କ ଜଳଖିଆ ଖାଇ ଅଧାଅଧି କରି ଦେଲେଣି । ପଚାରି ବୁଝିଲେ ଯେ ଏହି ଅଫିସ୍‌ରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅସରପା ଅଛନ୍ତି ଏବଂ ଦରକାର ପଡ଼ିଲେ ଖାଦ୍ୟ କ'ଣ, ଅସରପା ଷ୍ଟାଫ୍ ମାନଙ୍କୁ ମଧ୍ୟ ମିଳିତଭାବେ ଆକ୍ରମଣ କରନ୍ତି ।

ଟମ୍ ଭିଷଣ ଭାବରେ ରାଗିଗଲେ ଏବଂ ଅସରପାମାନଙ୍କୁ କିପରି ଉଚିତ୍ ଶିକ୍ଷା ଦେବେ, ସେହି ଚିନ୍ତାରେ କିଛି ସମୟ ଘାରିହେଲେ । ହଠାତ୍ ମୁଣ୍ଡକୁ ବୁଦ୍ଧିଟେ ପଶିଲା । ତାଙ୍କ ବସିବାସ୍ଥାନର ଠିକ୍ ପଛପଟେ କାନ୍ଥରେ ଯେ ଦୁଇଖଣ୍ଡ ଟିଣପାତିଆ ଲଗାଇଲେ । ଗୋଟିଏ ପାତିଆରୁ ତାର ସଂଯୋଗ କରି ଆଣି ଟେଲିଗ୍ରାଫ୍ ମେସିନ୍‌ରେ ଲାଗିଥିବା ବ୍ୟାଟେରୀର ଗୋଟିଏ ମୁଣ୍ଡରେ ସଂଯୋଗ କଲେ ଏବଂ ଆଉ ଏକ ଟିଣପାତିଆକୁ ତାର ସହ ବ୍ୟାଟେରୀର ଅନ୍ୟମୁଣ୍ଡରେ ଯୋଡ଼ିଦେଲେ । ଏଥର ଜଳଖିଆର ଅବଶିଷ୍ଟାଂଶକୁ ନିଜ ଟେବୁଲ ଉପରେ ରଖି ଟମ୍ ଦୃପ୍ତ କଣ୍ଠରେ ଘୋଷଣା କଲେ - 'ଏବେ ଦେଖ, ଏଡ଼ିସନ ରୋଚ୍ ଏକସ୍‌ଟର୍ମିନେଟର (ଏଡ଼ିସନ ଅସରପାନାଶକ) ର ମଜା ।'

ସତକୁ ସତ କିଛିସମୟପରେ କେତୋଟି ବଡ଼ ବଡ଼ କଳା ଅସରପା ପଛକୁ ପଛ ମାଡ଼ିଆସିଲେ ଟମ୍‌ଙ୍କ ଟେବୁଲ୍ ଆଡ଼କୁ । ଯେମିତି ଅସରପାଗୁଡ଼ିକ ପ୍ରଥମେ

Digitized by PPRACHIN, SOA

ଟିଣପାତିଆ ଡ଼େଇଁ ଦ୍ୱିତୀୟ ଟିଣପାତିଆ ସ୍ପର୍ଶ କଲେ, ଠକ୍ ଠାକ୍ ତଳକୁ ସବୁ ଖସିପଡ଼ି ମରିଗଲେ । ଅନ୍ୟ ଅପରେଟରମାନେ ଖୁବ୍ ଆଗ୍ରହର ସହିତ ଟମ୍‌ଙ୍କର ଏହି ଅସରପାନାଶକ କୌଶଳଟିକୁ ଉପଭୋଗ କରୁଥିଲେ । ଜଣେ ଅପରେଟର ଖୁବ୍ କୌତୁହଳ ହୋଇ ପ୍ରଶ୍ନ କଲା-'ଏହା କିପରି ସଂଭବ ହେଲା ମିଃ ଟମ୍ ?'

'ଖୁବ୍ ସହଜ'- ଟମ୍ ବୁଝାଇ ଦେଲେ ।' ଅସରପା ଗୁଡ଼ିକ ଯେତେବେଳେ ପ୍ରଥମ ଟିଣପାତିଆ ଚଢ଼ିଆସିଲେ, ବିନା କଷ୍ଟରେ ଚାଲି ଆସିଲେ । କିନ୍ତୁ ସେଗୁଡ଼ିକ ଯେତେବେଳେ ଦ୍ୱିତୀୟ ଟିଣପାତିଆ ସ୍ପର୍ଶ କଲେ, ସେମାନଙ୍କ ଶରୀର ଗୋଟିଏ ଲେଖାଁଏ ବିଦ୍ୟୁତ ସର୍କିଟ୍‌ରେ ପରିଣତ ହେଲା । ଅର୍ଥାତ୍ ବ୍ୟାଟେରୀର ବିଦ୍ୟୁତ୍ ଅସରପା ଗୁଡ଼ିକର ଶରୀରରେ ଏହି ତାର ମଧ୍ୟ ଦେଇ ପ୍ରବେଶ କଲା । ତେଣୁ ସେଗୁଡ଼ିକ ମରି ତଳକୁ ଖସିପଡ଼ିଲେ ।'

ବୋଷ୍ଟନ ସହରରେ ଟମ୍‌ଙ୍କ ଏହି ନୂଆ ରୋଚ୍ ଏକସ୍‌ଟର୍ମିନେଟରର ଉଦ୍ଭାବନ ଏକ ଚର୍ଚ୍ଚାର ବିଷୟ ହୋଇଉଠିଲା । ପରଦିନଠାରୁ ଖାଲି ଅଫିସ ଷ୍ଟାଫ ନୁହେଁ, ବୋଷ୍ଟନ ସହରର ଶହଶହ ଲୋକ ୱେଷ୍ଟର୍ଣ୍ଣ ୟୁନିଅନ ଅଫିସରେ ଭିଡ଼ ଜମାଇ ଦେଲେ- ଏହି ଅସରପାନାଶକ ଯନ୍ତ୍ରଟିକୁ ସ୍ୱଚକ୍ଷୁରେ ଦେଖିବାପାଇଁ । ଟମ୍‌ଙ୍କ ଦ୍ୱାରା ଉଦ୍ଭାବିତ ଏହି ଅସରପାନାଶକ ଯନ୍ତ୍ରର କୌଶଳକୁ ଦେଖିବାପାଇଁ ଅଫିସରେ ହେଉଥିବା ପ୍ରବଳ ଭିଡ଼ ଯୋଗୁ ଅଫିସ୍ ର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଜାଣି ୱେଷ୍ଟର୍ଣ୍ଣ ୟୁନିଅନ ଅଫିସର ମ୍ୟାନେଜର ଟମ୍‌ଙ୍କ ଉପରେ କ୍ଷୁବ୍‌ଧ ହୋଇଉଠିଲେ ଏବଂ ଖୁବ୍ ଶୀଘ୍ର ଏହି ରୋଚ୍ ଏକସ୍‌ଟର୍ମିନେଟରକୁ ଉଠାଇ ଦେବାକୁ ନିର୍ଦ୍ଦେଶ ଦେଲେ ।

ଏ ଚାକିରୀ ସହ ଟମ୍ ତାଙ୍କର ଅବସର ସମୟରେ ଅଳ୍ପବହୁତେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଦେଇଥିଲେ ଏବଂ ସେଠି ମଧ୍ୟ ଏକ ପରୀକ୍ଷାଗାର ଖୋଲିବାକୁ ଚାହିଁଲେ । ଟମ୍ ବନ୍ଧୁ ମିଲଟନ୍‌ଙ୍କ ସହ ଯେଉଁ ଛୋଟ ରୁମ୍‌ଟିକୁ ଭଡ଼ାରେ ନେଇ ରହୁଥିଲେ, ସେହି ରୁମ୍‌ରେ ପରୀକ୍ଷାଗାର ଖୋଲିବା ସଂଭବ ନଥିଲା । ଏଣୁ ଟମ୍ ବୋଷ୍ଟନର କୋର୍ଟଷ୍ଟ୍ରୀଟ୍ ରେ ଅବସ୍ଥିତ ଚାର୍ଲସ୍ ଉଇଲିୟମଙ୍କ ମେସିନ ସପ୍‌ର ଗୋଟିଏ କୋଠରୀ ଭଡ଼ାସୂତ୍ରରେ ନେଲେ ଏବଂ ସେଇଠି ପରୀକ୍ଷାଗାର ଖୋଲିଲେ । ତାଙ୍କ ପରୀକ୍ଷାଗାର ପାଇଁ ଆବଶ୍ୟକ ଉପକରଣ ଗୁଡ଼ିକର ସ୍କେଚ ଏବଂ ମାପ ସହ ଅର୍ଡ଼ର ଦେଲେ ସେହି ମେସିନ ସପ୍‌ରେ । ସବୁଠୁଁ ମଜାର କଥା, ଠିକ୍ ସାତବର୍ଷପରେ ଏହି କୋଠରୀଟିରେ ଆଉ ଜଣେ ଯୁବ ଉଦ୍ଭାବକ ଆଲେକଜାଣ୍ଡାର ଗ୍ରାହାମ୍ ବେଲ୍ ତିଆରି କରିଥିଲେ ପୃଥିବୀର ପ୍ରଥମ ଟେଲିଫୋନ ।

●

Digitized by PPRACHIN, SOA

ଏଡ଼ିସନଙ୍କ ଭୋଟ-ରେକର୍ଡ଼ର ଏବଂ ଡୁ୍ୟପ୍ଲେକ୍ସ ସିଷ୍ଟମ

ଆମେରିକାର ପ୍ରତିନିଧିସଭାରେ ଯେତେବେଳେ କୌଣସି ଆଇନ ବିଲ୍ ଗୃହୀତ ହେବା ସକାଶେ ପେଶ୍ ହେଉଥିଲା, ତାହାକୁ ପାଶ୍ କରିବାପାଇଁ ସଭାର କିରାଣୀଙ୍କୁ ଅନେକ କଷ୍ଟସ୍ୱୀକାର କରିବାକୁ ପଡୁଥିଲା ଏବଂ ଏହା ବହୁ ସମୟସାପେକ୍ଷ ଥିଲା । କାରଣ, ପ୍ରତି ପ୍ରତିନିଧିଙ୍କ ମତାମତକୁ କିମ୍ବା ମାଧ୍ୟମରେ ସେତେବେଳେ ଗ୍ରହଣ କରାଯାଉଥିଲା । ଟମ୍ ଏଭଳି ମତାମତକୁ 'ୟେସ୍' କିମ୍ବା 'ନୋ' ମେସିନ ସାହାଯ୍ୟରେ ଗ୍ରହଣ କରିବାପାଇଁ ଉଦ୍ଭାବନ କଲେ 'ଭୋଟ ରେକର୍ଡ଼ର' ନାମକ ଏକ ମେସିନ, ଯେଉଁଥିରେ 'ୟେସ' ଓ 'ନୋ' ଚିହ୍ନିତ ମାତ୍ର ଦୁଇଟି ବଟନ୍ ଥିଲା । ଟମ୍ ଯେତେବେଳେ ଏହି ମେସିନଟିକୁ ଆମେରିକାନ୍ କଂଗ୍ରେସ କମିଟି ଆଗରେ ପ୍ରଦର୍ଶନ କଲେ, କଂଗ୍ରେସ ସଦସ୍ୟମାନେ କେତେକ ରାଜନୈତିକ କାରଣରୁ ଏହି ମେସିନକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କଲେ । କାରଣ, ସେମାନଙ୍କ ଯୁକ୍ତି ଥିଲା-ବିଲ୍ ପାଶ୍‌ରେ ବିଳମ୍ବ ଘଟିବାହିଁ ଏକ ଶକ୍ତିଶାଳୀ ରାଜନୈତିକ ଅସ୍ତ୍ର । ଟମ୍ ଯଦିଓ ଏହି ଯନ୍ତ୍ରପାଇଁ ପାଟେଣ୍ଟ ପେପର ରେ ଦସ୍ତଖତ କରି ଥିଲେ, କିନ୍ତୁ ତାଙ୍କ ଉଦ୍ଭାବନକୁ ଆଉ ଗ୍ରହଣ କରାଗଲା ନାହିଁ । ଟମ୍ ଏଡ଼ିସନଙ୍କର ଏଥିପାଇଁ ଅନେକ ଶ୍ରମ ଏବଂ ଅର୍ଥହାନୀ ମଧ୍ୟ ଘଟିଲା ।

ଏଡ଼ିସନ୍ ଦୁଃଖରେ ଭାଙ୍ଗି ପଡ଼ିଲେ । ସେହିଦିନ ସେ ପ୍ରତିଜ୍ଞା କଲେଯେ ଯେ ପର୍ଯ୍ୟନ୍ତ କୌଣସି ଜିନିଷର ଆବଶ୍ୟକତା ଉପଲବ୍ଧି ନହୋଇଛି, ସେ ପର୍ଯ୍ୟନ୍ତ ସେ କୌଣସି ଜିନିଷ ଉଦ୍‌ଭାବନ କରିବେ ନାହିଁ ।

ତତ୍କାଳୀନ ସମୟରେ ଟେଲିଗ୍ରାଫ୍ କିନ୍ତୁ ଥିଲା ଏକ ଶ୍ରେଷ୍ଠ ଉଦ୍ଭାବନ । ସେ ଗୋଟାଏ ଯନ୍ତ୍ର ଉଦ୍ଭାବନ କଲେ ଯାହାର ନାଁ ଥିଲା ଇଲେକ୍‌ଟ୍ରିକ୍ ଟେଲିଗ୍ରାଫ୍ ଷ୍ଟକ୍‌ଟିକର୍ । ଏହି ଷ୍ଟକ୍‌ଟିକର୍‌ର କାମଥିଲା- ଆମେରିକାର ପ୍ରତି ଗୋଲଡ୍ ଏକ୍ସଚେଞ୍ଜରେ

Digitized by PPRACHIN, SOA

ବାରମ୍ବାର ପରିବର୍ତ୍ତିତ ହେଉଥିବା ସୁନାର ମୂଲ୍ୟକୁ ସୁନା ଦଲାଲ୍ (Gold Broker) ମାନଙ୍କ ନିକଟରେ ପହଞ୍ଚାଇବା । ଟମ୍ ଏଡ଼ିସନ୍ ଅତିକମ୍‌ରେ ଚାଳିଶଟି ଷ୍ଟକ୍‌ଷ୍ଟକର୍ ତିଆରି କରି ବସାଇଥିଲେ ଗୋଲଡ୍ ଏକ୍ସଚେଞ୍ଜ ସହ ସଂଯୁକ୍ତ ପ୍ରତି ଦଲାଲ୍‌ଙ୍କ ଅଫିସ୍‌ମାନଙ୍କରେ ଏବଂ ଏକ ଘରୋଇ ଟେଲିଗ୍ରାଫ୍ ଲାଇନ୍ ସୃଷ୍ଟି କରିଥିଲେ ଏହି ମେସିନ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାପାଇଁ । ସୁନା ଦଲାଲ୍‌ମାନେ ଏହି ମେସିନ୍‌ଦ୍ୱାରା ଯଥେଷ୍ଟ ଉପକୃତ ହୋଇ ଏଡ଼ିସନ୍‌ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ଅବଶ୍ୟ ।

ଟମ୍ ଏଡ଼ିସନ୍ ବୋଷ୍ଟନ୍ ସହରରେ ଏକା ହୋଇଯିବା ପରେ ଚିନ୍ତାକଲେ ଯେ ଟେଲିଗ୍ରାଫ୍‌ରେ ଗୋଟିଏ ତାରରେ କିପରି ଏକାସମୟରେ ଦୁଇଟି ସଂବାଦ ପ୍ରେରିତ ହୋଇପାରିବ । ୧୮୬୮ ମସିହାର ଶେଷବେଳକୁ ଟମ୍ ପରୀକ୍ଷା ନିରୀକ୍ଷାରେ ଲାଗିପଡ଼ିଲେ ଏବଂ ପ୍ରାୟ ଆଠଶହ ଡଲାର ଉଧାର କରି ଏକ ଯନ୍ତ୍ର ଉଦ୍ଭାବନ କଲେ, ଯାହାର ନାଁ ସେ ଦେଲେ 'ଡୁପ୍ଲେକ୍ସ ସିଷ୍ଟମ' ।

କିନ୍ତୁ ମିଲ୍‌ଟ ଆଡାମ୍ ସେତେବେଳକୁ ଏଡିସନ୍‌ଙ୍କ ପାଖରେ ରହି ବିରକ୍ତି ବୋଧରେ ଏକରକମ ହନ୍ତସନ୍ତ ହେଉଥିଲେ । କାରଣ, ଟମ୍ ସବୁବେଳେ ବ୍ୟସ୍ତ ରହୁଥିଲେ ତାଙ୍କ ପରୀକ୍ଷା ନିରୀକ୍ଷାକୁ ନେଇ । କେତେବେଳେ ମିଲ୍‌ଟ ଆଡାମ୍‌ଙ୍କ ସହ ପଦେଅଧେ କଥାବାର୍ତ୍ତା ହେବାକୁ ବି ତାଙ୍କୁ ତର ମିଳୁ ନଥିଲା । ମିଲ୍‌ଟ ଆଡାମ୍ ଆଉ ବେଶିଦିନ ରହିବାକୁ ଚାହିଁଲେ ନାହିଁ । ୧୮୬୮ ମସିହା ଶେଷବେଳକୁ ମିଲ୍‌ଟ ଆଡାମ୍ ଟମ୍ ଏଡିସନ୍‌ଙ୍କୁ 'ଗୁଡ୍‌ବାଏ' ଜଣାଇଦେଇ ଚାଲିଗଲେ ସାନ୍‌ଫ୍ରାନ୍‌ସିକୋକୁ ।

ଟମ୍ ପାଟେଣ୍ଟ ପେପର ଦସ୍ତଖତ କଲେ । ପ୍ରଥମେ ଆଟଲାଣ୍ଟିକ୍ ଏବଂ ପାସିଫିକ୍ କୋଷ୍ଟ ଟେଲିଗ୍ରାଫ୍ କମ୍ପାନୀ ଏହି ଡୁପ୍ଲେକ୍ସ ସିଷ୍ଟମକୁ ରୋଚେଷ୍ଟାର ଏବଂ ନିୟୁଅର୍କ ନଗରୀ ମଧ୍ୟରେ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଲେ । ଦୁର୍ଭାଗ୍ୟବଶତଃ ଟମ୍ ଜଣେ ଅନଭିଜ୍ଞ ଟେଲିଗ୍ରାଫ ଅପରେଟରଙ୍କୁ ସମ୍ବାଦ ପ୍ରେରଣ କରିବା ଉଦ୍ଦେଶ୍ୟରେ ନିୟୁଅର୍କ ପଠାଇ ନିଜେ ରୋଚେଷ୍ଟାରରେ ଉତ୍କଣ୍ଠାର ସହ ବସି ରହିଲେ ସଂବାଦ୍ ସଂଗ୍ରହ କରିବାପାଇଁ । ମାତ୍ର ଟମ୍‌ଙ୍କ ଦୁର୍ଭାଗ୍ୟ, ଏହି ପରୀକ୍ଷାପାଇଁ ଧାର୍ଯ୍ୟ ହୋଇଥିବା ଦିନ ନିୟୁଅର୍କରେ ଡୁପ୍ଲେକ୍ସ ସିଷ୍ଟମରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲା, ଯାହାକୁ ସେହି ଅନଭିଜ୍ଞ ଅପରେଟର ଜଣକ ଠିକ୍ କରିପାରିନଥିଲେ । ଏଣୁ କମ୍ପାନୀଦ୍ୱାରା ଏଡ଼ିସନଙ୍କ ଡୁପ୍ଲେକ୍ସ ସିଷ୍ଟମଟି 'ବିଫଳ' ବୋଲି ଘୋଷଣା କରାଗଲା ।

ଡୁପ୍ଲେକ୍ସ ସିଷ୍ଟମରେ କୌଣସି ତ୍ରୁଟିନାହିଁ ବୋଲି ତଥାପି ମନ ଭିତରେ ଏକ ଗଭୀର ଆତ୍ମବିଶ୍ୱାସ ରଖି ଏବଂ ଋଣରେ ଭାରାକ୍ରାନ୍ତ ହୋଇ ଟମ୍ ଏଡ଼ିସନ ଗୋଟିଏ ଷ୍ଟିମର ରେ ନିୟୁଅର୍କ ଚାଲିଆସିଲେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ।

Digitized by PPRACHIN, SOA

୧୮୬୯ ମସିହା ଜୁନ୍ ମାସର କୌଣସି ଏକ ନରମ ସକାଳରେ ବୋଷ୍ଟନ୍‌ର ଷ୍ଟିମରଟି ଆସି ଲାଗିଲା ନିୟୁଅର୍କ ବନ୍ଦରରେ । ତାଙ୍କ ପାଖରେ ବଞ୍ଚିଥିବା ଶେଷ 'ପେନି'କୁ ଷ୍ଟିମରର ଭଡା ବାବଦ ଦେଇସାରି ଟମ୍ ଖାଲି ପକେଟରେ ଏପାଖ ସେପାଖ ପଦଚାରଣା କରିବାକୁ ଲାଗିଲେ- ଜଳରାଶିର ସେହି ତଟ ଦେଶରେ । ସେତେବେଳକୁ ତାଙ୍କ ସକାଳ ଜଳଖିଆ ଖାଇବା ସମୟ ଗଡ଼ିଯାଇଥିଲା । ତାଙ୍କୁ ଭିଷଣ ଭୋକ ଲାଗିଲା; କିନ୍ତୁ କରିବେ କ'ଣ ? ତାଙ୍କ ପକେଟ୍ ତ କପର୍ଦ୍ଦକ ଶୂନ୍ୟ । ଏଇଠି ସେ ଏକ ଅଭାବନୀୟ ଦୃଶ୍ୟ ଦେଖିଲେ । ନିକଟସ୍ଥ ଏକ ବଡ଼ ଚା' ଦୋକାନର କାଚ ଝରକାଦେଇ ସେ ଦେଖିଲେ ଯେ, ଚା' ଦୋକାନର ମାଲିକ ଜଣକ ଖୁବ୍ ବ୍ୟସ୍ତତାର ସହ ଚା' ତିଆରି କରୁଛନ୍ତି । ଚା' କେଟ୍‌ଲିରୁ ଗରମ ଚା' କପ୍‌ରେ ଢାଳୁଛନ୍ତି ଏବଂ ନିଜେ ସେ ଚାହାର ସ୍ୱାଦ ପରଖୁଛନ୍ତି । ପୁଣି ସେ ଗରମ ଚା' କପ୍‌କୁ କେଟ୍‌ଲିରେ ଢାଳି ସମ୍ପୂର୍ଣ୍ଣ ଚା'କୁ ନିକଟସ୍ଥ ନାଳରେ ଢାଳି ଦେଉଛନ୍ତି । ଟମ୍‌ଙ୍କର ଉତ୍ସୁକତା ବଢିଗଲା । ସେ କାଚ ଝରକା ଦେଇ ଦୋକାନୀଟିର କାର୍ଯ୍ୟକଳାପକୁ ଭଲଭାବରେ ନିରୀକ୍ଷଣ କଲେ । ଦେଖିଲେ ଦୋକାନୀଟି ପୂର୍ବବତ୍ ତିଆରି ଚା'ର ସ୍ୱାଦ ନିଜେ ଆସ୍ୱାଦନ କରି ପୁଣି ଢାଳି ଦେଉଛନ୍ତି । ଟମ୍ କ'ଣ ଭାବି ଗଲେ ସେ ଚା' ଦୋକାନକୁ ଏବଂ ଦୋକାନୀକୁ ଅତି ବିନମ୍ରତାର ସହ କହିଲେ- ''ମୋ ପାଖରେ ପଇସା ନଥିବାରୁ ମୁଁ ଜଳଖିଆ ଖାଇପାରି ନାହିଁ । ଆପଣ ଦୟାକରି ମୋତେ କପେ ଚା' ଦେଇ ପାରିବେ, ଯେଉଁ ଚା'କୁ ଆପଣ ନଳାରେ ଢାଳିଦେଉଛନ୍ତି ?''

ଚା' ଦୋକାନୀଟି ଟମ୍‌ଙ୍କ କଥାରେ ହସି ଉଠିଲା ଏବଂ ବସିବାପାଇଁ ଇଂଗିତ କଲା । ନିଜେ ଚା' ତିଆରିକରି ଆଣି ଟମ୍‌ଙ୍କୁ ଦେଲା । ଟମ୍ ଚା' ସୁଡୁକାଏ ନେଇ ଦେକାନୀକୁ କହି ଉଠିଲେ- 'ବାଃ, କି ଚା' ତିଆରି ହୋଇଛି !'

ଚା' ଦୋକାନୀଟି କହିଲା- ''ମୁଁ ଚା' ତିଆରି କରି ସାରି ପ୍ରାୟତଃ ନିଜେ ପ୍ରଥମେ ସେ ଚାହାର ସ୍ୱାଦ ଆସ୍ୱାଦନ କରେ । ପୃଥିବୀ ଏପରି କୌଣସି ଦେଶ ନାହିଁ, ଯେଉଁ ଦେଶର ଚାହାକୁ ମୁଁ ନିଜେ ଟେଷ୍ଟକରି କହି ପାରିବି ନାହିଁଯେ ଏହା କେଉଁ ଦେଶରେ ଅମଳ ହୋଇଛି- ଚୀନ, ଜାପାନ କିମ୍ବା ଭାରତ ହୋଇଥାଉନା କାହିଁକି ?''

ଟମ୍ ଇତି ମଧ୍ୟରେ ଚାହା କପ୍‌ଟିକୁ ଶେଷ କରିସାରି ଦୋକାନୀକୁ ଅଶେଷ ଧନ୍ୟବାଦ ଦେଲେ ଏବଂ ଜାଣିଲେ ଯେ ଚା' ଦୋକାନୀଟି ପ୍ରକୃତରେ ଚାହା ତିଆରି କରିବାରେ ଜଣେ ସୁଦକ୍ଷ ବ୍ୟକ୍ତି । ଚା' ଦୋକାନରୁ ଫେରି ଆସୁ ଆସୁ ଦେକାନୀଟି ଟମ୍‌ଙ୍କ ଖୋଲା ବ୍ୟବହାରରେ ମୁଗ୍ଧ ହୋଇ କହିଲା- 'ଆପଣ ଯେତେବେଳେ ଚାହିବେ,

Digitized by PPRACHIN, SOA

ବିନାଦ୍ୱିଧାରେ ଏଠାକୁ ଆସିପାରିବେ । ଇଉ ଆର୍ ଅଲଉଏଜ୍ ୱେଲ୍‌କମ୍ ।'

ଚା' ଦୋକାନରୁ ବାହାରି ଟମ୍ ସିଧା ଚାଲିଲେ ନିଉୟର୍କର ୱେଷ୍ଟର୍ଣ୍ଣ ଟେଲିଗ୍ରାଫ୍ କମ୍ପାନୀର ଅଫିସ୍‌କୁ । ସେଠି ଟମ୍ ବୁଝିଲେ ଯେ ୱେଷ୍ଟର୍ଣ୍ଣ ଇଉନିଅନ୍ ଅଫିସ୍‌ରେ ବର୍ତ୍ତମାନ କୌଣସି ପଦବୀ ଖାଲି ନାହିଁ । ତେବେ ୱେଷ୍ଟର୍ଣ୍ଣ ଇଉନିଅନ୍ ଅଫିସ୍‌ର ପଦବୀ ଖାଲି ହେବା ମାତ୍ରେ ଟମ୍‌ଙ୍କର ଦରଖାସ୍ତଟିକୁ ମ୍ୟାନେଜର ଅଗ୍ରାଧିକାର ଦେବେବୋଲି ଆଶ୍ୱାସନା ଦେଲେ । ଟମ୍ ଏହି ଅଫିସ୍‌ରେ କାମ କରୁଥିବା ତାଙ୍କର ଜଣେ ପୁରୁଣା ବନ୍ଧୁଙ୍କ ଅବସ୍ଥିତି ସମ୍ପର୍କରେ ଜିଜ୍ଞାସା କରନ୍ତେ ଜଣେ କର୍ମଚାରୀ ସଦୟ ହୋଇ କହିଲା- ''ଏବେ ସେ ଏଠି କାମ କରୁ ନାହାନ୍ତି । କିନ୍ତୁ ତାଙ୍କ ଠିକଣାଟା ଆପଣ ନେଇ ପାରନ୍ତି ।'' ଏ କର୍ମଚାରୀ ଜଣକ ଏକ ଛୋଟ କାଗଜ ବଢାଇଦେଲେ ଟମ୍‌ଙ୍କ ହାତକୁ । ଟମ୍ ସେହି ଠିକଣାକୁ ନୋଟ୍ କରିନେଲେ ଏବଂ ବିଦାୟଘେନି ଚାଲି ଆସିଲେ ସେହି ପୁରୁଣା ବନ୍ଧୁଙ୍କ ସନ୍ଧାନରେ । ଶେଷରେ ବହୁ କଷ୍ଟରେ ସେ ବନ୍ଧୁଙ୍କୁ ଠାବ କଲେ ।

ବନ୍ଧୁ ଜଣଙ୍କର ସେତେବେଳେ ଚାକିରୀ ନଥିଲା ଏବଂ ଅଳ୍ପକିଛି ଅର୍ଥ ତାଙ୍କ ପାଖରେ ଥିଲା । କିନ୍ତୁ ସେ ଯେତେବେଳେ ଜାଣିବାକୁ ପାଇଲେ ଯେ ଟମ୍ ସମ୍ପୂର୍ଣ୍ଣ କପର୍ଦ୍ଦକ ଶୂନ୍ୟ ଏବଂ ଭୋକିଲା, ପୁରୁଣା ବନ୍ଧୁ ଖାତିରିରେ ସେ ମାତ୍ର ଗୋଟିଏ ଡଲାର ଟମ୍‌ଙ୍କୁ ଦାନକରି କହିଲେ- '' ଯାଅ, ପ୍ରଥମେ କିଛି ଜଳଖିଆ ଖାଇନିଅ ।''

ଫୁଲଟନ୍ ମାର୍କେଟସ୍ଥିତ ସ୍ମିଥ୍ ଏଣ୍ଡ ମାକ୍‌ନେଲ ରେଷ୍ଟୁରାଣ୍ଟରେ ଜଳଖିଆ କରୁକରୁ ଟମ୍ ଭାବିଲେ ସମ୍ଭବତଃ ଗୋଲଡ୍ ଇଣ୍ଡିକେଟର କମ୍ପାନୀରେ ହୁଏତ କର୍ମସଂସ୍ଥାନ ହୋଇ ଯାଇପାରେ, ଯେଉଁ କମ୍ପାନୀର ଦଲାଲ୍ (ବ୍ରୋକର)ମାନଙ୍କୁ ସେ ଷ୍ଟକ୍‌ଟିକର୍‌ମାନ ତିଆରି କରି ବିକ୍ରି କରିଥିଲେ । ତାଙ୍କ ମନରେ ଆଉ ଏକ ଆଗ୍ରହ ସୃଷ୍ଟି ହେଲା ଯେ, ତାଙ୍କ ନିର୍ମିତ ଷ୍ଟକ୍‌ଟିକର୍‌ଗୁଡ଼ିକ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଛିକି ନା ନାହିଁ । ଯେଉଁ ବନ୍ଧୁ ଜଣକ ଏଠି ତାଙ୍କୁ ସହାନୁଭୂତି ଦେଖାଇ ଏକ ଡଲାର ମୁଦ୍ରା ଦାନ କଲେ, ସେ ପୂର୍ବରୁ ଏହି ଗୋଲଡ୍ ଇଣ୍ଡିକେଟର କମ୍ପାନୀରେ କାର୍ଯ୍ୟରତ ଥିଲେ । ଟମ୍ ଆଉ ତାଙ୍କ ପାଖକୁ ଫେରି ନଆସି ସିଧା ଚାଲିଲେ ଗୋଲଡ୍ ଇଣ୍ଡିକେଟର କମ୍ପାନୀ ଅଫିସ୍‌କୁ । ଯୁବକ ଟମ୍ ପଚାରି ବୁଝି ନେଲେ ଯେ ଗୋଲଡ୍ ଇଣ୍ଡିକେଟର କମ୍ପାନୀରେ ବର୍ତ୍ତମାନ କୌଣସି ପଦବୀ ଖାଲି ନାହିଁ । ''ଠିକ୍ ଅଛି । କିନ୍ତୁ ତାଙ୍କ ଷ୍ଟକ୍‌ଟିକର୍ କେମିତି କାମ କରୁଛି ?''

ଟମ୍‌ଙ୍କ ଆଗ୍ରହ କ୍ରମଶଃ ବଢି ଚାଲିଥିବା ବେଳେ ତାଙ୍କ ଅଜାଣତରେ ସେ ସେତେବେଳକୁ ପହଞ୍ଚି ସାରିଥିଲେ ଗୋଲଡ୍ ଇଣ୍ଡିକେଟର କମ୍ପାନୀ' ବ୍ୟାଟେରୀ ରୁମ୍‌ର

Digitized by PPRACHIN, SOA

ଦ୍ୱାର ଦେଶରେ । ଯୋଗକୁ ହଠାତ୍ ଟମ୍‌ଙ୍କର ଦେଖା ହୋଇଗଲା ସେହି ବ୍ୟାଟେରୀରୁମ୍‌ରେ କାର୍ଯ୍ୟ କରୁଥିବା ତାଙ୍କର ଆଉଜଣେ ପୁରୁଣା ବନ୍ଧୁଙ୍କ ସହ । ଟମ୍ ବୋଷ୍ଟନ ସହରରୁ ଫେରିଆସିବା ପରେ ସେ ପର୍ଯ୍ୟନ୍ତ ଯେଉଁ ଅନୁଭୂତି ତାଙ୍କ ଅଙ୍ଗେ ନିଭାଇ ଥିଲେ, ଆମୂଳଚୂଳ କହିଗଲେ ସେ ବନ୍ଧୁ ଜଣଙ୍କୁ । ବନ୍ଧୁ ଜଣଙ୍କ ଯେତେବେଳେ ଜାଣିଲେ ଯେ ପୂର୍ବ ବନ୍ଧୁଙ୍କ ପ୍ରଦତ୍ତ ଏକ ଡଲାରରୁ ଆଉମାତ୍ର ପଞ୍ଚସ୍ତରୀ ସେଣ୍ଟ ଟମ୍‌ଙ୍କ ପାଖରେ ଅଛି, ସେ ଯଦିଓ କିଛି ଅର୍ଥ ସାହାଯ୍ୟ କଲେନାହିଁ; କିନ୍ତୁ ନିଜ ଲଜିଂ ଖର୍ଚ୍ଚ ବଞ୍ଚାଇବା ସକାଶେ ସେ ଟମ୍‌ଙ୍କୁ ଏକ ଭଲ ପରାମର୍ଶ ଦେଲେ । ରାତିରେ ଟମ୍‌ଙ୍କୁ ସେହି ବ୍ୟାଟେରୀ ରୁମ୍‌ରେ ଶୋଇବାକୁ କହି ବନ୍ଧୁ ଜଣକ ନିଜ କାର୍ଯ୍ୟରେ ଚାଲିଗଲେ । ଟମ୍ ଅତି ଖୁସିରେ ବନ୍ଧୁଙ୍କ ଏହି ପରାମର୍ଶକୁ କାର୍ଯ୍ୟକାରୀ କଲେ ।

ଚିର ଉତ୍ସାହୀ ଯୁବକ ଏଡିସନ୍ ବ୍ୟାଟେରୀ ରୁମ୍‌ରେ ରାତ୍ରିରେ ଶୋଇବା ପୂର୍ବରୁ ପ୍ରତି ବ୍ୟାଟେରୀ ଓ ଯନ୍ତ୍ରପାତିକୁ ନିରୀକ୍ଷଣ କରି ଦେଖୁଥିଲେ । ବିଦ୍ୟୁତ୍ ସମ୍ବନ୍ଧରେ ଟମ୍ ଯେତିକି ଦକ୍ଷଥିଲେ, ସେହି ଜ୍ଞାନ ବଳରେ ସେ ଅତି ସହଜରେ ଜାଣିନେଲେ ଯେ, ଗୋଲଡ୍ ଇଣ୍ଡିକେଟରେ କମ୍ପାନୀର ପ୍ରଚଳିତ ନିଉୟର୍କ ଷ୍ଟକଟିକର ସିଷ୍ଟମର ଗୁପ୍ତ ରହସ୍ୟ କ'ଣ ।

ବ୍ୟାଟେରୀରୁମ୍‌ରେ ଦୁଇରାତି ଶୋଇସାରିଲେଣି ଏଡ଼ିସନ । ଠିକ୍ ତୃତୀୟଦିନ ସକାଳୁ ସକାଳୁ ଏଡ଼ିସନ ଅନୁଭବ କଲେ ଯେ ବ୍ୟାଟେରୀ ରୁମ୍‌ଟି ସଦାସର୍ବଦା ବିଭିନ୍ନ କିସମର ଯନ୍ତ୍ରପାତି ଦ୍ୱାରା ଶବ୍ଦ ପ୍ରଦୂଷଣ କରୁଥିବାବେଳେ ସେଦିନ କାହିଁକି ଶ୍ମଶାନର ନୀରବତା ବିରାଜୁଥିଲା । ଏଡ଼ିସନ ଦେଖିଲେ ଚିନ୍ତିତ ମେକାନିକ୍ ମାନେ ବ୍ୟସ୍ତବିବ୍ରତ ହୋଇ ସୁଇଚବୋର୍ଡ଼ ନିକଟକୁ ଦୌଡ଼ୁଛନ୍ତି ଏବଂ ସୁଇଚବୋର୍ଡ଼କୁ ଖୋଲିସାରିବା ପରେ କିଛି ତ୍ରୁଟି ଧରିନପାରି ପୁଣି ବନ୍ଦ କରିଦେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି କମ୍ପାନୀ ଅଧୀନରେ ବହୁ ସଂଖ୍ୟାରେ ଷ୍ଟକଟିକର କମ୍ପାନୀ କାମ କରୁଥିଲା ଏବଂ ପ୍ରାୟ ତିନିଶହରୁ ଉର୍ଦ୍ଧ ସଂଖ୍ୟକ ଦଲାଲ ନିଯୁକ୍ତ ଥିଲେ । ଏହି ସମୟରେ କୌଣସି ଏକ ଷ୍ଟକଟିକର କମ୍ପାନୀର କର୍ମଚାରୀ ହଠାତ୍ ଅଫିସ୍ ଭିତରକୁ ପଶିଆସି ଖବର ଦେଲା ଯେ ତାଙ୍କ ଅଫିସ୍‌ରେ ଥିବା ଟିକରଟି କାର୍ଯ୍ୟ କରୁନାହିଁ । କିଛି ସମୟ ପରେ ପଛକୁ ପଛ ଆହୁରି ଅନେକ ଟିକର ବନ୍ଦ ହୋଇଯାଇଛି ବୋଲି ଅଭିଯୋଗ ମାନ ଆସି ପହଞ୍ଚିବାରେ ଲାଗିଲା । କମ୍ପାନୀର ମେକାନିକମାନଙ୍କ ଅବସ୍ଥା କହିଲେ ନ ସରେ । କ'ଣ କରିବେ ହଠାତ୍ ସେମାନଙ୍କ ମୁଣ୍ଡରେ କିଛି ବୁଦ୍ଧି ଢୁକିଲା ନାହିଁ ।

ହଠାତ୍ ବ୍ୟାଟେରୀ ରୁମ୍‌ର ଦ୍ୱାର ଧଡ଼ାସ୍ କରି ଖୋଲିଗଲା । ପଶି ଆସିଲେ କମ୍ପାନୀର ପ୍ରେସିଡ଼େଣ୍ଟ ଲଉ୍ ସାହେବ । ପ୍ରେସିଡ଼େଣ୍ଟଙ୍କୁ ଦେଖି ନିରୁପାୟ ମେକାନିକ୍

Digitized by PPRACHIN, SOA

ମାନେ ଭୟରେ ଘାଣ୍ଟୁ ପାଳଟିଗଲେ । ଲହ୍‌ସାହେବ ଗର୍ଜିଉଠି କହିଲେ-"ମୋ କମ୍ପାନୀରେ ଏତେ ସଂଖ୍ୟକ ବେତନଭୋଗୀ ମେକାନିକ ଅଛନ୍ତି । ଅଥଚ କେହି ଜଣେ ହେଲେ ସାମାନ୍ୟ ତ୍ରୁଟିଟା ସୁଧାରିପାରିଲେ ନାହିଁ ? ଏହି କମ୍ପାନୀରେ କେହି ଜଣେ ଦକ୍ଷ ମେକାନିକ୍ ଥାଆନ୍ତା ହେଲେ ?"

ଏଇଠି ଏଡ଼ିସନ ଲହ୍ ସାହେବଙ୍କ ସାମ୍ନାକୁ ଆସିଗଲେ । କହିଲେ-"ସାର୍, ମୁଁ ଆପଣଙ୍କର ନିୟମିତ କର୍ମଚାରୀ ନୁହେଁ, କିନ୍ତୁ ଆପଣଙ୍କ ଅନୁମତି ପାଇଲେ ମୁଁ କାମଟା ନିଶ୍ଚୟ ଠିକ୍ କରିଦେବି ।"

"ତେବେ ଶୀଘ୍ର କର ।"- ଲହ୍ ସାହେବ ଚିତ୍କାର କରି କହିଲେ ।

ଟମ୍ ଏଡ଼ିସନ ଏଥର ସୁଇଚବୋର୍ଡ଼ ଖୋଲି ପରୀକ୍ଷା କଲେ । ଆଶ୍ଚର୍ଯ୍ୟର କଥା, ମୂହୂର୍ତ୍ତକମଧ୍ୟରେ ତାଙ୍କ ତୀକ୍ଷ୍ଣ ଆଖି ଆବିଷ୍କାର କଲା ଯେ ଗୋଟିଏ ସ୍ପ୍ରିଙ୍ଗ୍ ଭାଙ୍ଗି ଖସିପଡ଼ିଛି ନିମ୍ନସ୍ଥ ଦୁଇଟି ଗିଅର ଚକି ଉପରକୁ, ଯାହା ମାଷ୍ଟର ମେସିନକୁ ବନ୍ଦ କରି ଦେଇଛି । ଟମ୍ ତୁରନ୍ତ ସ୍ପ୍ରିଙ୍ଗ୍‌ଟି ବାଦ୍ କରି ନୂଆ ସ୍ପ୍ରିଙ୍ଗ୍‌ଟିଏ ଲଗାଇଲେ ଏବଂ ମାଷ୍ଟର ମେସିନର କଣ୍ଟା ଶୂନ '0' କୁ ଆଣି ସୁଇଚ୍ ବୋର୍ଡ଼ର ସୁଇଚ୍ ଅନ୍ କଲେ । ସାଙ୍ଗେ ସାଙ୍ଗେ ମାଷ୍ଟର ମେସିନ ଚାଲୁ ହୋଇଗଲା ଏବଂ ଏହି ମେସିନସହ ସଂଯୁକ୍ତ ତିନିଶହ ଟିକର ମେସିନ କାର୍ଯ୍ୟକରି ଉଠିଲା ବୋଲି ଗୋଲ୍‌ଡ଼ ଇଣ୍ଡିକେଟର ଅଫିସରେ ଖବରମାନ ଆସି ପହଞ୍ଚିବାରେ ଲାଗିଲା ।

ଲହ୍ ସାହେବ ବିସ୍ମିତ ହେଲେ ଏବଂ ଏଡ଼ିସନଙ୍କ ଉପରେ ଏମିତି ଖୁସି ହୋଇଗଲେ ଯେ ଠିକ୍ ପରଦିନ ଗୋଲ୍‌ଡ଼ ଇଣ୍ଡିକେଟର କମ୍ପାନୀର ଇଞ୍ଜିନିୟର ରୂପେ ମାସିକ ତିନିଶହ ଡଲାର ବିନିମୟରେ ଏଡ଼ିସନଙ୍କୁ ନିଯୁକ୍ତି ଦେଇଦେଲେ । ଯୁବକ ଟମ୍ ଏଡ଼ିସନଙ୍କ ଭାଗ୍ୟର ସୁବର୍ଣ୍ଣଦ୍ୱାର ପୁଣିଥରେ ଖୋଲିଗଲା ।

ସେତେବେଳେ ଗୋଲ୍‌ଡ଼ ଇଣ୍ଡିକେଟର କମ୍ପାନୀର ସୁପରିନଟେଣ୍ଡେଣ୍ଟ ଥିଲେ ଫ୍ରାଙ୍କଲିନ୍ ପୋପ୍ । କ୍ରମଶଃ ପୋପ୍‌ଙ୍କ ସହ ଏଡ଼ିସନଙ୍କ ବନ୍ଧୁତା ସୃଷ୍ଟି ହେଲା । ଏଡିସନଙ୍କ ମସ୍ତିଷ୍କ ଭିତରେ ଖେଳିବୁଲୁଥିଲା ଅସଂଖ୍ୟ ଭାବନା । ଏହି ଭାବନା ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେ ମନେ ମନେ କିଛି ଗୋଟାଏ ଉପାୟ ଖୋଜୁଥିଲେ । ଯେହେତୁ ପୋପ୍ ଓ ଟମ୍ ଏଡିସନ ଉଭୟ ଥିଲେ ବୈଦ୍ୟୁତିକ ବୈଷୟିକ ଜ୍ଞାନକୌଶଳରେ ଧୁରନ୍ଧର, ତେଣୁ ଉଭୟ ମିଶି ଏକ ବ୍ୟବସାୟିକ ବୈଦ୍ୟୁତିକ ଫାର୍ମ ଖୋଲିଲେ । ୧୮୬୯ ମସିହା ଅକ୍ଟୋବର ଏକ ତାରିଖରେ ନିୟୁଅର୍କର ଦୈନିକ ସମ୍ବାଦପତ୍ର

Digitized by PPRACHIN, SOA

'ଟେଲିଗ୍ରାଫର' 'ଫାର୍ମ ଅଫ୍ ଏଡ଼ିସନ ଏଣ୍ଡ ପୋପ୍' ପ୍ରତିଷ୍ଠା ହେଲା ବୋଲି ଏକ ବିଜ୍ଞାପନ ପ୍ରକାଶ କଲେ । ଯୁକ୍ତରାଷ୍ଟ୍ର ଆମେରିକାର ଏହି ବିଜ୍ଞାପନଟି ଥିଲା ପୃଥିବୀର ସର୍ବପ୍ରଥମ ବ୍ୟବସାୟିକ ସଂସ୍ଥାର ବିଜ୍ଞାପନ ।

ଏଡ଼ିସନ ନିୟୁଜେର୍ସିର ଏଲିଜାବେଥ୍ ଠାରେ ଏକ ଘରଭଡ଼ା ନେଲେ । ସେଇଠୁ ସେ ଅଫିସକୁ ପ୍ରତିଦିନ ଚାଲି ଚାଲି ଆସୁଥିଲେ ଏବଂ ସନ୍ଧ୍ୟାରେ ବସାକୁ ଫେରୁଥିଲେ । ନିଜର ବହୁମୂଲ୍ୟ ସମୟର ସଦୁପଯୋଗ କରିବାପାଇଁ ସେ ଦିନରାତି ଚବିଶ ଘଣ୍ଟା ମଧ୍ୟରୁ ମାତ୍ର ତିନି କିମ୍ବା ଅତିବେଶୀରେ ଚାରି ଘଣ୍ଟା ଶୋଉଥିଲେ । ଅବଶିଷ୍ଟ ସମୟରେ ସେ ତାଙ୍କ ନୂତନ ଉଦ୍ଭାବନ ସମ୍ପର୍କରେ କେବଳ ଚିନ୍ତାରେ ଘାରି ହେଉଥିଲେ ଅଥବା ସେଥିନେଇ କାର୍ଯ୍ୟରତ ରହୁଥିଲେ ।

ସେତେବେଳେ ଟେଲିଗ୍ରାଫ ମେସିନ୍ ଦ୍ୱାରା ଯେଉଁ ସମ୍ବାଦ ସଂଗୃହୀତ ହେଉଥିଲା, ତାହା କେବଳ ଡଟ୍ ଏବଂ ଡ୍ୟାସ ଦ୍ୱାରା । ଏହାକୁ ପରେ ଅପରେଟରମାନେ ଅକ୍ଷରାନୁସାରେ ଲେଖି ବିତରଣ କରୁଥିଲେ । କିପରି ଟେଲିଗ୍ରାଫ ମେସିନକୁ ସ୍ୱୟଂସଂପୂର୍ଣ୍ଣ କରିବେ ଅର୍ଥାତ୍ ଟେଲିଗ୍ରାଫରେ ଆଉ ଡ୍ୟାସ କିମ୍ବା ଡଟ୍ ନ ଆସି କିପରି ସିଧାସଳଖ ଅକ୍ଷରରେ ସମ୍ବାଦ ଆସିବ- ଏପରି ଟେଲିଗ୍ରାଫ ତିଆରି ପାଇଁ ଏଡ଼ିସନ ମନେ ମନେ କିଛିଦିନ ଧରି ଚିନ୍ତା କରି ଆସୁଥିଲେ । ଏଣୁ ଏଡ଼ିସନ ତାଙ୍କଦ୍ୱାରା ଅତୀତରେ ନିର୍ମିତ ଡ୍ୟୁପ୍ଲେକ୍ସ ସିଷ୍ଟମକୁ ପୁନରୁଦ୍ଧାର କଲେ ଏବଂ ଏହି ସିଷ୍ଟମସହ ସେ କିପରି ପ୍ରିଣ୍ଟର ଯୋଡ଼ିବେ, ତାହା ଉପରେ କ୍ରମାଗତଭାବେ ପରୀକ୍ଷାନିରୀକ୍ଷା ଚଳାଇଲେ । ସଫଳତା ତ ଏକାଦିନେ ମିଳେନା । କିଛିଦିନପରେ ଡ୍ୟୁପ୍ଲେକ୍ସ ମେସିନଦ୍ୱାରା ଏଡ଼ିସନ ଗୋଟିଏ ତାରରେ ଏବଂ ଏକାସମୟରେ ପାଞ୍ଚ କିମ୍ବା ଛଅଟି ଅଲଗା ଅଲଗା ସମ୍ବାଦ ପ୍ରେରଣ କରିବାର ସଫଳତା ହାସଲ କରିପାରିଲେ । ୧୮୭୬ ମସିହା ବେଳକୁ ଏଡ଼ିସନ ଉଦ୍ଭାବନ କଲେ ସ୍ୱୟଂଚାଳିତ ପ୍ରିଣ୍ଟିଂ ଟେଲିଗ୍ରାଫ ଯେଉଁଥିରେ ମିନିଟ୍ ପ୍ରତି ଚାଳିଶରୁ ପଚାଶ ଶବ୍ଦ ପ୍ରେରିତ ହୋଇପାରିଲା ଏବଂ ଶେଷରେ ସେ ଟେଲିଗ୍ରାଫ୍ ମେସିନ୍‌କୁ ଏପରି କୌଶଳରେ ତିଆରି କଲେ ଯେ ପ୍ରତି ମିନିଟ୍‌ରେ ତିନିହଜାର ଶବ୍ଦ ସମ୍ବଳିତ ରୋମାନ ଅକ୍ଷର ଗୁଡ଼ିକ ସଂଗ୍ରହ କରିବାରେ ନବନିର୍ମିତ ଟେଲିଗ୍ରାଫ୍ ମେସିନ୍ ସଫଳ ହୋଇ ପାରିଲା । ଏହି ଯନ୍ତ୍ର ଉଦ୍ଭାବନ ପରେ ଉଦ୍ଭାବକ ରୂପେ ଏଡ଼ିସନଙ୍କ ଖ୍ୟାତି ଯୁକ୍ତରାଷ୍ଟ୍ର ଆମେରିକା ସାରା ବ୍ୟାପିଗଲା ।

●

Digitized by PPRACHIN, SOA

ଏଡ଼ିସନଙ୍କ ଷ୍ଟକ-ଟିକର

ନିୟୁଅର୍କର ଅନ୍ୟ ଏକ କମ୍ପାନୀ 'ଗୋଲ୍ଡ୍ ଏଣ୍ଡ ଷ୍ଟକ୍ ଟେଲିଗ୍ରାଫ୍ କମ୍ପାନୀ'ର ପ୍ରେସିଡ଼େଣ୍ଟ ଜେନେରାଲ୍ ମାର୍ଶାଲ ଲିଫର୍ଟସ୍ ଏଡ଼ିସନଙ୍କୁ ତାଙ୍କ କମ୍ପାନୀଦ୍ୱାରା ବ୍ୟବହୃତ 'ଷ୍ଟକ ଟିକର' ମେସିନକୁ ସ୍ୱୟଂଚାଳିତ ତଥା ଉନ୍ନତ କରିବାକୁ ଅନୁରୋଧ କଲେ ଏବଂ ଜେନେରାଲ୍ ଏଥିପାଇଁ ସମସ୍ତ ଅର୍ଥବ୍ୟୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ । ଏହି ଷ୍ଟକ ଟିକର ଥିଲା ଏକ ପ୍ରକାର ଟେଲିଗ୍ରାଫ୍, ଯାହାଦ୍ୱାରା ବିଭିନ୍ନ ତଥ୍ୟମାନ ଏକ ରିବନ ଉପରେ ଛପାଯାଇପାରେ । ଜେନେରାଲଙ୍କ ଅର୍ଥ ଏବଂ ଏଡ଼ିସନଙ୍କ ବୁଦ୍ଧି, କୌଶଳ ଓ ଦକ୍ଷତାର ସମ୍ମିଶ୍ରଣରେ ମାତ୍ର କେତେଟାଦିନ ମଧ୍ୟରେ ଏକ ନୂତନ ଧରଣର ଏବଂ ଉନ୍ନତମାନର ଷ୍ଟକଟିକର ଉଦ୍ଭାବନ କରିପାରିଲେ ଟମ୍ ଏଡିସନ ।

ଏହି ଯନ୍ତ୍ର ଉଦ୍ଭାବନ ପରେ ଜେନେରାଲ ଏଡ଼ିସନଙ୍କ ଉପରେ ଏତେ ଖୁସି ହୋଇଗଲେ ଯେ ଦିନେ ଏଡ଼ିସନଙ୍କୁ ତାଙ୍କ ଅଫିସକୁ ଡାକି ପଚାରିଲେ-"କୁହ ୟଙ୍ଗମ୍ୟାନ, ତମର ପାରିଶ୍ରମିକ ବାବଦ ମୁଁ ତମକୁ କେତେ ଦେବା ଉଚିତ୍ ?"

ଏଡିସନ ହଡ଼ବଡ଼େଇ ଗଲେ । ଏହି ନୂଆଯନ୍ତ୍ରର ଉଦ୍ଭାବନଦିଗରେ ତାଙ୍କର ଅକ୍ଲାନ୍ତ ପରିଶ୍ରମ, ପରୀକ୍ଷାନିରୀକ୍ଷା, ନିର୍ମାଣ ଏବଂ ପୁନଃନିର୍ମାଣ ବାବଦ ପାରିଶ୍ରମିକ କେତେ ହେବା ଉଚିତ୍ ? କେତେ ହେବ ? ଠିକ୍ ରୂପେ ଏଡ଼ିସନ କଳନା କରିପାରିଲେ ନାହିଁ । ମନେ ମନେ ଭାବିଲେ- ପାଞ୍ଚହଜାର ଡଲାର କହିଦେଲେ ବୋଧେ ବେଶୀ ହୋଇଯିବ । ପାଞ୍ଚହଜାର ଡଲାର କ'ଣ, ଜେନେରାଲ ତିନି ହଜାର ଡଲାର ଦେବେ ତ ? ତାଙ୍କ ଉଦ୍ଭାବନର ତତ୍କାଳୀନ ବଜାର ମୂଲ୍ୟ କେତେ ହେବ, ତାହା ଆକଳନ କରି ନପାରି ଏଡ଼ିସନ ଜେନେରାଲଙ୍କୁ କହିଲେ -'ଆପଣ ଜାଣିଛନ୍ତି ସାର୍, ମୋ ନୂଆ

Digitized by PPRACHIN, SOA

ଯାନ୍ତ୍ରିକ କୌଶଳ ଆପଣଙ୍କ ଟିକର କୁ କିପରିଭାବେ ଏବଂ କେତେ ପରିମାଣରେ ଉନ୍ନତ କରିପାରିଛି ।''

''ଆଚ୍ଛା ଛାଡ଼ ।'' ଜେନେରାଲ କହିଲେ -''ଚାଳିଶ ହଜାର ଡଲାର ଦେଲେ ତମେ ଖୁସି ହେବ ତ ?''

''ଚାଳିଶ ହଜାର ଡଲାର !!!'' ଏଡ଼ିସନଙ୍କ ତଣ୍ଟି ଶୁଖିଗଲାପରି ବୋଧ ହେଲା । ଏତେଗୁଡ଼ିଏ ମୁଦ୍ରା ପାଇଲେ ତ ସିଏ ବହୁମୂଲ୍ୟ ଉପକରଣସହ ଏକ ସୁନ୍ଦର ତଥା ସୁବୃହତ୍ ଲାବୋରେଟୋରୀ ପ୍ରତିଷ୍ଠା କରିପାରିବେ । ଚାଳିଶ ହଜାର ଡଲାର ଶୁଣି ଏଡ଼ିସନଙ୍କ ହୃଦ୍ ସ୍ପନ୍ଦନ ବଢ଼ିଗଲା । ସେ ଚୁପ୍ ରହିଲେ ।

ଜେନେରାଲ୍ କହିଲେ -''ଠିକ୍ ଅଛି । ତୁମେ ତିନିଦିନ ପରେ ଆସିବ ଏବଂ କଣ୍ଟ୍ରାକ୍ଟ ପେପର ସାଇନ୍ କରି ଚେକ୍ ନେଇଯିବ ।''

ଠିକ୍ ତିନିଦିନପରେ ଏଡ଼ିସନ ଗଲେ ଜେନେରାଲାଙ୍କ ଅଫିସକୁ । ଜେନେରାଲ ଏଡ଼ିସନଙ୍କ ଠାରୁ କଣ୍ଟ୍ରାକ୍ଟ ପେପର ଦସ୍ତଖତ ନେଇ ବଢ଼ାଇ ଦେଲେ ଚାଳିଶ ହଜାର ଡଲାର ମୁଦ୍ରାର ଏକ ଚେକ୍ ।

ଚେକ୍‌ଟି ଧରି ଏଡ଼ିସନ ଆସିଲେ ଉଇଲିୟମ୍ ଷ୍ଟ୍ରୀଟ୍‌ରେ ଅବସ୍ଥିତ ବ୍ୟାଙ୍କକୁ ଟଙ୍କା ଉଠାଇବା ସକାଶେ । ଟେଲର କାଉଣ୍ଟରରେ ଏଡ଼ିସନ ଚେକ୍‌ଟି ଦିଅନ୍ତେ ଟେଲର ଚେକ୍‌ଟିକୁ କିଛିସମୟ ଏପାଖସେପାଖ କରି ଦେଖିଲେ ଏବଂ ଚେକ୍‌ଟି ଏଡ଼ିସନଙ୍କୁ ଫେରାଇ ଦେଇ କହିଲେ-''ସରି ସାର୍, ଏ ଚେକ୍‌ଟି ଭଙ୍ଗାଯାଇପାରିବନାହିଁ । ଆପଣ....'' ।

ଶେଷ ବାକ୍ୟଟି ଟେଲର କାଉଣ୍ଟରରେ ବସିଥିବା ବ୍ୟକ୍ତିଜଣକ କ'ଣ କହିଲେ ଏଡ଼ିସନ ଠିକ୍ ରୂପେ ଶୁଣିପାରିଲେ ନାହିଁ । କାରଣ, ଏଡ଼ିସନ ସେତେବେଳକୁ ସଂପୂର୍ଣ୍ଣ କାଲ ହୋଇ ସାରିଥିଲେ । (ଏକଦା ଗ୍ରାଣ୍ଡଟ୍ରଙ୍କ ରେଲଓ୍ୱେରେ ଝୁଲନ୍ତ ଅବସ୍ଥାରେ ବ୍ରେକ୍‌ର କଣ୍ଡକ୍ଟର ତାଙ୍କ ଦୁଇକାନ ଧରି ବଗି ଭିତରକୁ ଟାଣି ନେଇଥିବା ଦିନଠାରୁ ଟମ୍‌ଙ୍କ ଶ୍ରବଣଶକ୍ତି କ୍ରମଶଃ ହ୍ରାସ ପାଇ ଆସୁଥିଲା ।) ଅଭଙ୍ଗା ଚେକ୍‌ଟି ଧରି କିଛିସମୟ ମନଦୁଃଖରେ ବସିପଡ଼ିଲେ ଏଡ଼ିସନ । ମନକୁ ମନ କହିଲେ ''ଜେନେରାଲ୍ କଦାପି ଅଭଦ୍ର କିମ୍ବା ଠକ ହୋଇ ନଥିବେ ।'' ପୁନର୍ବାର ଏଡ଼ିସନ ଚେକ୍‌ଟି ଧରି ଜେନେରାଲଙ୍କ ପାଖକୁ ଆସିଲେ ଏବଂ ଜେନେରାଲଙ୍କୁ ସବୁକଥା କହିଲେ । ଜେନେରାଲ କିଛିସମୟ ଚେକ୍‌ଟିକୁ ଓଲଟପାଲଟ କରି ଦେଖିଲେ ଏବଂ ହଠାତ୍ ଠୋ ଠୋ କରି ହସି ଉଠିଲେ

Digitized by PPRACHIN, SOA



Digitized by PPRACHIN, SOA

ଟମ୍ ଏଡିସନଙ୍କ ଆଖିରେ ଲୁହ ଢଳେଇ ଆସିବା ପର୍ଯ୍ୟନ୍ତ । ଜେନେରାଲ୍ ଏଡ଼ିସନଙ୍କୁ କହିଲେ-"ୟଙ୍ଗମ୍ୟାନ୍, ତମେ ବୋଧେ ଜୀବନରେ ପ୍ରଥମଥର ପାଇଁ ଚେକ୍ ଭଙ୍ଗାଇବାର ସୁଯୋଗ ପାଇଥିଲ ?"

ଏଡ଼ିସନ ମୁଣ୍ଡ ଟୁଙ୍ଗାରିଲେ ।

ଜେନେରାଲ କହିଲେ-"ତମେ ଚେକ୍‌ର ପଛପଟେ ଦସ୍ତଖତ କରିନାହଁ । ଡଲାର୍ ପାଇଥାନ୍ତ କିପରି ? ଟେଲର ସଂଭବତଃ ତମକୁ ଚେକ ପଛପଟେ ଦସ୍ତଖତ କରିବାପାଇଁ କହିଥିବ । ନହେଲେ ତମେ ଥୋମାସ୍ ଏ ଏଡ଼ିସନ ବୋଲି ବ୍ୟାଙ୍କ କିପରି ଜାଣି ପାରିବ ? ହେଉ, ଏଥର ଆମ୍ଭ ଅଫିସ୍‌ର ପିଅନ ସାଙ୍ଗରେ ତୁମେ ଯାଅ । ସେ ତୁମକୁ ଡଲାର ଉଠାଇବାରେ ସାହାଯ୍ୟ କରିବ ।"

ଜେନେରାଲ ତାଙ୍କ ଅଫିସ ପିଅନକୁ ଏଡ଼ିସନଙ୍କ ସହ ପଠାଇଲେ ବ୍ୟାଙ୍କକୁ, ଏଡ଼ିସନଙ୍କୁ ଚେକ୍ ଭଙ୍ଗାଇବାଦିଗରେ ସାହାଯ୍ୟ କରିବାପାଇଁ । ଡଲାର ମିଳିଗଲା । ଏକାଥରକେ ଚାଳିଶହଜାର ଡଲାରର କାଗଜ ନୋଟ୍ । ଏଡ଼ିସନ ନୋଟ୍‌ଗୁଡ଼ିକୁ ପ୍ୟାଣ୍ଟ ପକେଟରେ ଭର୍ତ୍ତି କଲେ ପକେଟ୍ ଫାଟିଯିବା ପର୍ଯ୍ୟନ୍ତ । ଅବଶିଷ୍ଟ ବଣ୍ଡଲକୁ ନିଜ କୋଟ୍‌କୁ ଓଲଟାଇ ଧରି ଏମିତିଭାବରେ ଆଣିଲେ ଯେମିତି ଏତେଗୁଡ଼ିଏ ଡଲାରର କାଗଜବଣ୍ଡଲ ସେ ଜୀବନରେ ପ୍ରଥମ ଥରପାଇଁ ଦେଖିଲେ ।

ଏହି ଆଶାତୀତ ଅର୍ଥଲାଭ ପରେ ଏଡ଼ିସନ ପ୍ରଥମେ ନିଉଜେର୍ସି ରେ ଦୁଇଟି ବଡ଼ ବଡ଼ ବିଲଡ଼ିଂ ଭଡ଼ାରେ ନେଲେ ଏବଂ ସେହି ବିଲଡ଼ିଂରେ ନିଜ ଅଫିସଗୃହ ସହ ଏକ ବିରାଟ ଲାବୋରେଟୋରୀ ଏବଂ ମେସିନସପ୍ ବସାଇଲେ । ଗୋଲ୍ଡ୍ ଏଣ୍ଡ ଟେଲିଗ୍ରାଫ କମ୍ପାନୀର ଯେଉଁ ଟିକରକୁ ସେ ଉନ୍ନତ ଧରଣର ଯାନ୍ତ୍ରିକ କୌଶଳରେ ସମୃଦ୍ଧ ତଥା ନିର୍ମାଣ କରିଥିଲେ, ସେହି ଯାନ୍ତ୍ରିକ କୌଶଳ ସମ୍ବଳିତ ଅନେକ ଷ୍ଟକ୍ ଟିକର ପାଇଁ ଏଡ଼ିସନଙ୍କୁ ଅର୍ଡର ମିଳିଲା । ଏଡ଼ିସନ ଅର୍ଡ଼ର ଗ୍ରହଣ କଲେ ଏବଂ ନିଜ ଅଧୀନରେ ପ୍ରାୟ ଚାଳିଶ ଜଣ ସୁଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ । ସେମାନଙ୍କ ମଧ୍ୟରେ ଥିଲେ ସୁଇଜରଲ୍ୟାଣ୍ଡର ଜଣେ କୁଶଳୀ ମେସିନ୍ ନିର୍ମାତା ଜନ୍ କ୍ରୁସ୍ ଏବଂ ଇଂଲାଣ୍ଡର ଚାର୍ଲସ ବ୍ୟାଚଲର । ଏହି ଦୁଇଜଣ ଥିଲେ ଟମ୍ ଏଡିସନଙ୍କର ସବୁଠାରୁ ବେଶି ନିର୍ଭରଯୋଗ୍ୟ ବ୍ୟକ୍ତି, ଯେଉଁ ଦୁଇଜଣଙ୍କର ସହଯତାରେ ଟମ୍ ଏଡିସନ ପରବର୍ତ୍ତୀ କାଳରେ ସୃଷ୍ଟି କରିପାରିଥିଲେ ତତ୍‌କାଳୀନ ପୃଥିବୀର ବିସ୍ମୟ ବିଦ୍ୟୁତ୍‌ବତୀ, ଫୋନୋଗ୍ରାଫ୍, ଚଳମାନଚିତ୍ର ଏବଂ ଆହୁରି ଅନେକ କିଛି...

●

Digitized by PPRACHIN, SOA

ଏଡ଼ିସନଙ୍କ ବିବାହ ଏବଂ ମହମକାଗଜର ଉଦ୍ଭାବନ ସହ ଟାଇପ୍ ମେସିନର ପୁନଃନିର୍ମାଣ

୧୮୭୦ ମସିହାର ଏକଦା ଏକ ନିର୍ମୋକ ସଞ୍ଜରେ ଏଡ଼ିସନ ଚୁପ୍‌ଚାପ୍ ବସିଥିଲେ ତାଙ୍କ ଅଫିସ ଗୃହରେ । କର୍ମଚାରୀମାନେ ସେଦିନର କାମସାରି ଚାଲିଯାଇ ଥିଲେ ନିଜ ନିଜ ବସାଗୃହକୁ । ଏଡ଼ିସନ କୌଣସି ଏକ ଏକ ନୂଆଯନ୍ତ୍ରର ନିର୍ମାଣ କୌଶଳ ଉପରେ କିଛି ନୋଟ୍ ଲେଖିବାକୁ ଅଟକି ଯାଇଥିଲେ । ହଠାତ୍ ଖୁବ୍ ଜୋରରେ ବର୍ଷା ଆରମ୍ଭ ହୋଇଗଲା । ଘଡ଼ଘଡ଼ି ବିଜୁଳି ମାରିବାସହ ଆକାଶ ଫାଟି ପଡୁଥିଲା ମେଘରେ । ଏହି ସମୟରେ ଦୁଇଜଣ ଯୁବତୀ ବର୍ଷାରୁ ରକ୍ଷା ପାଇବାପାଇଁ ଦୌଡ଼ି ଦୌଡ଼ି ଆସି ପହଞ୍ଚିଗଲେ ଏଡ଼ିସନଙ୍କ ଅଫିସ ଦ୍ୱାରଦେଶରେ । ଏଡ଼ିସନ ଟେବୁଲ ଛାଡ଼ି ଉଠିଆସିଲେ ଲାବୋରେଟୋରୀର ବାହାର ବାରଣ୍ଡାକୁ । ଓଦା ସରସର ସେହି ଯୁବତୀଦ୍ୱୟଙ୍କୁ ଅଫିସ୍ ଭିତରକୁ ଡାକିଲେ- ବର୍ଷାଛାଡିବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ।

''ମୁଁ ଥୋମାସ ଆଲଭା ଏଡ଼ିସନ । ଏହି ଲାବୋରେଟୋରୀର ମାଲିକ ।''

''ନାଇସ ମିଟିଂ ୟୁ । ମୁଁ ମେରୀ ଷ୍ଟିଲୱେଲ । ଆଉ ଏ ମୋ ସାନଭଉଣୀ ଆଲିସ୍ । ଆପଣଙ୍କୁ ଡିଷ୍ଟର୍ବ କରିଥିବାରୁ ଆମ୍ଭେ ଦୁଃଖିତ ।''

ଉତ୍ତରରେ ଏଡ଼ିସନ ମୃଦୁହସଟିଏ ହସିଦେଲେ ଏବଂ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଯୁବକ ଏଡ଼ିସନ ଷ୍ଟିଲୱେଲଙ୍କ ସହ କଥାବାର୍ତ୍ତାରେ ମଜ୍ଜିଗଲେ । ଷ୍ଟିଲୱେଲଙ୍କ କଥା କହିବାର ଭଙ୍ଗୀ, ଉଜ୍ଜ୍ୱଳ ଆଖି, ସୁନ୍ଦର ଚାହାଣୀ ସର୍ବୋପରି ନମ୍ର ବ୍ୟବହାର

Digitized by PPRACHIN, SOA

ଏଡ଼ିସନଙ୍କ ଯୁବସୁଲଭ ହୃଦୟକୁ ଚହଲାଇ ଦେଲା । ବର୍ଷା ଛାଡ଼ିଗଲାପରେ ଯୁବତୀ ଦୁଇଜଣ ଏଡ଼ିସନଙ୍କୁ ଅଶେଷ ଧନ୍ୟବାଦ ଜଣାଇ ଅନ୍ଧକାର ରାସ୍ତା ମଧ୍ୟରେ କେଉଁଆଡେ ଉଭାନ୍ ହୋଇଯାଇଥିଲେ ସତ, କିନ୍ତୁ ଏଡ଼ିସନଙ୍କ ହୃଦୟରେ ସ୍ମୃତିର ଏକ ଅଲିଭାଦାଗ ଛାଡ଼ି ଚାଲିଯାଇଥିଲେ ମେରୀ ଷ୍ଟିଲଓ୍ୱେଲ ।

ଏଡ଼ିସନ ସେଦିନ ରାତିରେ ଆଉ ଶୋଇପାରିଲେ ନାହିଁ । ମନେ ମନେ ଭାବିଲେ- ଷ୍ଟିଲଓ୍ୱେଲହିଁ ପ୍ରକୃତରେ ମୋର ସହଧର୍ମିଣୀ ଏବଂ ସହକର୍ମିଣୀ ହେବାପାଇଁ ଯୋଗ୍ୟ । ପରବର୍ତ୍ତି ଦିନ ଗୁଡ଼ିକରେ ଏଡ଼ିସନ ଷ୍ଟିଲଓ୍ୱେଲଙ୍କୁ ଆଉ ମନରୁ ଭୁଲିପାରିଲେନାହିଁ । ତାଙ୍କର ଜଣେ ବନ୍ଧୁଙ୍କ ସହାୟତାରେ ଏଡ଼ିସନ ଷ୍ଟିଲଓ୍ୱେଲଙ୍କ ଠିକଣା ସଂଗ୍ରହ କଲେ ଏବଂ ସେହି ବନ୍ଧୁଙ୍କ ସହ ଷ୍ଟିଲଓ୍ୱେଲଙ୍କ ଘରକୁ ଯାଇ ତାଙ୍କ ପରିବାରଙ୍କ ସହ ସଂପର୍କ ସ୍ଥାପନ କଲେ । କାଳକ୍ରମେ ଷ୍ଟିଲଓ୍ୱେଲଙ୍କ ସହ ସମ୍ପର୍କ ନିବିଡ଼ ହେଲା । ଏବେ ଏଡ଼ିସନ ତାଙ୍କ ପରୀକ୍ଷାଗାରରୁ ଅନେକସମୟରେ ଅବ୍ୟାହତି ନେଇ ଫୁଲ ଚାରିପଟେ ଭ୍ରମର ଚକ୍କର କାଟିବା ଭଳି ଷ୍ଟିଲଓ୍ୱେଲଙ୍କ ପଛେ ପଛେ ଘୂରି ବୁଲିଲେ । ଥିଏଟର, କନ୍‌ସର୍ଟକୁ ସାଥୀରେ ଷ୍ଟିଲଓ୍ୱେଲଙ୍କୁ ବୁଲାଇନେଲେ ସେ । କେବେ କେବେ ଉଭୟେ ଘୋଡାଗାଡ଼ିରେ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ବୁଲି ବାହାରୁ ଥିଲେ । ଅପେକ୍ଷାର ଦିନ ସରିଗଲା । ୧୮୭୧ ମସିହାର ବଡ଼ଦିନହିଁ ଏଡ଼ିସନ ବିବାହ କଲେ ଷ୍ଟିଲଓ୍ୱେଲଙ୍କୁ । ପରେ ପରେ ଷ୍ଟିଲଓ୍ୱେଲ ବୃତ୍ତିଗତ ଭାବେ ଏଡ଼ିସନଙ୍କ ବିରାଟ ପରୀକ୍ଷାଗାରରେ ଅଫିସ ଆସିଷ୍ଟାଣ୍ଟ ଭାବେ ମଧ୍ୟ ଯୋଗ ଦେଲେ ।

ଏଡ଼ିସନ ଷ୍ଟିଲଓ୍ୱେଲଙ୍କ ପାଇଁ ଏକଦା ଉପହାରସ୍ୱରୂପ ଚକୋଲେଟ୍ ଟିଏ ଆଣି ଦେଲେ । ଷ୍ଟିଲଓ୍ୱେଲ ଖୁସି ହୋଇ ଚକୋଲେଟ୍ ଟି ଖାଇବେ ବୋଲି ତା' ଉପର କାଗଜଟି ଛଡ଼ାଇବାକୁ ଲାଗିଲେ । କିନ୍ତୁ କାଗଜଟି ଚକୋଲେଟ୍ ସହ ଏମିତି ଲାଗି ରହିଥିଲା ଯେ ଷ୍ଟିଲଓ୍ୱେଲ ତାଙ୍କ ନଖାଗ୍ରରେ କାଗଜକୁ ଛଡ଼ାଇ ଛଡ଼ାଇ ନୟାନ୍ତ ହୋଇଗଲେ । ଏଡ଼ିସନ ମଧ୍ୟ କାଗଜର ଅବଶିଷ୍ଟାଂଶ ଛଡ଼ାଉ ଛଡ଼ାଉ ବିରକ୍ତ ହୋଇ ଉଠିଲେ । ଶେଷରେ ପାଇଲେ ଚକୋଲେଟ୍‌ର ଏକ କ୍ଷୁଦ୍ର ଭଗ୍ନାଂଶ ମାତ୍ର । ଏଡିସନ ଚିଡିଉଠି କହିଲେ- ''ଚକୋଲେଟ୍ କିମ୍ବା କେକ୍ ଉପରେ ସେଗୁଡ଼ିକସହ ସଂଲଗ୍ନ ହୋଇ ପାରୁ ନଥିବା ଭଳି କାଗଜମାନ ବ୍ୟବହୃତ ହେବା ଉଚିତ୍ ।''

ଷ୍ଟିଲଓ୍ୱେଲ ହସି ହସି କହିଲେ- ''ତମେ ତ ଜଣେ ଉଦ୍ଭାବକ । ନିଜେ ସେଭଳି କାଗଜ ଉଦ୍ଭାବନ କରୁ ନା କାହିଁକି ?''

Digitized by PPRACHIN, SOA

''ନିଶ୍ଚୟ କରିବି ଏବଂ ତୁମେ ମୋତେ ସାହାଯ୍ୟ କରିବ ।'' -ଏଡିସନ ଉଚ୍ଚ ସ୍ୱରରେ ଷ୍ଟିଲୱେଲଙ୍କୁ କହିଲେ ।

ସତକୁ ସତ, କିଛିଦିନପରେ ଏଡ଼ିସନ ଏକପ୍ରକାର ମହମ କାଗଜ ଉଦ୍ଭାବନ କଲେ, ଯାହାକି ଚକୋଲେଟ୍, କେକ୍, ପାଉରୁଟି ଭଳି ବେକିଂ ତଥା କନଫେକ୍ସନାରୀ ଜିନିଷମାନ ଉପରେ ଅଦ୍ୟାବଧି ବ୍ୟବହୃତ ହୋଇ ଆସୁଅଛି ।

୧୮୭୧ ମସିହାରେ କ୍ରିଷ୍ଟୋଫର ଲାଦାମ୍ ସୋଲେସ୍ ଉଦ୍ଭାବନ କଲେ ପୃଥିବୀର ପ୍ରଥମ ଟାଇପ୍‌ରାଇଟର । କିନ୍ତୁ ଏହି ଟାଇପ୍ ମେସିନ୍‌ର ନିର୍ମାଣ କୌଶଳରେ ସଂପୂର୍ଣ୍ଣ ତ୍ରୁଟିଯୁକ୍ତ ଥିଲା । ପ୍ରଥମତଃ ଏହାର ଅକ୍ଷର ଗୁଡ଼ିକ ଗୋଟିଏ ଧାଡ଼ିରେ ନ ରହି ତଳ ଉପର ହୋଇ ପଡୁଥିଲା । ଦ୍ୱିତୀୟତଃ ଅକ୍ଷରଗୁଡ଼ିକ ଆଗପଛ ହୋଇ ଅସଂଯତ ଭାବରେ ପଡୁଥିଲା । ମନେକରାଯାଉ ଆମେ ଶବ୍ଦଟିଏ ଲେଖିବା – 'ଉତ୍କଳ' । ଏହା କିନ୍ତୁ ମେସିନରେ ଟାଇପ୍ ହେଉଥିଲା –'କ୍ତଉଳ' । ଏହିଭଳି ତ୍ରୁଟିକୁ ନିର୍ମାଣକାରୀ ସୋଲେସ୍ କୌଣସିମତେ ସୁଧାରି ପାରିଲେ ନାହିଁ । ଶେଷରେ ବାଧ୍ୟହୋଇ ସୋଲେସ୍ ନିଜେ ଏଡ଼ିସନଙ୍କୁ ଅନୁରୋଧ କଲେ ଏହାର ତ୍ରୁଟିକୁ ସଜାଡ଼ି ଏକ ସ୍ୱୟଂସମ୍ପୂର୍ଣ୍ଣ ଟାଇପ୍‌ରାଇଟର ପ୍ରସ୍ତୁତ କରିବାପାଇଁ । ବହୁ ପରୀକ୍ଷା ନିରୀକ୍ଷା ପରେ ଏଡ଼ିସନ ଏକ ସ୍ୱୟଂସମ୍ପୂର୍ଣ୍ଣ ଟାଇପ୍‌ରାଇଟର ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଲେ । ସୈନିକମାନେ ଧାଡ଼ିରେ ଛିଡ଼ାହେବାପରି ଅର୍ଦ୍ଧବୃତ୍ତାକାରରେ ସେ ଅକ୍ଷର ଗୁଡ଼ିକୁ ଏପରିଭାବରେ ସଜାଡ଼ି ରଖିଲେ ଯେ ଅକ୍ଷରଗୁଡ଼ିକ ଠିକ୍ ଧାଡ଼ିରେ ଏବଂ ଯଥାସ୍ଥାନରେ ପଡ଼ିବାକୁ ଲାଗିଲା । ଏଡ଼ିସନଙ୍କ ଦ୍ୱାରା ଏହି ସଂଶୋଧିତ ମଡ଼େଲ୍‌ଟିର ପ୍ରଥମ ଉତ୍ପାଦନ ପ୍ରଥମେ ରେମିଙ୍ଗଟନ କମ୍ପାନୀ ନିର୍ମାଣ କରି ବଜାରକୁ ଛାଡ଼ିଥିଲା ୧୮୭୪ ମସିହାରେ, ଯେଉଁ ମଡ଼େଲ୍‌ଟି ଆଜିଯାଏ ମଧ୍ୟ ପୃଥିବୀର ଅନେକ ଆଧୁନିକ ଅଫିସ୍, ଗୃହ ତଥା ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ପ୍ରଚଳିତ ହୋଇ ଆସୁଅଛି ।

ସେହିବର୍ଷ ଅର୍ଥାତ୍ ୧୮୭୧ ମସିହାରେ ଏଡ଼ିସନଙ୍କ ମାଆ ନାନ୍‌ସି ପ୍ରାଣତ୍ୟାଗ କଲେ । ଏଡ଼ିସନଙ୍କ ପିତା ସାମୁଏଲ ଏକଲା ଜୀବନରୁ ମୁକ୍ତି ପାଇଁ ଚାଲି ଆସିଲେ ନିଉଜେର୍ସି । ଅନେକ ସମୟରେ ଉଦ୍ଭାବକ ଏଡ଼ିସନଙ୍କୁ କାର୍ଯ୍ୟରେ ସହଯୋଗ କରି ଏହକୀତ୍ୱ ଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକଲେ ଟମ୍‌ଙ୍କ ପିତା ବୃଦ୍ଧ ସାମ୍ ଏଡିସନ ।

ନିଜପିତାଙ୍କ ସହାୟତାରେ ଏଡ଼ିସନ ନିଉଜେର୍ସି ସ୍ଥିତ ବିଜ୍ଞାନାଗାର ଓ କାରଖାନାକୁ ମେନଲୋ ପାର୍କ ନାମକ ଅନ୍ୟ ଏକ ସ୍ଥାନକୁ ଉଠାଇନେଲେ ଏବଂ ପୂର୍ବାପେକ୍ଷା ଆହୁରି

Digitized by PPRACHIN, SOA

ବିଶାଳ ତଥା ସୁବୃହତ୍ କରି ଗଢ଼ିତୋଳିଲେ । କାରଣ, ପୂର୍ବପରି ତାଙ୍କ ପରୀକ୍ଷାଗାର ଏବଂ କାରଖାନା ବାବଦ ଆଉ ଭଡ଼ା ଦେବାକୁ ଚାହିଁଲେ ନାହିଁ ଏଡ଼ିସନ । ଏହି ପ୍ରସିଦ୍ଧ ମେନେଲୋ ପାର୍କକୁ ଏଡ଼ିସନଙ୍କ ପିତା ପରୀକ୍ଷାଗାର ପାଇଁ ବାଛିଥିଲେ ଏବଂ ଏଡ଼ିସନ ସେ ଜାଗାକୁ କିଣିନେଇଥିଲେ । ମେନଲୋ ପାର୍କରେ ତିଆରି ହେଲା ସୁବୃହତ୍ ଲାବୋରେଟୋରୀ, ମେସିନ ସପ୍, କାର୍ପେଣ୍ଟର ସପ୍, କାଚତିଆରି ଗୃହ ସହ ନୂଆ ନୂଆ ଉପକରଣ ତିଆରି ମେସିନ, ଲେଦ୍ ମେସିନ, ବାଷ୍ପଚୁଲା ଇତ୍ୟାଦି ବିଭିନ୍ନ ସର୍ବଶେଷ ମଡ଼େଲ ଯନ୍ତ୍ରପାତି ସ୍ଥାପନା କରାଗଲା । ଏଡ଼ିସନଙ୍କ ସବୁଠୁଁ ନିର୍ଭରଯୋଗ୍ୟ ସହକାରୀ ଜନ କ୍ରୁସ୍ ଏହି ମେସିନ ସପ୍‌ର ସ୍ୱତନ୍ତ୍ର ଦାୟିତ୍ୱରେ ରହିଲେ ।

ମେନଲୋ ପାର୍କସ୍ଥିତ ଏହି ବିଶାଳ ଲାବୋରେଟୋରୀ ତଥା ଏଥିସହ ସଂଲଗ୍ନ ଏଡ଼ିସନ ପ୍ଲାଣ୍ଟର ସମସ୍ତ କର୍ମଚାରୀଙ୍କ ପାଇଁ ବାସଗୃହ ମଧ୍ୟ ତିଆରି କଲେ ଏଡ଼ିସନ । ଅବିବାହିତ କର୍ମଚାରୀମାନଙ୍କ ପାଇଁ ନିର୍ମିତ ବୋଡ଼ିଂ ହାଉସ୍‌ର ଦାୟିତ୍ୱରେ ଥିଲେ ଶ୍ରୀମତୀ ଜୋର୍ଡ଼ାନ ଏବଂ ବିବାହିତ କର୍ମଚାରୀମାନଙ୍କ ପାଇଁ କ୍ୱାଟର୍ସ ତିଆରି ହେଲା ମେନଲୋ ପାହାଡ଼ର ପାଦଦେଶରେ । ମେନ୍‌ଲୋ ସ୍ଥିତ ଏଡ଼ିସନ ପ୍ଲାଣ୍ଟର ସର୍ବେସର୍ବା ହୋଇ ରହିଲେ ଏଡ଼ିସନ ।

ଏଡ଼ିସନ ଏଥର ନିଜ ପରିବାର ସହ ରହିଲେ ମେନ୍‌ଲୋସ୍ଥିତ ନବନିର୍ମିତ ବାସଗୃହରେ । ଇତିମଧ୍ୟରେ ଏଡ଼ିସନ ଦୁଇଟି ସନ୍ତାନସନ୍ତତିଙ୍କ ଜନକ ହୋଇସାରିଥାନ୍ତି । ଯେହେତୁ ଏଡ଼ିସନ ପରିବାରରେ ଅଧିକାଂଶ ସମୟ ଟେଲିଗ୍ରାଫି ଉପରେ ବିଚାର ଆଲୋଚନା ହୋଇ ଆସୁଥିଲା, ଏଡ଼ିସନଙ୍କ ବଡ଼ଝିଅ 'ଡ଼ଟି'ର ନାଁ କ୍ରମଶଃ ପରିବର୍ତ୍ତିତ ହୋଇ 'ଡ଼ଟ'ରେ ପରିଣତ ହେଲା ଏବଂ ସାନପୁଅର ନାଁ ରହିଲା 'ଡ୍ୟାସ୍' । କାରଣ, ଟେଲିଗ୍ରାଫ୍ ଦ୍ୱାର ସଂଗୃହୀତ ବା ପ୍ରେରିତ କୌଣସି ସମ୍ବାଦ ତତ୍କାଳୀନ ସମୟରେ ଏହି 'ଡ଼ଟ' ଏବଂ 'ଡ୍ୟାସ୍' ଦ୍ୱାରାହିଁ ଚିହ୍ନିତ ହେଉଥିଲା ।

●

Digitized by PPRACHIN, SOA

ଫୋନୋଗ୍ରାଫ୍ ବା ଗ୍ରାମ୍‌ଫୋନ୍‌ର ଉଦ୍ଭାବନ

ମେନ୍‌ଲୋ ପାର୍କସ୍ଥିତ ନୂଆ ତଥା ସୁବୃହତ୍ ଲାବୋରେଟୋରୀରେ ଏଡ଼ିସନ ଦିନେ ଚୁପ୍‌ଚାପ୍ ବସିଥିଲେ । ସାମ୍ନା ଟେବୁଲ ଉପରେ ପଡ଼ିଥିଲା କେତେକ ପତଳା ଟିଣପାତ ସହ ଟେଲିଗ୍ରାଫିରେ ବ୍ୟବହୃତ ହଳଦିଆ ରଙ୍ଗର ପ୍ୟାଡ୍ ଟିଏ, ଯେଉଁଥିରେ ଲିପିବଦ୍ଧ ଥିଲା ଟେଲିଗ୍ରାଫିକ୍ କୋଡ୍‌ର କେତୋଟି ଡଟ୍ ଏବଂ ଡ୍ୟାସ୍ । ଏଡ଼ିସନ ପ୍ୟାଡ୍‌ର ପ୍ରଥମ ପୃଷ୍ଠାଟି ଚିରି ହାତରେ ଏପାଖ ସେପାଖ କରୁ କରୁ ହଠାତ୍ ଗୁମ୍ ମାରି ବସିପଡ଼ିଲେ । ଟେଲିଗ୍ରାଫିରେ ସିଦ୍ଧହସ୍ତ ଏଡ଼ିସନ ପୂର୍ବରୁ ଜାଣିଥିଲେ ଯେ ସେହି ଛିଦ୍ରଯୁକ୍ତ (Perforated) କାଗଜମାନ ଟେଲିଗ୍ରାଫ୍ ମେସିନ ଭିତରେ ଚାଳିବା ସମୟରେ ଏକପ୍ରକାର ଅସ୍ପଷ୍ଟ ଗୁଞ୍ଜନ କରେ । ତେବେ ଏହି କାଗଜ କାହିଁକି ଶବ୍ଦ ଉଚ୍ଚାରଣ କରିପାରିବ ନାହିଁ ?

ଏଡ଼ିସନ ଗମ୍ଭୀରଭାବରେ ଚିନ୍ତା କରିବାକୁ ଲାଗିଲେ ଏବଂ ସାମ୍ନା ଟେବୁଲ୍‌ରୁ ସାଧାକାଗଜ ଖଣ୍ଡେ ଟାଣିଆଣି ପେନସିଲ୍‌ରେ ଗୋଟିଏ ସ୍କେଚ୍ ଆଙ୍କିଲେ । ସ୍କେଚ୍‌ଟି ଥିଲା ଗୋଟିଏ ଛୋଟ ମେସିନ ଆକୃତିର । ମେନଲୋ ପାର୍କସ୍ଥିତ ମେସିନସପ୍ ର ଦାୟିତ୍ୱରେ ଥିବା ଜନ୍ କ୍ରୁସଙ୍କୁ ସାଙ୍ଗେ ସାଙ୍ଗେ ଡକାଇ ପଠାଇଲେ ଏଡ଼ିସନ । ଜନ୍ କ୍ରୁସ ଆସିବାମାତ୍ରେ ଏଡ଼ିସନ ସେହି ସ୍କେଚ୍ ଟି କ୍ରୁସ୍‌ଙ୍କୁ ହସ୍ତାନ୍ତର କରି କହିଲେ- ''ଏହି ଯନ୍ତ୍ରଟି ତିଆରି କରିବାକୁ ତୁମକୁ କେତେଦିନ ଲାଗିବ ?''

କ୍ରୁସ କିଛି ଉତ୍ତର ଦେବାପୂର୍ବରୁ ପ୍ରଥମେ ସ୍କେଚ୍ ଉପରେ ଆଖିବୁଲାଇ ଆଣିଲେ । ସ୍କେଚ୍‌ଟି କ୍ରୁସଙ୍କୁ ବଡ଼ ଅଖାଡୁଆ ଲାଗିଲା । କ୍ରୁସ କିଛିସମୟ ଚିନ୍ତା କରି କହିଲେ- ''କହିହେବନାହିଁ ।''

Digitized by PPRACHIN, SOA

ଏଡ଼ିସନ କହିଲେ - ''ତୁମେ ସ୍କେଚଟା ନେଇଯାଅ ଏବଂ ଯେତେଶୀଘ୍ର ସମ୍ଭବ ଏହି ଯନ୍ତ୍ରଟି ମୋତେ ତିଆରିକରି ଦିଅ ।'' ଜନ କ୍ରୁସ ହାତରେ ସ୍କେଚ୍‌ଟା ଧରି ଚାଲିଗଲେ ।

ଦୁଇଦିନପରେ ଜନ୍ କ୍ରୁସ୍ ହାତରେ ଏକ ନଡ଼ିଆକୋରଣା ଭଳି ଛୋଟ ହାତବୁଲା ଯନ୍ତ୍ରଟିଏ ହାତରେ ଧରି ଆସି ପହଞ୍ଚିଗଲେ ଏଡ଼ିସନଙ୍କ ଲାବୋରେଟୋରୀରେ ଏବଂ ଏଡ଼ିସନଙ୍କୁ ହସ୍ତାନ୍ତର କରି କହିଲେ - ''ମୁଁ ବୁଝିପାରିଲିନି ସାର୍, ଏଇଟା କି ପ୍ରକାର ଯନ୍ତ୍ର ।''

ଏଡ଼ିସନ ମୃଦୁ ହସି କହିଲେ -''ଏଇଯା ଏକ କଥାକୁହା ଯନ୍ତ୍ର । ଏଇ ଯନ୍ତ୍ରଟି 'କଥା କହିବ ।''

ଜନ୍ କ୍ରୁସ୍ ହସିଉଠିଲେ ଏବଂ ଭାବିଲେ -''ଏଡ଼ିସନଙ୍କ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମତିଭ୍ରମ ଘଟିଲାଣି । ଏହି ଯନ୍ତ୍ରଟା କଥା କହିବ ? ଏହା କେବଳ ଗୋଟାଏ ପାଗଳର ପ୍ରଳାପ ଛଡ଼ା ଅନ୍ୟ କିଛି ହୋଇନପାରେ । କ୍ରୁସ ଏଡ଼ିସନଙ୍କ ଗମ୍ଭୀର ମୁହଁକୁ ଚାହିଁ କହିଲେ -''ସାର୍, ଆପଣଙ୍କ ଦ୍ୱାରା ଯଦି ଏ ଯନ୍ତ୍ର କଥା କହିପାରେ, ତେବେ ମୁଁ ଆପଣଙ୍କୁ ପାଞ୍ଚପାକେଟ୍ ଇମ୍ପୋଟେଡ଼୍ ସିଗାରେଟ୍ ଦେବି ।''

ଏଡ଼ିସନ ଖୁବ୍ ଗମ୍ଭୀର ମୁଦ୍ରାରେ ଥାଇ ମଧ୍ୟ ଇମ୍ପୋଟେଡ଼ ସିଗାରେଟ୍ କଥା ଶୁଣି ଟିକିଏ ହସିଦେଲେ । କ୍ରୁସଙ୍କୁ ଇଙ୍ଗିତ କରି କହିଲେ-''ଟିକିଏ ବସ ।''

ଯନ୍ତ୍ରଟି ଥିଲା ଗୋଟିଏ ହାତବୁଲା ନଡ଼ିଆ କୋରଣା ଆକୃତିର । ଗୋଟିଏ କାଠପଟାର ଆଧାର ଉପରେ ଦୁଇମୁଣ୍ଡରେ ଗୋଟିଏ ଲେଖାଏଁ ବଡ଼ଛିଦ୍ର ଥିବା ଦୁଇଟି କାଠର ଭାରା ଥିଲା ଏବଂ ଏହି ଭାରାର ଛିଦ୍ରଦେଇ ଏକ ଧାତବଦଣ୍ଡ ରହିଥିଲା । ଧାତବଦଣ୍ଡର ଠିକ୍ ମଝିରେ ଯୋଡ଼ା ହୋଇଥିଲା ଏକ ଧାତବ ସିଲିଣ୍ଡର । ଧାତବ ଦଣ୍ଡର ଗୋଟିଏପଟ ହାଣ୍ଡଲ ସହ ଏକ ଚକି ଥିଲା । ଏହାର ନିର୍ମାଣ କୌଶଳ ଏପରି ଥିଲା ଯେ ଯେତେବେଳେ ହାଣ୍ଡଲ ଘୁରିବ, ସେତେବେଳେ ସିଲିଣ୍ଡରଟି ମଧ୍ୟ ଘୁରିବ । ସିଲିଣ୍ଡରରେ ଗୋଟିଏ ମୁଣ୍ଡରୁ ଅନ୍ୟ ମୁଣ୍ଡଯାଏ ଗୋଲାକୃତିଭାବେ ସରୁ ସରୁ ଅଗଭୀର ଗାତମାନ ଖୋଦିତ ହୋଇଥିଲା ଏବଂ ସିଲିଣ୍ଡରର ଉପରିଭାଗରେ ଥିଲା କୋନ ଆକୃତିର ଗୋଟେ ମାଉଥ୍‌ପିସ୍, ଯାହା ଭିତରେ ଥିଲା ରବର ଚକିଟିଏ ଏବଂ ଚକିର ନିମ୍ନଭାଗରେ ମୁନିଆ ପିନ୍‌ଟିଏ ଲାଗିରହିଥିଲା । ତାହା ଏପରି ସଂଯୁକ୍ତ ହୋଇଥିଲା ଯେ, ହାଣ୍ଡଲ ଘୁରାଇଲେ ପିନ୍‌ଟି ସିଲିଣ୍ଡରର ସେହି ସରୁ ସରୁ ଗାତ ମଧ୍ୟ ଦେଇ ଗତି କରିବ ।

Digitized by PPRACHIN, SOA



ଏଡ଼ିସନ ଯନ୍ତ୍ରଟିକୁ ପ୍ରଥମେ ଭଲଭାବେ ପରୀକ୍ଷା କରି ସରୁ ଟିଣପାତଟେ ସିଲିଣ୍ଡର ଉପରେ ଗୁଡ଼ାଇଦେଲେ ଏବଂ ଅତି ଯତ୍ନ ସହକାରେ ମାଉଥପିସ୍‌ର ନିମ୍ନଭାଗ ପିନ୍‌ଟିକୁ ସେହି ଟିଣପାତ ଉପରେ ସଂଯୋଗ କଲେ । ଏଥର ଏଡ଼ିସନ ନିଜ ଡାହାଣ ହାତରେ ଖୁବ୍ ସତର୍କତାପୂର୍ବକ ଘୁରାଇବାସହ ମାଉଥିପିସ୍‌ରେ ମୁହଁଲଗାଇ ପୁରୁଣା ନର୍ସରୀ ରାଇମ୍‌ଟିଏ ଗାଇଲେ । କ୍ରୁସ ଲକ୍ଷ୍ୟ କରୁଥିଲେ- ଏଡ଼ିସନ ହାଣ୍ଡଲଟିକୁ ଖୁବ୍ ସତର୍କତାର ସହ ଏପରି ଘୁରାଉଥିଲେ ଯେ ଯେପରି ରବରଚକିର ଅଗ୍ରଭାଗଟି ଟିଣପାତ ଉପରେ ବୃତ୍ତାକାରରେ ଗାର କାଟି କାଟି ଯାଉଥିବ ।

ଏଡ଼ିସନ ସେହି ଚାରିଧାଡ଼ିଆ ରାଇମ୍‌ଟି ଗାନ କରିସାରି ହାଣ୍ଡଲ ଘୁରାଇବା ବନ୍ଦ କଲେ । ଏବେ ସେହି ପିନ୍‌ଟିକୁ ଟିଣପାତ୍ର ଉପରେ ପଡ଼ିଥିବା ସଦ୍ୟଗାରର ଠିକ୍ ମୂଳବିନ୍ଦୁକୁ ଆଣି ପୁଣି ହାତରେ ହାଣ୍ଡଲଟିକୁ ଘୁରାଇବାକୁ ଲାଗିଲେ, ଯେମିତି ପିନ୍‌ଟି ଠିକ୍ ଗାର ମଧ୍ୟଦେଇ ଯିବ । କ୍ରୁସ ସମେତ ଏଡ଼ିସନ ପ୍ଲାଣ୍ଟର ଅନ୍ୟ କର୍ମଚାରୀମାନେ ଉତ୍କଣ୍ଠାର ସହ ଚାହିଁ ରହିଥିଲେ ଏଡ଼ିସନଙ୍କ ଟେବୁଲ୍ ଚାରିପାଖରେ । କିନ୍ତୁ ହାୟ, ଯନ୍ତ୍ରଟି କଥା କହିଲା ନାହିଁ ।

Digitized by PPRACHIN, SOA

କ୍ରୁସ ସମେତ ଅନ୍ୟ କେତେଜଣ ଏଡ଼ିସନଙ୍କ ଏ ପାଗଳାମିରେ ଆଉଥରେ ହସିଉଠିଲେ ଏବଂ ସେ ସ୍ଥାନଛାଡ଼ି ଚାଲିଯିବାକୁ ଉଦ୍ୟତ ହୁଅନ୍ତେ ଏଡ଼ିସନ ଧୀରସ୍ୱରରେ କହିଲେ-'' ଅପେକ୍ଷା କର କ୍ରୁସ, ମୋ ଯନ୍ତ୍ର ନିଶ୍ଚୟ କଥା କହିବ । ବୋଧହୁଏ କେଉଁଠି କିଛି ତ୍ରୁଟି ରହିଯାଇଛି ।''

ଏଡ଼ିସନ ଯନ୍ତ୍ରଟିକୁ ଆଉଥରେ ପରୀକ୍ଷା କଲେ । ତାଙ୍କର ଅନୁମାନ ସତ୍ୟ ହେଲା । ଯେଉଁ ଟିଣପାତ ଉପରେ ପିନ୍‌ଟି ଗାର ପକାଉଥିଲା, ସେହି ପିନ୍‌ଟି ଦ୍ୱିତୀୟଥର ପାଇଁ ଠିକ୍ ଗାର ଉପରେ ନ ଯାଇ ଏପାଖ ସେପାଖ ହୋଇଯାଉଥିଲା । ଏଡ଼ିସନ ସିଲିଣ୍ଡର ଉପରୁ ସେହି ଟିଣପାତଟି ବାହାର କରି ଆଉ ଏକ ଟିଣପାତ ଯୋଡ଼ିଲେ ଏବଂ ପୂର୍ବାପେକ୍ଷା ଆହୁରି ସତର୍କତାର ସହ ହାଣ୍ଡଲ ଘୁରାଇବା ମୂହୂର୍ତ୍ତରେ 'ମେରି ଲ୍ୟାମ୍ବ'ର ସେହି ରାଇମ୍‌ଟି ପୁଣିଥରେ ଗାଇବାକୁ ଲାଗିଲେ ।

ଏଡ଼ିସନ ଏଥର ଅତି ଉତ୍କଣ୍ଠାର ସହ ପୁନର୍ବାର ପିନ୍‌ର ଅଗ୍ରଭାଗକୁ ଉଠାଇ ଟିଣପାତ ଉପରେ ପଡ଼ୁଥିବା ସରୁଗାରର ମୂଳବିନ୍ଦୁ ଉପରେ ରଖିଲେ ଏବଂ ଧୀରେ ଧୀରେ ହାଣ୍ଡଲ ଚଳାଇଲେ । ମୂହୂର୍ତ୍ତକମଧ୍ୟରେ ଲାବୋରେଟୋରୀରେ ବିରାଟ ହଲ୍‌ଚଲ୍ ନିସ୍ତବ୍‌ଧ ହୋଇଗଲା । ସମସ୍ତଙ୍କୁ ହତଚକିତ କରି ଯନ୍ତ୍ରଟି ଠିକ୍ ଏଡ଼ିସନଙ୍କ ସ୍ୱରରେ ଉଚ୍ଚାରଣ କଲା-

" Mary hard a little lamb
Its fleece was white as snow
And everywhere that Mary went
The lamb was sure to go."

ଏହି ରାଇମ୍‌ଟି ଥିଲା ଫେନୋଗ୍ରାଫ୍ ସୃଷ୍ଟି ହେବାପରେ ସର୍ବପ୍ରଥମ ଉଚ୍ଚାରିତ ପଙ୍‌କ୍ତି । କ୍ରୁସ୍ ଆମୂହରା ହୋଇ ଡ଼େଙ୍ଗ଼ପଡ଼ିଲେ - 'ମେସିନ କଥା କହୁଛି । ମେସିନ କଥା କହୁଛି ।' ପାଖରେ ଛିଡ଼ା ହୋଇଥିବା ଆଉଜଣେ ସହକର୍ମୀ ସେହି ଲାବୋରେଟୋରୀ ମଧ୍ୟରେ ଚିତ୍କାର କରି ଉଠିଲେ-'ମିରାକ୍ଲ, ମିରାକ୍ଲ, ହ୍ୱାଟ୍ ଏ ସରପ୍ରାଇଜ୍ ଥିଙ୍ଗ୍ ।''

ଚାହୁଁ ଚାହୁଁ ମୂହୁର୍ତ୍ତକମଧ୍ୟରେ ଏଡ଼ିସନ ଏମ୍ପାୟାରର ସମସ୍ତ କର୍ମଚାରୀ ରୁଣ୍ଡ ହୋଇଗଲେ କଥାକୁହା ମେସିନ୍ ଚାରିପଟେ । ଏଡ଼ିସନ ଆଉଥରେ ଯନ୍ତ୍ରଦ୍ୱାରା ସେହି ରାଇମ୍‌ଟି ଶୁଣାଇଦେଲେ ନିଜସ୍ୱରରେ ଏବଂ ମୃଦୁ ହସି କ୍ରୁସଙ୍କ ଆଡ଼କୁ ଇଙ୍ଗିତ କରି କହିଲେ-'ତମେ ପାଞ୍ଚପାକେଟ୍ ଇମ୍ପୋଟେଡ୍ ସିଗାରେଟ୍ ହରାଇଲ ମିଃ କ୍ରୁସ୍ ।'

Digitized by PPRACHIN, SOA

ଯାହାହେଉ, ୧୮୭୭ ମସିହା ଅଗଷ୍ଟ ମାସ ୧୩ ତାରିଖ ରାତିରେ ଇତିହାସରେ ପ୍ରଥମଥର ପାଇଁ ଗୋଟିଏ ମେସନ୍ ମଣିଷର ସ୍ୱରକୁ ପରିଷ୍କାର ଏବଂ ନିଖୁଣ ଭାବରେ ପୁନରାବୃତ୍ତି କରିବାକୁ ସକ୍ଷମ ହୋଇପାରିଲା ।

ସେହିବର୍ଷ ଡିସେମ୍ବର ୨୪ ତାରିଖରେ ଏଡ଼ିସନ ଏହି ଯନ୍ତ୍ରର ସ୍ୱୟଂସଂପୂର୍ଣ୍ଣ ରୂପ ବଜାରରେ ବିକ୍ରୟ (Patent) ପାଇଁ ଆମେରିକା ସରକାରଙ୍କୁ ଆବେଦନ କଲେ ଏବଂ ବଜାରରେ ବିକ୍ରିପାଇଁ ଅନୁମତି ପାଇଲେ ୧୮୭୮ ମସିହା ଫେବୃୟାରୀ ୧୯ ତାରିଖରେ । ଏଡ଼ିସନ ଏହି କଥାକୁହା ଯନ୍ତ୍ରଟିର ନାମ ରଖିଥିଲେ- ଫୋନୋଗ୍ରାଫ ଓ ଯେଉଁ ଟିଣପାତ୍ରଉପରେ ତାଙ୍କ ସ୍ୱର ରେକଡ଼ିଂ ହେଲା, ତାହାର ନାମ ଦେଲେ ଫୋନୋଗ୍ରାମ । ଏହି ପରିପ୍ରେକ୍ଷୀରେ ଉଦ୍ଭାବକ ଏଡ଼ିସନ ପୃଥିବୀବାସୀଙ୍କ ନିକଟରେ ଘୋଷଣା କଲେ ଯେ ସେ ଏକ ଯନ୍ତ୍ର ଉଦ୍ଭାବନ କରିଛନ୍ତି ଯାହା କୌଣସି ସ୍ୱରକୁ ଅବିକଳ ନକଲ କରି ତାହାର ପୁନରାବୃତ୍ତି କରିପାରିବ । କିନ୍ତୁ ପୃଥିବୀର ଅଧିକାଂଶ ବୈଜ୍ଞାନିକ ଏହା ଆଦୌ ବିଶ୍ୱାସ କଲେ ନାହିଁ ।' କାଠପଟା ଖଣ୍ଡେ, ଲୁହାଛଡ଼ି ଏବଂ ଟିଣପାତ ମିଶି ଗୋଟାଏ ଯନ୍ତ୍ର ତିଆରି ହୋଇଛି-ତାହା ପୁଣି କଥା କହିବ ! ଏହା ସର୍ବାଦୌ ଅସମ୍ଭବ ।'

ଏଡ଼ିସନ ବାଧ୍ୟହୋଇ ତାଙ୍କ ନିର୍ମିତ ଏକ ଫୋନୋଗ୍ରାଫ୍‌କୁ ୧୮୭୮ ଏପ୍ରିଲ ଆଠ ତାରିଖରେ 'ଆମେରିକାନ୍ ଏକାଡ଼େମୀ ଅଫ୍ ସାଇନ୍‌ସ'ରେ ପ୍ରଦର୍ଶନ କଲେ । ଆମେରିକାର ପ୍ରସିଦ୍ଧ ବୈଜ୍ଞାନିକମାନେ ବିଜ୍ଞାନ ଅକାଦମୀରେ ବସି ଏଡ଼ିସନଙ୍କ ସେହି ହସ୍ତଚାଳିତ ଫୋନୋଗ୍ରାଫ୍‌ରୁ ଚକିତ ହୋଇ ଶୁଣିଲେ- "The speaking Phonograph has the honour of presenting itself before the American Academy of Sciences." ନିଜ ପରିଚୟ ପ୍ରଦାନର ଠିକ୍ ପରେ ପରେ ଆମେରିକାର ବିଜ୍ଞାନ ଏକାଡେମିକୁ ଏଡ଼ିସନ ଶୁଣାଇଦେଲେ ସେହି ପୁରୁଣା ରାଇମ୍‌ଟି- " Mary hard a little lamb. Its fleece was white as snow. And everywhere that Mary went. The lamb was sure to go." ଏହାପରେ ଫୋନୋଗ୍ରାଫ୍ ଗୀତ ଗାଇଲା, ସୁସୁରି ମାରିଲା,କାଶିଲା, ଛିଙ୍କିଲା- ସବୁପ୍ରକାର ଶବ୍ଦର ଅବିକଳ ନକଲ କଲା । ଫୋନୋଗ୍ରାଫ୍ ମେସନ୍ କଥା କହିବାରେ ଆଉ କୌଣସି ସନ୍ଦେହ ରହିଲାନାହିଁ ।

ସେହିଦିନ ଅର୍ଦ୍ଧରାତ୍ରର ଅବବ୍ୟହିତ ପୂର୍ବରୁ ଏଡ଼ିସନଙ୍କ ନିକଟକୁ ଖବର ଆସିଲା ଯେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ରଦରଫୋର୍ଡ଼ ବି-ହାଇସ୍ ଏହି କଥାକୁହା ଯନ୍ତ୍ରରୁ କଥା ଶୁଣିବାକୁ ଇଚ୍ଛାପ୍ରକାଶ କରିଛନ୍ତି । ଏଡ଼ିସନ ତୁରନ୍ତ ବିଜ୍ଞାନ

Digitized by PPRACHIN, SOA

ଅକାଦମୀ ଛାଡ଼ି ଗୋଟାଏ ଘୋଡ଼ାଗାଡ଼ିରେ ସିଧା ଚାଲିଲେ ହ୍ୱାଇଟହାଉସ୍‌କୁ ଏବଂ ଠିକ୍ ଅର୍ଦ୍ଧରାତ୍ରରେ ପ୍ରବେଶ କଲେ ଆମେରିକାର ୧୯ତମ ରାଷ୍ଟ୍ରପତିଙ୍କ ଅଭ୍ୟର୍ଥନା କକ୍ଷକୁ । ରାଷ୍ଟ୍ରପତି ରଦରଫୋର୍ଡ଼ ଏଡ଼ିସନଙ୍କୁ ସପ୍ରଶଂସା ବଧାଇ ଜଣାଇ ସେହି କଥାକୁହା ଯନ୍ତ୍ରର ପ୍ରଦର୍ଶନ ପାଇଁ ଏଡ଼ିସନଙ୍କୁ ଅନୁରୋଧ କଲେ । ଏଡ଼ିସନ ନିଜ ଜଂଘ ଉପରେ ଫୋନୋଗ୍ରାଫ୍‌ଟି ରଖି ଶୁଣାଇଦେଲେ ମେରୀ ଲ୍ୟାମ୍ବ'ର ସେହି ରାଇମ୍‌ଟି । ରାଷ୍ଟ୍ରପତି ରଦରଫୋର୍ଡ଼ଙ୍କ ବହଳ ଦାଢ଼ି ବିସ୍ମୟ ତଥା ଆନନ୍ଦରେ ଥରିବାକୁ ଲାଗିଲା । ଯେତେବେଳେ ମେସିନ୍‌ଟି ହସିଲା ଏବଂ ଗୀତ ଗାଇଲା, ରାଷ୍ଟ୍ରପତି ସାଥେ ସାଥେ ଏକ ବିଶ୍ୱସ୍ତ ଭୃତ୍ୟ ଦ୍ୱାରା ମିସେସ୍ ରଦରଫୋର୍ଡ଼ଙ୍କୁ ଡକାଇ ପଠାଇଲେ । କିଛିକ୍ଷଣପରେ ମିସେସ୍ ରଦରଫୋର୍ଡ଼ଙ୍କ ସହ ଅନ୍ୟାନ୍ୟ ଉଚ୍ଚପଦାଧିକାରୀ ମହିଳାମାନେ ଆସି ପ୍ରବେଶ କଲେ ଅଭ୍ୟର୍ଥନା କକ୍ଷରେ ଏବଂ କଥାକୁହା ଯନ୍ତ୍ରରୁ କଥା ଶୁଣିଲେ । ସେମାନଙ୍କ ମଧ୍ୟରୁ କେତେଜଣ ମହିଳା ନିଜ ସ୍ୱରକୁ ସେହି ଟିଣପାତ ଉପରେ ରେକର୍ଡ଼ିଂ କଲେ ଏବଂ ସାଥେ ସାଥେ ନିଜସ୍ୱରକୁ ସେହି ଯନ୍ତ୍ରରୁ ଶୁଣି ଆତ୍ମହରା ହୋଇ ଉଠିଲେ । ରାତ୍ରି ପ୍ରାୟ ତିନିଟା ବେଳକୁ କ୍ଳାନ୍ତ ଅଥଚ ଉଲ୍ଲସିତ ଏଡ଼ିସନ ହ୍ୱାଇଟ୍ ହାଉସରୁ ବିଦାୟ ଘେନି ଆସିଲେ ନିଜ ହୋଟେଲ୍ ଅଭିମୁଖେ ।

ଯଦିଓ ଏଡ଼ିସନଙ୍କ ଫୋନୋଗ୍ରାଫ୍ କଥା କହିପାରୁଥିଲା, ଗୀତ ଗାଇପାରୁଥିଲା, ହସୁଥିଲା, କାଶୁଥିଲା, ଏପରିକି ସବୁପ୍ରକାର ସ୍ୱରର ନକଲ କରିପାରୁଥିଲା, କିନ୍ତୁ ଏହା ସଂପୂର୍ଣ୍ଣତା ଲାଭ କରିନଥିଲା । ପ୍ରଥମତଃ, ଏହାର ପୁରୁଣା ଟିଣପାତ-ରେକର୍ଡ଼କୁ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷିତ କରି ରଖିବାରେ ବିଭିନ୍ନ ଅସୁବିଧାମାନ ଉପୁଜିଲା । ଦ୍ୱିତୀୟତଃ, ପ୍ରଥମ ମାଷ୍ଟର ରେକର୍ଡ଼ରୁ ଅବିକଳ ନକଲ ରେକର୍ଡ଼ମାନ ପ୍ରସ୍ତୁତ କରିବାରେ ଆଉ କୌଣସି ଉପାୟ ନଥିଲା । ତୃତୀୟତଃ, ହାତଚଳା ମେସିନ୍ ଅଯଥା ଏବଂ କଷ୍ଟସାଧ୍ୟ ମନେହେଲା । ଏଣୁ ଫୋନୋଗ୍ରାଫ୍‌କୁ ସ୍ୱୟଂସଂପୂର୍ଣ୍ଣ କରିବାକୁ ଏଡ଼ିସନ ଦିନରାତି କାର୍ଯ୍ୟରେ ଲାଗିପଡ଼ିଲେ । ପ୍ରାୟ ହଜାର ଏକ୍ସପେରିମେଣ୍ଟ ପରେ ଏଡ଼ିସନ ଟିଣପାତ ସ୍ଥାନରେ ଏକ ଫାଙ୍କା ଜଉନିର୍ମିତ ସିଲିଣ୍ଡର ଆକୃତିର ରେକର୍ଡ଼ ସୃଷ୍ଟି କରିପାରିଲେ । ଯେହେତୁ ଜଉ ଗୁଡ଼ିକ ଭାଙ୍ଗିବାପାଇଁ ଖୁବ୍ ସହଜ ଥିଲା ଏବଂ ଆଦୌ ଶକ୍ତ ନଥିଲା, ଏଡ଼ିସନ ପୁଣି ବହୁକଷ୍ଟରେ ପ୍ରସ୍ତୁତ କଲେ ପ୍ଲାଷ୍ଟିକ (ସେଲୁଲଏଡ଼) ନିର୍ମିତ ରେକର୍ଡ଼ମାନ ଏବଂ ଶେଷରେ ଏହାକୁ ସିଲିଣ୍ଡରାକୃତି ନକରି ଚଟୁଲାକାରରେ ପ୍ରସ୍ତୁତ କଲେ । ଏହି ଚଟୁଲାକାର ରେକର୍ଡ଼ ଉପରେ ଶବ୍ଦତରଙ୍ଗର ବୃତ୍ତାକାର କୁଣ୍ଡଳୀକୁ ବହିଃପାର୍ଶ୍ୱରୁ ଆରମ୍ଭ କରି କେନ୍ଦ୍ରଗାମୀ କରାଇଥିଲେ ଏଡ଼ିସନ, ଯାହା ଆମେ

Digitized by PPRACHIN, SOA

ଆଜିକାଲି ମଧ୍ୟ ଦେଖିବାକୁ ପାଉଁ । ଏଡ଼ିସନ ଆହୁରି ମଧ୍ୟ ମୂଳରେକର୍ଡ଼ରୁ ଅସଂଖ୍ୟ ନକଲ ରେକର୍ଡ଼ ସୃଷ୍ଟି କରିବାର ସୂତ୍ରଟି ଉଦ୍ଭାବନ କଲେ । ଏକ ଧାତବମୂନ ଦ୍ୱାରା ଶବ୍ଦତରଙ୍ଗ ସୃଷ୍ଟି କରିବାରେ ନୀଳକାନ୍ତ ମଣିର ସାହାଯ୍ୟ ଲୋଡ଼ାଗଲା । ଏହି ନୀଳକାନ୍ତ ମଣି (Sapphire) ରେକର୍ଡ଼ ଉପରେ ସୃଷ୍ଟି କଲା କୁଣ୍ଡଳାକାର ଗର୍ତ୍ତ ଏବଂ ହାତବୁଲା ହାଣ୍ଡଲ୍ ପରିବର୍ତ୍ତେ ଖଞ୍ଜାଗଲା କୁଣ୍ଡଳାକୃତିର ସ୍ପ୍ରିଙ୍ଗଦିଆ ହାଣ୍ଡଲ ।

ଏବଂ ଶେଷରେ ଏହି କଥାକୁହା ମେସିନ୍‌ଟି ସ୍ୱୟଂସଂପୂର୍ଣ୍ଣ ହୋଇପାରିଥିଲା ୧୯୧୦ ମସିହାରେ, ଯାହାକୁ ଆଜିଯାଏ ମଧ୍ୟ ଆମେ ଗ୍ରାମଫୋନ୍ ଏବଂ ରେକର୍ଡ଼ ରୂପେ ଦେଖୁ ।

●

Digitized by PPRACHIN, SOA

ବିଜୁଳିବତୀର ଜନ୍ମକଥା

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉଇଲିୟମ ଓ୍ୱାଲେସ୍ ନାମକ ଜଣେ ବୈଜ୍ଞାନିକ ବିଦ୍ୟୁତ ଚାପ ଆଲୋକ ଉଦ୍ଭାବନ କରିଥିଲେ । ଏହାକୁ ସେତେବେଳେ ଇଲେକ୍ଟ୍ରିକ୍ ଆର୍କ ଲ୍ୟାମ୍ପ କୁହାଯାଉଥିଲା । କିନ୍ତୁ ଏହାର ଅନେକ ଦୋଷ ଦୁର୍ବଳତା ଥିଲା । ବତୀଟି ଜଳିବାକୁ ଆରମ୍ଭ କଲାବେଳେ ଖୁବ୍ ଜୋରରେ ସୁସୁ ଶବ୍ଦ କରୁଥିଲା । ଏହି ଆର୍କଲ୍ୟାମ୍ପରେ କେବଳ ଗୋଟିଏ କାର୍ବନଦଣ୍ଡ ଖୁବ୍ କମ୍ ସମୟପାଇଁ ଜଳୁଥିଲା ଏବଂ ବାରମ୍ବାର ନୂଆ କାର୍ବନଦଣ୍ଡ ମାନ ଖଞ୍ଜିବାକୁ ପଡୁଥିଲା । ଏହାର ଆଲୋକ ଏତେ କ୍ଷୀଣ ଥିଲା ଯେ ଡିବିରିଠାରୁ ଆର୍କଲ୍ୟାମ୍ପ ଆହୁରି କମ୍ ମିଞ୍ଜିମିଞ୍ଜି ହୋଇ ଜଳୁଥିଲା । ଏହାଦ୍ୱାରା ପ୍ରବଳ ଗରମ ଅନୁଭୂତ ହେବା ସହ ଏମିତି ଦୁର୍ଗନ୍ଧ ସୃଷ୍ଟି କରୁଥିଲା ଯେ ଗୃହାଭ୍ୟନ୍ତରରେ ଏହା ଜଳିବା ଆଦୌ ସଂଭବପର ନଥିଲା । କିନ୍ତୁ ଥୋମାସ ଆଲଭା ଏଡ଼ିସନ ପୂର୍ବରୁ ବିଦ୍ୟୁତଉପରେ ଯେତେ ବହି ଅଧ୍ୟୟନ ତଥା ପରୀକ୍ଷାନିରୀକ୍ଷା କରିଥିଲେ, ସେଥିରୁ ତାଙ୍କର ଏକ ବଦ୍ଧମୂଳ ଧାରଣା ଜାତ ହୋଇଥିଲା ଯେ ବିଦ୍ୟୁତ ଦ୍ୱାରା ନିଶ୍ଚିତ ଭାବେ ଏକ ଶସ୍ତା, ସୁନ୍ଦର ଏବଂ ନିରାପଦବତୀ ଜଳିପାରିବ । ସେ ମନେ ମନେ ଏହି ବିଦ୍ୟୁତବତୀ ଉପରେ ୧୮୭୮ ମସିହା ମାର୍ଚ୍ଚମାସଠାରୁ ତାଙ୍କ ବିଧିବଦ୍ଧ ପରୀକ୍ଷାନିରୀକ୍ଷା ଜାରି ରଖିଲେ । ଏପରିକି ଗବେଷଣାକୁ ଗୁପ୍ତ ରଖିବା ସକାଶେ ଏଡ଼ିସନ 'ମେନ୍‌ଲୋ ପାର୍କ' ସ୍ଥିତ ତାଙ୍କ ବିରାଟ ଗବେଷଣାଗାରକୁ ସର୍ବସାଧାରଣଙ୍କ ପାଇଁ ପ୍ରବେଶ ନିଷିଦ୍ଧ କରିଦେଇଥିଲେ । ସେତେବେଳେକୁ 'ମେନଲୋ ପାର୍କର ଯାଦୁକର' (Wizard of the Menlo Park) ରୂପେ ସମଗ୍ର ଆମେରିକାରେ ଏଡ଼ିସନ ଖ୍ୟାତ ଥିଲେ । ମେନଲୋ ପାର୍କର ଗବେଷଣାଗାରକୁ ସର୍ବସାଧାରଣଙ୍କ ପ୍ରବେଶ ବନ୍ଦ ହେବାଉପରେ 'ନିୟୁୟର୍କ ସନ୍' ନାମକ ଏକ ଦୈନିକ ସମ୍ବାଦପତ୍ରର

Digitized by PPRACHIN, SOA

ସମ୍ବାଦଦାତା ଯେତେବେଳେ ଏଡ଼ିସନଙ୍କୁ ପୁଚ୍ଛା କଲେ, ଏଡ଼ିସନ ସେଇଠିହିଁ ତାଙ୍କ ମନକଥାଟି ଖୋଲି କହିଥିଲେ । ଏଡ଼ିସନ ଦୃଢ଼ତାର ସହ କହିଥିଲେ ଯେ ସେ ଏପରି ଏକ ଆଲୋକ ଉଦ୍ଭାବନ କରିବେ, ଯାହା ଖୁବ୍ ଉଜ୍ଜ୍ୱଳମୟ, ଧୂମ୍ରହୀନ, ଗନ୍ଧହୀନ ତଥା ନିରାପଦମୟ ହେବ ଯେପରି ଛୋଟ ଛୁଆଟିଏ ମଧ୍ୟ ସେ ଆଲୋକ ଜଳାଇପାରିବା ସହ ତାହା ହାତରେ ଧରି ଖୁବ୍ ସହଜରେ ଯିବା ଆସିବା କରିପାରିବ ।

ସମ୍ବାଦଦାତା ପଚାରିଲେ -‘‘ଏଭଳି ଉଦ୍ଭାବନ ପାଇଁ ଆପଣଙ୍କୁ କେତେଦିନ ଲାଗିବ ?’’

‘‘ଏଇ ଧରିନିଅ ପାଖାପାଖି ଦୁଇବର୍ଷ ।’’ ଏଡ଼ିସନ ଉତ୍ତର ଦେଲେ । ‘‘ଏହି ଦୁଇବର୍ଷ ମଧ୍ୟରେ ମୁଁ ଏମିତି ବିଦ୍ୟୁତବତୀ ସୃଷ୍ଟି କରି ପୃଥିବୀକ ଦାନ କରିବି ଯାହା ସଂପୂର୍ଣ୍ଣ ଦୋଷମୁକ୍ତ ଏବଂ ସ୍ୱୟଂସଂପୂର୍ଣ୍ଣ ଥିବ ।’’

ସମ୍ବାଦଦାତା ଜଣକ ସମ୍ବାଦପତ୍ରରେ ଏହି ସମ୍ବାଦସହ ଏଡ଼ିସନଙ୍କ ମନୋଭିଳାଷକୁ ଛାପିଥିଲେ । ସମ୍ବାଦଟି ପଢ଼ି ପୃଥିବୀର ପ୍ରବୀଣ ବୈଦୁତିକ ବିଶେଷଜ୍ଞମାନେ ଏଡ଼ିସନଙ୍କୁ ତାଚ୍ଛଲ୍ୟ କରି ବିଭିନ୍ନ ସମ୍ବାଦପତ୍ରରେ ମତାମତମାନ ଲେଖିବାରେ ଲାଗିଗଲେ । ଏଡ଼ିସନଙ୍କ ଏ ଭ୍ରାନ୍ତଧାରଣା ତଥା ବୃଥା ଆସ୍ଫାଳନ କଦାପି ଫଳବତୀ ହେବନାହିଁ ବୋଲି ସେମାନେ ଘୋଷଣା କଲେ । ସେମାନଙ୍କ ଧାରଣା ଥିଲା ଯେ ବିଦ୍ୟୁତଶକ୍ତିକୁ ଆଲୋକରେ ପରିଣତ କଦାପି ସମ୍ଭବପର ନୁହେଁ ।

କିନ୍ତୁ ମେନ୍‌ଲୋ ପାର୍କର ଯାଦୁକର ଏଡ଼ିସନ ଏହି ପ୍ରବୀଣ ବିଶେଷଜ୍ଞମାନଙ୍କ ମତାମତକୁ ହେୟଜ୍ଞାନ କରି ବରଂ ଅଧିକ ଉତ୍ସାହିତ ହୋଇଉଠିଲେ ଏବଂ ସେବେଠାରୁ ଦିନରାତି ଲାଗିପଡ଼ିଲେ ବିଜୁଳିବତୀର ତଥ୍ୟାନୁସନ୍ଧାନରେ ।

ୱାଲେସ୍‌ଙ୍କ ଆର୍କଲାଇଟରୁ ସୁରାକ ପାଇ ଏଡ଼ିସନ ପ୍ରଥମେ ବର୍ତ୍ତୁଳାକାର ପତଳା ଧାତବ ତାରକୁ ଗରମ କରି ଆଲୋକ ଉତ୍ପନ୍ନ କରିବା ଦିଗରେ ପରୀକ୍ଷା ଚଳାଇଲେ । ଏହି ବର୍ତ୍ତୁଳାକାର ପତଳା ଧାତବ ତାରକୁ ସେ ନାଁ ଦେଲେ ‘ଫିଲାମେଣ୍ଟ’ । ତାଙ୍କ ପରୀକ୍ଷାରୁ ସେ ଜାଣିପାରିଲେ ଯେ ଏହି ଫିଲାମେଣ୍ଟଗୁଡ଼ିକ ବାୟୁ ସଂସ୍ପର୍ଶରେ ଆସି ଉତ୍ତପ୍ତ ହେଲେ ତାହା ମୁହୂର୍ତ୍ତକ ମଧ୍ୟରେ ପୋଡ଼ି ପାଉଁଶ ହୋଇଯାଉଛି ।

୧୮୭୯ ମସିହାର ଏପ୍ରିଲ ବେଳକୁ ଏଡ଼ିସନଙ୍କ ମୁଣ୍ଡରେ ଏକ ନୂଆ ବୁଦ୍ଧି ପଶିଲା । ସେ ଚିନ୍ତାକଲେ -ଫିଲାମେଣ୍ଟ ଗୁଡ଼ିକୁ ଯଦି ବାୟୁଶୂନ୍ୟ କାଚ ଗ୍ଲୋବ୍ ମଧ୍ୟରେ ରଖି ଉତ୍ତପ୍ତ କରାଯାଏ, ତେବେ କ’ଣ ହେବ ? ଏହି ପରୀକ୍ଷାଟି କରିବାପାଇଁ ଏଡ଼ିସନ

Digitized by PPRACHIN, SOA

ଫିଲାଡ଼େଲ୍‌ଫିଆର କାଚ ଗ୍ଲୋବ୍ ସୃଷ୍ଟି କରୁଥିବା ଲଡ଼ୱିଗ୍ ବୋଏମ ନାମକ ଜଣେ ବ୍ୟକ୍ତିଙ୍କୁ ମେନଲୋ ପାର୍କର ଗବେଷଣାଗାରରେ ନିଯୁକ୍ତି ଦେଲେ । ଇଏତ ଗଲା କାଚଗ୍ଲୋବ୍ ନିର୍ମାଣ କଥା । କିନ୍ତୁ କାଚଗ୍ଲୋବ ଗୁଡ଼ିକୁ କିପରି ବାୟୁଶୂନ୍ୟ କରାଯାଇପାରିବ - ଏଥିନେଇ ବଡ଼ ସମସ୍ୟାରେ ପଡ଼ିଗଲେ ଏଡ଼ିସନ । ସେତେବେଳେ ଆମେରିକାରେ କେବଳ ଗୋଟିଏ ମାତ୍ର ଏୟାର ପମ୍ପ ସେଟ୍ ପ୍ରିନସଟନ ବିଶ୍ୱବିଦ୍ୟାଳୟ ଅଧିନରେ ଥିଲା । ଏଡ଼ିସନ ବହୁକଷ୍ଟରେ ସେହି ପମ୍ପ ସେଟଟି ପ୍ରିନସଟନ ବିଶ୍ୱବିଦ୍ୟାଳୟରୁ ଆଣି ନିଜ ଗବେଷଣାଗାରରେ ବସାଇଲେ ଏବଂ ବୋଏମଙ୍କ ନିର୍ମିତ କାଚଗ୍ଲୋବ୍ ଗୁଡ଼ିକମଧ୍ୟରୁ ବାୟୁ ନିଷ୍କାସନ କରିବାରେ ସକ୍ଷମ ହେଲେ ।

ଏଥର ଏଡ଼ିସନ କେତୋଟି କାଚଗ୍ଲୋବ୍ ମଧ୍ୟରେ ଫିଲାମେଣ୍ଟ ଖଞ୍ଜି ସେଗୁଡ଼ିକ ବାୟୁ ନିଷ୍କାସନ ପମ୍ପ୍ ସହ ସଂଯୋଗ କଲେ । ଏହାପରେ ସେ ଗ୍ଲୋବ୍‌ର ମୁହଁକୁ ଜଉମୁଦ କରି ବିଦ୍ୟୁତ ପ୍ରବେଶ କରାଇଲେ । ଏଡ଼ିସନ ସଫଳ ହେଲେ ସତ, ମାତ୍ର ସଂପୂର୍ଣ୍ଣ ରୂପେ ହୋଇପାରିଲେ ନାହିଁ । କାରଣ, ବାୟୁଶୂନ୍ୟ କାଚଗ୍ଲୋବ୍ ମଧ୍ୟରେ ଫିଲାମେଣ୍ଟ ଯଦିଓ ସୁନ୍ଦର, ଗନ୍ଧହୀନ ତଥା ଉଜ୍ଜ୍ୱଳ ଆଲୋକ ଦେଇ ପାରିଲା; କିନ୍ତୁ ସେହି ଫିଲାମେଣ୍ଟ ଗୁଡ଼ିକ ଅତିବେଶୀରେ ମାତ୍ର ଅଧଘଣ୍ଟାକ ମଧ୍ୟରେ ଜଳି ପାଉଁଶ ହୋଇ ଯାଉଥିଲା ଏବଂ ତତ୍ ସହିତ ଆଲୋକ ମଧ୍ୟ ନିର୍ବାପିତ ହୋଇଯାଉଥିଲା ।

୧୮୭୯ ମସିହା ଅକଟୋବର ୧୯ ତାରିଖର ଏକ ମନୋରମ ସକାଳ । ଏଡ଼ିସନ ଏବଂ ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ବାଚେଲରଙ୍କ ସହିତ କାର୍ଯ୍ୟରତ ଥିବା ଅବସ୍ଥାରେ ପ୍ରବେଶ କଲେ ଲାବୋରେଟୋରୀର ରାତ୍ରି ଜଗୁଆଳି ଆଲଫ୍ରେଡ଼-ମେଣ୍ଡାଏ ବତୀ ଅଙ୍ଗାର ଥିବା ଗୋଟିଏ ପାତ୍ର ହାତରେ ଧରି ।

ଏହା ହେଉଛି ସର୍ବଶେଷ ସଂଗୃହୀତ ବତୀଅଙ୍ଗାର, ସାର । ଆଲ୍‌ଫ୍ରେଡ୍ ବତୀ ଅଙ୍ଗାର ପାତ୍ରଟି ଏଡ଼ିସନଙ୍କ ଟେବୁଲ ଉପରେ ରଖିଦେଇ କହିଲେ ।

"ଧନ୍ୟବାଦ ଆଲ୍‌ଫ୍ରେଡ଼ ମୁଁ ବତୀଅଙ୍ଗାର ପାଇଁ ଅପେକ୍ଷା ହିଁ କରଥିଲି ।" ବାଚେଲର କହିଲେ ।

ହାତରେ ଖଣ୍ଡ ଖଣ୍ଡ ହୋଇଥିବା ଏକ ଧଳାସୂତାର ବିଡ଼ା ଧରି ଏଡ଼ିସନ ବାଚେଲରଙ୍କ ନିକଟକୁ ଆସିଲେ ଏବଂ ସେହି ବିଡ଼ାଟାକୁ ବାଚେଲରଙ୍କ ସାମ୍ନାରେ ରଖିଦେଇ କହିଲେ-"ମିଃ ବାଚେଲର, ଆଜି ମୁଁ ଏକ ନୂଆ ପରୀକ୍ଷା ଆରମ୍ଭ କରିବାକୁ ଯାଉଛି । ଏହି ସୂତା ଗୁଡ଼ିକରେ ଅଙ୍ଗାର ବୋଳି ମୋତେ ଦିଅ ।"

Digitized by PPRACHIN, SOA

ଏଡ଼ିସନଙ୍କ କହିବାନୁସାରେ ବାଚେଲର ସେହି କଳାଅଙ୍ଗାର ଗୁଡ଼ିକ ବିଛେଇଦେଲେ ଗୋଟାଏ ଖୋଲାପାତ୍ର ଉପରେ ଏବଂ ଏଡ଼ିସନ ଦେଇଥିବା ଧଳାସୂତା ବଣ୍ଡଲରୁ ଗୋଟାଏ ଗୋଟାଏ ସୂତାଖଣ୍ଡ ବାହାର କରି ଅଙ୍ଗାର ଉପରେ ବାରମ୍ବାର ଏପାଖ ସେପାଖ ଗଡ଼ାଇବାକୁ ଲାଗିଲେ ସୂତାଖଣ୍ଡଗୁଡ଼ିକ ବତୀଅଙ୍ଗାରର ତେଲିଆ ଅଂଶରେ ସିକ୍ତହୋଇ କ୍ରମଶଃ ମୋଟା ମୋଟା କଳାସୂତାରେ ପରିଣତ ହେବାପର୍ଯ୍ୟନ୍ତ । ବାଚେଲର ଗୋଟି ଗୋଟି କରି ଅନେକ ଧଳା ସୂତାଖଣ୍ଡମାନ ବତୀ ଅଙ୍ଗାରର ତେଲିଆ ଅଂଶରେ ସିକ୍ତ•ଯୁକ୍ତ ମୋଟା କଳାସୂତାରେ ପରିଣତ କରି ଏଡ଼ିସନଙ୍କୁ ଦେଲେ ।

ଏଡ଼ିସନ ଏଗୁଡ଼ିକ ଏବେ ଏକ ରେଶମୀକାଗଜ ଉପରେ ଧାଡ଼ିକରି ରଖିଲେ । ତନ୍ମଧ୍ୟରୁ କେତେକ କଳାସୂତାକୁ ଏଡ଼ିସନ ଘୋଡ଼ାନାଇ ସଦୃଶ୍ୟ ବଙ୍କାଇ ସେହି ରେଶମୀ କାଗଜ ଉପରେ ରଖିଲେ ଏବଂ ରେଶମୀକାଗଜଟିକୁ ଶେଷରେ ଏକ ଅଗ୍ନି ପ୍ରତିରୋଧକ ଟ୍ରେ ଉପରେ ରଖିଲେ । ଏହି ରେଶମୀକାଗଜ ଉପରେ ସେ ଆଉ ଏକ ଅଗ୍ନି ପ୍ରତିରୋଧକ ଟ୍ରେ ଘୋଡ଼ାଇ ଏଡ଼ିସନ ସେ ସମୟ ନେଇ ନିଆଁ ଜଳୁଥିବା ଏକ ବଡ଼ ଚୁଲାଉପରେ ରଖିଦେଲେ । କିଛି ଘଣ୍ଟା ବିତିଗଲା । ଏଡ଼ିସନ ଯେତେବେଳେ ଅନୁମାନ କରିନେଲେ ଯେ ଏବେ ସୂତାଖଣ୍ଡ ଗୁଡ଼ିକ ପୋଡ଼ି ଅଙ୍ଗାରରେ ପରିଣତ ହୋଇସାରିବଣି, ସେତେବେଳେ ସେ ଟ୍ରେ ଟିକୁ ନିଆଁଚୁଲା ମଧ୍ୟରୁ ବାହାର କରି ଆଣିଲେ ।

ଏଡ଼ିସନ ସେଗୁଡ଼ିକ ଥଣ୍ଡା ହେବାପର୍ଯ୍ୟନ୍ତ ଛାଡ଼ିଦେଲେ ଏବଂ ସେଗୁଡ଼ିକ ବାଚେଲରଙ୍କ ହେପାଜତରେ ରଖି ନିଜେ କିଛିସମୟ ବିଶ୍ରାମ ନେବାକୁ ଚାହିଁଲେ । ଲବୋରେଟୋରୀର ଥାକରୁ ଦୁଇଟି ମୋଟା ମୋଟା ବହି ଟାଣିଆଣିଲେ ଏଡ଼ିସନ ଏବଂ ସେଗୁଡ଼ିକୁ ତକିଆ ରୂପେ ବ୍ୟବହାର କରି ଗୋଟିଏ ଟେବୁଲ ଉପରେ ଗଭୀର ନିଦ୍ରାରେ ଶୋଇପଡ଼ିଲେ ସେ । ଠିକ୍ ସନ୍ଧ୍ୟା ଛଅଟା ବେଳକୁ ତାଙ୍କ ନିଦ ଭାଙ୍ଗିଗଲା । ସେ ନିଜକୁ ଖୁବ୍ ସତେଜ ଏବଂ ସ୍ଫୁର୍ତ୍ତି ଅନୁଭବ କରୁଥିଲେ । ଏଥର ଉପର ଟ୍ରେ ଖୋଲି ରେଶମକାଗଜ ଉପରେ ବିଛାଇଥିବା ସୂତାଖଣ୍ଡ ଗୁଡ଼ିକୁ ସେ ନିରିଖେଇ ଦେଖିଲେ । ସୂତାଖଣ୍ଡମାନ ଗୋଟି ଗୋଟି ହୋଇ ଅଙ୍ଗାରରେ ପରିଣତ ହୋଇସାରିଥିଲା । ଏଡ଼ିସନ ଖୁବ୍ ସତର୍କତାର ସହ ସେଥିରୁ ଖଣ୍ଡେ ସୂତାଖଣ୍ଡ ଉଠାଇ ଏକ କାଚଗ୍ଲୋବ୍ ମଧ୍ୟରେ ଆସ୍ତେ କରି ରଖିଲେ ଯେପରି ଏହା ଭାଙ୍ଗିନଯାଏ ଏବଂ ସୂତାର ଦୁଇ ମୁଣ୍ଡସହ ଏହାକୁ ଧରିରଖିବାପାଇଁ ଦୁଇଟି ଧାତବଦଣ୍ଡ ସଂଯୋଗ କଲେ ବାଚେଲର । ଏବେ ସଂପୂର୍ଣ୍ଣ କାଚଗ୍ଲୋବଟିକୁ ନେଇ ଏଡ଼ିସନ ବାୟୁ ଅପସାରକ ମେସିନ ସହ ଖଞ୍ଜିଲେ ।

Digitized by PPRACHIN, SOA

ଏହି ସମୟରେ ପ୍ରବେଶକଲେ ବାରବର୍ଷ ବୟସ୍କ ବାଳକ ଫ୍ରାଙ୍କ୍ ଜେଲ୍। ଏଡ଼ିସନଙ୍କ ନବନିଯୁକ୍ତ ଅଫିସ୍ ବୟ।

ଏଡ଼ିସନ କହିଲେ-"ଫ୍ରାଙ୍କ୍, ଜଳଖିଆ ପ୍ଲେଟ ସେଇଠି ରଖିଦିଅ। ଯାଅ-ପମ୍ପ ଚାଲୁ କର। ହୁଏତ ଏହିକ୍ଷଣି ମୁଁ ସଫଳତା ହାସଲ କରିବି କିମ୍ୱା ଅକୃତକାର୍ଯ୍ୟ ହେବି।"

ଫ୍ରାଙ୍କ କାଳବିଳମ୍ୱ ନ କରି ଚଢ଼ିଗଲା ଏକ ଷ୍ଟୁଲ ଉପରକୁ ଏବଂ ବାୟୁ ନିଷ୍କାସନ ପମ୍ପର ଭଲବ ଖୋଲିଦେଲେ। ଏଥର ସଂଯୁକ୍ତ ଦଣ୍ଡଦୁଇଟି ମଧ୍ୟରେ ବିଦ୍ୟୁତ ପ୍ରବାହିତ କଲେ। ଏଡ଼ିସନ ଏବଂ ଫ୍ରାଙ୍କଙ୍କୁ ହତଚକିତ କରି ଏକ କ୍ଷୀଣ ନାଲି ଆଲୁଅ ଦେଖାଦେଲା କାଚଗ୍ଲୋବ ମଧ୍ୟସ୍ଥ ଫିଲାମେଣ୍ଟ ଉପରେ। ସେତେବେଳକୁ ମିଃ ବାଚେଲର ଅବଶ୍ୟ ଶୋଇ ପଡ଼ିଥିଲେ ଗାଢ଼ ନିଦରେ। କିନ୍ତୁ ବାରବର୍ଷର ବାଳକ ଫ୍ରାଙ୍କ ଅପଲକ ଦୃଷ୍ଟିରେ ଚାହିଁ ରହିଥାଏ ସେହି କାଚଗ୍ଲୋବ ଆଡ଼କୁ।

ଏହି ସମୟରେ ପାହାଚରେ ପଦଶବ୍ଦ ଶୁଣାଗଲା। ଭିତରକୁ ପଶିଆସିଲେ କାଚଗ୍ଲୋବ୍ ତିଆରି କରୁଥିବା ଲଡ଼ୱଇଗ୍ ବୋଏମ୍। "ସାର୍, ମୁଁ ଆଜି ଦିନକ ଛୁଟି ନେବାକୁ ଚାହୁଁଛି। ମୁଁ ନିୟୁୟର୍କ ଯିବି। ସଂଧ୍ୟା ଛଅଟା ପୂର୍ବରୁ ଫେରିଆସିବି ନିଶ୍ଚୟ।"

"ଠିକ୍ ଅଛି ବୋଏମ୍। କିନ୍ତୁ ଗୋଟିଏ କାମ କର। ଯିବା ପୂର୍ବରୁ ମୋତେ କିଛି ଅଧିକ ସଂଖ୍ୟାରେ କାଚଗ୍ଲୋବ୍ ତିଆରି କରି ଦେଇଯାଅ। ତମ ପହଞ୍ଚିବା ପୂର୍ବରୁ ମୋର ସେଗୁଡ଼ିକ ଦରକାର ପଡ଼ିପାରେ।" ଏଡ଼ିସନ କହିଲେ।

ବୋଏମ୍ ଚାଲିଗଲେ। ଏଥର ଏଡ଼ିସନ ଫ୍ରାଙ୍କକୁ ବୁଝାଇଦେଲେ - "ଦେଖ, ଏହି ଯେଉଁ ଫିଲାମେଣ୍ଟଟି ଜଳୁଛି, ତାହା କିଛିସମୟ ପରେ ପୋଡ଼ି ପାଉଁଶ ହୋଇଯିବ। କାରଣ ଆମେ ଯାହା ଭାବୁଛୁ କାଚଗ୍ଲୋବଟି ସଂପୂର୍ଣ୍ଣ ବାୟୁମୁକ୍ତ ବୋଲି, ପ୍ରକୃତରେ ତାହା ଠିକ୍ ନୁହେଁ। ଯେତେବେଳେ ମୁଁ ଫିଲାମେଣ୍ଟରେ ବିଦ୍ୟୁତ ଚାର୍ଜ କଲି, ସେହି ବିଦ୍ୟୁତ ଫିଲାମେଣ୍ଟର ଅଙ୍ଗାର ସେଲ୍‌ରେ ଲୁଚି ରହିଥିବା ବାୟୁକୁ ଅପସାରିତ କରିସାରିଥିବ ଏବଂ ସେହି ଅପସାରିତ ବାୟୁ ବର୍ତ୍ତମାନ କାଚଗ୍ଲୋବ ମଧ୍ୟରେ ଘୁରିବୁଲୁଥିବ- ଯାହା ସେହି ଫିଲାମେଣ୍ଟକୁ ଶୀଘ୍ର ପୋଡ଼ିଦେବାରେ ସାହାଯ୍ୟ କରିବ। ଏବେ ମୁଁ କାଚଗ୍ଲୋବ ମଧ୍ୟସ୍ଥ ଫିଲାମେଣ୍ଟକୁ ବିଦ୍ୟୁତ୍ ପ୍ରବାହ ବନ୍ଦ କରୁଛି। ତମେ ଏୟାରପମ୍ପ ଚାଲୁକର। ତାହାପରେ ଯାଇ ମୁଁ ମୋ ଆକାଙ୍‌କ୍ଷିତ ବତୀ ପାଇପାରିବି।"

Digitized by PPRACHIN, SOA

ଏହି ସମୟରେ ବୋଏମ୍ କାଚ୍‌ଗ୍ଲୋବ ଧରି ପୁନର୍ବାର ହାଜର ହୋଇଗଲେ ଏଡ଼ିସନଙ୍କ ସାମ୍ନାରେ । ସେ ଠିକ୍ ସମୟରେ ଆସି ଉପସ୍ଥିତ ହେବେ ବୋଲି କହି ବୋଏମ୍ ଶୀଘ୍ର ଶୀଘ୍ର ପାଦ ବଢ଼ାଇଲେ ନିୟୁୟର୍କକୁ ଟ୍ରେନ୍ ଧରିବା ଆଶାରେ ।

ଫ୍ରାଙ୍କ ଅଗତ୍ୟା ସେଇୟାହିଁ କଲା । ପମ୍ପର ଠିପି ଖୋଲିବାମାତ୍ରେ ହିଁ ପମ୍ପ ଶୋଷିନେଲା କାଚଗ୍ଲୋବ୍ ମଧ୍ୟସ୍ଥ ସମସ୍ତ ବାୟୁ । ଏବେ ଏଡ଼ିସନ ପୁଣି ସୁଇଚ୍ ଅନ୍ କରି ବିଦ୍ୟୁତପ୍ରବାହ କରାଇଲେ ଗ୍ଲୋବ ମଧ୍ୟସ୍ଥ ଫିଲାମେଣ୍ଟ ଭିତରକୁ ।

ଫ୍ରାଙ୍କ ଏବଂ ଏଡ଼ିସନଙ୍କୁ ପୁନର୍ବାର ଚକିତ କରି ଶୀତସକାଳର ଖରା ଭଳି ବଲବ୍ ମଧ୍ୟସ୍ଥ ଫିଲାମେଣ୍ଟଟି ପୁଣି ଜଳି ଉଠିଲା । ବଲ୍‌ବର ଏତେ କମନୀୟ ତଥା ଉଜ୍ଜ୍ୱଳ ଆଲୋକ ଦେଖି ଫ୍ରାଙ୍କର ହୃଦୟ ପ୍ରକୃତରେ ଦୁକ୍ ଦୁକ୍ କରିବାରେ ଲାଗିଲା ।

ପନ୍ଦର ମିନିଟ୍ ବିତିଗଲା । ତାପରେ ଏକ ଘଣ୍ଟା...ଦୁଇଘଣ୍ଟା... ଚାରିଘଣ୍ଟା... ନିରବଚ୍ଛିନ୍ନ ଭାବରେ ଜଳୁଥାଏ ବଲବଟି । ସୃଷ୍ଟିହେଲା ପୃଥିବୀର ପ୍ରଥମ ବିଜୁଳୀବତୀ । ସେଦିନ ରାତିସାରା ଜଳନ୍ତା ବଲବ୍‌ଟିକୁ ଜଗିରହିବାକୁ ମନସ୍ଥ କଲେ ଏଡ଼ିସନ । ଫ୍ରାଙ୍କ ଉଦ୍ଦେଶ୍ୟରେ କହିଲେ -''ତୁମେ ଯାଅ ଫ୍ରାଙ୍କ । ଥକି ଯିବଣି । ବିଶ୍ରାମ ନିଅ ।''

''ନାଁ ସାର୍ । ମୋତେ ରହିବାକୁ ଦିଅନ୍ତୁ । ମୁଁ ମଧ୍ୟ ଆପଣଙ୍କ ସହ ରାତିସାରା ଉଜାଗର ରହିବି ।'

ଏତେବେଳକୁ ବାଚେଲର ନିଦରୁ ଉଠିସାରିଥିଲେ । ଆଖି ମଳମଳ କରି ସେ ଯେତେବେଳେ ଦେଖିଲେ ଲବୋରେଟୋରୀ ସାରା ଉଜ୍ଜ୍ୱଳ ଆଲୋକ ବିଛାଡ଼ି ହୋଇ ପଡ଼ିଛି, ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ତାଙ୍କର । ପ୍ରାୟ ରାତିଅଧବେଳକୁ ମିସେସ୍ ଏଡ଼ିସନ ଆସିଲେ ହାତରେ ଜଳଖିଆ ଟ୍ରେ'ଧରି । ସ୍ୱାମୀଙ୍କ ଅଭିନବ ଉଦ୍ଭାବନ ଦେଖି ମିସେସ ଏଡ଼ିସନଙ୍କ ଆଖି ମଧ୍ୟ ଖୋସି ହୋଇଗଲା । ଅର୍ଦ୍ଧରାତ୍ରରେ ସ୍ୱାମୀ ସ୍ତ୍ରୀ ଉଭୟେ ସେହି ଉଜ୍ଜ୍ୱଳ ଆଲୋକ ତଳେ ସାଥୀ ହୋଇ ଖାଇଲେ । ଫ୍ରାଙ୍କ ମଧ୍ୟ ସେହି ରାତ୍ରିଭୋଜନରେ ଭାଗୀଦାର ହେଲା ।

ପରଦିନ ଥାଏ ଅକଟୋବର ୨୦ ତାରିଖ, ସୋମବାର । ରାତିସାର ଜଳୁଥିବା ବଲବ୍‌ଟିକୁ ପଲକହୀନ ଆଖିରେ ଚାହିଁରହି ଏଡ଼ିସନଙ୍କ ଆଖିପତା ମୁଦି ହୋଇଆସିଲା । ଆଉ ଛିଡ଼ାହୋଇ ରହିପାରିଲେ ନାହିଁ ଏଡ଼ିସନ । ବାଚେଲରଙ୍କୁ ନିର୍ଦ୍ଦେଶ ଦେଇଆସିଲେ -''ଯଦି ବଲବ୍ ହଠାତ୍ ଲିଭିଯାଏ, ତେବେ ସଠିକ୍ ସମୟଟା ନୋଟ୍ କରିନେବ । ମୁଁ କିଛି ସମୟ ବିଶ୍ରାମ ନେବା ଉଚିତ୍ ।''

Digitized by PPRACHIN, SOA

ରାତି ଆସି ଆଠଟା ହେଲାଣି । ଆନନ୍ଦର ଏକ ଚାପା ଗୁଞ୍ଜଂରଣ ଖେଳି ବୁଲୁଥିଲା ଲ୍ୟାମ୍ପପୋଷ୍ଟର ଚତୁପାର୍ଶ୍ୱ ବେଷ୍ଟିତ ଦେଖଣାହାରୀଙ୍କ ମଧ୍ୟରେ । କେତେଜଣ ଦେଖଣାହାରୀ ଏଡ଼ିସନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନକରି ପାଟି କରିଉଠିଲେ- ‘‘ଏବେ ଏଡ଼ିସନ ବିଶ୍ରାମ ନେବା ଉଚିତ୍ । ବରଂ କର୍ମଚାରୀମାନେ ବଲବ୍‌କୁ ଜଗି ରୁହନ୍ତୁ ।’’ କିନ୍ତୁ ଏଡ଼ିସନ ମନାକଲେ ଏବଂ ରାତିସାରା ଜାଗ୍ରତ ରହିବାକୁ ଚାହିଁଲେ । ଫ୍ରାଙ୍କ୍ ମଧ୍ୟ ଏଡ଼ିସନଙ୍କ ସହିତ ଜାଗ୍ରତ ରହିବାକୁ ଚାହିଁଲା । ଏଡ଼ିସନ ଚିନ୍ତାକଲେ- ପ୍ରକୃତରେ ସୃଷ୍ଟିର ଏ ନବୀନତମ ଉଦ୍ଭାବନ ପଛରେ ବିଶ୍ୱସ୍ତ ଫ୍ରାଙ୍କ୍‌ଜେଲ୍ ର ଅବଦାନ ମଧ୍ୟ କିଛି କମ୍ ନୁହେଁ ।’’ ସେହ ବାର ବର୍ଷର ବାଳକଟି ସେତେବେଳକୁ ପ୍ରାୟ ଶତାଧିକ ବଲ୍‌ବ ମଧ୍ୟରୁ ପମ୍ପଦ୍ୱାରା ବାୟୁ ଅପସାରିତ କରିସାରିଥିଲା । ଏଡ଼ିସନ ଏଥର ଫ୍ରାଙ୍କ୍‌କୁ କହିଲେ- ଠିକ୍ ଅଛି ଫ୍ରାଙ୍କ୍ । ତୁମେ ମଧ୍ୟ ମୋ ସହିତ ରାତି ଉଜାଗର ରହିବ ।’’

ବିଶ୍ରାମପରେ ଏଡ଼ିସନ ଏବଂ ଫ୍ରାଙ୍କ୍ ଉଭୟେ ପୁଣି ଫେରିଆସିଲେ ରାତିପ୍ରାୟ ଆଠଟା ବେଳକୁ । ବଲ୍‌ବ ବି ତଥାପି ଜଳୁଥାଏ । ବ୍ୟାଚେଲର ଏବଂ ଅନ୍ୟାନ୍ୟ ସହକର୍ମୀମାନେ ଲାବୋରେଟୋରୀ ଛାଡ଼ି ନିଜ ନିଜ ବସାକୁ ଯିବାପାଇଁ ଅନିଚ୍ଛାପ୍ରକାଶ କଲେ । ବାଧ୍ୟହୋଇ ବୋର୍ଡ଼ିଂ ହାଉସ୍‌ର ଦାୟିତ୍ୱରେ ଥିବା ଶ୍ରୀମତୀ ଜୋର୍ଡ଼ାନ୍ ସେମାନଙ୍କ ପାଇଁ ବୋର୍ଡ଼ିଂ ହାଉସ୍‌ର କିଚେନ୍‌ରୁ ଖାଦ୍ୟପ୍ରେରଣ କଲେ । ଖାଇସାରିବା ପରେ ସେମାନଙ୍କୁ ଉଜାଗର ରଖିବା ସକାଶେ ଉପସ୍ଥିତ ଅନ୍ୟାନ୍ୟ ଦେଖଣାହାରୀମାନେ ବିଭିନ୍ନ ମଜାଳିଆ କଥାମାନ କହିବାକୁ ଲାଗିଲେ । ଗୀତଗାଇଲେ । କିନ୍ତୁ ବ୍ୟାଚେଲର ସମେତ ସମସ୍ତ କର୍ମଚାରୀମାନେ ଯେତେ ହସିଲେ, ଗୀତଗାଇଲେ ସୁଦ୍ଧା ଦୃଷ୍ଟି ଚାଲିଯାଉଥାଏ ସେହି ଜଳନ୍ତା ବଲ୍‌ବ୍ ଉପରକୁ । କିନ୍ତୁ ଦୀର୍ଘ ସମୟ ଧରି ଅପଲକ ଦୃଷ୍ଟିରେ ଉଜ୍ଜ୍ୱଳ ଆଲୋକ ପିଣ୍ଡୁଳାକୁ ଚାହିଁରହିବା ଫଳରେ ଏଡ଼ିସନଙ୍କର ମୁଣ୍ଡବିନ୍ଧା ଆରମ୍ଭ ହୋଇଗଲା । ଲାବୋରେଟୋରୀରେ ସେ ରଖିଥିବା ଏକ ପାଇପ୍ ଅର୍ଗାନ୍ ନିକଟରେ ବସି ପଡ଼ି ଅର୍ଗାନରୁ ମନମତାଣିଆ ସୁରଟିଏ ତୋଳିଲେ, ଯେଉଁ ସୁରକୁ ସେ ପିଲାଦିନେ ତାଙ୍କ ପିତାଙ୍କ ସ’ମିଲ୍ ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଠାରୁ ଶୁଣି ନିଜେ ଅନେକ ଥର ଗୁଣୁ ଗୁଣୁ ହୋଇ ପୋର୍ଟହ୍ୟୁରନର କେନାଲ କୂଳେ କୂଳେ ଗାଇ ବୁଲୁଥିଲେ ।

କିନ୍ତୁ ବଲବଟି ତଥାପି ଲିଭିଯାଇ ନଥିଲା । ତା’ପରଦିନ ଅର୍ଥାତ୍ ଅକଟୋବର ୨୧ ତାରିଖ ସକାଳଯାଏ ନିରବଚ୍ଛିନ୍ନ ଭାବେ ଜଳିଥିଲା ବଲ୍‌ବ୍‌ଟି । ଏଡ଼ିସନ ଏତେବେଳକୁ ଜାଣିପାରିଲେ ଯେ ସେ ପ୍ରକୃତରେ ଏକ ବିଜୁଳୀବତୀ ଉଦ୍ଭାବନ କରିଛନ୍ତି

Digitized by PPRACHIN, SOA



Digitized by PPRACHIN, SOA

ଯାହା ଅନିର୍ଦ୍ଦିଷ୍ଟ କାଳଯାଏଁ ଜଳିପାରିବ । ଏହି ଯାଦୁକାରୀ ବତୀ ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ ପାଇଁ ଏଡ଼ିସନ୍ ଏଥର ବଲ୍‌ବଟିକୁ ସଂପୂର୍ଣ୍ଣ ପୋଡ଼ି ଦେବାପାଇଁ ସ୍ଥିର କଲେ । ଏକଥା ଶୁଣି ଯେତେବେଳେ ଦେଖଣା ହାରୀମାନଙ୍କର ଛାତି ଧଡ଼ ଧଡ଼ ହେଲା, ଏଡ଼ିସନ ସେତେବେଳକୁ ସୁଇଚ୍ ଉପରେ ହାତ ରଖି ସାରିଥିଲେ ଏବଂ ବଲବ ଭିତରକୁ ବିଦ୍ୟୁତ ଅଧିକରୁ ଅଧିକ ପ୍ରବାହିତ କରିବାକୁ ଲାଗିଲେ । ଫିଲାମେଣ୍ଟ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଉଠିଲା ଏବଂ ଶେଷରେ ଠୋ କରି ଫାଟିଗଲା । ଏଡ଼ିସନ ତୁରନ୍ତ ବଲବ୍ ମଧ୍ୟସ୍ଥ ଫିଲାପେଣ୍ଟକୁ ବାହାର କରି ଅଣୁବୀକ୍ଷଣ ଯନ୍ତ୍ରରେ ପରୀକ୍ଷା କରିବାକୁ ଲାଗିଲେ ।

ଅକ୍ଟୋବର ୨୧ ତାରିଖ, ୧୮୭୯ ମସିହା ମଙ୍ଗଳବାର- ଜନ୍ମନେଲା ପୃଥିବୀର ପ୍ରଥମ ବିଜୁଳିବତୀ । ଏଡ଼ିସନ୍ 'ନିୟୁୟର୍କ ହେରାଲଡ଼' ସମ୍ବାଦପତ୍ର ସଂପାଦକଙ୍କୁ ନବ ଉଦ୍ଭାବିତ ବିଜୁଳିବତୀ ସମ୍ବନ୍ଧରେ ଏକ ରିପୋର୍ଟ ପ୍ରସ୍ତୁତ ପାଇଁ ଜଣେ ସମ୍ବାଦଦାତା ପ୍ରେରଣ କରିବାକୁ ଅନୁରୋଧ କଲେ । ବିଜୁଳିବତୀ ଉଦ୍ଭାବିତ ହେବାର କିଛିଦିନ ପରେ 'ନିୟୁୟର୍କ ହେରାଲଡ଼'ର ସମ୍ବାଦଦାତା ମାର୍ଶାଲ ଫକସ୍‌ଙ୍କ ସହ ଜଣେ ଖବରକାଗଜ ଚିତ୍ରକାର ଆସି ପହଞ୍ଚିଲେ ମେନ୍‌ଲୋ ପାର୍କରେ । ପ୍ରାୟ ଦୁଇ ସପ୍ତାହ କାଳ ଧରି ସେମାନେ ମେନଲୋ ପାର୍କର କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ରହି ରିପୋର୍ଟ ପ୍ରସ୍ତୁତ କରିବା ସହ ମେନ୍‌ଲୋ ପାର୍କ ଏବଂ ବଲ୍‌ବର ଚିତ୍ର ମଧ ତିଆରି କଲେ । ସେହିବର୍ଷ ନିୟୁୟର୍କ ହେରାଲଡ଼'ର ଡିସେମ୍ବର ୨୧ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା ବିଜୁଳୀବତୀର ଉଦ୍ଭାବନ କାହାଣୀ ।

ଯେଉଁସମୟରେ ରିପୋର୍ଟର ଜଣକ ତାଙ୍କ ରିପୋର୍ଟ ପ୍ରସ୍ତୁତ କରୁଥିଲେ, ଏଡ଼ିସନ ଏବଂ ତାଙ୍କ ସହକର୍ମୀମାନେ ସେତେବେଳକୁ ତିଆରି କରି ଚାଲିଥିଲେ ଗୋଟାଏ ପରେ ଗୋଟାଏ ବିଦ୍ୟୁତ୍ ବଲବ୍‌ମାନ, ଯେଉଁ ଗୁଡ଼ିକୁ ପରବର୍ତ୍ତି ସମୟରେ ସେ ଝୁଲାଇଦେଲେ ପ୍ରଥମେ ଲାବୋରେଟୋରୀ ସାରା ଏବଂ ପରେ ପରେ ମେନ୍‌ଲୋ ପାର୍କର ବୋଡ଼ିଂ ହାଉସ୍, ଏଡ଼ିସନଙ୍କ ଗୃହ ଏପରିକି ମେନ୍‌ଲୋ ପାର୍କର ରାସ୍ତା ଧାରେ ଧାରେ ।

୧୮୭୯ ମସିହାର ଶେଷଦିବସ ଅର୍ଥାତ୍ ଡିସେମ୍ବର ୩୧ ତାରିଖରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଆସି ପହଞ୍ଚିଲା ନିୟୁୟର୍କରେ । ବହୁ ଦୂର ଦୂରାନ୍ତରୁ ସେହି ଟ୍ରେନର ଯାତ୍ରୀମାନେ ଛୁଟି ଆସିଥିଲେ ମେନ୍‌ଲୋ ପାର୍କ ଅଭିମୁଖେ ସୃଷ୍ଟିର ପ୍ରଥମ ବିଜୁଳିବତୀକୁ ସ୍ୱଚକ୍ଷୁରେ ଦେଖିବାପାଇଁ । ନିୟୁୟର୍କ ଏବଂ ମେନ୍‌ଲୋ ପାର୍କ ମଧରେ ପ୍ରବଳ ତୁଷାର-

Digitized by PPRACHIN, SOA

ପାତ ଓ ଥଣ୍ଡାକୁ ଭ୍ରୂକ୍ଷେପ ନକରି ସେମାନେ ସୂର୍ଯ୍ୟାସ୍ତ ପୂର୍ବରୁ ମେନ୍‌ଲୋ ପାର୍କ। ଲ୍ୟାମ୍ପପୋଷ୍ଟର ଚତୁପାର୍ଶ୍ୱରେ ବେଢ଼ି ଯାଇଥିଲେ ଏବଂ ୧୮୭୯କୁ ବିଦାୟ ଜଣାଇ ଏଡ଼ିସନଙ୍କ ନିର୍ମିତ ସୃଷ୍ଟିର ପ୍ରଥମ ବିଜୁଳିବତୀର ଆଲୋକରେ ସ୍ୱାଗତ ଜଣାଇଥିଲେ ୧୮୮୦ ମସିହାର ପ୍ରଥମ ସୂର୍ଯ୍ୟୋଦୟକୁ।

ବୋଏମ୍ ନିଜ ପ୍ରତିଶ୍ରୁତି ମୁତାବକ ଠିକ୍ ଛଅଟା ପୂର୍ବରୁ ନିୟୁୟର୍କରୁ ଫେରି ଆସିଲେ। ପୃଥିବୀର ସର୍ବ ପ୍ରଥମ ବିଜୁଳିବତୀ ତଳେ ଠିଆହୋଇ ଏଡ଼ିସନଙ୍କୁ ଜିଜ୍ଞାସାପୂର୍ଣ୍ଣ ଦୃଷ୍ଟିରେ ଚାହିଁରହିଲେ ବୋଏମ୍। ଏଡ଼ିସନ ବୋଏମ୍‌ଙ୍କୁ କହିଲେ- ‘‘ବୋଏମ୍, ଯେଉଁ ବଲାବ୍ ଗୁଡ଼ିକ ପମ୍ପସେଟ୍ ସଂଲଗ୍ନ ଟିଉବ୍ ଉପରେ ଜଳୁଥିବ, ତମେ ସେହ ବଲବ୍ ଗୁଡ଼ିକର ନିମ୍ନଭାଗ ଜଉମୁଦ ଦେଇ ବନ୍ଦକର।’’ ବୋଏମ୍‌ଙ୍କ ଦକ୍ଷ ଆଙ୍ଗୁଳିମାନ ଜଳନ୍ତା କାଚଗ୍ଲୋବ୍ ଗୁଡ଼ିକର ନିମ୍ନାଂଶକୁ ଜଉବୁଜ ଦ୍ୱାରା ବନ୍ଦ କରିବାରେ ବ୍ୟସ୍ତ ରହିଲା। ମାତ୍ର କେଇ ଘଣ୍ଟା ମଧ୍ୟରେ ବହୁସଂଖ୍ୟକ କାଚଗ୍ଲୋବ ଜଉବୁଦ ଦେଇ ଠୁଳ କରିଦେଲେ ବୋଏମ୍।ଏହି ସମୟରେ ଭିଡ଼ଠେଲି ପ୍ରବେଶକଲେ ନିଃସନ୍ଦିଗ୍‌ଧ ଏଡ଼ିସନ ଏବଂ ଦୃପ୍ତ କଣ୍ଠରେ ଘୋଷଣା କଲେ- ‘‘ମୋର ଏହି ଉଦ୍ଭାବନଦ୍ୱାରା ପୃଥିବୀ ପୃଷ୍ଠରୁ ଅନିର୍ଦ୍ଦିଷ୍ଟ କାଳଯାଏ ବିଜୁଳିବତୀ ଜଳିପାରିବ।’’

●

Digitized by PPRACHIN, SOA

ଚଳମାନ ଛବିର ଜନ୍ମଦାତା

ବିଦ୍ୟୁତ୍‌ବତୀର ଉଦ୍ଭାବନଠାରୁ ଦଶବର୍ଷପରର ବ୍ୟବଧାନ ଥିଲା ଏଡ଼ିସନଙ୍କ ଜୀବନର ଖୁବ୍ ରୋମାଞ୍ଚକର ଅଧ୍ୟାୟ । ଏହି ସମୟ ମଧ୍ୟରେ ସେ ଗୋଟିଏ ପରେ ଗୋଟିଏ ଉଦ୍ଭାବନ ସୃଷ୍ଟି କରି ମାନବ ସଭ୍ୟତା ପାଇଁ ଏକ ନୂଆ ଯୁଗ ଆରମ୍ଭ କରିଥିଲେ । ସେଗୁଡ଼ିକ ମଧ୍ୟରୁ ପ୍ରଥମଟି ଥିଲା ୧୮୮୨ ମସିହାରେ ସୃଷ୍ଟ ପୃଥିବୀର ପ୍ରଥମ ବିଦ୍ୟୁତଚାଳିତ ଟ୍ରେନ । ୧୮୮୨ ମସିହାରୁ ୧୮୮୭ ମସିହା ମଧ୍ୟରେ ତାଙ୍କର ସୃଷ୍ଟି ଥିଲା - ବିଦ୍ୟୁତ ଟେଲିଗ୍ରାଫ ଦ୍ୱାରା ଚଳନ୍ତାଟ୍ରେନକୁ ସଂବାଦ ପ୍ରେରଣ । ଚଳନ୍ତା ଟ୍ରେନରୁ ପ୍ରତିଷ୍ଟେସନକୁ ସମ୍ବାଦପ୍ରେରଣ, ବେତାର ଟେଲିଗ୍ରାମ ବ୍ୟବସ୍ଥା - ସମୁଦ୍ର ମଧ୍ୟସ୍ଥ କୌଣସି ବନ୍ଦରରୁ ଷ୍ଟେସନକୁ ଓ ଗଭୀର ସମୁଦ୍ରରେ ଥିବା ଜାହାଜରୁ ଜାହାଜକୁ । ଏତଦ୍‌ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକା ପାଟେଣ୍ଟ ନଂ ୪୬୫୯୭୧ରେ ଲିପିବଦ୍ଧ ହୋଇଥିବା ଏଡ଼ିସନଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନକୁ ପରେ ଆମେରିକା ସରକାର ବିକ୍ରିକରି ଦେଇଥିଲେ- ମାର୍କୋନୀ ଓୟାରଲେସ୍ କମ୍ପାନୀକୁ ।

୧୮୮୩ ମସିହା ଅଗଷ୍ଟ ୯ ତାରିଖରେ ଏଡ଼ିସନଙ୍କ ପତ୍ନୀବିୟୋଗ ଘଟିଲା । ମେନ୍‌ଲୋ ପାର୍କସ୍ଥ ବାସଭବନରେ ସେ ଖୁବ୍ ଏକାକୀତ୍ୱ ବୋଧ କଲେ । ଦ୍ୱିତୀୟତଃ ତାଙ୍କ ଦ୍ୱାରା ଉଦ୍ଭାବିତ ବିଦ୍ୟୁତ୍ ଏବଂ ଫୋନୋଗ୍ରାଫ୍ ଉତ୍ପାଦନ ପାଇଁ ସେ ଏକ ନୂତନ ତଥା ବୃହତ୍ କାରଖାନା ବସାଇବାକୁ ମନସ୍ଥ କଲେ । ଉଦ୍ଭାବକ ଏଡ଼ିସନ କାରଖାନା ବସାଇବାପାଇଁ ଜାଗାଟିଏ ପାଇଲେ ନିଉଜେର୍ସିର ଓ୍ୱେଷ୍ଟ ଅରେଞ୍ଜଠାରେ । ଏହି ଓ୍ୱେଷ୍ଟ ଅରେଞ୍ଜ ଠାରେ ବିଲଡ଼ିଂ ଏବଂ କାରଖାନା ପ୍ରତିଷ୍ଠା ହୋଇସାରିବାପରେ ଏଡ଼ିସନ ମେନ୍‌ଲୋ ପାର୍କରୁ ତାଙ୍କର 'ଏଡ଼ିସନ ଏମ୍ପାୟାର'କୁ ସ୍ଥାନାନ୍ତରିତ କଲେ ଓ୍ୱେଷ୍ଟ ଅରେଞ୍ଜକୁ ।

Digitized by PPRACHIN, SOA

ଏଣେ ମେନ୍‌ଲୋ ପାର୍କର ବୃହତ୍ ଲାବୋରେଟୋରୀ ବିଲଡ଼ିଂ ପଡ଼ିରହିଲା ପରିତ୍ୟକ୍ତ ଅବସ୍ଥାରେ- ଇତିହାସର ମୂକସାକ୍ଷୀ ହୋଇ ।

ଏହାଛଡ଼ା ଏଡ଼ିସନ ଏକ ଛୋଟ ତଥା ଭ୍ରାମ୍ୟମାଣ ଲାବୋରେଟୋରୀ ଫ୍ଲୋରିଡ଼ାରେ ମଧ୍ଧ ସ୍ଥାପନ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ଉତ୍ତର ଭାଗର ପ୍ରବଳ ଥଣ୍ଡାରୁ ମୁକ୍ତିପାଇବା ଉଦ୍ଦେଶ୍ୟରେ ସେ ଏପରି ପରିକଳ୍ପନାକୁ କାର୍ଯ୍ୟକାରୀ କରାଇଥିଲେ । ଫ୍ଲୋରିଡ଼ାର ଫୋର୍ଟ ମାଇରସ୍ ନାମକ ଏକ ସମୁଦ୍ର ତଟବର୍ତ୍ତୀ ସ୍ଥାନରେ ଏହି ଛୋଟ ଲୋବୋରେଟେରୀକୁ ଏଡ଼ିସନ 'ଶୀତନିବାସ' (Winter Home) ରୂପେ ବ୍ୟବହାର କରୁଥିଲେ ।

ଇତିମଧ୍ୟରେ ବୋଷ୍ଟନ ସହରରେ ମିସ୍ ମୀନା ମିଲାର୍ ନାମ୍ନୀ ଜଣେ ଯୁବତୀଙ୍କ ସହ ଭେଟ ହେଲା ଏଡ଼ିସନଙ୍କର । ଏହି ସାକ୍ଷାତରୁ ପରବର୍ତ୍ତିକାଳରେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇ କ୍ରମଶଃ ଆତ୍ମୀୟତାରେ ପରିଣତ ହେଲା । କେବେ କେବେ ଏଡ଼ିସନ ମିଲାର୍‌ଙ୍କୁ ଟେଲିଗ୍ରାଫିକ୍ କୋଡ଼୍ ସମ୍ବନ୍ଧରେ ଶିକ୍ଷା ମଧ୍ୟ ଦେଉଥିଲେ । ଦିନେ କୌଣସି ଏକ ରାତିରେ ଉଭୟେ ଗୋଟିଏ ସୋଫା ଉପରେ ବସି ଆଳାପ ଆଲୋଚନାରେ ବ୍ୟସ୍ତ ଥିଲେ । ଏଡ଼ିସନ କହିଲେ - "ମିଲାର୍, ତୁମ ହାତ ପାପୁଲି ଟିକେ ଦେଖାଅ ତ ?"

ମିଲାର୍ ଭାବିଲେ - ଏଡ଼ିସନ ତାଙ୍କ ସହ ବୋଧେ ରସିକତା କରୁଛନ୍ତି । ଏଣୁ ମିଲାର୍ ଖୁବ୍ ସତର୍କତାର ସହ ନିଜ ପାପୁଲିଟି ଆଣି ରଖିଦେଲେ ଏଡ଼ିସନଙ୍କ ଜଂଘ ଉପରେ । ଏଡ଼ିସନ ନିଜ ଟେଲିଗ୍ରାଫିକ କୋଡ୍‌ରେ ସିଦ୍ଧହସ୍ତ ଆଙ୍ଗୁଳି ଚଳାଇଲେ ମିଲାର୍‌ଙ୍କ ପାପୁଲି ଉପରେ । ମିଲାର୍ ହଠାତ୍ ଅନୁଭବ କଲେ ଯେ ଏଡ଼ିସନ ତାଙ୍କସହ ରସିକତା କରୁନାହାନ୍ତି, ବରଂ କିଛି ଟେଲିଗ୍ରାଫିକ୍ ସମ୍ବାଦ ଦେଉଛନ୍ତି ତାଙ୍କ ଟିପଦ୍ୱାରା ଚାପ ପ୍ରୟୋଗ କରି । ମିଲାର୍ ତତକ୍ଷଣାତ୍ ଏଡ଼ିସନଙ୍କ ଟେଲିଗ୍ରାଫିକ୍ ଡ୍ୟାସ୍ ଏବଂ ଡଟ୍‌ର ଭାଷା ବୁଝିବାକୁ ଚେଷ୍ଟା କଲେ । ସେହି ଡଟ୍ ଓ ଡ୍ୟାସ ସମ୍ବଳିତ ପ୍ରଶ୍ନଟି ଥିଲା– "Will you marry me ?" ଲାଜରେ ମିଲାର୍‌ଙ୍କ ମୁହଁ ଝାଉଁଳି ପଡ଼ିଲା । ସେତେବେଳକୁ ଉତ୍ତର ପାଇବା ଆଶାରେ ଏଡ଼ିସନ ନିଜ ହାତ ପାପୁଲିକୁ ମଧ୍ୟ ଦେଖାଇ ସାରିଥିଲେ । ମିଲାର୍ ମୁହଁକୁ ତଳକୁ କରି ଏଡ଼ିସନଙ୍କ ପାପୁଲିରେ ଟେଲିଗ୍ରାଫିକ୍ କୋଡ଼ରେ ସମ୍ବାଦ ପ୍ରେରଣ କଲେ- "Y..e..s" ମିଲାର୍ ହେଲେ ଏଡ଼ିସନଙ୍କ ଦ୍ୱିତୀୟ ପତ୍ନୀ-୧୮୮୬ ମସିହାରେ ।

Digitized by PPRACHIN, SOA

ଓରେଞ୍ଜର ଲାବୋରେଟୋରିଟି ପାଞ୍ଚଗୋଟି ବୃହତ୍ ବିଲଡ଼ିଂକୁ ନେଇ ଗଠିତ ହୋଇଥିଲା । ଏହାର ମୁଖ୍ୟ ବିଲଡ଼ିଂଟି ଦୁଇଶହ ପଚାଶ ଫୁଟ ଲମ୍ବା ଏବଂ ତିନି ତାଲା ବିଶିଷ୍ଟ ଥିଲା । ଏହା ମଧ୍ୟରେ ଥିଲା ବୃହତ୍ ଲାଇବ୍ରେରୀ, ଅଫିସ, ଭଣ୍ଡାରଗୃହ, ମେସିନ୍ ସପ୍ ଏବଂ ଲାବୋରେଟୋରୀ । କେବଳ ଲାଇବ୍ରେରୀ ଗୃହଟି ଥିଲା ଚାଳିଶ × ପଚାଶ ଫୁଟ । ଉଚ୍ଚା ଉଚ୍ଚା ଥାକ ସମ୍ବଳିତ ଏହି ଲାଇବ୍ରେରୀରେ ଥିଲା ହଜାର ହଜାର ସଂଖ୍ୟାରେ ବିଜ୍ଞାନ ବହି । କାଚ ଥାକମାନଙ୍କରେ ରଖାଯାଇଥିଲା ବିଭିନ୍ନ ପ୍ରକାର ଖଣିଜ ପଥରଖଣ୍ଡ ସହ ପୃଥିବୀର ବିଭିନ୍ନ ଦେଶର ଧାତୁ । ଏହି ଲାଇବ୍ରେରୀର ଗୋଟିଏ କୋଣକୁ ପଡ଼ି ରହିଥିଲା କାଠର ଖଟଟିଏ, ଯେଉଁ ଖଟରେ ସମୟେ ସମୟେ ନିଜେ ଏଡ଼ିସନ ପରିଶ୍ରମଜନିତ ଅବସାଦ ଦୂର କରୁଥିଲେ ।

ଏହି ମୁଖ୍ୟ ବିଲଡ଼ିଂର ଚାରିପଟେ ତାରବାଡ଼ ଘେରା ଯାଇଥିଲା ଏବଂ ମୁଖ୍ୟ ଦ୍ୱାର ଠାରେ ପ୍ରହରୀ ଚବିଶଘଣ୍ଟା ପ୍ରହରାରତ ଥିଲା । ବାହାରର କୌଣସି ଲୋକ ବିନା ପାଶ୍‌ରେ ଭିତରକୁ ପ୍ରବେଶ କରିବାର ଅନୁମତି ନଥିଲା । ଏହି ତାରବାଡ଼କୁ ଲାଗି ବଡ଼ ବଡ଼ କଂକ୍ରିଟ୍ ବିଲଡ଼ିଂମାନଙ୍କରେ କାର୍ଯ୍ୟରତ ଥିଲେ ହଜାର ହଜାର କୁଶଳୀ କର୍ମଚାରୀ ଯେଉଁମାନେ ଉତ୍ପାଦନ କରୁଥିଲେ ଷ୍ଟୋରେଜ୍ ବ୍ୟାଟେରୀ, ବୈଦ୍ୟୁତିକ ଯନ୍ତ୍ରପାତି ଏବଂ ଉପକରଣ, ଫୋନୋଗ୍ରାଫ୍ ଏବଂ ତତ୍‌ସହିତ ଏଡ଼ିସନଙ୍କ ଦ୍ୱାରା ଉଦ୍ଭାବିତ ବହୁ ନୂତନ ପଦାର୍ଥ ।

ଏଡ଼ିସନ୍ ମେନ୍‌ଲୋପାର୍କ ସ୍ଥିତ ଲାବୋରେଟୋରୀରୁ ସମସ୍ତ ଜିନିଷ ସ୍ଥାନାନ୍ତରିତ କରି ସାରିବାପରେ ମେନ୍‌ଲୋପାର୍କ ସ୍ଥିତ ତାଙ୍କ ବାସଭବନଟି ଚଡ଼କ ଦ୍ୱାରା ଧ୍ୱଂସ ପ୍ରାପ୍ତ ହୋଇସାରିଥିଲା ଏବଂ ବୃହତ୍ ଲାବୋରେଟିରୀଟିକୁ ଆଖପାଖ ଲୋକମାନେ ଏକ ନାଚଗୃହ ରୂପେ ବ୍ୟବହାର କଲେ । କିଛିଦିନାନ୍ତେ ଜଣେ ବଡ଼ ଚାଷୀ ଏହି ଲାବୋରେଟୋରୀକୁ ଗୋରୁଗୁହାଳ ରୂପେ ବ୍ୟବହାର କଲେ । ପରେ ପରେ ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ସୁବୃହତ୍ ଲାବୋରେଟୋରୀଟି ଦିନେ ଭୁଷୁଡ଼ି ପଡ଼ିଲା । ଆଖପାଖ ଲୋକମାନେ ନିଜ ବ୍ୟବହାରରେ ଲଗାଇବା ପାଇଁ ତାରବାଡ଼, ଲାବୋରେଟୋରୀ ର ବୃହତ୍ ଝର୍କା, ଦ୍ୱାର ଏବଂ ଅନ୍ୟାନ କାଠ ଉପକରଣ ସହ ଗୃହ କାନ୍ଥଭାଙ୍ଗି ଇଟାମାନ ମଧ୍ୟ ଖୋଳି ନେଇଗଲେ । କ୍ରମଶଃ ଲାବୋରେଟୋରୀଟି ଧ୍ୱଂସ ସ୍ତୁପରେ ପରିଣତ ହୋଇ ଯାଇଥିଲା ।ଏହି ସ୍ତୁପ ଉପରେ କେତେଖଣ୍ଡ ଭଙ୍ଗା ଇଟା ପଡ଼ି ରହିଥିଲା ଯାହା ।

Digitized by PPRACHIN, SOA

ଦିନେ ଓରେଞ୍ଜ ଲାବୋରେଟୋରୀରେ ଏଡ଼ିସନ ନିଜ ନୋଟ ଖାତା ଖେଳାଉଥିଲେ । ଏହି ନୋଟ ଖାତାରେ ସେ ଅନ୍ୟ କେତୋଟି ଉଦ୍ଭାବନ ସମ୍ପର୍କୀୟ ସୂଚନା ପୂର୍ବରୁ ଲିପିବଦ୍ଧ କରି ରଖିଥିଲେ । ଏଡ଼ିସନ ତୁରନ୍ତ ତାଙ୍କର ଲାଇବ୍ରେରିଆନଙ୍କୁ ଡକାଇ ପଠାଇଲେ ଏବଂ ଲାଇବ୍ରେରୀରୁ ଫଟୋଗ୍ରାଫି ଏବଂ କ୍ୟାମେରା ସମ୍ବନ୍ଧୀୟ ସମସ୍ତ ପୁସ୍ତକ ଆଣି ପହଞ୍ଚାଇବାକୁ କହିଲେ ।

ଲାଇବ୍ରେରିଆନ ବହିଗୁଡ଼ିକ ପହଞ୍ଚାଇବାପରେ ଏଡ଼ିସନ ସଂପୃକ୍ତ ବିଷୟ ଗୁଡ଼ିକ ଉପରେ ଆଖି ବୁଲାଇନେଲେ ଏବଂ ତାଙ୍କ ଲାବୋରେଟୋରୀ ଅଧିନସ୍ଥ ଗାଲଭାନୋମିଟର ସେଣ୍ଟରରେ କାମ କରୁଥିବା ଡିକସନଙ୍କୁ ଡକାଇ ପଠାଇଲେ । ଏଡ଼ିସନ ଡକାଇ ପଠାଇଛନ୍ତି ଶୁଣି ଡିକସନ ଏକରକମ ଦୌଡ଼ି ଦୌଡ଼ି ଆସି ଏଡ଼ିସନଙ୍କୁ କହିଲେ- "ମୋତେ ଡକାଇ ପଠାଇଲେ ସାର୍ ?"

ଏଡ଼ିସନ କହିଲେ- 'ମିଃ ଡିକସନ । ମୁଁ ଭାବୁଛି ଏହି ହେଉଛି ବୋଧେ ପ୍ରକୃଷ୍ଟ ସମୟ ଗୋଟିଏ କ୍ୟାମେରା ଉଦ୍ଭାବନ ପାଇଁ, ଯେଉଁଥିରେ ଫଟୋଗୁଡ଼ିକ ଚଳମାନ ହେବ ।'

ଡିକସନଙ୍କ ଆଖିପତା ଉପରକୁ ଉଠିଗଲା । କାମେରା ଭିତରେ ଛବି ଚଳପ୍ରଚଳ କରିବ "How is it possible? ଏହା ସଂପୂର୍ଣ୍ଣ ଅସମ୍ଭବ ସାର୍ ।"

'ମିଃ ଡିକସନ'- ଏଡ଼ିସନ ଖୁବ୍ ଦମ୍ଭର ସହ କହିଲେ- 'ଦୁନିଆରେ କିଛି ଅସମ୍ଭବ ନୁହେଁ । ମନରେ ଦମ୍ଭ, ଧର୍ଯ୍ୟ ଏବଂ ଆତ୍ମପ୍ରତ୍ୟୟ ଥିଲେ ସବୁ କିଛି ସମ୍ଭବ । ବାଇ ଦି ୱେ ଡିକସନ । ଏହାର ପରୀକ୍ଷା ନିରୀକ୍ଷା ପାଇଁ ମୁଁ ତୁମ୍ଭର ସାହଚର୍ଯ୍ୟ ଚାହେଁ । ଆମ୍ଭେ ଦୁହେଁ ମିଶି ଯଦି ଏହାକୁ ସଫଳ କରି ନ ପାରିବା, ତେବେ ହୁଏତ ନିକଟ ଭବିଷ୍ୟତରେ ଆଉ କିଏ ଜଣେ ସଫଳତା ହାସଲ କରିପାରେ । ଶୁଣ, ଏହି ବହିଗୁଡ଼ିକରୁ ମୁଁ ମାତ୍ର ଅଳ୍ପକିଛି ପଢ଼ିଛି ।'

ଡିକସନ ଠିକ୍ ବୁଝିଗଲେ । ଏଡ଼ିସନ ଅଳ୍ପ କିଛି ପଢ଼ିବା ଅର୍ଥ ଏ ବିଷୟ ଉପରେ ସେ ପୁଙ୍ଖାନୁପୁଙ୍ଖ ପଢ଼ିସାରିଛନ୍ତି । ଏଡ଼ିସନ ପୁଣି କହିଲେ -'ବହିଗୁଡ଼ିକ ପଢ଼ିସାରିବା ପରେ ମୁଁ ଭାବୁଛି କାମେରା ଅଭ୍ୟନ୍ତରସ୍ଥ ଚଳମାନ ଛବି ଏକ କାର୍ଯ୍ୟକାରୀ ଧାରଣା । ତେବେ ମୋ ଜାଣିବାରେ ଏଡ଼ୱାର୍ଡ଼ ମୁବ୍ରିଜ ନାମକ ଜଣେ ବ୍ୟକ୍ତି ଏକଦା ଗୋଟିଏ ରେସକୋର୍ସରେ ଅଦ୍ଭୁତ ପ୍ରକାରର ଫଟୋ ଉତ୍ତୋଳନ କରିଥିଲେ । ସେ ରେସକୋର୍ସର ଟ୍ରାକ୍‌ରେ ମୋଟ ଚବିଶଗୋଟି କ୍ୟାମେରା ସ୍ଥାପନ କରିଥିଲେ ଏବଂ

Digitized by PPRACHIN, SOA

ରନଓ୍ୱେକୁ ଛେଦ କରି ଚବିଶ ଗୋଟି କଳାସୂତା ମଧ୍ୟ ବାନ୍ଧିଥିଲେ ଯାହାର ଗୋଟିଏ ପାର୍ଶ୍ୱ କ୍ୟାମେରାର ସଟର ସହ ସଂଯୁକ୍ତ ଥିଲା । ଏହାର କୌଶଳ ଏପରି ଥିଲା ଯେ ଘୋଡ଼ା ଦୌଡ଼ିବାବେଳେ ସୂତାକୁ ଝୁଣ୍ଟିଲେ କ୍ୟାମେରାର ସଟର୍ ଉପରକୁ ଉଠିଯିବ ଏବଂ ତତ୍ ସଙ୍ଗେ ସଙ୍ଗେ ଫଟୋ ମଧ୍ୟ ଉଠିଯିବ ।'

ଏଡ଼ିସନ ପୁଣି କହିଲେ- 'ପ୍ୟାରିସ୍‌ର ମୁରେ ନାମକ ଜଣେ ବ୍ୟକ୍ତି ଏକପ୍ରକାର କୁଇକ୍ କ୍ୟାମେରା ଉଦ୍ଭାବନ କରିଥିଲେ ଯେଉଁଟି ଏକ ସେକେଣ୍ଡରେ ବାର ଗୋଟି ଫଟୋ ଉଠାଇପାରୁଥିଲା । ମୁରେ ଏହାର ନାଁ 'ଫଟୋଗ୍ରାଫିକ୍ ଗନ୍' ରଖିଥିଲେ । କିନ୍ତୁ ବର୍ତ୍ତମାନ ଆମେ ଏମିତି ଏକ କ୍ୟାମେରା ସୃଷ୍ଟି କରିବା, ଯାହା ପ୍ରତି ସେକେଣ୍ଡରେ ଷୋହଳଟି ଫଟୋ ଉଠାଇପାରିବ ।

ଡିକ୍‌ସନ ନମ୍ରତାରସହ କହିଲେ- 'ତାହାତ ଠିକ୍ ସାର୍ । କିନ୍ତୁ ଖାଲି କ୍ୟାମେରାଟି ତିଆରି କରିଦେଲେ ଆମ ସମସ୍ୟାର ସମାଧାନ ହୋଇଯିବନାହିଁ । ଆମକୁ ଫଟୋ ଉତ୍ତୋଳନ ପାଇଁ ସ୍ୱତନ୍ତ୍ର ଫଟୋଗ୍ରାଫିକ ପ୍ଲେଟ୍ ମଧ୍ୟ ତିଆରି କରିବାକୁ ପଡ଼ିବ ଏବଂ ତତ୍ ସଙ୍ଗେ ସଙ୍ଗେ ଛବିଗୁଡ଼ିକ ଚଳମାନ ହେବାପାଇଁ ସ୍ୱତନ୍ତ୍ର ମେସିନ ମଧ୍ୟ ଆବଶ୍ୟକ ପଡ଼ିବ ସାର୍ ।'

'ତୁମେ ଠିକ୍ କହିଲ ଡିକ୍‌ସନ । ଛବିକୁ ଚଳମାନ କରିବାକୁ ହେଲେ ଆମକୁ ମୁଖ୍ୟତଃ ତିନୋଟି ସମସ୍ୟା ଦେଇ ଗତି କରିବାକୁ ପଡ଼ିବ । ସେଗୁଡ଼ିକ ହେଲା କ୍ୟାମେରା, ପ୍ଲେଟ୍ ଏବଂ ଦୃଶ୍ୟ ଦେଖାଇବା ମେସିନ୍ ।'- ଏଡ଼ିସନ କହିଲେ ଏବଂ ପୂର୍ବରୁ ସ୍କେଚ୍ କରି ରଖିଥିବା ଏକ କ୍ୟାମେରାର ଚିତ୍ର ଉତ୍‌ଥାପନ କଲେ ଡିକସନଙ୍କ ସମ୍ମୁଖରେ । ତାହାଥିଲା ଏପରି ଏକ କ୍ୟାମେରା, ଯେଉଁଥିରେ ସ୍ୱତନ୍ତ୍ର ଚଳମାନ ପାର୍ଟସ୍ ଖଞ୍ଜା ହୋଇଥିବ ଏବଂ ପ୍ଲେଟ୍‌ର ଲେନସ୍ ପଛପଟେ ଘୁରି ପୁଣି ଅଟକି ଯାଉଥିବ । ବିଶେଷକରି କ୍ୟାମେରାର ସଟର୍‌ର ଖୋଲା ଅବସ୍ଥାରେ ସ୍ଥିର ପ୍ଲେଟ୍ ଉପରକୁ ଆଲୋକ ପ୍ରବେଶ କରି ଫଟୋ ଉଠାଉଥିବ ଏବଂ ସଟର୍ ବନ୍ଦ ହୋଇଯାଉ ଥିବ । ଏହି ହାରରେ ପ୍ରତି ସେକେଣ୍ଡରେ ମେସିନ୍‌ଟି ସର୍ବମୋଟ ଷୋହଳଗୋଟି ଫଟୋ ଉଠାଉଥିବ । କିନ୍ତୁ ପ୍ରଶ୍ନ ଉଠିଲା ଫଟୋଗ୍ରାଫିକ୍ ପ୍ଲେଟ୍‌କୁ ନେଇ । ପ୍ଲେଟ୍‌ଟି କଠିନବସ୍ତୁ ନ ହୋଇ ନମନୀୟ ହୋଇଥିବା ଦରକାର ଏବଂ ଆପେ ଆପେ ବଙ୍କା ହୋଇପାରୁଥିବା ଦରକାର ଏବଂ କ୍ୟାମେରା ମଧ୍ୟସ୍ଥ ଏକ ନଳୀ ଉପରେ ଆପେ ଆପେ ଗୁଡ଼ାଇ ହୋଇଯାଉଥିବା ଦରକାର । ସେବେଠାରୁ ଏଡ଼ିସନ ଏବଂ ଡିକସନ ଏଭଳି ଏକ ଫଟୋପ୍ଲେଟ୍ ପ୍ରସ୍ତୁତିପାଇଁ ଦିନରାତି କାର୍ଯ୍ୟରେ ଲାଗିପଡ଼ିଲେ ।

Digitized by PPRACHIN, SOA

ମାସ ପରେ ମାସ ବିତିଗଲା । ପରୀକ୍ଷାପରେ ପରୀକ୍ଷା କରି ଏଡ଼ିସନ ଓ ଡିକସନ ଏଭଳି ଏକ ଫଟୋପ୍ଲେଟ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରି ନ ଥିଲେ ସୁଦ୍ଧା ନିଜର ଆତ୍ମବିଶ୍ୱାସ କିମ୍ବା ଧୈର୍ଯ୍ୟ କଦାପି ହରାଇ ନଥିଲେ । ଏଡ଼ିସନ ଏବଂ ଡିକସନଙ୍କର ଏହି ଫଟୋ ପ୍ଲେଟ୍ ନିର୍ମାଣ ପାଇଁ ଯେତେବେଳେ ପ୍ରବଳ ସଂଘର୍ଷ ଚାଲିଥିଲା, ସେହି ସମୟରେ ଅର୍ଥାତ୍ ୧୮୮୮ ମସିହାରେ ଡଃ ହାନିବାଲ ଗଡ଼ୱିନ ଉଦ୍ଭାବନ କଲେ ପ୍ରଥମ ସେଲୁଲଏଡ୍ ଫଟୋ ପ୍ଲେଟ୍ । ଏହା ବହୁତ ହାଲୁକା ଥିଲା ଏବଂ ସହଜରେ ବଙ୍କା ହୋଇପାରୁଥିଲା । ଏହା ଏକ ସିଲିଣ୍ଡରାକୃତି ନଳୀ ଉପରେ ସହଜରେ ଆପେ ଆପେ ଗୁଡ଼ାଇ ହୋଇପାରୁଥିଲା । ଡଃ ଗଡ଼ୱିନ ଓ ଜର୍ଜ ଇଷ୍ଟମ୍ୟାନ-ଏହି ଦୁଇଜଣମିଶି ଉକ୍ତ ସେଲୁଲଏଡ୍ ଫଟୋପ୍ଲେଟ୍ ର ଉତ୍ପାଦନ ଆରମ୍ଭ କଲେ ଏବଂ ବଜାରକୁ ଛାଡ଼ିଲେ । ଏହାର ଗୋଟିଏ ରୋଲ୍ ଏତେ ଲମ୍ବା ଥିଲା ଯେ ଏଥିରେ ତିନିଇଞ୍ଚ ବର୍ଗର ଶହେଅଣୀ ଗୋଟି ଫଟୋ ଉଠାଯାଇପାରିବ ।

ଏଡ଼ିସନ ଏହି ଇଷ୍ଟମ୍ୟାନ ଉତ୍ପାଦିତ କିଛି ସେଲୁଲଏଡ୍ ଫଟୋ ପ୍ଲେଟ କିଣି ଏହାଉପରେ ପରୀକ୍ଷାନିରୀକ୍ଷା ଚଳାଇଲେ । କିଛିଦିନ ଅନ୍ତେ ଦିନେ ଏଡ଼ିସନ ଖୁସିରେ ଡେଇଁପଡ଼ିଲେ ଏବଂ ଡିକସନଙ୍କୁ ଡାକି କହିଲେ - 'ମୁଁ ପାଇଗଲି ମିଃ ଡିକସନ୍ । ଏବେ ଆମର ପ୍ରସ୍ତାବିତ ଚଳଚ୍ଚିତ୍ର କ୍ୟାମେରା ସହଜରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇପାରିବ ।'

ସେବେଠାରୁ ଏଡ଼ିସନ ଏବଂ ଡିକସନ ଉଭୟେ ନିଜ ପୁରୁଣା ଏବଂ ନୂଆ ତଥ୍ୟକୁ ଭିତ୍ତିକରି ପୁନଶ୍ଚ ପରୀକ୍ଷାନିରୀକ୍ଷାରେ ପାଗଳ ପ୍ରାୟ ଲାଗିପଡ଼ିଲେ । ଶେଷରେ ଏଡ଼ିସନଙ୍କ ସ୍ୱପ୍ନ ସାକାର ହେଲା । ୧୮୯୧ ମସିହା ଅଗଷ୍ଟ ୨୪ ତାରିଖ ଦିନ ଏଡ଼ିସନ ତାଙ୍କ ନିର୍ମିତ ଚଳଚ୍ଚିତ୍ର କ୍ୟାମେରାର ପୂର୍ଣ୍ଣାଙ୍ଗ ରୂପ ଦେବାରେ ସକ୍ଷମ ହେଲେ ଏବଂ ଠିକ୍ ସେହିଦିନହିଁ ସେ ଆମେରିକା ସରକାରଙ୍କ ନିକଟରେ ପାଟେଣ୍ଟ (ବିକ୍ରି ତଥା ଉତ୍ପାଦନପାଇଁ ଅନୁମତି) ପାଇଁ ଆବେଦନ କଲେ । ଏହି ଅନୁମତି ଏଡ଼ିସନ ପାଇଲେ ପ୍ରାୟ ୬ବର୍ଷ ପରେ ଅର୍ଥାତ୍ - ୧୮୯୭ ମସିହାରେ ଅଗଷ୍ଟ ୩୧ ତାରିଖରେ ।

ଏଡ଼ିସନ ତାଙ୍କ ନିର୍ମିତ ଚଳଚ୍ଚିତ୍ର କ୍ୟାମେରାରେ ଫଟୋ ଉଠାଇବାରେ ଏମିତି ମଜ୍ଜିଗଲେ ଯେ ଓରେଞ୍ଜ ଲାବୋରେଟୋରୀରେ ସେ ଏକ ସ୍ୱତନ୍ତ୍ର ଫଟୋ ଷ୍ଟୁଡ଼ିଓ ନିର୍ମାଣ କଲେ । ଏହି ଷ୍ଟୁଡ଼ିଓର ମୂଳପିଣ୍ଡିଟି ଘୂର୍ଣ୍ଣାୟମାନ ଥିଲା ଅର୍ଥାତ୍ ସୂର୍ଯ୍ୟାଲୋକକୁ ଲକ୍ଷ୍ୟ କରି ସଂପୂର୍ଣ୍ଣ ଷ୍ଟୁଡ଼ିଓଟି ଯେ କୌଣସି ଦିଗକୁ ଯେ କୌଣସି ମୁହୂର୍ତ୍ତରେ ଘୁରାଇ ଦିଆଯାଇ ପାରିବ । ଏଥିସହ ଷ୍ଟୁଡ଼ିଓର ବାହ୍ୟ ତଥା ଅନ୍ତଃପାର୍ଶ୍ୱରେ ବହଳ କଳା ରଙ୍ଗର ଆସ୍ତରଣ ବୋଳା ଯାଇଥିଲା । ଏଡ଼ିସନ ଏହି ଷ୍ଟୁଡ଼ିଓର ନାମ ଦେଇଥିଲେ - 'ଦି ବ୍ଲାକ୍ ମେରିଆ ।'

Digitized by PPRACHIN, SOA

ଏହି ଷ୍ଟୁଡ଼ିଓରେ ସେ ଅନେକ ପ୍ରକାରର ଚଳମାନ ବସ୍ତୁର ଫଟୋ ଉଠାଇଥିଲେ । ଝିଅମାନଙ୍କ ନୃତ୍ୟ, ବଲ୍ ଖେଳ, ଆକ୍ରୋବାଟ୍‌ର ଖେଳ କୌଶଳ ବିଲେଇ କୃତ୍ରିମ ମୂଷା ଧରିବାର ଦୃଶ୍ୟ ଇତ୍ୟାଦି । ଏହିସବୁ ଛବିକୁ ଚଳମାନ କରୁଥିଲା ତାଙ୍କଦ୍ୱାରା ନିର୍ମିତ ଏକ ଯନ୍ତ୍ର, ଯାହାର ନାଁ ଏଡ଼ିସନ ଦେଇଥିଲେ କାଇନେଟୋସ୍କୋପ୍ (Kinetoscope) । ଏହି ଇଷ୍ଟମାନ୍ ପ୍ଲେଟ ଉପରେ ମାଇଲ୍ ମାଇଲ୍ ଧରି ଛବିମାନ ତୋଳା ହୋଇ ପାରିଲା । ଏଡ଼ିସନ ଏପରିକି ତତ୍କାଳୀନ ପ୍ରସିଦ୍ଧ ମଲ୍ଲଯୋଦ୍ଧା ଜେମ୍‌ସ. ଜେ. କରବେଟ୍‌ଙ୍କୁ ଅରେଞ୍ଜ ଷ୍ଟୁଡ଼ିଓକୁ ଚଳମାନ ଛବି ଉତ୍ତୋଳନ କ୍ୟାମେରା ସାମ୍ନାରେ କିଛି ରାଉଣ୍ଡ ଖେଳିବାକୁ ନିମନ୍ତ୍ରଣ ଜଣାଇ ଥିଲେ । କିନ୍ତୁ ଏଥିରେ ଅନେକ ଦୁର୍ବଳତା ପରିଲକ୍ଷିତ ହେଲା । କାଇନେଟୋସ୍କୋପ୍ ରେ ଏକାସମୟରେ କେବଳ ଜଣେ ଲୋକ ଏକ ଛିଦ୍ର ଦେଇ ଦେଖିପାରିବ । ଏହାର ଗଠନଶୈଳୀ ମଧ୍ୟ ଥିଲା ଭିନ୍ନପ୍ରକାରର । ଛୋଟ ପ୍ଲେଟ୍ ଉପରେ ଥିବା ଫଟୋଗୁଡ଼ିକ ଏତେ ଛୋଟ ଥିଲା ଯେ ଏହାକୁ ଭିତରେ ଖଞ୍ଜାଯାଇଥିବା ଏକ ବର୍ଦ୍ଧକ କାଚ (Magnifying Glass) ମାଧ୍ୟମରେ ହିଁ ଦେଖାଯାଇପାରୁଥିଲା ।

ଏହି ସମୟରେ ଅର୍ଥାତ୍ ୧୮୯୪ ମସିହାରେ ଏକ ପ୍ରୋଜେକ୍ଟରର ନୂତନ ରୂପରେଖ ପ୍ରସ୍ତୁତ କରିଥିଲେ ହ୍ୱାଇଟହାଉସ୍' ଟ୍ରେଜେରୀ ଡିପାର୍ଟମେଣ୍ଟର ଜଣେ ଷ୍ଟେନୋଗ୍ରାଫର-ଫ୍ରାଙ୍କସିସ୍ ଜେନକିନ୍‌ସ । ଏକାସମୟରେ ବହୁଲୋକ ଦେଖିବାପାଇଁ ସେ ଏହି ପ୍ରୋଜେକ୍ଟର ତିଆରି କରିଥିଲେ ନିଜ ନିର୍ମିତ ଏକ ଛୋଟ ଲାବୋରେଟୋରୀରେ-ତାଙ୍କ ୱାଶିଙ୍ଗଟନସ୍ଥିତ ବୋଡ଼ିଂ ହାଉସ୍‌ର ଏକ ବସାଘରେ । ଧଳା ପରଦା ଉପରେ ଚିତ୍ରଗୁଡ଼ିକ ଚଳମାନ ହେଉଥିଲା ବାରମ୍ବାର ବଦଳ କରାଯାଉଥିବା ଏକ ପୁରୁଣାକାଳିଆ ଲଣ୍ଠନ ଆଲୋକ ଦ୍ୱାରା, ଯାହାକୁ ଜେନ୍‌କିନସ୍ ତାଙ୍କ ଭାଷାରେ କହୁଥିଲେ- ମେଜିକ୍ ଲଣ୍ଠନ । ଏହି ଲଣ୍ଠନ ଆଲୁଅର ଝଟକା (Flash) ଧଳା ପରଦା ଉପରେ ପଡ଼ିଲେ ପ୍ରୋଜେକ୍ଟର ଅନ୍ତର୍ଗତ ଘୂର୍ଣ୍ଣାୟମାନ ସ୍ଥିର ଫଟୋ ଗୁଡ଼ିକ ଚଳମାନ ରୂପେ ପ୍ରତୀୟମାନ ହେଉଥିଲା ।

କିଛିଦିନପରେ ଏହି ଯନ୍ତ୍ରଟି ଧରି ସେ ନିଜ ବାସସ୍ଥାନ ଇଣ୍ଡିଆନା (ଆମେରିକାର ଏକ ରାଜ୍ୟ)କୁ ଚାଲିଗଲେ । ସେଠି ଜେନ୍‌କିନ୍‌ସଙ୍କ ଏହି ନୂତନ ଉଦ୍ଭାବନ ବେଶ୍ ଚର୍ଚ୍ଚାର ବିଷୟ ହୋଇଉଠିଲା । ଜେନକିନ୍‌ସ ସେଠି ଏହି ପ୍ରୋଜେକ୍ଟରର ପ୍ରଦର୍ଶନ କଲେ । ଗୋଟିଏ କୋଠରୀର ଗୋଟିଏ ପାର୍ଶ୍ୱରେ ଏକ ଧଳାସ୍ୱଚ୍ଛ ପରଦା ଟାଙ୍ଗିଦେଲେ ଜେନ୍‌କିନସ୍ । ରୁମ୍‌କୁ ସଂପୂର୍ଣ୍ଣ ବନ୍ଦ କରି ଅନ୍ଧାରୁଆ କଲାପରେ ନିଜ ନିର୍ମିତ

Digitized by PPRACHIN, SOA



Digitized by PPRACHIN, SOA



Digitized by PPRACHIN, SOA

ପ୍ରୋଜେକ୍ଟରର ସୁଇଚ ଅନ୍ କଲେ ଜେନ୍‌କିନସ୍ । ଆଶ୍ଚର୍ଯ୍ୟ ଏବଂ ଅବିଶ୍ୱାସମିଶା ଚାପା ଗୁଂଜରଣ ମଧ୍ୟରେ ପରଦା ଉପରେ ହଠାତ୍ ଝିଅ ଟିଏ ନାଚିବାକୁ ଆରମ୍ଭ କଲା । ଏହି ସମୟରେ ଦର୍ଶକ ମଣ୍ଡଳୀ ମଧ୍ୟରୁ ଜଣେ ପ୍ରୌଢ଼ ଚିତ୍କାର କରି ଉଠିଲେ- 'ନାଁ...ନାଁ ଏଇଟା ଛବି ନୁହେଁ । ପରଦା ପଛପଟେ ସତ ଝିଅଟେ ନାଚୁଛି ଏବଂ ତା'ର ଛାଇ ଦେଖାଯାଉଛି ପରଦା ଉପରେ ।'

ଜେନକିନସ୍ ହସି ଉଠିଲେ । ସେହି ଦର୍ଶକ ଜଣଙ୍କୁ ଇଙ୍ଗିତ କରି କହିଲେ- 'ଆପଣ ଯାଆନ୍ତୁ । ପରଦା ପଛପଟେ ଦେଖିଆସିବେ ।' ପ୍ରୌଢ଼ଜଣଙ୍କ ଅଗତ୍ୟା ଉଠିଗଲେ ପରଦା ପଛପଟକୁ ଏବଂ ଫେରିଆସି ଜେନ୍‌କିନସ୍‌ଙ୍କୁ କୁଣ୍ଢାଇ ପକାଇଲେ । ଏହି ଚଳମାନ ଛବିର ନାଁ ଥିଲା- "Annabelle the dancer" । ଏଣୁ ଇତିହାସରେ ପ୍ରତମ ଚଳମାନ ଛବିର ଦୃଶ୍ୟଥିଲା - 'ଆନାବେଲ ଦି ଡାନ୍‌ସର ।'

ଦୁର୍ଭାଗ୍ୟବଶତଃ ଜେନ୍‌କିନ୍‌ସ ଅର୍ଥାଭାବରୁ ତାଙ୍କ ନିର୍ମିତ ପ୍ରୋଜେକ୍ଟରର ଆଉ ଅଧିକ କିଛି ଉନ୍ନତି କରିପାରିଲେ ନାହିଁ । ତାଙ୍କ ମନୋବଳ ଭାଙ୍ଗିଗଲା । ଏଣୁ ଜେନ୍‌କିନ୍‌ସ ଏହି ପ୍ରୋଜେକ୍ଟରର ସମସ୍ତ ସ୍ୱତକୁ ଆରମାଟ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଲେ । କିନ୍ତୁ ଆରମାଟ୍ ମେସିନ୍‌ଟିକୁ ନେଇ କରିଥାନ୍ତେ ବା କ'ଣ ? ଆର୍ମାଟ୍‌ଙ୍କର ନା ଥିଲା ସେ ମେସିନ୍ ସମ୍ବନ୍ଧରେ କିଛି ଜ୍ଞାନ ନା ତା'ର ଉଦ୍ଭାବନ ସମ୍ବନ୍ଧରେ କୌଣସି ଧ୍ୟାନ ଧାରଣା । ଏଭଳି ପରିସ୍ଥିତିରେ ତାଙ୍କର କେବଳ ଗୋଟିଏ ଲୋକର ନାମ ମନେ ପଡ଼ିଗଲା । ସେ ଜଣକ ଥିଲେ ଥୋମାସ୍ ଏ. ଏଡିସନ, ଯେ କି ଏ ମେସିନ୍‌ଟିକୁ ଠିକ୍ ରୂପେ ସୁଧାରୀ ବ୍ୟବସାୟିକ ସଫଳତା ହାସଲ କରି ପାରିବେ । ସେ ତ କେବଳ ଅର୍ଥପାଇଁ ଜେନକିନସଙ୍କ ସହ ପାର୍ଟନରସିପ୍ ରେ ବ୍ୟବସାୟ କରିବାକୁ ଚାହୁଁଥିଲେ । ଏଣୁ ବାଧ୍ୟହୋଇ ଆରମାଟ୍ ଏଡ଼ିସନଙ୍କ ସହ ଯୋଗାଯୋଗ କଲେ ଏବଂ ମେସିନ୍‌ଟିକୁ ଦେଖାଇଲେ । ଏଡ଼ିସନ ମେସିନ୍‌ଟି ଖୋଲି ତନ୍ନତନ୍ନ ପରୀକ୍ଷା କଲେ ଓ ଶେଷରେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ତାଙ୍କ ନିର୍ମିତ ଚଳମାନ ଛବି ପ୍ରଛଦ ପଟରେ ଥିବା ତୃତୀୟ ସମସ୍ୟାଟି ମଧ୍ୟ ସମାଧାନ ହୋଇଗଲା । ଏବେ ଏଡ଼ିସନ ଏବଂ ଆରମାଟ୍ ଉଭୟେ ପାର୍ଟନରସିପ୍‌ରେ ବ୍ୟବସାୟ ଆରମ୍ଭ କଲେ ।

ଏଡ଼ିସନ ସେହି ମେସିନଟିକୁ ପୂର୍ବାପେକ୍ଷା ଆହୁରି ଉନ୍ନତ ଧରଣର କରି ଗଢ଼ିତୋଳିଲେ । ଶେଷରେ ଏଡ଼ିସନ ସଫଳତାର ମୁକୁଟ ପିନ୍ଧିଲେ । ପରବର୍ତ୍ତିକାଳରେ

Digitized by PPRACHIN, SOA

ଏହି ପ୍ରୋଜେକ୍‌ଟର ସହ ଏଡ଼ିସନ ଫୋନୋଗ୍ରାଫ୍ ସଂଯୋଗ କରି ସୃଷ୍ଟି କଲେ କଥାକୁହା ଚଳମାନ ଛବି । କିନ୍ତୁ ଏହି କଥାକୁହା ଚଳମାନ ଛବିରେ କେତେକ ତ୍ରୁଟି ପରିଲକ୍ଷିତ ହେଲା । ମୁଖ୍ୟତଃ ଚଳମାନ ଛବି ସହ କଥାର ଠିକ୍ ତାଳମେଳ ରହିଲା ନାହିଁ । ଏହି ତ୍ରୁଟିଟି ଅବଶ୍ୟ ସୁଧୁରିଥିଲା ଅନ୍ୟମାନଙ୍କ ଦ୍ୱାରା ବହୁବର୍ଷପରେ - ଚଳମାନ ଛବି ସହ ଶବ୍ଦ, ରଙ୍ଗର ସଠିକ୍ ସମ୍ମିଶ୍ରଣ ଓ ଯୋଗାଯୋଗ ରକ୍ଷାକରି ।

●

Digitized by PPRACHIN, SOA

ଏଡ଼ିସନଙ୍କ ଜୀବନର ଶେଷ ଅଧ୍ୟାୟ

୧୮୮୨ ମସିହା ସେପ୍ଟେମ୍ବର ମାସ ସୁଦ୍ଧା ଆମେରିକାରେ ପ୍ରଥମେ ନିୟୁଅର୍କ ନଗରୀ ଏଡ଼ିସନଙ୍କ ବିଜୁଳୀବତୀଦ୍ୱାରା ଆଲୋକମୟ ହୋଇଉଠିଥିଲା । ଏହାଦ୍ୱାରା ଆମେରିକାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସହର ତଥା ନଗର ଗୁଡ଼ିକ ସରକାରଙ୍କ ନିକଟରେ ଏହି ଆଲୋକକୁ ଉପଲବ୍ଧ କରିବାପାଇଁ ଦାବୀମାନ ଉପସ୍ଥାପନ କରିବାକୁ ଲାଗିଲେ । କେତୋଟି ବର୍ଷ ମଧ୍ୟରେ ଏହି ସହର ତଥା ନଗର ଗୁଡ଼ିକରେ ବିଜୁଳିବତୀ ତଥା ଏହାର ଆନୁଷଙ୍ଗିକ ଉପକରଣ ଗୁଡ଼ିକର ଉତ୍ପାଦନକାରୀ ଶିଳ୍ପମାନ ଗଢ଼ିଉଠିଲା । ପ୍ରାୟ ସବୁ ଶିଳ୍ପ ସଂସ୍ଥା ନିଜ ନିଜ ଫାର୍ମର ନାଁ ସହିତ 'ଏଡ଼ିସନ' ଶବ୍ଦଟି ଯୋଡ଼ିବାକୁ ମଧ୍ୟ ଭୁଲିନଥିଲେ । ଏହି ସମସ୍ତ ବିଜୁଳୀବତୀ ଉତ୍ପାଦନକାରୀ କମ୍ପାନୀମାନେ ବାର୍ଷିକ କନଭେନସନ୍‌ର ଆୟୋଜନ କରୁଥିଲେ ଏବଂ ପ୍ରତି କମ୍ପାନୀର ଜେନେରାଲ ମ୍ୟାନେଜର କିମ୍ବା ପ୍ରେସିଡ଼େଣ୍ଟ ଏହି କନଭେନସନ୍‌ରେ ଯୋଗ ଦେଉଥିଲେ ।

୧୮୯୬ ମସିହା ଅଗଷ୍ଟ ମାସରେ ସମସ୍ତ ଏଡ଼ିସନ ଲାଇଟିଂ କମ୍ପାନୀ ତରଫରୁ ଅନୁଷ୍ଠିତ ବାର୍ଷିକ କନଭେନସନ୍‌ରେ ଏଡ଼ିସନଙ୍କୁ ଏକ ସମ୍ବର୍ଦ୍ଧନା ଦିଆଯିବାର ବ୍ୟବସ୍ଥା କରାଗଲା । ଅଣଚାଶ ବର୍ଷ ବର୍ଷୀୟ ଏଡ଼ିସନ ଚୁପ୍‌ଚାପ୍ ବସିଥିଲେ ଆଟଲାଣ୍ଟିକ୍ ମହାସାଗର ଉପକୂଳସ୍ଥ କନି ଦ୍ୱୀପପୁଞ୍ଜ ଅନ୍ତର୍ଗତ ଓରିଏଣ୍ଟାଲ ହୋଟେଲ୍ ର ପର୍ଚ ଉପରେ । ଏଡ଼ିସନ ଲାଇଟିଂ କମ୍ପାନୀ ଗୁଡ଼ିକର ଉଚ୍ଚ ପଦାଧିକାରୀମାନେ ଆସି ପରିଚିତ ହେଉଥିଲେ ଏଡ଼ିସନଙ୍କ ନିକଟରେ । ଡ଼େଟ୍ରଟ ଏଡ଼ିସନ କଂପାନୀର ପ୍ରେସିଡ଼େଣ୍ଟ ମିଃ ଆଲେକ୍‌ଜାଣ୍ଡାର ଡାଓ ସେହି ଶ୍ରେଷ୍ଠ ଉଦ୍ଭାବକଙ୍କ ନିକଟକୁ ପରିଚିତ ହେବାକୁ ଆଗେଇ ଆସିଲେ ସାଙ୍ଗରେ ତାଙ୍କ କଂପାନୀର ମ୍ୟାନେଜର ମିଃ ହେନେରୀ ଫୋର୍ଡ଼ଙ୍କୁ ସାଥୀରେ ଧରି ।

Digitized by PPRACHIN, SOA

ମିଃ ଏଡ଼ିସନ ! ମୁଁ ଡ଼େଟ୍ରଟ୍ କଂପାନୀର ମାନେଜର ମିଃ ହେନେରୀ ଫୋର୍ଡ଼ଙ୍କୁ ଆପଣଙ୍କ ସହ ପରିଚିତ କରାଇ ପାରେ କି ?

ଏଡ଼ିସନ ମୁହଁଉଠାଇ ଚାହିଁଲେ ତେତିଶବର୍ଷ ବର୍ଷୀୟ ଫୋର୍ଡ଼ଙ୍କୁ ଏବଂ ପଚାରିଲେ ‘‘କେମିତି ଅଛ, ମିଃ ଫୋର୍ଡ଼ ? ମୁଁ ଭାବୁଛି ତମ ଯାତ୍ରାଟି ଖୁବ୍ ଉପଭୋଗ୍ୟ ହୋଇଥିବ ।’’ ‘‘ଧନ୍ୟବାଦ ସାର୍, ମୁଁ ଏହି କନଭେନସନ୍‌ରେ ଯୋଗଦେଇ ଏବଂ ବିଶେଷ କରି ଆପଣଙ୍କ ସହ ସାକ୍ଷାତକରି ଅତ୍ୟନ୍ତ ଖୁସି ହେଲି ।’’ ମିଃ ଫୋର୍ଡ଼ କହିଲେ ।

ଏଡ଼ିସନ, ଡ଼ାଓ ଏବଂ ଫୋର୍ଡ଼ କିଛିସମୟ ଆଳାପ ଆଲୋଚନାରେ ମଜ୍ଜିଗଲେ । ଯେତେବେଳେ ସେମାନେ ଦେଖିଲେ ଯେ ଅନ୍ୟମାନେ ମଧ ଏଡ଼ିସନଙ୍କ ସହ ପରିଚିତ ହେବା ଆଶାରେ ଅପେକ୍ଷାରତ, ଫୋର୍ଡ଼ ଏଡ଼ିସନଙ୍କୁ ଏକ ସୌଜନ୍ୟମୂଳକ ବିଦାୟ ଜଣାଇ ଡାଓଙ୍କ ସହ ଅପସରିଗଲେ ।

ଆସୁ ଆସୁ ଡ଼ାଓ ଫୋର୍ଡ଼ଙ୍କୁ କହିଲେ- ‘‘ଖୁବ୍ ସୁନ୍ଦର ବ୍ୟକ୍ତିତ୍ୱ ! ନୁହେଁ ମିଃ ଫୋର୍ଡ଼ ?’’

‘‘ଯଶ ତାଙ୍କ ବ୍ୟକ୍ତିତ୍ୱକୁ ନଷ୍ଟ କରିନାହିଁ । ମୁଁ ତାଙ୍କୁ ପୂର୍ବରୁ ଯେମିତି ଦେଖିଥିଲି ଏବେ ବି ସେମିତି ଦେଖୁଛି । ଚେହେରାରେ, ବ୍ୟକ୍ତିତ୍ୱରେ-କୌଣସିଟିରେ ବି କିଛି ପରିବର୍ତ୍ତନ ଘଟିନାହିଁ ।’’ - ମିଃ ଫୋର୍ଡ଼ କହିଲେ ।

‘‘ତମେ କେବେ ତାଙ୍କୁ ପୂର୍ବରୁ ଭେଟିଥିଲ ?’’- ମିଃ ଡାଓ ଫୋର୍ଡଙ୍କୁ ପଚାରିଲେ ।

‘‘ଓ ଯେସ, ପ୍ରାୟ ଦଶ ବର୍ଷତଳେ ଆଟଲାଣ୍ଟିକ ନଗରୀର ଅନୁଷ୍ଠିତ ଗୋଟାଏ କନ୍‌ଭେନସନରେ ମୁଁ ତାଙ୍କ ଭାଷଣ ଶୁଣିଥିଲି । ମୁଁ ସେତେବେଳେ ଯୁବକଟିଏ ମାତ୍ର । ମିଃ ଏଡ଼ିସନଙ୍କ ସହ ମୁଁ ବ୍ୟକ୍ତିଗତଭାବେ ସାକ୍ଷାତ କରିଥିଲେ ମଧ ସେ ମୋତେ ସଂପୂର୍ଣ୍ଣ ଭୂଲିଯାଇଛନ୍ତି ।

ଏହି ହେନେରୀ ଫୋର୍ଡ଼ଙ୍କ ବ୍ୟକ୍ତିତ୍ୱ ମଧ୍ୟ କୌଣସି ଗୁଣରେ କମ୍ ନଥିଲା । ସେଦିନର ଅଭ୍ୟର୍ଥନା ଉତ୍ସବଟି ଉଭୟ ଏଡ଼ିସନ ଏବଂ ଫୋର୍ଡ଼ଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଅଭ୍ୟର୍ଥନା ଉତ୍ସବରେ ସମସ୍ତ ଏଡ଼ିସନ ଲାଇଟିଂ କମ୍ପାନୀର ଗ୍ରାହକ ସେବା ଉପରେ ଏଡ଼ିସନଙ୍କ ପ୍ରଦତ୍ତ ଭାଷଣ ଖୁବ୍ ଆମୋଦିତ କରିଥିଲା ସମସ୍ତଙ୍କୁ । ସେତେବେଳେ ଏ ସମସ୍ତ କମ୍ପାନୀଗୁଡ଼ିକରେ କେବଳ ଗୋଟିଏ ମୁଖ୍ୟସମସ୍ୟା ଥିଲା

Digitized by PPRACHIN, SOA

-ତାହାହେଲା ପରିବହନ ବ୍ୟବସ୍ଥା । କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଯଦିଓ ନୂଆ ବିଦ୍ୟୁତ୍‌ଚାଳିତ ଯାନ ନିର୍ମାଣ ଉପରେ ଗୁରୁତ୍ୱ ଆରୋପ କଲେ, କିନ୍ତୁ ଏଡ଼ିସନ ତାହା ଶସ୍ତା ପରିବହନ ବ୍ୟବସ୍ଥା ହେବନାହିଁ ବୋଲି ମତଦେଲେ । ପ୍ରକାରାନ୍ତରେ ବିଦ୍ୟୁତଚାଳିତ ଯାନର ସେ କେତୋଟି ଅସୁବିଧା ତଥା ସମସ୍ୟା ଉପରେ ଆଲୋକପାତ କଲେ । ସେହି ସମସ୍ୟା ଗୁଡ଼ିକ ହେଲା-ବିଦ୍ୟୁତଚାଳିତ ଯାନରେ ଏକ ସ୍ୱତନ୍ତ୍ର ବ୍ୟାଟେରୀଗୃହ ରଖିବାଦ୍ୱାରା ଏହା ଖୁବ୍ ବଡ଼ ଏବଂ ଭାରି ମନେ ହେବ । ଦ୍ୱିତୀୟତଃ ପ୍ରତ୍ୟେକ ବିଦ୍ୟୁତଚାଳିତ ଯାନ ସଦାସର୍ବଦା ପାୱାରଷ୍ଟେସନର ନିକଟରେ ରହିବା ଉଚିତ, ତଦ୍ୱାରା ବ୍ୟାଟେରୀକୁ ଉପଯୁକ୍ତ ସମୟରେ ଚାର୍ଜ କରାଯାଇପାରିବ । ଏହାଛଡ଼ା ବାଷ୍ପଚାଳିତ ଇଞ୍ଜିନ ମଧ୍ୟ ଛୋଟଯାନପାଇଁ ଉପଯୁକ୍ତ ନୁହେଁ, କାରଣ ଗାଡ଼ିରେ ଏଥିପାଇଁ ଷ୍ଟିମର, ବଏଲରକୁ ବୋହିବା ସହ ଅତ୍ୟଧିକ ଜାଳେଣୀର ଆବଶ୍ୟକ ପଡ଼ିବ । ଏଣୁ ଆମେରିକାର ରାସ୍ତାପାଇଁ ଏପରି ଗାଡ଼ି ଦରକାର ଯାହା ଖୁବ୍ କମ୍ ଇନ୍ଧନରେ ଚାଲିପାରିବ ।

ଏହି ସମୟରେ ଅଭ୍ୟର୍ଥନା କକ୍ଷରେ ଫୋର୍ଡ଼ଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଡାଓ ଛିଡ଼ାହୋଇପଡ଼ି କହିଲେ -''ତେବେ ସାର୍, ଗ୍ୟାସ୍‌ଚାଳିତ ଯାନହିଁ କମ୍ପାନୀଗୁଡ଼ିକୁ ଶସ୍ତା ପରିବହନ ଯୋଗାଇପାରିବ ।''

ଏଡ଼ିସନ ପ୍ରଶ୍ନକଲେ-''ଗ୍ୟାସଚାଳିତ ଯାନ ? ଇଉ ମିନ୍ ଗ୍ୟାସ୍ ବଗି ? ସେଇଟି କ'ଣ ?

ମିଃ ଡାଓ ତାଙ୍କ ସ୍ୱଭାବସୁଲଭ ଭଙ୍ଗୀରେ ଛିଡ଼ାହୋଇ କହିଲେ -''ଥରେ ଡେଟ୍ରଟରେ ଥିବାବେଳେ ସେ ରାସ୍ତାଉପରୁ ଖୁବ୍ କୋଳାହଳ ଶୁଣିପାରିଲେ ଏବଂ ନିଜ ଅଫିସ୍ ଝର୍କା ମଧ୍ୟଦେଇ ବାହାରକୁ ଚାହିଁଲେ । ଦେଖିଲେ ଏକ ଗ୍ୟାସଚାଳିତ ଯାନ ଖୁବ୍ ଜୋରରେ ପପ୍...ପପ୍ ଶବ୍ଦ କରି ମାଡିଆସୁଛି । ଏହି ଯାନର ଷ୍ଟିୟରିଂ ଧରିଥିଲେ ଜଣେ ବ୍ୟକ୍ତି, ପାଖରେ ନିଜର ପତ୍ନୀ ଏବଂ ଛୋଟ ଶିଶୁପୁତ୍ରକୁ ବସାଇ । ରାସ୍ତାର ଦୁଇଧାରରେ ଗାଡ଼ିଟିକୁ ଦେଖିବାପାଇଁ ସୃଷ୍ଟି ହୋଇଥିଲା ପ୍ରବଳ ଜନସମାଗମ ।''

ହଠାତ୍ କେତେଜଣ ପ୍ରତିନିଧି ଛିଡ଼ାହୋଇ ମିଃ ଡାଓଙ୍କୁ ପ୍ରଶ୍ନ କଲେ -''କିଏ ସେହି ଡ୍ରାଇଭର ? ଆପଣ ତାଙ୍କ ପରିଚୟ ସମ୍ବନ୍ଧରେ କିଛି ସୂଚନା ଦେବେ କି ?

ମିଃ ଡାଓ ତତକ୍ଷଣାତ୍ ସେହି ଅଭ୍ୟର୍ଥନା କକ୍ଷରେ ବସିଥିବା ମିଃ ଫୋର୍ଡ଼ଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ-''ସେ ବ୍ୟକ୍ତି ଜଣକ ଅନ୍ୟ କେହି ନୁହନ୍ତି,

Digitized by PPRACHIN, SOA

ଖୋଦ୍ ଫୋର୍ଡ୍ ସାହେବ, ଯିଏ କି ଆପଣମାନଙ୍କ ଗହଣରେ ବସିଛନ୍ତି ।''

ସମସ୍ତେ ଝୁଙ୍କିପଡ଼ିଲେ ମିଃ ଫୋର୍ଡ୍‌ଙ୍କ ଆଡ଼କୁ ଫୋର୍ଡ୍‌ଙ୍କୁ ଭଲଭାବେ ଥରେ ଦେଖିବାପାଇଁ । ଏଡ଼ିସନ ପ୍ରଶ୍ନ କଲେ - ''ମିଃ ଫୋର୍ଡ୍, ଆପଣଙ୍କ ଯାନ କ'ଣ ଚାରି ଇଞ୍ଜିନ ବିଶିଷ୍ଟ ?''

''ହଁ ସାର୍''- ମିଃ ଫୋର୍ଡ୍ ଉତ୍ତର ଦେଲେ ।

ଏଡ଼ିସନ ପୁନଶ୍ଚ ପ୍ରଶ୍ନ କଲେ- ''ଆପଣ କିପରି ବିଦ୍ୟୁତ୍ ସ୍ପାର୍କ କରି ଗ୍ୟାସ ବିସ୍ଫୋରଣ କରୁଛନ୍ତି ?'' ଆପଣ ଜାଣିଛନ୍ତି ମୁଁ ବିଦ୍ୟୁତ ସମ୍ବନ୍ଧୀୟ କୌଣସି ବିଷୟ ଉପରେ ଜାଣିବାକୁ ବିଶେଷ ଆଗ୍ରହୀ ।''

ଫୋର୍ଡ୍ ଉତ୍ତରରେ କହିଲେ- ''ଏହି ଗ୍ୟାସଚାଳିତ ଯାନରେ ମୁଁ ବ୍ରେକ୍ ଏବଂ କଣ୍ଟାକ୍ଟ ସିଷ୍ଟମ ରଖିଛି ।'' ଫୋର୍ଡ୍ ଏକଥା କହି ଟେବୁଲ ଉପରେ ପଡ଼ିଥିବା ଓରିଏଣ୍ଟାଲ ହୋଟେଲର ଏକ ମେନୁ କାଗଜକୁ ଓଲଟାଇ ଗାଡ଼ିର ଏକ ସ୍କେଚ୍ ଆଙ୍କିଦେଲେ ଏବଂ ବିଦ୍ୟୁତ ସ୍ପାର୍କ ବ୍ୟବସ୍ଥାଟି ଏଡ଼ିସନଙ୍କୁ ବୁଝାଇଦେଲେ ।

ଏଡ଼ିସନ ଫୋର୍ଡ୍‌ଙ୍କ ଯାନର ଯାନ୍ତ୍ରିକ କୌଶଳଟି ବୁଝିନେଲେ ଏବଂ କିଛିସମୟ ପରେ ଚିନ୍ତା କରି କହିଲେ-''ଠିକ୍ ଅଛି ମିଃ ଫୋର୍ଡ୍, ତୁମର ଏହି ଯାନଟି ଆମର ସବୁ ସମସ୍ୟାର ସମାଧାନ କରିଦେବ । ଏହି ମଡ଼େଲ ଯାନ ନିଜ ପାୱାରପ୍ଲାଣ୍ଟକୁ ନିଜେ ବୋହି ନେବ । ଏଥିରେ ଅଗ୍ନିର ଆବଶ୍ୟକତା ରହିବନାହିଁ କି ଧୂଆଁ ମଧ୍ୟ ବାହାରିବନାହିଁ ।''

ଏଡ଼ିସନଙ୍କ ଏହି କେତେପଦ କଥା ଫୋର୍ଡ୍‌ଙ୍କୁ ସେହି ଯାନ୍ତ୍ରିକ କୌଶଳରେ ଗାଡ଼ି ନିର୍ମାଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇ ଥିଲା । ପରବର୍ତ୍ତିକାଳରେ ଫୋର୍ଡ୍ ହୋଇଯାଇଥିଲେ ଏଡ଼ିସନଙ୍କ ଘନିଷ୍ଠ ବନ୍ଧୁ । ଏପରିକି ଅନେକଥର ଫୋର୍ଡ୍‌ଙ୍କଦ୍ୱାରା ନିର୍ମିତ ସେହି ମଡ଼େଲ କାର୍‌ରେ ଉଭୟେ ଫୋର୍ଡ୍ ଏବଂ ଏଡ଼ିସନ ବହୁଦୂରଦୂରାନ୍ତର ସ୍ଥାନକୁ ନିଜ ପରିବାରସହ ପିକନିକ୍ କରିବାକୁ ମଧ୍ୟ ଯାଇଥିଲେ ।

୧୯୧୫ ମସିହା ଅକଟୋବର ୨୧ ତାରିଖ ଦିନ ପାନାମା-ପାସିଫିକ୍ ମେଳା ଅନୁଷ୍ଠିତ ହେଉଥାଏ ସାନଫ୍ରାନସିକୋ ଠାରେ । କାରଣ, ସେହିଦିନହିଁ ପାନାମା କେନାଲର ଖୋଳାକାର୍ଯ୍ୟ ଶେଷ ହୋଇଥିଲା । ଯୋଗକୁ ଏହି ଦିନଟି ଥିଲା ବିଦ୍ୟୁତବତୀର ଛତିଶତମ ଜନ୍ମଦିବସ । ଏଣୁ ପାନାମା ପାସିଫିକ୍ ଏକ୍ସପୋଜିସନ ଦ୍ୱାରା ଏହି ଦିନଟିକୁ

Digitized by PPRACHIN, SOA



Digitized by PPRACHIN, SOA

Digitized by PPRACHIN, SOA

'ଏଡ଼ିସନ ଡ଼େ' ରୂପେ ପାଳନ କରିବାକୁ ସ୍ଥିର କରାଗଲା । ଏହି ଏକ୍ସପୋଜିସନକୁ ଏଡ଼ିସନଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବାର ପ୍ରସ୍ତାବ ସହ ତାଙ୍କୁ ଏକ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯିବ ବୋଲି ମଧ୍ୟ ସ୍ଥିର କରାଗଲା ।

ଅଠଷଠୀ ବର୍ଷ ବୟସ୍କ ଏଡ଼ିସନ ନିମନ୍ତ୍ରଣ ଗ୍ରହଣ କରିଥିଲେ ଏବଂ ସାନଫ୍ରାନସିକୋ ଯାତ୍ରା କରିଥିଲେ । ଏଡ଼ିସନଙ୍କ ଗାଡ଼ି ସାନଫ୍ରାନସିକୋରେ ପହଞ୍ଚିବାପରେ ହଜାର ହଜାର ଲୋକଙ୍କ ସମାଗମ ଘଟିଥିଲା ରାସ୍ତାର ଦୁଇ ପାର୍ଶ୍ୱରେ- ବିଦ୍ୟୁତବତୀର ନିର୍ମାତା ଏଡ଼ିସନଙ୍କୁ କେବଳ ସ୍ୱଚକ୍ଷୁରେ ଦେଖିବାପାଇଁ । ସାନଫ୍ରାନସିକୋରେ ଏଡ଼ିସନଙ୍କୁ ସ୍ୱାଗତ କରିବାପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କମିଟି ମଧ୍ୟ ଗଠନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସମିତିରେ ଫୋର୍ଡ଼ ଦମ୍ପତି ଯୋଗ ଦେଇଥିଲେ ଏଡ଼ିସନଙ୍କ ସହ । ଏକ୍ସପୋଜିସନ(ମେଳା) ତରଫରୁ ଏଡ଼ିସନଙ୍କୁ ପୃଥିବୀବାସୀଙ୍କ ପ୍ରତି ତାଙ୍କର ଅନବଦ୍ୟ ଅବଦାନ ପାଇଁ ଏକ ବିରାଟ ବ୍ରୋଞ୍ଜ ପଦକ ସହ ସମ୍ମାନିତ କରା ଯାଇଥିଲା ।

ସାନ୍‌ଫ୍ରାନସିକୋରୁ ନିଜ ବାସସ୍ଥାନ ଓରେଞ୍ଜ ଲେବୋରେଟୋରୀକୁ ଫେରିବାବେଳେ ବରବଙ୍କ୍ ନାମକ ଅନ୍ୟ ଜଣେ ଉଦ୍ଭିଦବିଜ୍ଞାନୀ ତାଙ୍କ ନିର୍ମିତ ଫାର୍ମଟି ବୁଲି ଦେଖିବାପାଇଁ ଏଡ଼ିସନଙ୍କୁ ଅନୁରୋଧ କଲେ । ବରବଙ୍କ୍ ନିଜ ଉଦ୍ୟମବଳରେ ଫାର୍ମରୁ କିପରି ଏକପ୍ରକାର ଧଳା ବ୍ଲାକବେରୀ ଏବଂ ଡାଇସ୍ ଫୁଲ ଉତ୍ପାଦନ କରୁଥିଲେ, ତାହା ଏଡ଼ିସନଙ୍କୁ ବାଟସାରା ବୁଝାଇ ବୁଝାଇ ଆସୁଥିଲେ ।

ଫାର୍ମରେ ବୁଲୁବୁଲୁ ଫୋର୍ଡ଼ ପଡ଼ିଥିବା ଏକ କୋଦାଳ ଧରିପକାଇ କହିଲେ- "ମାନବଜାତିକୁ ସଭ୍ୟତାଆଡ଼କୁ ଟାଣିନେବାରେ ଏହା ଏକ ଛୋଟ ଯନ୍ତ୍ର । ବରବଙ୍କ ମଣିଷଜାତିକୁ ଦେଲେ ଖାଦ୍ୟ । ଏଡ଼ିସନ ଦେଲେ ଆଲୋକ । ଏଣୁ ଆପଣ ଦୁଇଜଣ ଯଥାକ୍ରମେ ଖାଦ୍ୟ ଓ ଆଲୋକର ପ୍ରତୀକ ଅଟନ୍ତି ।"

ଏଡ଼ିସନ ହସିଉଠିଲେ ଏବଂ କହିଲେ- "ମିଃ ଫୋର୍ଡ଼, ତୁମେ ତୁମ ଅଟୋମୋବାଇଲ କଥା ଭୁଲି ଯାଉଛ ଯେ ! ମଣିଷଜାତିକୁ ସଭ୍ୟତା ନିକଟରେ ପହଞ୍ଚାଇବାପାଇଁ ପରିବହନ ହେଉଛି ତୃତୀୟରାସ୍ତା ।"

ସମସ୍ତେ ହସିଉଠିଲେ ଏକାସାଙ୍ଗରେ । ଫୋର୍ଡ଼ କହିଲେ -"ଦିନେ ତୁମର କୋଦାଳଟିଏ ମୁଁ ଧାର୍ ମାଗିପାରେ ମିଃ ବରବଙ୍କ୍ । କାହିଁକି ନେବି, ତାହା ଅବଶ୍ୟ ଏବେ ଜଣାଇବିନାହିଁ । ପରେ ତମେ ନିଜେ ଜାଣିଯିବ ।"

Digitized by PPRACHIN, SOA

ଏତେବେଳକୁ ଇଉରୋପରେ ପ୍ରଥମ ବିଶ୍ୱଯୁଦ୍ଧ ପ୍ରଚଣ୍ଡ ରୂପ ଧାରଣ କରିଥିଲା । ଧୀରେ ଧୀରେ ଏ ଯୁଦ୍ଧର ଘନଘଟା ଆମେରିକାକୁ ଆସି ଗ୍ରାସ କଲା । ଏହି ମୁହୂର୍ତ୍ତରେ ଆମେରିକା ସରକାରଙ୍କ ପ୍ରତିରକ୍ଷା ବିଭାଗ ଏଡ଼ିସନଙ୍କ ମସ୍ତିଷ୍କର ଆବଶ୍ୟକତା ମଣିଲେ । ପ୍ରତିରକ୍ଷା ବିଭାଗର ସେକ୍ରେଟାରୀ ଏଡ଼ିସନଙ୍କୁ ନାଭାଲ୍ କନ୍‌ସଲଟିଂ ବୋର୍ଡ଼ର ଅଧ୍ୟକ୍ଷ ପଦ ମଧ୍ୟ ଦେଲେ । ଏଡ଼ିସନ ଖୁବ୍ ଶୀଘ୍ର ବୁଡ଼ାଜାହାଜ ଏବଂ ଚଳମାନ ଟର୍ପେଡ଼ୋ ର ଅବସ୍ଥିତିପାଇଁ ଉଦ୍ଭାବନ କଲେ ଅଥଚ ଜଳରାଶି ମଧ୍ୟରେ ଶୁଣିପାରୁଥିବା ଏକ ଯନ୍ତ୍ର । ସେ ଆହୁରି ମଧ୍ୟ ଜଳମଧ୍ୟରେ ଜଳିପାରୁଥିବା ଏକ ସର୍ଚ୍ଚଲାଇଟ୍ ସୃଷ୍ଟି କରିଥିଲେ ଯାହା ଆମେରିକା ନେଭି ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା ।

ଏହିପରି ଏଡ଼ିସନ ସର୍ବମୋଟ ପ୍ରାୟ ୪୦ ଗୋଟି ଯୁଦ୍ଧ ସାମଗ୍ରୀ ସୃଷ୍ଟି କରିପାରିଥିଲେ, ଯାହା ଆମେରିକା ପ୍ରତିରକ୍ଷା ପାଇଁ ଯଥେଷ୍ଟ ସହାୟକ ହୋଇଥିଲା । ଏଥିପାଇଁ ଆମେରିକା ସରକାରଙ୍କ ତରଫରୁ ଏଡ଼ିସନଙ୍କୁ ଏକ ଖ୍ୟାତିସଂପନ୍ନ ସେବାପଦକ ମଧ୍ୟ ଦିଆଯାଇଥିଲା ।

୧୯୨୯ ମସିହା ପାଖେଇ ଆସୁଥାଏ । ଏହିବର୍ଷ ପାଳିତ ହେବାକୁ ଥିଲା ବିଦ୍ୟୁତବତୀର ସୁବର୍ଣ୍ଣଜୟନ୍ତୀ । ଫୋର୍ଡ଼ ଚିନ୍ତାକଲେ ବିଦ୍ୟୁତବତୀର ଏହି ସୁବର୍ଣ୍ଣଜୟନ୍ତୀ ଅବସରରେ ଏଡ଼ିସନଙ୍କ ସ୍ମୃତିରକ୍ଷାପାଇଁ ସେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରିବେ ଯେପରି ଏହା ଠିକ୍ ବିଦ୍ୟୁତବତୀର ସୁବର୍ଣ୍ଣଜୟନ୍ତୀ ଅବସରରେ ପୃଥିବୀବାସୀଙ୍କ ପ୍ରତି ଉତ୍ସର୍ଗ କରାଯିବ ।

ଫୋର୍ଡ଼ ସେଇୟାହିଁ କରିଥିଲେ । ମିଚିଗାନ ର ଏଡ଼ିସନ ସ୍ମୃତିସ୍ତମ୍ଭ ଏବେ ବି ଏହାର ମୂକସାକ୍ଷୀ ହୋଇରହିଛି, ଯେଉଁ ସ୍ତମ୍ଭରେ ଏଡ଼ିସନ ଆଠଗୋଟି ପଦଚିହ୍ନ ସହ ଉଦ୍ଭିଦବିଜ୍ଞାନୀ ବରବଙ୍କ ଙ୍କ କୋଦାଳଟି ମଧ୍ୟ ଇମ୍ଭାବରେ ପୋତା ହୋଇରହିଛି । ଅର୍ଥାତ୍ ଯେଉଁଦିନ ସ୍ମୃତିସ୍ତମ୍ଭର ନିର୍ମାଣ କାର୍ଯ୍ୟ ଶେଷହେଲା, ଠିକ୍ ସେହିଦିନହିଁ ଫୋର୍ଡ଼ ଏଡ଼ିସନଙ୍କୁ 'ନେଇ ଯାଇଥିଲେ ମିଚିଗାନକୁ ତାଙ୍କ ପଦଚିହ୍ନର ଛାପ ନେବାପାଇଁ ଓ ଆହୁରି ମଧ୍ୟ ସେହି ଓଦା କଂକ୍ରିଟରେ ଏଡ଼ିସନ ଛାଡ଼ିଯାଇଥିଲେ ନିଜ ଦସ୍ତଖତ ସହ ସେଦିନର ତାରିଖ-ସେପଟେମ୍ବର ୨୭,୧୯୨୮ ।

ଫୋର୍ଡ଼ ଏଡ଼ିସନଙ୍କ ପାଇଁ ଅନେକ କାର୍ଯ୍ୟ କରିଥିଲେ । ସଂପୂର୍ଣ୍ଣ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ମେନଲୋ ପାର୍କର ଲାବୋରେଟୋରୀ, ଅଫିସଗୃହ, ମେସିନସପ୍ ଇତ୍ୟାଦିକୁ ଅନେକ ଅର୍ଥବ୍ୟୟ କରି ପୁନଃନିର୍ମାଣ କରିଥିଲେ ଫୋର୍ଡ଼ ଏବଂ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏହି ମେନଲୋ ପାର୍କକୁ ଉତ୍ସର୍ଗ କରିଥିଲେ । ମେନଲୋ ପାର୍କର ମାଟିତଳୁ

Digitized by PPRACHIN, SOA

ମିଳିଥିବା ଭଙ୍ଗ ଝର୍କା ଗୋଟିଏ ସଂଗ୍ରହ କରି ଆମେରିକାର ମ୍ୟୁଜିୟମକୁ ଫୋର୍ଡ଼ ଦାନ କରିଥିଲେ ଯାହା ଆଜିଯାଏଁ ମଧ୍ୟ ମ୍ୟୁଜିୟମରେ ସୁରକ୍ଷିତ ହୋଇ ରହିଛି । ଫୋର୍ଡ଼ ଏହି ମେନଲୋ ପାର୍କକୁ ପୁନରୁଦ୍ଧାର କରିବା ସକାଶେ ନିକଟସ୍ଥ ତିନୋଟି ଫାର୍ମହଉସ୍ କିଣିବାକୁ ବାଧ୍ୟ ହୋଇଥିଲେ । କାରଣ, ସେହି ଫାର୍ମହାଉସ୍ ଗୁଡ଼ିକରେ ବ୍ୟବହୃତ ହୋଇଥିଲା ପୁରୁଣା ମେନଲୋ ପାର୍କର କାଠଗଣ୍ଡି, କବାଟ, ଝର୍କା ଇତ୍ୟାଦି । ଶେଷରେ ଏଡ଼ିସନଙ୍କ ଅରେଞ୍ଜ ଲାବୋରେଟୋରୀରେ ଥିବା ତାଙ୍କ ପୁରୁଣା ଚେୟାର ଖଣ୍ଡିକ ଏଡ଼ିସନ ଫୋର୍ଡ଼ଙ୍କୁ ଦାନ କରିଥିଲେ, ଯେଉଁ ଚେୟାର ଉପରେ ଦୀର୍ଘ ଚାଳିଶଘଣ୍ଟା ଧରି ତାଙ୍କ ଉଦ୍ଭାବିତ ପ୍ରଥମ ବିଜୁଳିବତୀକୁ ବସି ଅନୁଧ୍ୟାନ କରିଥିଲେ । ଫୋର୍ଡ଼ ଆହୁରି ମଧ୍ୟ ଗ୍ରାଣ୍ଡ ଟ୍ରଙ୍କ ରେଲୱେ ଅଧୀନରେ ଥିବା ସ୍ମିଥ୍ କ୍ରିକ୍ ଷ୍ଟେସନକୁ ନିଜେ କିଣି ତାହାର ପୁନରୁଦ୍ଧାର କରିଥିଲେ । ଦୀର୍ଘ ଦୁଇମାସର ଅକ୍ଳାନ୍ତ ପରିଶ୍ରମପରେ ଫୋର୍ଡ଼ ପାଇବାକୁ ସକ୍ଷମ ହୋଇଥିଲେ ଏଡ଼ିସନଙ୍କ ଦ୍ୱାରା ସଂପାଦିତ ସତୁରୀବର୍ଷ ତଳର ଦୁଇଖଣ୍ଡ 'ଉଇକ୍ଲି ହେରାଲ୍‌ଡ଼' ।

୧୯୨୯ ମସିହାର ମଧ୍ୟ ଅକଟୋବର ବେଳକୁ ଏଡ଼ିସନ ସସ୍ତ୍ରୀକ ଚାଲିଗଲେ ଡେଟ୍ରଟ-ବିଜୁଳୀବତୀର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ଯୋଗଦେବାପାଇଁ । ଏଣୁ ଏଡ଼ିସନ ଦମ୍ପତି ଫୋର୍ଡ଼ଙ୍କ ଅତିଥି ହୋଇ ଡେଟ୍ରଟରେ ଅବସ୍ଥାନ କଲେ । ସେହି ରହଣିକାଳ ମଧ୍ୟରେ ଏଡ଼ିସନ ଦମ୍ପତି ଏବଂ ଫୋର୍ଡ଼ ଦମ୍ପତି ଦିନେ ବୁଲିଗଲେ ଏଡ଼ିସନଙ୍କର ସେହି ଐତିହାସିକ ମେନ୍‌ଲୋ ପାର୍କକୁ । ଏଡ଼ିସନ ମେନ୍‌ଲୋ ପାର୍କକୁ ପୂର୍ବପରି ଦେଖି ଚମକି ଉଠିଲେ । ଏଡ଼ିସନଙ୍କ ଆଖି ଖୋସି ହୋଇଯାଇଥିଲା । ପୁରୁଣା ମେନ୍‌ଲୋ ପାର୍କର ସମସ୍ତ କର୍ମଚାରୀଙ୍କ ମଧ୍ୟରୁ ବଞ୍ଚିଥିଲେ କେବଳ ଫ୍ରାଙ୍କସିସ୍ ଜେଲ (ଏଡ଼ିସନଙ୍କ ଅତୀତ ଅଫିସ୍‌ବୟ) । ଫ୍ରାଙ୍କସିସ୍ ଜେଲ୍ ଛିଡ଼ା ହୋଇଥିଲେ ସେଦିନ ମେନ୍‌ଲୋ ପାର୍କର ଗେଟ୍‌ରେ ଏବଂ ଏଡ଼ିସନ ଦମ୍ପତିଙ୍କୁ ସ୍ୱାଗତ ଜଣାଇ ଭିତରକୁ ନେଇଯାଇଥିଲେ । ଭିତରେ ଏଡ଼ିସନ ଚାରିଆଡ଼କୁ ଚାହିଁ କହିଲେ -'ମିଃ ଫୋର୍ଡ଼, ସବୁ ଜିନିଷ ପୂର୍ବବତ୍ ଠିକ୍‌ଠାକ୍ ଅଛି । କେବଳ ଗୋଟିଏ ଜିନିଷ ଛାଡ଼ି ।'

''କ'ଣ ? କ'ଣ ବାଦ୍ ପଡ଼ିଯାଇଛି ସାର୍ ?'' ଫୋର୍ଡ଼ ବ୍ୟସ୍ତ ହୋଇପଡ଼ିଲେ ।

ଏଡ଼ିସନ କହିଲେ- 'ମୁଁ ଭାବୁଛି ମୁଁ ସବୁକିଛି ମନେ ରଖିପାରିଛି । ଏହି ଚଟାଣକୁ ଦେଖ । ସେତେବେଳେ ଏହି ଚଟାଣ ଆଜିଭଳି ଏତେଟା ଆଦୌ ପରିଷ୍କାର ନଥିଲା ।'

ଫୋର୍ଡ଼ କଥାର ମର୍ମ ବୁଝିପାରି ମୃଦୁ ହସଟିଏ ହସିଦେଲେ ।

Digitized by PPRACHIN, SOA

ଅକଟୋବର ୨୧ ତାରିଖ ୧୯୨୯ ମସିହା । ବିଦ୍ୟୁତବତୀର ସୁବର୍ଣ୍ଣଜୟନ୍ତୀ ଦିବସ । ସୁବର୍ଣ୍ଣଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାପାଇଁ ଆସି ପହଞ୍ଚିଥାନ୍ତି ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ହୁବର ଦମ୍ପତି । ଆମେରିକାର ପ୍ରତିରକ୍ଷା ବିଭାଗର ସେକ୍ରେଟାରୀ ଜେମସ୍ ଗୁଡ୍ଡେ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଆସି ପହଞ୍ଚିଥାନ୍ତି ଡେଟ୍ରଟରେ । ଫୋର୍ଡ଼ ପ୍ରଥମେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ ୧୮୫୦ ମସିହାର ପୁରୁଣା ମଡ଼େଲର ସେହି ଟ୍ରେନ ନିକଟକୁ, ଯେଉଁ ଟ୍ରେନକୁ ଫୋର୍ଡ଼ ନିଜେ ଅନେକ ଅର୍ଥବ୍ୟୟ କରି ସଜାଡ଼ିଥିଲେ ଏବଂ ଏହି ଟ୍ରେନଟିକୁ ଚଳତକ୍ଷମ କରାଇଥିଲେ । ଫୋର୍ଡ଼ ଏଥର ହୁବର ଦମ୍ପତି ସମେତ ଉପସ୍ଥିତ ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ଅନୁରୋଧ କଲେ ସେହି ଟ୍ରେନରେ ସ୍ମିଥ୍‌କ୍ରିକ୍ ଷ୍ଟେସନ ଯାଏ ଯାତ୍ରା କରିବାପାଇଁ ।

ସମସ୍ତେ ପ୍ରବେଶ କଲେ କମ୍ପାର୍ଟମେଣ୍ଟ ମଧ୍ୟକୁ । ସେହି ପୁରୁଣାବଗି, ଯେଉଁ ବଗିରେ ବାଳକ ଏଡ଼ିସନ ପେପର ବିକ୍ରି କରୁଥିଲେ । ନିଜେ ପେପର ଛାପୁଥିଲେ, ନିଜେ ପେପର ବିକ୍ରି କରୁଥିଲେ । ବଗିର ଯେଉଁ ଜାଗାରେ ତାଙ୍କ ଛୋଟ ଲାବୋରେଟୋରୀଟି ଖୋଲିଥିଲେ, ସେହି ଯାଗାରେ ତାଙ୍କ ଲାବୋରେଟୋରୀଟି ମଧ୍ୟ ଖୋଲା ହୋଇଥିଲା । କାଠନିର୍ମିତ ଥାକ, ପୁରୁଣା ପ୍ରିଣ୍ଟିଂ ମେସିନ ସବୁକିଛି ପୂର୍ବବତ୍ ଯଥାସ୍ଥାନରେ ଥିଲା । ଏଡ଼ିସନଙ୍କ ଆଖିରୁ ଲୁହ ନିଗିଡ଼ି ପଡ଼ିଲା । ସେ ଚିତ୍କାର କରି କହି ଉଠିଲେ -''ଇଏ ହେଉଛି ସେହି ଲାବୋରେଟୋରୀ- ଯାହାକୁ ମୁଁ ସତୁରୀବର୍ଷ ତଳେ ବ୍ୟବହାର କରୁଥିଲି ।'' ଫୋର୍ଡ଼ ଏଇଠି ଏଡ଼ିସନଙ୍କୁ ଅନୁରୋଧ କରି କହିଲେ- ''ଆପଣ ଦୟାକରି କେତେଖଣ୍ଡ 'ଉଇକ୍ଲି ହେରାଲ୍ଡ଼' ପ୍ରିଣ୍ଟ କରିବେ କି ?''

ଏଡ଼ିସନ ତତ୍‌କ୍ଷଣାତ୍ ଉଠିପଡ଼ି କେତେଖଣ୍ଡ 'ଉଇକ୍ଲି ହେରାଲ୍ଡ଼' ପ୍ରିଣ୍ଟ କଲେ ସେହି ଚଳନ୍ତା ଟ୍ରେନର ଲଗେଜ କାର୍‌ରେ ଏବଂ ରାଷ୍ଟ୍ରପତି ଦମ୍ପତି ସମେତ ସବୁ ଅତିଥିଙ୍କୁ ଟ୍ରେ'ରେ ଗୋଟିଏ ଲେଖାଏଁ ଚକୋଲେଟ୍ ସହ 'ଉଇକ୍ଲି ହେରାଲଡ଼' ର କପି ଖଣ୍ଡେ ଖଣ୍ଡେ ବଣ୍ଟନ କଲେ ନିଜେ ଏଡ଼ିସନ । ଏଠାରେ ପ୍ରକାଶଯୋଗ୍ୟ ଯେ ଠିକ୍ ଏହି ପ୍ରକାର ଚକୋଲେଟ୍ ଏଡ଼ିସନ ବିକ୍ରି କରୁଥିଲେ ଟ୍ରେନ ଯାତ୍ରୀଙ୍କୁ-ସତୁରୀବର୍ଷ ତଳେ ।

ଏହାପରେ ଫୋର୍ଡ଼ ସମସ୍ତ ଅତିଥିଙ୍କୁ ନିଜ ନିର୍ମିତ ଏକ ଅଟୋମୋବାଇଲରେ ନେଇଗଲେ ମେନଲୋ ପାର୍କସ୍ଥିତ ନବନିର୍ମିତ ଲାବୋରେଟୋରୀକୁ । ଏଡ଼ିସନ ବିସ୍ମିତ ହୋଇ ଦେଖିଲେ- ଲାବୋରେଟୋରୀର ଲ୍ୟାମ୍ପପୋଷ୍ଟରେ ମିଞ୍ଜିମିଞ୍ଜି ହୋଇ ଜଳୁଥିବା

Digitized by PPRACHIN, SOA

ବିଦ୍ୟୁତବଲ୍‌ବିକୁ । ଏଡ଼ିସନ ବୁଝିପାରିଲେ ଫୋର୍ଡ଼ଙ୍କ ଉଦ୍ଦେଶ୍ୟ । କିଛିଦିନତଳେ ନିଜେ ପ୍ରସ୍ତୁତ କରିଥିବା ଏକ ଗ୍ଲାସ୍ ଗ୍ଲୋବ ଉଠାଇଲେ ଏଡ଼ିସନ ଏବଂ ଗ୍ଲୋବ୍‌ଟିକୁ ବାୟୁଶୂନ୍ୟ କରିବା ସକାଶେ ଏୟାରପମ୍ପ ନିକଟକୁ ଯାଇ ଉଚ୍ଚସ୍ୱରରେ ଫ୍ରାଙ୍କ ଉଦ୍ଦେଶ୍ୟରେ କହିଲେ- 'ଫ୍ରାଙ୍କ, ପମ୍ପ ଷ୍ଟାର୍ଟ କର ।'

ସେତେବେଳକୁ ବାଷଠୀ ବର୍ଷରେ ପଦାର୍ପଣ କରିଥିବା ଏଡ଼ିସନଙ୍କ ପୂର୍ବତନ ଅଫିସ୍‌ବୟ ଫ୍ରାଙ୍କସିସ୍ ଜେଲ୍ ବାରବର୍ଷର ବାଳକ ପରି ସାଙ୍ଗେ ସାଙ୍ଗେ ଷ୍ଟୁଲ୍ ଉପରକୁ ଚଢ଼ିଗଲେ ଏବଂ ଏୟାରପମ୍ପର ଭଲଭ୍ ଖୋଲିଦେଲେ । ବଲବ୍‌ଟି ଯେତେବେଳେ ବାୟୁଶୂନ୍ୟ ହୋଇଗଲା, ସେତେବେଳେ ଏଡ଼ିସନ ପୂର୍ବପରି ତାଙ୍କ ବୃଦ୍ଧାଙ୍ଗୁଷ୍ଠିକୁ ଉପରକୁ ଉଠାଇଦେଲେ । ଫ୍ରାଙ୍କସିସ୍ ତୁରନ୍ତ ଭଲଭ୍ ବନ୍ଦ କରିଦେଲେ ।

ଏଡ଼ିସନ ଏହାକୁ ନେଇ ମିଞ୍ଜିମିଞ୍ଜି ହୋଇ ଜଳୁଥିବା ବଲବ୍ ସ୍ଥାନରେ ଲଗାଇଦେଲେ । ହଠାତ୍ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇଉଠିଲା ଲାବୋରେଟୋରୀର କକ୍ଷଟି ।

ଏହିସବୁ ଘଟଣାର ଆଖିଦେଖା ଦୃଶ୍ୟ (କମେଣ୍ଟ୍ରି) ଚାଲୁଥିଲା ଆମେରିକାର ରେଡ଼ିଓ (ଦି ଭଏସ ଅଫ୍ ଆମେରିକା) ରେ । ଏହାପରେ ଅତିଥିମାନେ ପ୍ରବେଶ କଲେ ଭୋଜନକକ୍ଷ ରେ । ଏହି ସମୟରେ ରେଡ଼ିଓ କମେଣ୍ଟ୍ରିର ଘୋଷଣାକ୍ରମେ ଏଡ଼ିସନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆମେରିକାର କୋଟି କୋଟି ଗୃହରୁ ମୁହୂର୍ତ୍ତେକପାଇଁ ବିଦ୍ୟୁତ ଆଲୋକ ନିର୍ବାପିତ କରାଯାଇ ଥିଲା ଏବଂ ପରମୁହୂର୍ତ୍ତରେ ପୁଣି ଜଳି ଉଠିଥିଲା ।

ଭୋଜନ କରୁଥିବା ସମୟରେ ଏଡ଼ିସନ ହଠାତ୍ ଚେତା ହରାଇ ଢଳି ପଡ଼ିଥିଲେ ଗୋଟିଏ ପାର୍ଶ୍ୱକୁ । ଏହି ସମୟରେ ଶ୍ରୀମତୀ ଏଡ଼ିସନ ରାଷ୍ଟ୍ରପତି ହୁବରଙ୍କୁ ଚାହିଁ ଚିତ୍କାର କରି ଉଠିଲେ - "ମିଃ ଏଡ଼ିସନ!" କକ୍ଷ ମଧ୍ୟସ୍ଥ ଶହଶହ ଅତିଥିଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳିଗଲା । ସାଥେ ସାଥେ ଏଡ଼ିସନଙ୍କୁ ଉଠାଇ ନିଆଗଲା ପାଖ କକ୍ଷକୁ । ରାଷ୍ଟ୍ରପତି ହୁଭରଙ୍କ ବ୍ୟକ୍ତିଗତ ଡାକ୍ତରଙ୍କ ପ୍ରାଥମିକ ଚିକିତ୍ସାପରେ ଏଡ଼ିସନ ଚେତା ଫେରିପାଇଥିଲେ ।

୧୯୩୦ ମସିହା ବେଳକୁ ତାଙ୍କର ସଂପୂର୍ଣ୍ଣ ସ୍ୱାସ୍ଥ୍ୟହାନୀ ଘଟିସାରିଥିଲା । ତାଙ୍କର ଏହି ଅସୁସ୍ଥତା ପ୍ରତ୍ୟେକଙ୍କୁ ସତର୍କ କରାଇ ଦେଇଥିଲା ଯେ ପୃଥିବୀ ଖୁବ୍ ନିକଟରେ ତାର ଏକ ମଙ୍ଗଳାକାଙ୍କ୍ଷୀକୁ ସବୁଦିନପାଇଁ ହରାଇବାକୁ ଯାଉଛି । ସତକୁ

Digitized by PPRACHIN, SOA

ସତ ୮୪ ବର୍ଷ ବୟସରେ ୧୯୩୧ ମସିହା ଅକଟୋବର ୧୮ ତାରିଖ ରବିବାରଦିନ ସେ ଚିରଦିନପାଇଁ ଆଖି ବୁଜି ଦେଲେ। ତାଙ୍କୁ କବର ଦିଆଯାଇଥିଲା ଠିକ୍ ତିନିଦିନପରେ-ବିଦ୍ୟୁତବତୀ ୫୨ତମ ଜନ୍ମଦିବସରେ-ନିୟୁଜର୍ସିର ପଶ୍ଚିମ ଓରେଞ୍ଜ ଠାରେ।

ଯେତେଦିନଯାଏଁ ମଣିଷ ବିଦ୍ୟୁତବତୀ ତଳେ ବସିଥିବ, ଗ୍ରାମଫୋନରୁ ଗୀତ ଶୁଣୁଥିବ, ସିନେମାହଲ୍‌ରେ ବସି ଚଳଚ୍ଚିତ୍ର ଦେଖୁଥିବ କିମ୍ବା ଇଲେକ୍‌ଟ୍ରିକ୍ ଟ୍ରେନ୍‌ରେ ବସି ଯାତ୍ରା କରୁଥିବ, ସେତେଦିନଯାଏଁ ମଣିଷର ମାନସପଟରେ ଥୋମାସ୍ ଆଲଭା ଏଡ଼ିସନଙ୍କ ସ୍ମୃତି ଜୀବନ୍ତ ହୋଇ ରହିଥିବ।

●

Digitized by PPRACHIN, SOA

Digitized by PPRACHIN, SOA